# ପ୍ରାର୍ଥନା

ହେ ସତ୍ୟର ପ୍ରଭୁ, ତୁମକୁ ଗଭୀର ଆବେଗ ସହକାରେ ଆବାହନ କରି ତ୍ରିବାର ମୁଁ ତୁମକୁ ମିନତି କରିଛି ତୁମ ଅଭିପ୍ରକାଶ ନିମନ୍ତେ ।

ତତ୍ପରେ, ସବୁବେଳ ଭଳି, ଏ ସମଗ୍ର ସତ୍ତା କଲା ପୂର୍ଣ୍ଣ ଅର୍ପଣ । ସେ ମୁହୂର୍ତ୍ତରେ ଏ ଚେତନା ପ୍ରତ୍ୟକ୍ଷ କଲା ଏ ବ୍ୟଷ୍ଟି ସତ୍ତା, ମାନସିକ, ପ୍ରାଣିକ ଏବଂ ଶାରୀରିକ, ସମ୍ପୂର୍ଣ୍ଣ ଧୂଳି ଆବରିତ ଏବଂ ଏ ସତ୍ତା ତୁମ ଆଗରେ ସାଷ୍ଟାଙ୍ଗ ପ୍ରଣତ, ଏହାର ଭାଲଦେଶ ଧରାକୁ କରି ସ୍ପର୍ଶ, ଧୂଳିରେ ଧୂଳି, ଏବଂ ଏହା ତୁମ ଉଦ୍ଦେଶ୍ୟରେ ଛାଡ଼ିଲା ଆରାବ, ''ହେ ପ୍ରଭୁ, ଧୂଳି-ନିର୍ମିତ ଏହି ସତ୍ତା ତୁମ ଆଗେ ସାଷ୍ଟାଙ୍ଗ ପ୍ରଣତ, ସତ୍ୟର ବହ୍ନି ଯୋଗେ ଭୁକ୍ତ ହେବା ନିମନ୍ତେ ପ୍ରାର୍ଥନା କରି, ଯାହା ଦ୍ୱାରା ଏଣିକି ଏହା କେବଳ ମାତ୍ର ତୁମକୁ କରିବ ଅଭିବ୍ୟକ୍ତ ।'' ତତ୍ପରେ ତୁମେ ଏହାକୁ କହିଲ, ''ଉତ୍ତିଷ୍ଠିତ, ତୁମେ ସମସ୍ତ ଧୂଳିରୁ ନିଷ୍କ୍ରାନ୍ତ ।'' ଏବଂ ହଠାତ୍, ଗୋଟିଏ ଆଘାତରେ, ଏକ ପରିଚ୍ଛଦ ଭୂମିରେ ଖସି ପଡ଼ିବା ପ୍ରାୟେ ସମସ୍ତ ଧୂଳି ତହିଁରୁ ନିର୍ଗତ ହୋଇଗଲା ଏବଂ ସେ ସତ୍ତା ହେଲା ଋଜୁ, ଯଥାରୀତି ବସ୍ତୁଘନ, କିନ୍ତୁ ଏକ ଅତ୍ୟୁଜ୍ଜ୍ୱଳ ଆଲୋକ ଯୋଗେ ଦେଦୀପ୍ୟମାନ ।

ଫେବ୍ରୁଆରୀ ୧୫, ୧୯୧୫

— ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

It [her embodiment] is a chance for the earth-consciousness to receive the supramental into it and to undergo first the transformation necessary for that to be possible. Afterwards there will be a further transformation by the supramental, but the whole earth-consciousness will not be supramentalised – there will be first a new race representing the supermind, as man represents the mind.

– Sri Aurobindo

ଏହା (ତାଙ୍କ ମୂର୍ତ୍ତରୂପ) ବିଶ୍ୱ-ଚେତନା ଭିତରକୁ ଅତିମାନସକୁ ଗ୍ରହଣ କରିନେବା ନିମନ୍ତେ ଏବଂ ତାହା ସମ୍ଭବ ହେବା ପାଇଁ ପ୍ରଥମେ ଯେଉଁ ରୂପାନ୍ତର ଭିତର ଦେଇ ଯିବା ଆବଶ୍ୟକ, ସେଥିସକାଶେ ଏକ ସୁଯୋଗ । ପରେ ଅତିମାନସ ଦ୍ୱାରାହିଁ ଅଧିକତର ରୂପାନ୍ତର ସାଧିତ ହେବ, କିନ୍ତୁ ସମଗ୍ର ବିଶ୍ୱ-ଚେତନା ଅତିମାନସାୟିତ ହୋଇଯିବ ନାହିଁ – ମଣିଷ ଯେମିତି ମାନସର ପ୍ରତିଭୂ, ସେମିତି ପ୍ରଥମେ ଅତିମାନସର ପ୍ରତିଭୂ ରୂପେ ଏକ ନୂତନ ଜାତି ଉଦ୍ଭୂତ ହେବ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

**(୯୨)**

## ଶ୍ରୀଅରବିନ୍ଦ

A prisoner of a hooded magic Force,
Captured and trailed in Falsehood's lethal net
And often strangled in the noose of grief,
Or cast in the grim morass of swallowing doubt,
Or shut into pits of error and despair,
He drank her poison draughts till none was left.

ଫଣାଯୁକ୍ତ ଏକ ସମ୍ମୋହନୀ ଶକ୍ତିର ଜଣେ ବନ୍ଦୀ ପାଲଟି ଥିଲେ ସେ, ମିଥ୍ୟାର ମରଣାନ୍ତକ ଫାଶରେ ଆବଦ୍ଧ ଓ ଘୋଷରା ହୋଇ ଏବଂ ଅନେକ ସମୟରେ ଦୁଃଖର ଫାଶୀ ଦଉଡ଼ିରେ କଣ୍ଠରୁଦ୍ଧ ଅବସ୍ଥାରେ , ଅଥବା ଗ୍ରାସୋଦ୍ୟତ ସଂଶୟର ନିର୍ମମ କର୍ଦ୍ଦମାକ୍ତ ଜଳାଭୂଇଁରେ ନିକ୍ଷିପ୍ତ, ଅଥବା ପ୍ରମାଦ ଓ ନୈରାଶ୍ୟର ଗହ୍ୱରରେ ଅବରୁଦ୍ଧ ହୋଇ, ସେ ତାହାର (ସମ୍ମୋହନୀ ଶକ୍ତିର) ଗରଳକୁ ଶେଷ ବିନ୍ଦୁ ଯାଏ ଢୋକ ଢୋକ କରି ପାନ କଲେ ।

In a world where neither hope nor joy could come
The ordeal he suffered of evil's absolute reign,
Yet kept intact his spirit's radiant truth.

ଯେଉଁଠିକୁ ଆସିପାରେନା ଆଶା ଓ ଆନନ୍ଦ, ସେଇ ଜଗତରେ ପାପର ଏକ ନିରଙ୍କୁଶ ରାଜତ୍ୱର ଅଗ୍ନିପରୀକ୍ଷାରେ ପୀଡ଼ିତ ଥିଲେ ସେ, ଆପଣା ଅନ୍ତଃପୁରୁଷର ପ୍ରୋଜ୍ଜ୍ୱଳ ସତ୍ୟକୁ ସେ କିନ୍ତୁ ରଖିଥିଲେ ଅକ୍ଷତ ।

Incapable of motion or of force,
In Matter's blank denial gaoled and blind,
Pinned to the black inertia of our base
He treasured between his hands his flickering soul.

ଗତି କିଂବା ଶକ୍ତି ନିମନ୍ତେ ଅସମର୍ଥ ହୋଇ, ଜଡ଼ର ଶୂନ୍ୟ ନାସ୍ତିତ୍ୱ ମଧ୍ୟରେ ନିରୁଦ୍ଧ ଓ ଅନ୍ଧ ଭାବରେ ଆମ ମୂଳଭିତ୍ତିର କୃଷ୍ଣ ତାମସିକତା ସଙ୍ଗେ ସଂଗ୍ରଥିତ ହୋଇ ଆପଣାର ଯୁଗଳ ହାତ ଭିତରେ ସେ ସାଇତି ରଖିଥିଲେ ତାଙ୍କର କମ୍ପିତଶିଖା ଅନ୍ତରାତ୍ମାକୁ ।

His being ventured into mindless Void,
Intolerant gulfs that knew not thought nor sense;
Thought ceased, sense failed, his soul still saw and knew.

ତାଙ୍କର ସତ୍ତା ଦୁଃସାହସପୂର୍ବକ ମାନସବିହୀନ ମହାଶୂନ୍ୟ ମଧ୍ୟକୁ ଅଗ୍ରସର ହେଲା, କୌଣସି ଭାବନା ଅଥବା ଇନ୍ଦ୍ରିୟବୋଧ ବିଷୟରେ ଅଜ୍ଞ ଅସହିଷ୍ଣୁ ଗହ୍ୱର ସକଳର ଅନ୍ତଃପ୍ରବେଶ କଲା; ଚିନ୍ତାବୃତ୍ତି ରୁଦ୍ଧ, ଇନ୍ଦ୍ରିୟ ବ୍ୟର୍ଥ, ପରନ୍ତୁ ତାଙ୍କର ଅନ୍ତରାତ୍ମା ଦେଖୁଥିଲା ଆଉ ଜାଣୁଥିଲା ।

In atomic parcellings of the Infinite
Near to the dumb beginnings of lost Self,
He felt the curious small futility
Of the creation of material things.

ଅସୀମଙ୍କର ପାରମାଣବିକ ବିଭକ୍ତ ରୂପାବଳୀ ଭିତରେ, ଆପଣାକୁ ହଜାଇ ଦେଇଥିବା ଆତ୍ମାଙ୍କର ମୂକ ଆଦି ପର୍ବସବୁର ସନ୍ନିକଟରେ ସେ ଜଡ଼ବସ୍ତୁରାଜିର ସର୍ଜନାକୁ ତୁଚ୍ଛ ବ୍ୟର୍ଥତା ବୋଲି ଅନୁଭବ କଲେ ।

Or, stifled in the Inconscient's hollow dusk,
He sounded the mystery dark and bottomless
Of the enormous and unmeaning deeps
Whence struggling life in a dead universe rose.

ଅଥବା, ଅଚେତନାର ରିକ୍ତଗର୍ଭ ଗୋଧୂଳିରେ ରୁଦ୍ଧଶ୍ୱାସ ହୋଇ ସେ ମାପିବାକୁ ଲାଗିଲେ ବିଶାଳ ଓ ନିରର୍ଥକ ଗଭୀରତା ସକଳର ତାମସ ତଥା ଅତଳ ରହସ୍ୟକୁ, ଯେଉଁ ଗଭୀରତାଗୁଡ଼ିକ ଭିତରୁ ଏକ ନିଷ୍ପ୍ରାଣ ବିଶ୍ୱରେ ଫୁଟି ଉଠୁଥିଲା ସଂଘର୍ଷରତ ପ୍ରାଣ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ସଚେତନତା

## ଶ୍ରୀମା

### ତୁମ ଭିତରର ବିରୋଧୋକ୍ତି ପ୍ରତି ଦୃଷ୍ଟି ଦିଅ

ବେଳେବେଳେ ଦେଖାଯାଏ ଜଣେ ଦିନଟା ସାରା ବେଶ୍ ଭଲ ମଣିଷଟିଏ ଭଳି ରହିଛି କିନ୍ତୁ ହଠାତ୍ ମୁହୂର୍ତ୍ତକ ସକାଶେ ସେ କେମିତି କେଜାଣି ଖଳବ୍ୟକ୍ତିଟିଏ ପାଲଟି ଗଲା । ଆଉ ସେ ଯେତିକି ଭଲ ଥିଲା, ତା'ଠାରୁ ଅଧିକ ଖରାପ ହୋଇଗଲା ! କେବଳ, ଜଣେ ଏସବୁ ନିରୀକ୍ଷଣ କରି ନଥାଏ, ମୁଣ୍ଡ ଭିତରେ କେତେବେଳେ କେଉଁ ପ୍ରକାର ଚିନ୍ତା ଖେଳି ବୁଲୁଥାଏ – କେତେବେଳେ ହିଂସାତ୍ମକ, କେତେବେଳେ ଅସଦିଚ୍ଛା ସବୁ, କେତେବେଳେ ପୁଣି ନାନାଦି ଘୃଣ୍ୟ ବିଷୟମାନ ତା' ମୁଣ୍ଡ ଭିତରେ ଦୌଡ଼ଧାପଡ଼ କରୁଥା'ନ୍ତି ।... ସାଧାରଣତଃ, ଜଣେ ଏହା ଉପରେ ଆଦୌ ଗୁରୁତ୍ୱ ଦିଏ ନାହିଁ । କିନ୍ତୁ ଏହିସବୁକୁ ଧରିବାକୁ ହେବ ! ଯେତେବେଳେ ତୁମେ ଦେଖିବ ଯେ ଏମିତି କିଛି ତୁମ ମୁଣ୍ଡ ଭିତରେ ପ୍ରକାଶ ପାଇଲା – ସଙ୍ଗେ ସଙ୍ଗେ (ମା ଗୋଟିଏ ଭଙ୍ଗୀ ଦେଖାଇ) ତୁମେ ତାକୁ ଏମିତି ଧରି ପକାଇବ, ଖୁବ୍ ଦୃଢ଼ ମୁଠାରେ ଧରି ପକାଇବ । ତା'ପରେ ତାକୁ ଆଲୋକ ସାମନାକୁ ଆଣି କହିବ – ''ନା ! ମୁଁ ତୋତେ ଚାହେଁ ନାହିଁ ! ମୁଁ ତୋତେ ଜମା ଚାହେଁ ନାହିଁ ! ତୋ ସଙ୍ଗେ ମୋର କିଛି ବି କାମ ନାହିଁ ! ତୋତେ ଏଠାରୁ ଛାଡ଼ି ଚାଲିଯିବାକୁ ହିଁ ହେବ ଏବଂ ଆଉ କେବେ ବି ଫେରିବୁ ନାହିଁ !''...

ଜଣେ ନିଜ ଭିତରେ ଏହିସବୁ ସ୍ୱ-ବିରୋଧୀ ଗୁଣଗୁଡ଼ାକ ରହିବା ସମ୍ପର୍କରେ ବେଶ୍ ଅଭ୍ୟସ୍ତ; କିନ୍ତୁ କେହି ଏହା ଉପରେ ଦୃଷ୍ଟି ଦିଅନ୍ତି ନାହିଁ । ସେଥିପାଇଁ ତୁମ ଭିତରେ ଏହି ଗୁଣଗୁଡ଼ିକ ପଡ଼ୋଶୀ ଭଳି ଆରାମରେ ଘର ବାନ୍ଧି ଏକାଠି ରହିଛନ୍ତି । ତୁମର କର୍ତ୍ତବ୍ୟ ହେଲା ପ୍ରଥମେ ସେହି ବିରୋଧୀ ଗୁଣଗୁଡ଼ିକୁ ଆବିଷ୍କାର କରିବା ଏବଂ ତୁମର ଚେତନାରେ ସେମାନେ ମିଶ୍ରିତ ହୋଇ ଯିବାକୁ ନଦେବା : ସେଗୁଡ଼ିକୁ ବିଶ୍ଳେଷଣ କର, ଛାଇକୁ ଆଲୁଅ ଠାରୁ ଅଲଗା କର । ତା'ପରେ ଛାଇଟିକୁ ଆପଣା ଭିତରୁ ବହିଷ୍କାର କରିଦିଅ ।

### ମନୋଯୋଗୀ ହୁଅ

ଜଣେ ଯଦି ମନୋଯୋଗୀ ନ ହୁଏ, ତା'ହେଲେ ସବୁକିଛି ଖୁବ୍ ସହଜରେ ଗାତରେ ଯାଇ ପଡ଼େ : ଜଣେ ଭୁଲ୍ ପାଦଟିଏ ଉଠାଏ, ତା'ପରେ ତା' ପାଦ ଖସିଯାଏ ଏବଂ ତା'ପରେ ହଠାତ୍ ସିଧା ଯାଇ ଦୁମ୍ କରି ଗାତ ମଝିରେ ଗଳିପଡ଼େ । ତା'ପରେ ସେ ନିଜକୁ ପଚାରେ, ''କେମିତି ଏକଥା ହେଲା ? କେମିତି ଏ ଅଘଟନ ଘଟିଲା ?'' ଏହାର ସିଧା ଉତ୍ତର, ପାଦଟି ଭୁଲ୍ ଭାବରେ ପକାଇଲ : ସେତେବେଳେ ସାବଧାନ ହେଲ ନାହିଁ । ତୁମେ ତୁମ ସତ୍ତାର ସେହି ଅଂଶଟିକୁ ତୁମକୁ ତା' କ୍ଷେତ୍ରକୁ ଟାଣିନେବାକୁ ଛାଡ଼ିଦେଲ; କାରଣ ତୁମେ ତାକୁ ତୁମ ବାଟରୁ ହଟାଇ ପାରିଲ ନାହିଁ, ତୁମକୁ ଅନୁସରଣ କରିବା ଲାଗି ତାକୁ ବାଧ କଲ ନାହିଁ । ବର୍ତ୍ତମାନ ସେ ତୁମକୁ ପଛକୁ ଟାଣିବ ନାହିଁ ତ ଆଉ କ'ଣ କରିବ ?

ଜଣେ ଯଦି ଆଧାତ୍ମିକ ଜୀବନଯାପନ କରିବାକୁ ଚାହୁଁଥାଏ, ତା' ସତ୍ତାର ଚାରି ଭାଗରୁ ତିନିଭାଗ ଶୋଇପଡ଼ିବା ଉଚିତ ନୁହେଁ । ତୁମେ ସବୁବେଳେ ସବୁ ଦିଗରୁ ଜାଗ୍ରତ୍ ରହିବା ଉଚିତ, ଖୁବ୍ ସତର୍କ ରହିବା ଉଚିତ । ତା' ନ ହେଲେ ତୁମେ ଗୋଟିଏ ଭରା ନଈରେ କିଂବା ଉତ୍ତାଳ ତରଙ୍ଗମାଳାର ସମୁଦ୍ର ଭିତରେ ଛୋଟ ନୌକାଟି ଭଳି ଏଣେ ତେଣେ ଭାସିଯିବ । ଯଦି ତୁମେ ସାବଧାନ ନ ରୁହ, ଯଦି ତୁମେ ଏହି ଉତ୍ତାଳ ତରଙ୍ଗମାଳା ପ୍ରତି ସଚେତନ ନ ରୁହ, ଯଦି ତୁମେ ଢିଲା ହୋଇଯାଅ, ଯଦି ତୁମର ସତର୍କତା ବି ହୁଗୁଳି ଯାଏ ତା'ହେଲେ ହଠାତ୍ ତୁମେ ଦେଖିବ ଯେ ତୁମେ ଯେଉଁଠି ପହଞ୍ଚିବାକୁ ଭାବିଥିଲ ଠିକ୍ ତା'ର ବିପରୀତ ଦିଗରେ ଯାଇ ପଡ଼ିଛ ! ତୁମକୁ କିଏ ଭସେଇ ନେଇ ଯାଇଛି, ତଡ଼ି ନେଇ ଯାଇଛି, ଠିକ୍ ସେହିଭଳି ଅବସ୍ଥା ତୁମର, ଖୁବ୍ ସ୍ୱାଭାବିକ କଥା (ଆଉ ଏପରି ବିଳାପ ମଧ କରୁଥିବ) ''ଆହା ! ମୁଁ ତ ସେଠିକି ଯିବାକୁ ଚାହୁଁଥିଲି କିନ୍ତୁ ହାୟ ! ମୁଁ କେମିତି ପୁଣି ଏଠି ଆସି ପହଞ୍ଚିଲି ?''

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୮୫)
## ଅନିଶ୍ଚୟତାର ଘୂର୍ଣ୍ଣିବାତରେ ଇଂରେଜ ମଗଜ (୨)
## ମନୋଜ ଦାସ

A wide God-knowledge poured
down from above,
A new world-knowledge broadened from within :
His daily thoughts looked up to the
True and One,
His commonest doings welled from
an inner Light.

ଊର୍ଦ୍ଧ୍ୱରୁ ନିର୍ଝରି ଆସିଲା ଏକ ବ୍ୟାପକ ଭାଗବତ ଜ୍ଞାନ,
ଅନ୍ତରରୁ ପ୍ରସାରିତ ହେଲା ଏକ ନୂତନ ପୃଥ୍ୱୀ-ଜ୍ଞାନ
ତାଙ୍କ ଦୈନନ୍ଦିନ ଭାବନା ଉନ୍ମୁଖ ହେଲା ସତ୍ୟ ଏବଂ
ପରମେକ ପ୍ରତି,
ଏକ ଆନ୍ତର ଆଲୋକରୁ ଉତ୍ସାରିତ ହେଲା ତାଙ୍କ ଅତୀବ
ସାଧାରଣ କ୍ରିୟାକଳାପ ।[୧]

ଇଂରେଜ ସରକାରଙ୍କ ତୁଙ୍ଗତମ ମହଲରେ ସେମାନଙ୍କ ସବୁଠାରୁ ଭୟଙ୍କର ଶତ୍ରୁଜଣଙ୍କୁ କିଭଳି ଉପାୟରେ ଜବଦ କରାଯିବ, ସେ ସମ୍ପର୍କୀୟ ବିବରଣୀରୁ ଓହରି ଆସି ତାଙ୍କ ସମ୍ପାଦିତ ଦୁଇ ପତ୍ରିକାର ଭୂମିକା ଉପରେ କିଞ୍ଚିତ୍ ଦୃଷ୍ଟିପାତ କରାଯାଉ ।

ରାଜନୈତିକ ଓ ସାମାଜିକ ସମସ୍ୟାସବୁର ଗଭୀର ସମୀକ୍ଷା କରିବା ସଙ୍ଗେ ସଙ୍ଗେ ଏ ଦୁଇ ସାପ୍ତାହିକରେ ଶ୍ରୀଅରବିନ୍ଦ ଚିରକାଳୀନ ଗୁରୁତ୍ୱପୂର୍ଣ୍ଣ ବିଷୟ ସମୂହ ଉପରେ ସନ୍ଦର୍ଭମାନ ମଧ୍ୟ ପ୍ରକାଶ କଲେ । ଯଥା : ବିଭିନ୍ନ ଯୋଗଧାରା, ବିବର୍ତ୍ତନ, ନିୟତି ଓ ସ୍ୱାଧୀନ ସଂକଳ୍ପ ଇତ୍ୟାଦି । ଶିକ୍ଷିତ ମହଲ ଦୁଇଟିଯାକ ପତ୍ରିକାକୁ ଆଗ୍ରହ ଭରେ ଆଦରି ନେଲେ । 'ବନ୍ଦେ ମାତରମ୍'ରେ କିଛିଦିନ କାମ କରିଥିବା ସୁରେଶ ଚନ୍ଦ୍ର ଦେବଙ୍କ ସ୍ମୃତିଚାରଣରୁ କିୟଦଂଶ :

''ଶ୍ରୀଅରବିନ୍ଦ କାରାଗାରରୁ ନିଷ୍କ୍ରାନ୍ତ ହେବା ବେଳକୁ ବାତାବରଣରେ ଘୋଟି ରହିଥାଏ ଏକ ପ୍ରକାର ସ୍ତବ୍ଧତା । ଜାତୀୟ-ମାନସ ନୂତନ ଦିଗ୍‌ଦର୍ଶନ ଅପେକ୍ଷାରେ ଥାଏ । ସେତେବେଳେ ମୁଁ ସିଲ୍‌ହଟ୍‌ଠାରେ ଜାତୀୟ ବିଦ୍ୟାଳୟରେ ଶିକ୍ଷକ ଥାଏ ।... ଦଶହରା ଛୁଟିରେ ଆମେ ଦୁଇ ତିନି ଜଣ ତୁରନ୍ତ କଲିକତା ଚାଲି ଆସିଲୁ, ଆମ 'କର୍ତ୍ତା' (Chief)ଙ୍କୁ ସାକ୍ଷାତ୍ କରିବା ନିମନ୍ତେ ।... ଲାଭ କଲୁ 'ଦର୍ଶନ'; ଏକ ଚିତ୍ତବିମୋହିନୀ ସ୍ମିତହସ ଆମକୁ କଲା ସ୍ୱାଗତ । ମନେ ହେଲା, ଆମେ ଏକ ତୀର୍ଥଯାତ୍ରା କରିଛୁ । 'କର୍ତ୍ତା'ଙ୍କ ପ୍ରବର୍ତ୍ତିତ ନୂତନ ମାନସିକ-ଦୈହିକ (Psycho-physical) ଶୃଙ୍ଖଳା ସମ୍ପର୍କରେ ମୋ ସାଥୀମାନେ ଅଧିକ ଗ୍ରହଣଶୀଳ ଥିଲେ । ମୁଁ ଅବଶ୍ୟ 'କର୍ମଯୋଗିନ୍' ଓ 'ଧର୍ମ' ଯେଉଁ ନୂତନ ଜାତୀୟତାବାଦର ମାର୍ଗ ଦର୍ଶାଉ ଥିଲା, ସେହି ମାର୍ଗ ଗ୍ରହଣ କରି ନେଇଥିଲି । ଏ ଦୁଇ ପତ୍ରିକା ପରିବେଷଣ କରୁଥିବା ସତ୍ୟ ଆମେ ଆମ ସ୍ୱ ସ୍ୱ ଅଭିଜ୍ଞତାର ଆଲୋକରେ ବ୍ୟାଖ୍ୟା କରୁଥିଲୁ । ସରକାରୀ ଦମନ ଏବଂ ପୁରୁଖା ନେତାମାନଙ୍କ ନିରାପଦ ନୀତି ଆମକୁ ଯେମିତି ବିଭ୍ରାନ୍ତ କରୁଥାଏ, ଆମେ ସେଥିରୁ ନିଷ୍କ୍ରାନ୍ତ ହେଲୁ । ଭାରତୀୟ ଜାତୀୟତାବୋଧ କ'ଣ, ଆମେ ତାହା ବର୍ତ୍ତମାନ ଜାଣିଲୁ ଏବଂ କର୍ମଯୋଗୀନ୍‌ର ଆଦର୍ଶ ବୁଝିଲୁ ।''[୨]

ନାନାଦି ବିବରଣୀରୁ ସ୍ପଷ୍ଟ ହୁଏ, ବିଦେଶୀ ସରକାରର ମାନଦଣ୍ଡରେ ଏହି ''ଅତୀବ ଭୟଙ୍କର'' ବ୍ୟକ୍ତି ଜଣଙ୍କୁ ତାଙ୍କ ମତବାଦ, ନିର୍ଭୀକତା ଓ ପ୍ରଜ୍ଞା ଯୋଗୁଁ ଅସଂଖ୍ୟ ନରନାରୀ ଶ୍ରଦ୍ଧା କରିବା ସଙ୍ଗେ ସଙ୍ଗେ ଯେଉଁମାନେ ତାଙ୍କ ବ୍ୟକ୍ତିଗତ ସମ୍ପର୍କରେ ଏପରିକି ଥରେ ମାତ୍ର ସ୍ୱଳ୍ପ ସମୟ ସକାଶେ ଆସୁଥିଲେ, ସେମାନେ ଅର୍ଜନ କରୁଥିଲେ ଅଭୂତପୂର୍ବ ଅନୁଭୂତି । ତାମିଲ ସାହିତ୍ୟର କିଂବଦନ୍ତି ପୁରୁଷ, କବି ସୁବ୍ରମଣ୍ୟମ୍ ଭାରତୀଙ୍କ ଦ୍ୱାରା ସମ୍ପାଦିତ ହେଉଥାଏ ସାପ୍ତାହିକ ପତ୍ରିକା

'India' । ଚେନ୍ନାଇରେ ସରକାର ପତ୍ରିକାଟିକୁ ନାନାମତେ କଲବଲ କରନ୍ତେ, ତାହା ଫରାସୀ ଉପନିବେଶ ପଣ୍ଡିଚେରୀକୁ ସ୍ଥାନାନ୍ତର ହୋଇଥାଏ । ପ୍ରକାଶକ ଏସ୍. ଶ୍ରୀନିବାସାଚାର୍ଯ୍ୟଙ୍କ ଭାଇ ପାର୍ଥସାରଥୀ ପତ୍ରିକାର ପ୍ରତିନିଧି ଭାବରେ କଲିକତା ଆସିଲେ ଶ୍ରୀଅରବିନ୍ଦଙ୍କ ସହ ସାକ୍ଷାତ୍କାର ନିମନ୍ତେ । ତାଙ୍କ ଲିଖିତ ସନ୍ଦର୍ଭର କିୟଦଂଶ :

### ଶ୍ରୀମାନ୍ ଅରବିନ୍ଦ ଘୋଷଙ୍କ ସହ ଆଳାପ

''ସମ୍ପ୍ରତି ଆମ ପ୍ରତିନିଧି କଲିକତା ଯାଇ ମହାଜ୍ଞାନୀ ଶ୍ରୀମାନ୍ ଅରବିନ୍ଦ ଘୋଷଙ୍କ ସହିତ ବିବିଧ ବିଷୟରେ ବାର୍ତ୍ତାଳାପ କରିଛନ୍ତି ।

''୬ ନ : କଲେଜ ସ୍କୋଆର୍‌ରେ ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭ କଲେ ଆମ ପ୍ରତିନିଧି । ତାହା ବର୍ତ୍ତମାନ ଦୂରାନ୍ତରେ ବନ୍ଦୀ ଥିବା କୃଷ୍ଣକୁମାର ମିତ୍ରଙ୍କ ଗୃହ । ପରିବାର ରହନ୍ତି ତଳ ମହଲାରେ; ଦ୍ୱିତଳରେ 'ସଞ୍ଜିବନୀ' କାର୍ଯ୍ୟାଳୟ । ଆଉ ଦୁଇଟି କୋଠରିରେ ଅରବିନ୍ଦବାବୁ ଲେଖାଲେଖି କରନ୍ତି ଏବଂ ଆଗନ୍ତୁକମାନଙ୍କ ସହ ଆଳାପ କରନ୍ତି ।

''ଅରବିନ୍ଦବାବୁଙ୍କୁ ଦେଖିବା ମାତ୍ରେ ଆମ ପ୍ରତିନିଧି ନିଜକୁ ପ୍ରଶ୍ନ କଲେ, 'ଏହି ବ୍ୟକ୍ତି ଅରବିନ୍ଦବାବୁ ?' ତେବେ ପ୍ରତିନିଧି ସେ ପର୍ଯ୍ୟନ୍ତ ଅରବିନ୍ଦବାବୁଙ୍କ ଚକ୍ଷୁ ଦେଖି ନଥିଲେ । ଅରବିନ୍ଦବାବୁ ପତଳା ମଣିଷ । ଉପରାର୍ଦ୍ଧରେ ଖଣ୍ଡିଏ ଲୁଗା ଘୋଡ଼ାଇ ହୋଇ ଅତି ମାମୁଲି ଲୋକ ଭଳି ବସିଥିଲେ । ଆମ ପ୍ରତିନିଧିଙ୍କ ସନ୍ଦେହ ହେଲା, 'ଏହି ହେଲେ ସେହି ଯୋଗୀ ଯିଏ ଆମକୁ ଏକ ଅଭ୍ୟୁତ୍ଥାନ ମାଧ୍ୟମରେ ମୁକ୍ତି ଦେବା ନିମନ୍ତେ, ଭାରତକୁ ଏକ ନୂତନ ମାର୍ଗ ଦର୍ଶାଇବା ନିମନ୍ତେ ଜନ୍ମଗ୍ରହଣ କରିଛନ୍ତି ?'

''ଆମ ପ୍ରତିନିଧି ଯେତେବେଳେ ତାଙ୍କ ଚକ୍ଷୁ ଉପରକୁ ଦୃଷ୍ଟି ଦେଲେ ସେତେବେଳେ ସେ ନିଃସନ୍ଦେହ ହୋଇଗଲେ । ସେ ନୟନ ଯୁଗଳରେ କେଡ଼େ ଜ୍ଞାନ ! କେଡ଼େ ସୌମ୍ୟଭାବ ! କେଡ଼େ ଶାନ୍ତି ! ମହାଶାନ୍ତି, ମହାଶାନ୍ତି ! କୋଠରି ଭିତରେ ବିରାଜମାନ ଥିଲା ଏକ ବ୍ୟାପକ ସାତ୍ତ୍ୱିକ ଶାନ୍ତି । କାରାଗାର ଭିତରେ ଅରବିନ୍ଦବାବୁଙ୍କର ନାରାୟଣ ଦର୍ଶନ ହୋଇଥିଲା । ଏ ଯୁଗରେ ତାହା ସହଜରେ ହୁଏ ନାହିଁ । ଆମ ପ୍ରତିନିଧି ଜିଜ୍ଞାସା କଲେ – ସେ ଦର୍ଶନ କ'ଣ ସ୍ୱପ୍ନାବସ୍ଥାରେ ଘଟିଥିଲା ? ଉତ୍ତରରେ ସେ ଯାହା ଶୁଣିଲେ, ସେଥିରେ ତାଙ୍କର ସମସ୍ତ ସନ୍ଦେହର ନିରସନ ହେଲା । ଅରବିନ୍ଦଙ୍କ ବଦନରେ ସେ ଦେଖିଲେ ଯେଉଁ ବିନୟ, ଯେଉଁ ଶାନ୍ତି, ଗାମ୍ଭୀର୍ଯ୍ୟ, ଯେଉଁ ନିଷ୍କଳୁଷତା, ସେଥିରେ ପ୍ରତିନିଧି ହୃଦୟଙ୍ଗମ କଲେ ଯେ ସେ ବାସ୍ତବରେ ଜଣେ 'ମହାସିଦ୍ଧ' । ପ୍ରଶ୍ନୋତ୍ତର :

ଅରବିନ୍ଦ : ହଁ । ମୁଁ ନାରାୟଣ ଦର୍ଶନ କଲି । ଜାଗ୍ରତ୍ ଅବସ୍ଥାରେ ହିଁ ସମସ୍ତ ଦର୍ଶନ : ସେସବୁ ସ୍ୱପ୍ନ ନୁହନ୍ତି ।

ପ୍ରତିନିଧି : ଆପଣଙ୍କ ଭଳି ସେ ଅବସ୍ଥାରେ ଉପନୀତ ହେବା ନିମନ୍ତେ ପଥ କିଛି ରହିଛି କି ?

ଅରବିନ୍ଦ : ହଁ । ଯୋଗହିଁ ସେ ପଥ ।...

ଆମ ପ୍ରତିନିଧି ତତ୍ପରେ ଅନ୍ୟାନ୍ୟ ସମସ୍ୟା କଥା ଉଠାଇଲେ ।

ପ୍ରତିନିଧି : ସାରା କଲିକତାରେ ଗୁଜବ ଉଚ୍ଛୁଳି ଉଠୁଛି ଯେ ସରକାର ଆପଣଙ୍କୁ ଦେଶାନ୍ତର କରିବାକୁ ଉଦ୍‌ଗ୍ରୀବ । ସରକାର ସତରେ ଆପଣଙ୍କୁ ଆମଠାରୁ ବିଚ୍ଛିନ୍ନ କରି ନେଲେ ଆମେ କରିବୁ କ'ଣ ?

ଅରବିନ୍ଦ : ମନେ ହୁଏ ବଡ଼ଲାଟ ଓ ତାଙ୍କ ପରାମର୍ଶଦାତା ମଣ୍ଡଳୀ ସେ ପ୍ରସ୍ତାବ ଗ୍ରହଣ କରି ନାହାନ୍ତି ।

ପ୍ରତିନିଧି : କର୍ତ୍ତୃପକ୍ଷ ବର୍ତ୍ତମାନ ଆପଣଙ୍କ ବିରୋଧରେ କିଛି କରିବେ ନାହିଁ । ଆମେ ଜାଣୁ ଯେ ଭଗବାନ୍ ଆପଣଙ୍କୁ ସ୍ପର୍ଶ କରିବାର ଅଧିକାର କାହାକୁ ବି ଦେବେ ନାହିଁ । ଆପଣ ଦେଶକୁ ମାର୍ଗ ଦେଖାଇବାର ଭବିତବ୍ୟ ଆହୁରି ବାକି ରହିଛି ।

ଅରବିନ୍ଦବାବୁଙ୍କ ମୁହଁରେ ଫୁଟିଲା ସ୍ମିତହସ ।

### ଆମ ପ୍ରତିନିଧିଙ୍କ ଭାବନା

''ଆଳାପ ଚାଲିଥିବା ବେଳେ ଆମ ପ୍ରତିନିଧିଙ୍କ ମନରେ ଉଠୁଥିବା ଭାବନାମାନ ସେ ଲିପିବଦ୍ଧ କରିଛନ୍ତି :

''ଅରବିନ୍ଦଙ୍କ କଣ୍ଠସ୍ୱର ଥିଲା ଅତୀବ ପ୍ରଶାନ୍ତ । ମୋ ମନରେ ସଞ୍ଚାରିତ ହେଲା ଶାନ୍ତିର ଏକ ବାତାବରଣ । ଚତୁର୍ଦ୍ଦିଗରେ ବିରାଜମାନ କରୁଥିଲା ଶାନ୍ତି । ମୋ ମନ ବିପୁଳ ସ୍ନିଗ୍ଧାନନ୍ଦରେ ଭରିଗଲା ଯେହେତୁ ମୁଁ ଏକ ମହାନ୍ ସତ୍ତାଙ୍କ ସାନ୍ନିଧ୍ୟରେ ଥିଲି ଯାହାଙ୍କ ଉଚ୍ଚାରଣୀ ସମଗ୍ର ମହାଜାତି ସକାଶେ ଏକ ବିସ୍ମୟ, ଯିଏ ସ୍ୱଦେଶୀ ଧର୍ମର ଜଣେ ଋଷି । ସେ ମୋ ସହ ପ୍ରଶାନ୍ତ ଭାବରେ କଥାବାର୍ତ୍ତା କରୁଥିବା ଥିଲା ଆଶ୍ଚର୍ଯ୍ୟଜନକ – କାରଣ ତାଙ୍କ ଭାଇ ସେତେବେଳେ ମୃତ୍ୟୁଦଣ୍ଡ ଭୋଗିବା ନିମନ୍ତେ ରାୟ ବାହାରି ଥାଏ ।

''ଆମ ପ୍ରତିନିଧିଙ୍କ ନାନାବିଧ ପ୍ରଶ୍ନର ଉତ୍ତର ଦେଲେ ଅରବିନ୍ଦ ସୌମ୍ୟ ସୁନ୍ଦର ଭାବରେ...''(୩)

ଶ୍ରୀଅରବିନ୍ଦ ଏବଂ ତାଙ୍କ ଶୁଭେଚ୍ଛୁମାନେ ସିନା ଭାବୁଥିଲେ ସରକାର ତାଙ୍କୁ ନିର୍ବାଧରେ ରହିବାକୁ ଦେବେ, ସରକାରୀ ମହଲରେ କିନ୍ତୁ ଘମାଘୋଟ ଆଲୋଚନା ଓ ଯୁକ୍ତିତର୍କ ଅବ୍ୟାହତ ରହିଥାଏ – ଆଲିପୁର ରାୟ ବିରୋଧରେ ଅପିଲ କରିବା ଠିକ୍ ହେବ ନା ସିଧାସଳଖ କୌଣସି ଆଳରେ ତାଙ୍କୁ କାରାରୁଦ୍ଧ ବା ଦେଶାନ୍ତର କରାଯିବ । ଅବଶେଷରେ ୧୯୧୦ ଫେବ୍ରୁଆରୀ ଶେଷକୁ 'କର୍ମଯୋଗୀନ୍'ରେ ''ମୋ ଦେଶବାସୀଙ୍କ ପ୍ରତି'' ଶୀର୍ଷକ ଏକ ସନ୍ଦର୍ଭ ରାଜଦ୍ରୋହମୂଳକ ବୋଲି ଅଭିଯୋଗ ପ୍ରସ୍ତୁତ କରି ତାଙ୍କୁ ଗିରଫ କରିବାକୁ ସିଦ୍ଧାନ୍ତ ନେଲେ ସରକାର ।

୧୯୦୯ ଜୁଲାଇରେ ଭଗିନୀ ନିବେଦିତା ସରକାରଙ୍କ ଦୁରଭିସନ୍ଧି କଥା ଶ୍ରୀଅରବିନ୍ଦଙ୍କୁ ଜଣାଇ ଦେଇଥିଲେ । ତେବେ ସେତେବେଳେ ''ମୋ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ଖୋଲା ଚିଠି'' ଶୀର୍ଷକ ଲେଖାର ପ୍ରଭାବରେ ସରକାର ହାତ ବାନ୍ଧି ବସିଥିଲେ । କିନ୍ତୁ ''ମୋ ଦେଶବାସୀଙ୍କ ପ୍ରତି''ରେ ଶ୍ରୀଅରବିନ୍ଦ ''ମୋର୍ଲେ-ମିଣ୍ଟୋ ଶାସନ ସଂସ୍କାର''କୁ ଯେପରି ପ୍ରଖର ଯୁକ୍ତି ଯୋଗେ ସମାଲୋଚନା କଲେ, ସେଥିରେ କର୍ତ୍ତୃପକ୍ଷ ଧୈର୍ଯ୍ୟ ହରାଇଲେ । ବଙ୍ଗ ସରକାର ଓ କେନ୍ଦ୍ର ସରକାର (ଉଭୟଙ୍କ ରାଜଧାନୀ କଲିକତା) ଭିତରେ ସେ ବିଷୟ ଉପରେ ଚିଠିପତ୍ର ଏବଂ ସେସବୁର ପଟଭୂମିର ତଥ୍ୟ ସଙ୍କଳନ ଗୋଟାଏ ସ୍ୱତନ୍ତ୍ର ବହି ହେବ । ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ ଦଲିଲପତ୍ର ହେଲା ଭାରତର ବଡ଼ଲାଟ ଲର୍ଡ଼ ମିଣ୍ଟୋ ଏବଂ ବ୍ରିଟିଶ ସରକାରଙ୍କର ଭାରତ ବିଭାଗ ମନ୍ତ୍ରୀ ଲର୍ଡ଼ ମୋର୍ଲେଙ୍କ ଭିତରେ ଆଦାନପ୍ରଦାନ ହୋଇଥିବା ଚିଠିପତ୍ର । ସେସବୁର ମୁଖ୍ୟ ଅଂଶ ଏକ ଭିନ୍ନ ପରିଚ୍ଛେଦରେ ପରିବେଷିତ ହେବ ।

ପ୍ରଥମୋକ୍ତ ବିଭାଗରୁ କିଛି :

୧୯୦୯ ଜୁଲାଇ ୯ ତାରିଖରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗର ସଚିବ ବଙ୍ଗ, ପୂର୍ବ ବଙ୍ଗ ଏବଂ ଆସାମର ମୁଖ୍ୟ ସଚିବମାନଙ୍କୁ ଲେଖିଲେ :

''ଭାରତ ସରକାର ଲକ୍ଷ୍ୟ କରୁଛନ୍ତି ଯେ କାରାମୁକ୍ତି ପରଠାରୁ ଅରବିନ୍ଦ ଘୋଷ ବଙ୍ଗ, ପୂର୍ବ ବଙ୍ଗ ଏବଂ ଆସାମ ବ୍ୟାପୀ ଉତ୍ତେଜନାକାରୀ ବକ୍ତୃତାମାନ ଦେଉଛନ୍ତି । ସେ 'କର୍ମଯୋଗୀନ୍' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ କରୁଛନ୍ତି ଏବଂ ସେଥିରେ ତାଙ୍କ ବକ୍ତୃତାମାନ ଲିପିବଦ୍ଧ ହେଉଛି । ମୁଁ ଏଥିପ୍ରତି ରାଜ୍ୟପାଳମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି, କାରଣ ତାଙ୍କର ଏ ପ୍ରଚାରର ପରିଣତିରେ ପୂର୍ବ ଭଳି ବିକ୍ଷୋଭ ଏବଂ ହିଂସା ସୃଷ୍ଟି ହେବା ନିଶ୍ଚିତ । ଅରବିନ୍ଦ ଘୋଷଙ୍କ କାର୍ଯ୍ୟକଳାପ ବନ୍ଦ କରିବା ଦିଗରେ କିଭଳି ପଦକ୍ଷେପ ନିଆ ଯାଇପାରେ, ତାହାହିଁ ମୋର ଜିଜ୍ଞାସ୍ୟ । ଭାରତ ସରକାରଙ୍କ ମତ ହେଲା ଯଦି ପୂର୍ବରୁ ରୋକିଦେବା ସମ୍ଭବ, ତେବେ ସେଦିଗରେ ଯଥାବିଧି କାର୍ଯ୍ୟ କରିବାରେ ଦ୍ୱିଧା ରହିବା ଅନାବଶ୍ୟକ ।''(୪)

୧୯୦୯ ଜୁଲାଇ ୨୯ରେ ବଙ୍ଗ ସରକାରଙ୍କ ମୁଖ୍ୟ ସଚିବ ସାର୍ ଚାର୍ଲସ୍ ଆଲେନ୍ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ସଚିବଙ୍କୁ ଲେଖିଥିବା ଦୀର୍ଘ ପତ୍ରରୁ କିଛି ସଂକ୍ଷେପିତ :

''ଆଲିପୁର ଷଡ଼୍‌ଯନ୍ତ୍ର ମାମଲାରୁ ମୁକ୍ତ ହେବା ପରେ ଅରବିନ୍ଦ ଘୋଷ ଯେତେସବୁ ଭାଷଣ ଦେଇଛନ୍ତି, ସେ ସମସ୍ତର ନକଲ ମୁଁ ଏ ପତ୍ର ସହ ପ୍ରେରଣ କଲି । ଭାରତ ସରକାରଙ୍କ ଅବଗତି ନିମନ୍ତେ ସେସବୁର ସଂକ୍ଷିପ୍ତସାର ମଧ୍ୟ ଏହାର ଅନ୍ତର୍ଭୁକ୍ତ । ରାଜ୍ୟପାଳ ଏସବୁ ବକ୍ତୃତା ଭିତ୍ତିରେ ତାଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ସାବ୍ୟସ୍ତ କରିବା ସମ୍ଭବପର ନହେଲେ ମଧ୍ୟ ଅନ୍ୟାନ୍ୟ ଧାରାରେ ତାଙ୍କୁ ଅଭିଯୁକ୍ତ କରାଯାଇପାରିବ କି ନାହିଁ, ସେହି ପ୍ରଶ୍ନ ଉପରେ ଚିନ୍ତିତ । ବହୁ ସତର୍କ ବିଚାରାନ୍ତେ ରାଜ୍ୟପାଳ ମହୋଦୟ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ସେଭଳି ଅଭିଯୋଗ ତିଷ୍ଠିବ ନାହିଁ ।

''ଅରବିନ୍ଦ ଘୋଷ ଜାତୀୟତାବୋଧକୁ ଗୋଟାଏ ଧର୍ମର ରୂପ ଦେଉଛନ୍ତି । ତାଙ୍କ ଯୁକ୍ତି ହେଲା, ଭାରତରେ ଜାତୀୟତାବୋଧର ବିକାଶ ଈଶ୍ୱରଙ୍କ ଇଚ୍ଛା । ସେ ତାହାହିଁ ପ୍ରଚାର କରିବାକୁ ଅନୁପ୍ରାଣିତ ।

''ଅରବିନ୍ଦ ଘୋଷ ସ୍ୱରାଜ ମଧ୍ୟ ତାଙ୍କ ଆଦର୍ଶ ବୋଲି ଘୋଷଣା କରିଛନ୍ତି । କିନ୍ତୁ ସେ ତାହାକୁ ଏଭଳି ସାବଧାନତା ସହକାରେ କରିଛନ୍ତି ଯେ ବଳ ପ୍ରୟୋଗପୂର୍ବକ ପରିପୂର୍ଣ୍ଣ ରାଜନୈତିକ ସ୍ୱାଧୀନତା ହାସଲ ତାଙ୍କ ଉଦ୍ଦେଶ୍ୟ, ଏହା ପ୍ରତିପାଦିତ କରାଯାଇ ପାରିବ ନାହିଁ । ସେ ସତେ ଯେପରି ଆଧ୍ୟାତ୍ମିକ ବା ନୈତିକ ସ୍ୱାଧୀନତାକୁ ବୁଝାଉଛନ୍ତି । ଯେକୌଣସି ବିଚାରାଳୟରେ ସେହି ବ୍ୟାଖ୍ୟା ସାବ୍ୟସ୍ତ ହୋଇଯିବ ।

''ଅସହଯୋଗ ଓ ବିଦେଶୀ ଦ୍ରବ୍ୟ ବର୍ଜନ ଶାନ୍ତିପୂର୍ଣ୍ଣ ଭାବରେ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି । ସେ ମୁକ୍ତି କଥାଟିକୁ ଏଭଳି ଭାବରେ ଉପସ୍ଥାପନ କରିଛନ୍ତି ଯେ ତାହା ନୈତିକ ସ୍ତରର ମୁକ୍ତି ବୋଲି ବୁଝାଇ ଦେଇହେବ । ମୁକ୍ତି ପାଇଁ

ପ୍ରୟୋଜନ ବେଳେ ଶକ୍ତି ପ୍ରୟୋଗ ଦୋଷାବହ ନୁହେଁ ବୋଲି ମଧ୍ୟ ସେ କହିଛନ୍ତି, କିନ୍ତୁ ସେ ଏଭଳି ଭାବରେ ପୋଥି ପୁରାଣର ଦୃଷ୍ଟାନ୍ତ ପଟଭୂମିରେ ରଖି ତାହା କରିଛନ୍ତି ଯେ ତାହା ସାମ୍ପ୍ରତିକ ପରିସ୍ଥିତିରେ ହିଂସାଚାର ନିମନ୍ତେ ଡାକରା ବୋଲି ବୁଝାଇବ ନାହିଁ । ତାଙ୍କ ପ୍ରକୃତ ଉଦ୍ଦେଶ୍ୟ ବିପଜ୍ଜନକ, କିନ୍ତୁ ସେ ଉଦ୍ଦେଶ୍ୟ ଆଇନଗତ ଯୁକ୍ତି ଆଗରେ ତିଷ୍ଠିବ ନାହିଁ ।

''ରାଜ୍ୟପାଳ ମହୋଦୟଙ୍କ ଧାରଣା ଯେ ଅରବିନ୍ଦ ଘୋଷଙ୍କ ଭାଷଣ ଠିକ୍ ବୁଝୁଥିବା ଲୋକେ ସ୍ୱାଧୀନତା ହାସଲ ନିମନ୍ତେ ହିଂସା ଆଦରି ନେଇ ପାରନ୍ତି, କିନ୍ତୁ ରାଜ୍ୟପାଳ ମହୋଦୟଙ୍କର ସଙ୍ଗେ ସଙ୍ଗେ ଏହା ମଧ୍ୟ ଧାରଣା ଯେ ଅଧିକାଂଶ ଶ୍ରୋତା ତାଙ୍କ ଭାଷଣର ମର୍ମ ବୁଝି ପାରିବେ ନାହିଁ । ସେ କେବଳ ମାତ୍ର ଇଂରାଜୀରେହିଁ କୁହନ୍ତି । ତାଙ୍କ ସୁଖ୍ୟାତିହିଁ ଲୋକଙ୍କୁ ପ୍ରଭାବିତ କରେ, ଭାଷଣ ନୁହେଁ ।

''ସାର ଏଡ୍‌ୱାର୍ଡ଼ ବେକର୍ ଏ ପରିସ୍ଥିତି ଉପରେ ଏକାନ୍ତ ସତର୍କ ଦୃଷ୍ଟି ରଖିଛନ୍ତି ଏବଂ ପ୍ରୟୋଜନ ହେଲେ ଆଗତୁରା କିଛି ପଦକ୍ଷେପ ନେବାକୁ ଦ୍ୱିଧା କରିବେ ନାହିଁ । କିନ୍ତୁ ଆପାତତଃ ସେ ଅରବିନ୍ଦ ଘୋଷଙ୍କୁ ଦେଶାନ୍ତର କରାଯାଉ ବୋଲି କହିବେ ନାହିଁ ।... ମାନ୍ୟବର ଯାହା ଆବଶ୍ୟକ ତାହା ଅବଶ୍ୟ କରିବେ ।''(୫)

ଆଉ କିଛି ମତାମତ ଆଦାନ-ପ୍ରଦାନ ଅନ୍ତେ ବଙ୍ଗ ସରକାରଙ୍କ ମୁଖ୍ୟ ସଚିବ ଭାରତ ସରକାରଙ୍କ ସ୍ୱରାଷ୍ଟ୍ରବିଭାଗ ସଚିବଙ୍କୁ ଲେଖିଲେ :

''... ସାର୍ ଏଡ୍‌ୱାର୍ଡ଼ ବେକରଙ୍କ ବିଚାରରେ ଅରବିନ୍ଦ ଘୋଷ ବର୍ତ୍ତମାନ ପରିସ୍ଥିତିରେ ଅନ୍ୟତମ ସର୍ବାଧିକ ବିପଜ୍ଜନକ ସମସ୍ୟା । ରାଜ୍ୟପାଳ ମହୋଦୟଙ୍କ ବ୍ୟକ୍ତିଗତ ବିଶ୍ୱାସ ହେଲା ଅରବିନ୍ଦ ଘୋଷଙ୍କ ବିରୋଧରେ ଅଭିଯୋଗସବୁ ଯଥାର୍ଥ ଥିଲା । କିନ୍ତୁ ଅପିଲରେ ସୁଫଳ ମିଳିବାର ଆଶା ଥିଲେ ସେ ଅବଶ୍ୟ ତାହା କରନ୍ତେ । କିନ୍ତୁ ଜନସାଧାରଣଙ୍କ ଭିତରେ ତାହା ସରକାରୀ ବିରୋଧୀ ମନୋଭାବ ପ୍ରଚାର କରିବା ସଙ୍ଗେ ସଙ୍ଗେ ଅଭିଯୁକ୍ତଙ୍କ ସପକ୍ଷରେ ଜନମତ ବ୍ୟାପକ କରିବ ।... ସେଥିପାଇଁ ସାର୍ ଏଡ୍‌ୱାର୍ଡ଼ ବେକର ସେ ଦିଗରେ ଅଗ୍ରସର ନ ହେବାକୁ ସ୍ଥିର କରିଛନ୍ତି ।''(୬)

ଏ ସଂକ୍ରାନ୍ତୀୟ ପରବର୍ତ୍ତୀ ଦଲିଲସବୁର କିଛି କିଛି ଏଠାରେ ପ୍ରଦତ୍ତ ହେଲା :

''ବୋମ୍ୱେର ଆଡ୍‌ଭୋକେଟ୍ ଜେନେରାଲ ମିଃ. ଷ୍ଟ୍ରଙ୍ଗମ୍ୟାନ୍ ମନେ କରନ୍ତି ଯେ ଅରବିନ୍ଦଙ୍କ ମୁକ୍ତି ବିରୋଧରେ ଅପିଲ ସଫଳ ହେବାର ସମ୍ଭାବନା ଉତ୍ତମ ।...

''ଏ ମାମଲାର ଗୁରୁତ୍ୱ ସମ୍ପର୍କରେ ସନ୍ଦେହ କରାଯାଇ ପାରେନା । ଯଦି ବିଚାର ବିପଥଗାମୀ ହୋଇଛି, ତେବେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଥାର୍ଥ ବିଚାର ସକାଶେ ଅପିଲ ଯଥାର୍ଥ ।

''ଆଡ୍‌ଭୋକେଟ ଜେନେରାଲ୍‌ଙ୍କ ମତ, ବିଚାର ବିପଥଗାମୀ ହୋଇଛି । ମିଃ. ନର୍ଟନଙ୍କ ମତ ମଧ୍ୟ ଏକା; ଯାହା ମନେହୁଏ ଆଇନ ପଞ୍ଜିକାର (Legal Remembrancer) ମିଃ. ଚାପ୍‌ମ୍ୟାନଙ୍କର ମଧ୍ୟ ତାହାହିଁ ମତ ।... ରାଜ୍ୟପାଳଙ୍କ ବିଶ୍ୱାସ ଅରବିନ୍ଦ ଘୋଷଙ୍କୁ ମୁକ୍ତି ଦେଇ ବିଚାର ପଦ୍ଧତି ପଥଭ୍ରଷ୍ଟ ହୋଇଛି ।...

''ଅପିଲ ସପକ୍ଷରେ ଆଉ ଏକ ଯୁକ୍ତି ହେଲା, ଦେଶୀୟ ସମ୍ବାଦପତ୍ରମାନେ ଘୋଷଣା କରୁଛନ୍ତି ଯେ ତାଙ୍କ ବିରୋଧରେ ଯାବତୀୟ ଅଭିଯୋଗ ଥିଲା ସମ୍ପୂର୍ଣ୍ଣ ଅଯୌକ୍ତିକ । ସେ ''ମିଠେଇ ଚିଠି'' ଗୋଟାକ ପୁଲିସର ଅତ୍ୟନ୍ତ ଗର୍ହିତ ଷଡ଼୍‌ଯନ୍ତ୍ରମୂଳକ ଆରୋପ ।

''କିନ୍ତୁ କଥା ହେଲା, ଅପିଲ ସଫଳ ହେଲା ତ ଉତ୍ତମ, ନହେଲେ ସରକାରୀ-ବିରୋଧୀ ଜନମତ ପ୍ରାୟ ନିଶ୍ଚିତ ଭାବେ ବୃଦ୍ଧିଲାଭ କରିବ ଏବଂ ଅରବିନ୍ଦ ଘୋଷଙ୍କ ପ୍ରଭାବ ବ୍ୟାପକତର ହେବ ।

''ମୋର ପରାମର୍ଶ ହେଲା, ସାର୍ ଏଡ଼୍‌ୱାର୍ଡ଼ ବେକରଙ୍କ ସିଦ୍ଧାନ୍ତ ଗ୍ରହଣ କରିବା ସଙ୍ଗେ ସଙ୍ଗେ ତାଙ୍କୁ ତାହାର ପୁନର୍ବିଚାର ନିମନ୍ତେ ନିର୍ଦ୍ଦେଶ ଦିଆଯାଉ । ହାଇକୋର୍ଟକୁ ମି. ନର୍ଟନ୍ ସେ ମିଠେଇ ଚିଠିର ସତ୍ୟତା ପ୍ରତିପାଦିତ କରିବା ନିମନ୍ତେ ପ୍ରବର୍ତ୍ତାଇବା ଉଚିତ । ତାହା ହେଲେ ପୁଲିସ ମିଥ୍ୟା ଅପବାଦରୁ ବର୍ତ୍ତି ପାରିବ ।

''ତୁରନ୍ତ ବଡ଼ଲାଟ ଏ ମାମଲା ବିଚାରକୁ ନେବା ଲୋଡ଼ା ।''

ଏଚ. ଏ. ଷ୍ଟୁଆର୍ଟ

୨୨.୮.୧୯୦୯

ଏ ସଂକ୍ଷେପିତ ଟେଲିଗ୍ରାମର ଦୀର୍ଘ ରୂପ ତୁଙ୍ଗ ପର୍ଯ୍ୟାୟର ମୁଖ୍ୟମାନଙ୍କ ଭିତରେ ବିତରିତ ହେଲା । ତତ୍‌କ୍ଷଣାତ୍, ସେହି ଏକା ତାରିଖରେ ଏଚ୍. ଏଚ୍. ରିସ୍‌ଲେ ଲେଖିଥିଲେ :

''ଠିକ୍ । ମି : ନର୍ଟନଙ୍କୁ 'ମିଠେଇ ଚିଠି' ବାସ୍ତବ ବୋଲି ପ୍ରତିପାଦିତ କରିବାର ନିର୍ଦ୍ଦେଶ ଦିଆଯାଉ ।...

''ବଙ୍ଗ ସରକାରଙ୍କ ଧାରଣା ଅରବିନ୍ଦଙ୍କ ସାଂପ୍ରତିକ ବକ୍ତୃତାସବୁ ବିଶେଷ କ୍ଷତି କରିବ ନାହିଁ । କାରଣ ତାହା ଧର୍ମ ଓ ଆଧ୍ୟାତ୍ମିକତାଭିତ୍ତିକ । ମୋ ମତରେ ତାହାହିଁ ସବୁଠାରୁ ବିପଜ୍ଜନକ ଉପାଦାନ । ତାଙ୍କ ଖୁଲ୍‌ନା ବକ୍ତୃତାର ତାତ୍ପର୍ଯ୍ୟ ବଙ୍ଗ ସରକାର ଠିକ୍ ଭାବରେ ବୁଝି ନାହାନ୍ତି । ହିନ୍ଦୁ ପୁରାଣରୁ ଗୋଟାଏ ପ୍ରସିଦ୍ଧ ଘଟଣାର ଉଲ୍ଲେଖ କରି ସେ ଯେଉଁ ଇଙ୍ଗିତ ଦେଇଛନ୍ତି ତାହା ଭୟାବହ ବିଦ୍ରୋହମୂଳକ ଏବଂ ଶ୍ରୋତୃମଣ୍ଡଳୀ ତାହା ବୁଝି ନ ପାରିବାର ପ୍ରଶ୍ନ ନାହିଁ ।

''ତାଙ୍କ ବକ୍ତୃତାବଳିର ଆଭିମୁଖ୍ୟ ସମ୍ପୂର୍ଣ୍ଣ ସ୍ପଷ୍ଟ – ସ୍ୱରାଜ ଆଦର୍ଶକୁ ଧର୍ମ ପର୍ଯ୍ୟାୟକୁ ଉନ୍ନୀତ କରି ଦେଶ ବ୍ୟାପୀ ଯେତେ ପ୍ରସାର କରାଯାଇପାରେ ତାହା କରିବା ।... ତାଙ୍କର ଏ ପ୍ରୟାସରୁ ଯେଉଁ ପ୍ରକାର ବିପଦ ଉପୁଜିବ, ସେସମ୍ପର୍କରେ ସନ୍ଦେହର ଅବକାଶ ନାହିଁ ।

ପରଦିନ ବଡ଼ଲାଟ ମିଣ୍ଟୋ ଏହା ଉପରେ ମନ୍ତବ୍ୟ ଦେଲେ ''ମୁଁ ଏ ପ୍ରସ୍ତାବରେ ଏକମତ । ଅନ୍ୟମାନଙ୍କ ମତ ନିଆଯାଉ ।'' ପରବର୍ତ୍ତୀ ଦୁଇଦିନ ଭିତରେ ବାକି ପାଞ୍ଚଜଣଯାକ ତୁଙ୍ଗ ଶାସକ ଏ ପ୍ରସ୍ତାବ ସହ ଏକମତ ହେଲେ ।

ସବୁ ନଥିପତ୍ରରୁ ସ୍ପଷ୍ଟ ହୁଏ, କୌଣସି ମତେ ଶ୍ରୀଅରବିନ୍ଦଙ୍କୁ ଭାରତରୁ ଅପସାରିତ ନ କରିବା ଯାଏ ବଙ୍ଗ ସରକାର ଓ ଭାରତ ସରକାର ନିୟତ ଉଦ୍‌ବିଗ୍ନ ଏବଂ ପ୍ରାୟ ଭୟଭୀତ ରହୁଥିବେ । ୧୯୧୦ ଜାନୁଆରୀ ୧୪ ତାରିଖରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ରବିଭାଗର ସଚିବ ସାର ହ୍ୟାରୋଲ୍ଡ୍ ଷ୍ଟୁଆର୍ଟ ବଙ୍ଗ ସରକାରଙ୍କ ମୁଖ୍ୟ ସଚିବଙ୍କୁ ଲେଖିଲେ :

''ମାନ୍ୟବର ରାଜ୍ୟପାଳଙ୍କ ଦୃଷ୍ଟି ନିମ୍ନଲିଖିତ ପ୍ରଶ୍ନକୁ ଆକର୍ଷିତ କରିବା ନିମନ୍ତେ ମୋତେ ନିର୍ଦ୍ଦେଶ ଦିଆଯାଇଛି । ୧୯୦୯ ଡିସେମ୍ବର ୨୫ ତା. ସଂଖ୍ୟାରେ 'କର୍ମଯୋଗୀନ୍' ପତ୍ରିକାରେ ଏବଂ ୧୯୧୦ ଜାନୁଆରୀ ୨ ତା. ସଂଖ୍ୟା 'ମାରାଠା'ରେ ପ୍ରକାଶିତ ଅରବିନ୍ଦ ଘୋଷଙ୍କ 'ମୋ ଦେଶବାସୀଙ୍କ ଉଦ୍ଦେଶ୍ୟରେ' ଶୀର୍ଷକ ନିବନ୍ଧରେ ରାଜଦ୍ରୋହମୂଳକ ବୋଲି ପ୍ରତିପାଦିତ ହେଲା ଭଳି କୌଣସି ଉପାଦାନ ରହିଛି କି ନାହିଁ ବୋଲି ଆଇନଜ୍ଞମାନଙ୍କ ଦ୍ୱାରା ଯାଞ୍ଚ କରିବାର ବ୍ୟବସ୍ଥା କରାଯାଉ ଏବଂ ଯଦି ଥିବ, ତେବେ ଅରବିନ୍ଦ ଘୋଷଙ୍କ ବିରୋଧରେ ଅବିଳମ୍ବେ ଅଭିଯୋଗ ଆଗତ କରାଯାଉ ।''(୮)

ଆହୁରି କେତେ ମତାମତ ଆଦାନପ୍ରଦାନ ଅନ୍ତେ ୧୯୧୦ ଫେବ୍ରୁଆରୀ ୨୫ ତାରିଖରେ ସରକାର ପିଙ୍ଗଳକୋଡ଼ର ୧୨୪(ଏ) ଧାରା ଅନୁସାରେ ରାଜଦ୍ରୋହ ଅଭିଯୋଗ ଆଣି ଶ୍ରୀଅରବିନ୍ଦଙ୍କୁ ଗିରଫ କରିବାକୁ ସିଦ୍ଧାନ୍ତ ନେଲେ ।

ଆଶ୍ଚର୍ଯ୍ୟର କଥା, ସିଦ୍ଧାନ୍ତ ଅନୁସାରେ କିନ୍ତୁ ତତ୍‌କ୍ଷଣାତ୍ ପଦକ୍ଷେପ ନିଆଗଲା ନାହିଁ ! କୌଣସି ଅଜଣା କାରଣରୁ ସରକାର ଆହୁରି କିଛି ଘଟିବାକୁ ଅପେକ୍ଷା କରୁଥିଲେ ? ଏ ରହସ୍ୟ ଉନ୍ମୋଚିତ ହୋଇ ନାହିଁ ।

ତେବେ ସରକାର ନିଶ୍ଚିତ ଥିଲେ ଯେ ସେମାନଙ୍କ ଶିକାର ସେମାନଙ୍କ ଲୌହ ସଣ୍ଡୁଆଶି ସଦୃଶ ହାତ ପାହାନ୍ତାରେ ରହିଛନ୍ତି । ଦିନରାତି ତାଙ୍କ ବସା ଓ କାର୍ଯ୍ୟାଳୟ ଉପରେ ନିରବଚ୍ଛିନ୍ନ ନଜର ରଖୁଥିବା ସି.ଆଇ.ଡ଼ି. କର୍ମଚାରୀମାନେ କେମିତି କେଜାଣି ମନେ କରୁଥା'ନ୍ତି ଯେ ସେମାନେ ଶ୍ରୀଅରବିନ୍ଦଙ୍କୁ ଦେଖୁଛନ୍ତି !

କ୍ରମେ ପୁଲିସ କର୍ତ୍ତୃପକ୍ଷ ହୃଦୟଙ୍ଗମ କଲେ ଯେ ଶ୍ରୀଅରବିନ୍ଦ ସମ୍ଭବତଃ ଆତ୍ମଗୋପନ କରି ସାରିଲେଣି । କାରଣ କୌଣସି ଜନସମାବେଶ ବା ଅନୁଷ୍ଠାନରେ ତାଙ୍କୁ ଦେଖିବାକୁ ମିଳୁ ନଥିଲା ।

ଗୋଟାଏ ବିଧିବଦ୍ଧ ସମନ ଯୋଗେ ହିଁ ସମ୍ଭାବ୍ୟ ସ୍ଥାନ ତଲାସ କରିବାର ଅଧିକାର ମିଳିବ ।

ଅତଏବ ୧୯୧୦ ଏପ୍ରିଲ୍ ୪ ତାରିଖରେ ପ୍ରଧାନ ପ୍ରେସିଡେନ୍‌ସି ମାଜିଷ୍ଟ୍ରେଟ୍ ଶ୍ରୀଅରବିନ୍ଦଙ୍କ ବିରୋଧରେ ସମନ ଜାରିକଲେ – ତାଙ୍କୁ ଗିରଫ କରିବା ନିମନ୍ତେ ।

ଯୋଗାଯୋଗ ! ସେହିଦିନ ହିଁ ଶ୍ରୀଅରବିନ୍ଦ ଫରାସୀ ଉପନିବେଶ ପଣ୍ଡିଚେରୀରେ ପଦାର୍ପଣ କଲେ !

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**


୧. ସାବିତ୍ରୀ, ୧ମ ପର୍ବ, ୩ୟ ସର୍ଗ, ପୃ -୪୪ । ୨. ସୁରେଶଚନ୍ଦ୍ର ଦେବ : "Sri Aurobindo as I know him" Mother India, August 1950. ୩. The Weekly India, Madras, 1st September 1909.

୪. Old India Office Library (Archives), London, ଲେଖକ ଦ୍ୱାରା ସଂଗୃହୀତ । ୫. ibid, ୬. ibid, ୭. ibid

୮. Indian News Agency Telegram No. 11; Overman Foundation, Kolkata.

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଅଷ୍ଟାଦଶ ଅଧ୍ୟାୟ)

## ଦିବ୍ୟକର୍ମୀ

ଶେଖ ଅବଦୁଲ କାଶମ

ଗୀତାର କର୍ମଯୋଗ ଅନୁସାରେ ସିଏ ହେଉଛି ଦିବ୍ୟକର୍ମୀ ଯିଏ ଦିବ୍ୟଜନ୍ମ ପାଇଁ କର୍ମ କରିଥାଏ । ଦିବ୍ୟଜନ୍ମ କହିଲେ ଚେତନାର ପରିବର୍ତ୍ତନକୁ ବୁଝାଏ, ଅର୍ଥାତ୍ ମାନୁଷୀ ଚେତନାରୁ ଦିବ୍ୟ-ଚେତନାକୁ ଆରୋହଣହିଁ ଦିବ୍ୟଜନ୍ମ । ଚେତନାର ଏହି ପରିବର୍ତ୍ତନ ଘଟାଇବା ପାଇଁ କର୍ମ ହେଉଛି ଏକ ମାଧ୍ୟମ । ଚେତନାର ପରିବର୍ତ୍ତନ ପରେ କର୍ମର ପୂର୍ଣ୍ଣଛେଦ ପଡ଼େ ନାହିଁ । ବରଂ କର୍ମଟି ଆଲୋକିତ ଚେତନାର ଏକ ଅଭିବ୍ୟକ୍ତିରେ ପରିଣତ ହୁଏ । ସେହି କର୍ମ ହୁଏ ଯଥାର୍ଥ, ଅଭ୍ରାନ୍ତ ଓ ଦିବ୍ୟ ।

ଦିବ୍ୟକର୍ମର କେତେକ ଲକ୍ଷଣ ରହିଛି ଯାହା ଏହି ପ୍ରବନ୍ଧର ମୁଖ୍ୟ ବିଷୟବସ୍ତୁ । ଶ୍ରୀଅରବିନ୍ଦ କହନ୍ତି ଯେ ଏହି ଲକ୍ଷଣଗୁଡ଼ିକ ହେଉଛି ଅତ୍ୟନ୍ତ ଗୂଢ଼ ଓ ଆତ୍ମିକ । ବାହ୍ୟ ଦୃଷ୍ଟିରେ ତାହା ଦେଖାଯାଏ ନାହିଁ । ଯେଉଁସବୁ ଚିହ୍ନ ଦ୍ୱାରା ଦିବ୍ୟକର୍ମର ସ୍ୱରୂପ ଜାଣି ହେବ ତାହା ମୂଳତଃ ଆଧାତ୍ମିକ ହୋଇଥିବାରୁ ନୈତିକ ବିଚାର ଦ୍ୱାରା ନିର୍ଦ୍ଧାରିତ ହୋଇପାରେ ନାହିଁ । ଆତ୍ମାର ଆଲୋକ ଦ୍ୱାରା ସେଗୁଡ଼ିକୁ ଚିହ୍ନି ହେବ । ଶ୍ରୀକୃଷ୍ଣ ଗୀତାରେ ପ୍ରକାଶ କରିଛନ୍ତି ଯେ କେଉଁଟା କର୍ମ ଓ କେଉଁଟା ଅକର୍ମ ଏ ବିଷୟରେ ମୁନିଋଷିମାନେ ମଧ୍ୟ ବିଭ୍ରାନ୍ତ ଓ ମୋହଗ୍ରସ୍ତ ହୋଇଥା'ନ୍ତି । ତେଣୁ କୁହାଯାଇଛି – ''ଗହନା କର୍ମଣୋ ଗତିଃ'' (ଗୀତା ୪/୧୭), ଅର୍ଥାତ୍ କର୍ମର ମାର୍ଗ ଗହନ ଓ ଜଟିଳ । ଘନ ଅରଣ୍ୟ ଭଳି ତାହା ଦୁର୍ଭେଦ୍ୟ । କର୍ମ, ବିକର୍ମ (ଭୁଲ୍ କର୍ମ) ଓ ଅକର୍ମ (କର୍ମହୀନତା) ସମ୍ବନ୍ଧରେ ମନୁଷ୍ୟର ଯଥାର୍ଥ ଜ୍ଞାନ ରହିବା ଆବଶ୍ୟକ । କିନ୍ତୁ ସାଧାରଣତଃ ମନୁଷ୍ୟ ନିଜର ମନୋବୃତ୍ତି, ଅଭିରୁଚି ଓ ସଂସ୍କାର ଅନୁସାରେ ତଥା ସମାଜରେ ପ୍ରଚଳିତ ପ୍ରଥା, ପରମ୍ପରା, ବିଧିବିଧାନ ଓ ଧର୍ମୀୟ ମତବାଦ ଦ୍ୱାରା ପ୍ରଭାବିତ ହୋଇ ନିଜର କର୍ମ ନିର୍ଦ୍ଧାରଣ କରେ । ସେ କର୍ମକ୍ଷେତ୍ରରେ ବାରଂବାର ଝୁଣ୍ଟିବାକୁ ଲାଗେ, କର୍ମର ଯଥାର୍ଥତା ସମ୍ବନ୍ଧରେ ସଂଶୟଗ୍ରସ୍ତ ହୁଏ, କେବେହେଲେ ନିଶ୍ଚୟାତ୍ମକ ପରମସତ୍ୟରେ ପହଞ୍ଚିପାରେ ନାହିଁ । ବିଜ୍ଞ ବ୍ୟକ୍ତିମାନେ କର୍ମର ଏତାଦୃଶ ପରିଣାମ ଦେଖି ଏହି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି ଯେ ସମସ୍ତ ଜୀବନ ଓ ସଂସାର ହେଉଛି ମିଥ୍ୟା ଓ ମାୟାର ଏକ ପ୍ରହେଳିକା ଏବଂ କର୍ମରୁ ନିବୃତ୍ତି ବା କର୍ମହୀନତାହିଁ ତାହାର ଏକମାତ୍ର ସମାଧାନ । କିନ୍ତୁ ଶ୍ରୀକୃଷ୍ଣ ତାଙ୍କ ପ୍ରିୟ ଶିଷ୍ୟ ଅର୍ଜୁନଙ୍କ ମାଧ୍ୟମରେ ଜଗତକୁ ଜଣାଇ ଦେଲେ ଯେ ନିଷ୍କ୍ରିୟତା ଦ୍ୱାରା ନୁହେଁ ଯଥାର୍ଥ କର୍ମ ଦ୍ୱାରାହିଁ ଜ୍ଞାନ ଓ ମୁକ୍ତି ଲାଭ ସମ୍ଭବ ।

ସଂସାର ପାଇଁ ପ୍ରୟୋଜନୀୟ କୌଣସି କର୍ମ ବର୍ଜନୀୟ ନୁହେଁ । ସମସ୍ତ ପ୍ରକାର କର୍ମ ସାଧନାର ଉପାୟ ହୋଇପାରିବ । ତେବେ କର୍ମ କିପରି ସମ୍ପାଦନ କରାଯିବ ତାହା ଜାଣିବା ଆବଶ୍ୟକ । ଏ ବିଷୟରେ ଶ୍ରୀକୃଷ୍ଣ କହନ୍ତି – ''ଯୁକ୍ତଃ କୃତ୍ସ୍ନ କର୍ମକୃତ୍'' – ଅର୍ଥାତ୍ ଭଗବାନଙ୍କ ସହିତ ଆତ୍ମାକୁ ବା ନିଜର ସତ୍ତାକୁ ଯୁକ୍ତ ରଖି ସକଳ ପ୍ରକାର କର୍ମ କରିବା ଉଚିତ । କର୍ମ ପରିତ୍ୟାଗ କରି ନିଷ୍କ୍ରିୟ ହୋଇ ରହିବା କଦାପି ସ୍ପୃହଣୀୟ ନୁହେଁ । ପ୍ରକୃତରେ ବ୍ୟକ୍ତିର ନିଷ୍କ୍ରିୟ ଅବସ୍ଥାରେ କର୍ମ ବନ୍ଦ ହୋଇଯାଏ ନାହିଁ । ପ୍ରକୃତିର କର୍ମ ତା' ଭିତରେ ତଥାପି ଚାଲିଥାଏ । ଅନ୍ୟ ପକ୍ଷରେ ଜଣେ ଯାବତୀୟ କର୍ମରେ ନିଯୁକ୍ତ ରହିଥିଲେ ମଧ୍ୟ ସେସବୁରୁ ମୁକ୍ତ ହୋଇ ରହିପାରିବ । ଗୀତାରେ କୁହାଯାଇଛି ଯେ ଯିଏ କର୍ମ ମଧ୍ୟରେ ଅକର୍ମକୁ ଦେଖେ ଏବଂ ନିଷ୍କ୍ରିୟତା ମଧ୍ୟରେ କର୍ମ ଚାଲୁଥିବାର ଦେଖେ ସିଏହିଁ ଯଥାର୍ଥରେ ବିଜ୍ଞ ଓ ବୁଦ୍ଧିମାନ୍ (''କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ/ ସ ବୁଦ୍ଧିମାନ୍ ମନୁଷ୍ୟେଷୁ...'') । (ଗୀତା, ୪/୧୮)

ଦିବ୍ୟ କର୍ମୀର ପ୍ରଥମ ଲକ୍ଷଣ ହେଲା ଅଭିମାନଶୂନ୍ୟ ହୋଇ ଜ୍ଞାନର ଆଲୋକରେ ସମସ୍ତ କର୍ମ କରିବା । ଏପରି ବ୍ୟକ୍ତି ପ୍ରକୃତିର ଅଧୀନ ହୋଇ କର୍ମ କରେ ନାହିଁ । ତା' ଭିତରେ କର୍ତ୍ତାଭାବ ରହି ନଥାଏ । ସେ ଜାଣିଥାଏ ଯେ ଭଗବାନ୍ ହିଁ ସକଳ କର୍ମର ଅଧୀଶ୍ୱର ଏବଂ ତାକୁ ମାଧ୍ୟମ କରି ଭଗବାନ୍ ହିଁ ସକଳ କର୍ମ କରୁଛନ୍ତି । ସେ ଯୋଗ ଦ୍ୱାରା ନିଜକୁ ଭଗବାନଙ୍କ ସହିତ ଯୁକ୍ତ କରି ରଖିଥାଏ । ଆତ୍ମାର ନିଶ୍ଚଳ ନୀରବତାରେ ପ୍ରତିଷ୍ଠିତ ହୋଇ ସେ କର୍ମ କରେ ।

ଦିବ୍ୟକର୍ମୀର ଦ୍ୱିତୀୟ ଲକ୍ଷଣ ହେଲା, ବାସନାରୁ ମୁକ୍ତି ।

ସେ ଯେଉଁସବୁ କର୍ମ ଓ ଉଦ୍‌ଯୋଗ କରେ ସେଥିରେ କୌଣସି କାମନା-ବାସନା ବା ନିମ୍ନତର ସଂକଳ୍ପ ମିଶ୍ରିତ ହୋଇ ନଥାଏ । ଗୀତାରେ କୁହାଯାଇଛି – ''ଯସ୍ୟ ସର୍ବେ ସମାରମ୍ଭାଃ କାମ-ସଂକଳ୍ପବର୍ଜିତାଃ'' । ଏପରି ବ୍ୟକ୍ତି ଫଳପ୍ରାପ୍ତିର ଆଶା ନେଇ କର୍ମ କରେ ନାହିଁ । ତା'ର କର୍ମ ସ୍ୱୟଂ ଭଗବାନଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ, କୌଣସି ବ୍ୟକ୍ତିଗତ ଇଚ୍ଛା ଦ୍ୱାରା ନୁହେଁ । କୃତିତ୍ୱର ସହ କାର୍ଯ୍ୟ କରିବା ପାଇଁ କିଂବା ଭଗବାନଙ୍କୁ ସନ୍ତୁଷ୍ଟ କରିବା ଲାଗି କର୍ମର ଏକମାତ୍ର କର୍ତ୍ତା ଏବଂ ତାଙ୍କରି ଇଚ୍ଛାରେହିଁ ସକଳ କର୍ମ ତା' ଭିତର ଦେଇ ସମ୍ପାଦିତ ହେବ । ଏହାର ଅର୍ଥ ନୁହେଁ ଯେ ଯେହେତୁ କର୍ମ କରିବା ପଛରେ କୌଣସି ବ୍ୟକ୍ତିଗତ ସ୍ୱାର୍ଥ ରହିବ ନାହିଁ ତେଣୁ ସେ କର୍ମକୁ ଯେନତେନ ପ୍ରକାରେଣ କରିଦେବ, ତାକୁ ନିଖୁଣ ଭାବରେ କରିବ ନାହିଁ । ବରଂ ଯେହେତୁ ତା'ର କର୍ମକୁ ଭଗବାନଙ୍କ ଉଦ୍ଦେଶ୍ୟରେ ନିବେଦନ କରିବାର ଅଛି ତେଣୁ ସେ ତାହାକୁ ସର୍ବୋତ୍ତମ ଭାବରେ କରିବାକୁ ଅବଶ୍ୟ ଉଦ୍ୟମ କରିବ । ଏହା ନିଶ୍ଚିତ ଯେ ଯୋଗଯୁକ୍ତ ହୋଇ ସ୍ଥିର ପ୍ରଶାନ୍ତି ସହ କର୍ମ କଲେ ତାହା ଯେପରି ନିଖୁଣ ଓ ପରିପୂର୍ଣ୍ଣ ହେବ, ଆଶା, ଆଶଙ୍କା ଓ ଅସ୍ଥିରତା ସହ କର୍ମ କଲେ ତାହା ସେପରି ନିଖୁଣ ଓ ପରିପୂର୍ଣ୍ଣ ହୋଇପାରିବ ନାହିଁ ।

ଗୀତାରେ ଶ୍ରୀକୃଷ୍ଣ ସ୍ପଷ୍ଟ କରି ଦେଇଛନ୍ତି ଯେ ଯୋଗ ହେଉଛି କର୍ମ କରିବାର ପ୍ରକୃତ କୌଶଳ (ଯୋଗଃ କର୍ମସୁ କୌଶଲମ୍), ଅର୍ଥାତ୍ ଭଗବାନଙ୍କ ସହିତ ଯୁକ୍ତ ହୋଇ କର୍ମ କଲେ ତାହା ଆପେ ଆପେ ତ୍ରୁଟିଶୂନ୍ୟ ଓ ପରିପୂର୍ଣ୍ଣ ହୁଏ, କାରଣ ବ୍ୟକ୍ତିର ପ୍ରକୃତି ମଧ୍ୟ ଦେଇ ଏକ ଦିବ୍ୟଶକ୍ତି କ୍ରିୟା କରିଥାଏ । ଏ କ୍ଷେତ୍ରରେ ସଫଳତା ବା ବିଫଳତା, ଜୟ ବା ପରାଜୟ ଯାହା ଆସୁ ନା କାହିଁକି ପରିଣାମତଃ ଭଗବାନଙ୍କ ଅଭିପ୍ରାୟହିଁ ସିଦ୍ଧ ହୁଏ ।

ଦକ୍ଷତା ପ୍ରଦର୍ଶନ ଓ ସଫଳତା ପ୍ରାପ୍ତି ଦିବ୍ୟକର୍ମୀର ଆଦର୍ଶ ନୁହେଁ, କର୍ମରେ ପରିପୂର୍ଣ୍ଣତା ଓ ଆତ୍ମନିବେଦନରେ ସମ୍ପୂର୍ଣ୍ଣତାହିଁ ତା'ର ଆଦର୍ଶ ।

ଆଧ୍ୟାତ୍ମିକ ନୈର୍ବ୍ୟକ୍ତିକତା (Spiritual impersonality) ହେଉଛି ଦିବ୍ୟକର୍ମୀର ତୃତୀୟ ଲକ୍ଷଣ । ତା' ଭିତରେ କୌଣସି ବ୍ୟକ୍ତିଗତ ଆଶା-ଆକାଙ୍କ୍ଷା ବା ବ୍ୟକ୍ତିଗତ ଅଧିକାରବୋଧ ନଥାଏ । ସେ ତା'ର ବ୍ୟକ୍ତିତ୍ୱକୁ ନୈର୍ବ୍ୟକ୍ତିକତା ଭିତରେ ଲୀନ କରି ଦେଇଥାଏ । ସେ ଯେ ଏକ ସ୍ୱତନ୍ତ୍ର ବ୍ୟକ୍ତିସତ୍ତା ଏପରି କୌଣସି ଭାବ ତା' ଭିତରେ ରହେ ନାହିଁ । ଏପରିକି ସେ ନିଜକୁ ଏକ ଯନ୍ତ୍ର (Instrument) ବୋଲି ମଧ୍ୟ ଅନୁଭବ କରେ ନାହିଁ । କାରଣ ଭଗବାନଙ୍କର ଏକ ଯନ୍ତ୍ର ହେବାର ବୋଧ ଭିତରେ ମଧ୍ୟ ଅହଂ ଲୁଚି ରହିପାରେ । ବରଂ ସେ କେବଳ ଏକ ମାଧ୍ୟମ (Channel)ରେ ପରିଣତ ହୁଏ । ଯନ୍ତ୍ର ଓ ମାଧ୍ୟମ ଭିତରେ ପାର୍ଥକ୍ୟ ହେଲା, ଯନ୍ତ୍ର ତା'ର ପ୍ରକୃତିଗତ ଗୁଣ ଓ ସାମର୍ଥ୍ୟଗୁଡ଼ିକ ଉପରେ ନିର୍ଭରଶୀଳ ହୋଇଥିବା ସ୍ଥଳେ ମାଧ୍ୟମ ସେପରି କୌଣସି ଗୁଣ ଦ୍ୱାରା ପ୍ରଭାବିତ ହୋଇ ନଥାଏ । ସେ କେବଳ ଅନୁଭବ କରେ ଯେ ତା' ଭିତର ଦେଇ ଦିବ୍ୟଶକ୍ତିର ପ୍ରବାହ ସ୍ୱତଃସ୍ଫୂର୍ତ୍ତଭାବେ ଘଟୁଛି । ତା' ଉପରେ ବ୍ୟକ୍ତିତ୍ୱର କୌଣସି ଛାପ ନଥାଏ । ଅହଂ ପ୍ରସୂତ କୌଣସି ପ୍ରତିକ୍ରିୟା ତା' ଭିତରେ ନଥାଏ । ପୁରୁଷୋତ୍ତମ ତା' ଭିତରେ ଅବାଧ ଭାବରେ କ୍ରିୟା କରନ୍ତି । ଦିବ୍ୟକର୍ମୀର କୌଣସି ବିତୃଷ୍ଣା ବା ଆସକ୍ତି ନଥାଏ । ତା'ର କର୍ମ ବାସ୍ତବିକ କେବଳ ଶାରୀରିକ, 'ଶାରୀରଂ କେବଳଂ କର୍ମ', କାରଣ ସବୁ କିଛି ଆସେ ଊର୍ଦ୍ଧ୍ୱରୁ । ପୁରୁଷୋତ୍ତମଙ୍କର ଇଚ୍ଛା, ଜ୍ଞାନ ଓ ଆନନ୍ଦ ତା' ଭିତରେ ଶୁଦ୍ଧ ରୂପରେ ପ୍ରତିଫଳିତ ହୁଏ । ଦୁଃଖ, ମନସ୍ତାପ, ବିକ୍ଷୋଭ ଓ ହାନି-ଲାଭର ଦ୍ୱନ୍ଦ୍ୱରୁ ସେ ହୋଇଥାଏ ସମ୍ପୂର୍ଣ୍ଣ ମୁକ୍ତ ।

ଦିବ୍ୟକର୍ମୀର ଚତୁର୍ଥ ଲକ୍ଷଣ ହେଉଛି ଏକ ପୂର୍ଣ୍ଣ ସମତା (Equality) । ସେ ସଫଳତା ଓ ବିଫଳତା, ଜୟ ଓ ପରାଜୟକୁ ସମାନ ଦୃଷ୍ଟିରେ ଦେଖେ । ସେ ସମସ୍ତ ପ୍ରକାର ଦ୍ୱନ୍ଦ୍ୱକୁ ଅତିକ୍ରମ କରିଯାଇ ଦ୍ୱନ୍ଦ୍ୱାତୀତ ଅବସ୍ଥାରେ ପ୍ରତିଷ୍ଠିତ ହୋଇଥାଏ । ତା' ପକ୍ଷରେ ଶୁଭ ଓ ଅଶୁଭ ସମାନ ଭାବରେ ଆଦରଣୀୟ । କୌଣସି ସମ୍ମାନ ବା ଅପମାନ, ନିନ୍ଦା ବା ପ୍ରଶଂସା ତାକୁ ବିଚଳିତ ବା ପ୍ରଭାବିତ କରେ ନାହିଁ । ସୁଖରେ ସେ ଉତ୍‌ଫୁଲ୍ଲିତ ହୁଏ ନାହିଁ କି ଦୁଃଖରେ ମ୍ରିୟମାଣ ହୁଏ ନାହିଁ । ସେ ଜାଣିଥାଏ ଯେ ସ୍ୱୟଂ ଭଗବାନ୍ ତା'ର ଜୀବନ ଓ କର୍ମକୁ ପରିଚାଳିତ କରୁଛନ୍ତି । ତା' ପକ୍ଷରେ ପରାଜୟ ବୋଲି କିଛି ନାହିଁ କାରଣ ସମସ୍ତ ଘଟଣା ଭଗବାନଙ୍କ ଦ୍ୱାରା ସ୍ଥିରୀକୃତ ଓ ସଙ୍ଗଠିତ ହୋଇ ଦିବ୍ୟଜୟ ଆଡ଼କୁ ହିଁ ଗତି କରୁଛି । ସବୁକିଛି ତାଙ୍କର ଦିବ୍ୟଇଚ୍ଛା ଦ୍ୱାରା ଘଟୁଛି । ସମସ୍ତ ଅନୁକୂଳ ଓ ପ୍ରତିକୂଳ ଘଟଣା ମଧ୍ୟ ଦେଇ ପରମ ମଙ୍ଗଳ ହିଁ କ୍ରମଶଃ ସାଧିତ ହେଉଛି ବା ବିକଶିତ ହୋଇ ଉଠୁଛି ।

ଦିବ୍ୟକର୍ମୀ ପକ୍ଷରେ ବିଷାଦ, ବିକ୍ଷୋଭ ବା ଉଦ୍‌ବେଗର କୌଣସି ଅବକାଶ ନଥାଏ । କୌଣସି ଆଶା, ଆକାଙ୍କ୍ଷା, ଅଭିଯୋଗ ବା ମନସ୍ତାପ ତା' ଭିତରେ ସ୍ଥାନ ପାଇ ନଥାଏ ।

ପରମାତ୍ମା ତା'ଠାରୁ ଯେଉଁ କର୍ମ ଦାବି କରନ୍ତି ତାହା (କର୍ତ୍ତବ୍ୟଂ କର୍ମ) ସମ୍ପାଦନ କରିବାହିଁ ତା'ର ପରମ କର୍ତ୍ତବ୍ୟ । କର୍ମର ସମସ୍ତ ଫଳାଫଳ କର୍ମର ଅଧୀଶ୍ୱର ଭଗବାନଙ୍କଠାରେ ସମର୍ପଣ କରିଦେବା ହିଁ ତା'ର ଧର୍ମ । ଦିବ୍ୟକର୍ମୀ ଅହଙ୍କାରଶୂନ୍ୟ ହୋଇ ମୁକ୍ତି ଓ ପବିତ୍ରତାର ଏକ ଉଚ୍ଚତର ସ୍ଥିତିରେ ଅଧିଷ୍ଠିତ ହୋଇଥାଏ । ସେ ପାପ-ପୁଣ୍ୟ ପ୍ରଭେଦର ଊର୍ଦ୍ଧ୍ୱକୁ ଉଠି ଯାଇଥାଏ ।

କର୍ମଯୋଗରେ ପରିପୂର୍ଣ୍ଣତା ଲାଭ କରିଥିବା ଦିବ୍ୟକର୍ମୀ ହେଉଛନ୍ତି ଜଣେ ମୁକ୍ତ ପୁରୁଷ । କୌଣସି ଅନମନୀୟ ନୀତି ବା ଆଦର୍ଶ ଦ୍ୱାରା ସେ ଆବଦ୍ଧ ହୋଇ ରହନ୍ତି ନାହିଁ । ସେ ବିଭିନ୍ନ ନୈତିକ ଆଦର୍ଶର ଦ୍ୱନ୍ଦ୍ୱକୁ ଅତିକ୍ରମ କରିଯା'ନ୍ତି । ତାଙ୍କର କୌଣସି ବ୍ୟକ୍ତିଗତ ଲକ୍ଷ୍ୟ ନ ଥାଏ । କାହା ପ୍ରତି ତାଙ୍କର ବିଦ୍ୱେଷ ବା ଶତ୍ରୁତା ନ ଥାଏ । ସେ ହୋଇଥା'ନ୍ତି ଈର୍ଷାରହିତ (ବିମତ୍ସରଃ) । ତାଙ୍କ ଭିତରେ ରହିଥାଏ ବିଶ୍ୱର ସମସ୍ତଙ୍କ ପ୍ରତି ମିତ୍ରଭାବ ଓ କରୁଣା । ଯଦି ଧର୍ମର ଆହ୍ୱାନ ଯୋଗୁଁ କାହାକୁ ହତ୍ୟା କରିବା ଆବଶ୍ୟକ ହୁଏ ତାହା ସେ କରନ୍ତି ପୂର୍ଣ୍ଣ ସହାନୁଭୂତି ଓ କରୁଣା ସହିତ । ସେତେବେଳେ ସେ ସଚେତନ ଥା'ନ୍ତି ଯେ ତାଙ୍କର ଏହି କାର୍ଯ୍ୟ ଦ୍ୱାରା ନିହତ ବ୍ୟକ୍ତିର ହିତହିଁ ସାଧିତ ହେବ । ଜଣେ ମୁକ୍ତ ପୁରୁଷ ଭଗବାନଙ୍କୁ ସର୍ବଭୂତରେ ସମାନ ଭାବରେ ବିଦ୍ୟମାନ ଥିବା ଦେଖି ପାରନ୍ତି । ତାଙ୍କ ଭିତରେ ରହିଥାଏ ଉଦାର ସମତା ଓ ପୂର୍ଣ୍ଣଜ୍ଞାନ । ପରିସ୍ଥିତି ଯାହା ହେଉ ନା କାହିଁକି ସମସ୍ତଙ୍କୁ ସମାନ ଭାବେ ଭଲ ପାଇବା ତାଙ୍କର ସ୍ୱଭାବଗତ ହୋଇଥାଏ । ମଣିଷ ହେଉ କି ପଶୁ, ଚଣ୍ଡାଳ ହେଉ କି ବିଜ୍ଞ ବ୍ରାହ୍ମଣ, ସାଧୁ ହେଉ କି ପାପୀ, ମିତ୍ର ହେଉ କି ଶତ୍ରୁ, ସମସ୍ତଙ୍କ ଭିତରେ ସେ ନିଜକୁ ତଥା ଭଗବାନଙ୍କୁ ଦର୍ଶନ କରନ୍ତି । ତାଙ୍କର ସମସ୍ତ କର୍ମ ଆତ୍ମାର ଧର୍ମକୁ ଅନୁସରଣ କରେ । ମାନବଜାତିକୁ କ୍ରମଶଃ ଭଗବାନଙ୍କ ଦିଗରେ ପରିଚାଳିତ କରିନେବା ପାଇଁ ତାଙ୍କ ମଧ୍ୟରେ ସର୍ବଦା ଭଗବତ୍ ଇଚ୍ଛାହିଁ କାର୍ଯ୍ୟକାରୀ ହୁଏ ।

ଦିବ୍ୟକର୍ମୀ ଭିତରେ ଆଉ ଏକ ଲକ୍ଷଣ ପ୍ରକାଶିତ ହୁଏ । ତା' ହେଉଛି ପୂର୍ଣ୍ଣ ଆନ୍ତର ଶାନ୍ତି ଓ ଆନନ୍ଦ । ଏହି ପ୍ରଶାନ୍ତି ଓ ଆନନ୍ଦ ବାହ୍ୟବସ୍ତୁ, ବ୍ୟକ୍ତି ବା ପରିସ୍ଥିତି ଉପରେ ନିର୍ଭର କରେ ନାହିଁ । ଏହା ସ୍ୱୟଂସ୍ଥିତ, ଅହେତୁକ ଓ ନିତ୍ୟ । ଦିବ୍ୟକର୍ମୀର ଆନନ୍ଦ ସାଧାରଣ ମଣିଷସୁଲଭ ସୁଖ ଓ ହର୍ଷଠାରୁ ସମ୍ପୂର୍ଣ୍ଣ ଭିନ୍ନ । କାରଣ ଏହା ଆତ୍ମା ଭିତରୁ ଉତ୍ସାରିତ ହୋଇଥାଏ । ଏଥିରେ କୌଣସି ଉତ୍ତେଜନା ବା ଆନ୍ଦୋଳନ ନ ଥାଏ । ଦିବ୍ୟକର୍ମୀ ନିତ୍ୟତୃପ୍ତ ଓ ନିତ୍ୟପ୍ରସନ୍ନ ହୋଇ ରହିଥାଏ । ସେ ସକଳ ବସ୍ତୁ ଓ ପରିସ୍ଥିତିରୁ ଆନନ୍ଦ ଆସ୍ୱାଦନ କରିପାରେ । କାରଣ ସଚରାଚର ସବୁରି ଭିତରେ ସେ ଏକହିଁ ଆତ୍ମାକୁ ସନ୍ଦର୍ଶନ କରେ, ସର୍ବଭୂତର ଆତ୍ମା ସହିତ ଏକାତ୍ମ ହୋଇ ରହିଥାଏ । ଗୀତାରେ କୁହାଯାଇଛି – ''ବ୍ରହ୍ମଯୋଗଯୁକ୍ତାତ୍ମା'' (ବ୍ରହ୍ମରେ ଅଭିନ୍ନ ଭାବେ ସ୍ଥିତ ମନୁଷ୍ୟ) ଏବଂ ''ସର୍ବଭୂତାତ୍ମଭୂତାତ୍ମା'' (ସକଳ ପ୍ରାଣୀଙ୍କ ଆତ୍ମାହିଁ ଯାହାର ଆତ୍ମା) – ଏହା ଦିବ୍ୟକର୍ମୀର ଏକ ବିଶେଷ ପରିଚୟ । ଦିବ୍ୟକର୍ମୀ ଯେଉଁ ଅକ୍ଷୟ ଆନନ୍ଦ ଉପଲବ୍ଧି କରେ (ସୁଖମ୍ ଅକ୍ଷୟମ୍ ଅଶ୍ନୁତେ), ତାହା ଅନାହତ ଓ ବ୍ୟଥାମୁକ୍ତ (ଅବ୍ରଣଂ), ତାହାକୁ କ୍ଷୁଣ୍ଣ କରାଯାଇ ନପାରେ, କାରଣ ତାହାର ପୃଷ୍ଠଭୂମିରେ ରହିଥାଏ ଏକ ଶକ୍ତିଶାଳୀ ଦିବ୍ୟ ପ୍ରଶାନ୍ତି ।

ଦିବ୍ୟକର୍ମୀର ଉପରବର୍ଣ୍ଣିତ ଲକ୍ଷଣସବୁ (ସମତା, ନୈର୍ବ୍ୟକ୍ତିକତା, ଶାନ୍ତି, ଆନନ୍ଦ ଓ ମୁକ୍ତି) ବାହ୍ୟ ଜିନିଷ ଉପରେ ନିର୍ଭର କରେ ନାହିଁ ଏବଂ ବାହ୍ୟ ଦୃଷ୍ଟିରେ ସେସବୁ ଧରାଦିଏ ନାହିଁ । କାରଣ ସେଗୁଡ଼ିକ ଆଧ୍ୟାତ୍ମିକ ଉପାଦାନ ଉପରେ ଆଧାରିତ । ଜଣେ ଦିବ୍ୟକର୍ମୀର କର୍ମ ସମାଜ ଦୃଷ୍ଟିରେ ଅନୈତିକ ଓ ଅସଙ୍ଗତ ସାବ୍ୟସ୍ତ ହୋଇପାରେ, ମାତ୍ର ସେଥିପ୍ରତି ସେ ଖାତିର କରେ ନାହିଁ । କାରଣ ସେ ଜାଣିଥାଏ ଯେ ଆତ୍ମାର ନିର୍ଦ୍ଦେଶ ଓ ଦିବ୍ୟପ୍ରେରଣାରେ କରାଯାଇଥିବା କର୍ମ କେବେ ବି କଳଙ୍କିତ ଓ ପ୍ରମାଦଯୁକ୍ତ ହୋଇ ନପାରେ । କର୍ମ କରିବା ଓ ନ କରିବା ଭଳି ଏକ ବାହ୍ୟ ଜିନିଷ ଉପରେ ଉପରୋକ୍ତ ଲକ୍ଷଣସବୁ ନିର୍ଭର କରେ ନାହିଁ ।

ଗୀତା ତ୍ୟାଗ (inward renunciation) ଓ ସନ୍ନ୍ୟାସ (outward renunciation) ମଧ୍ୟରେ ରହିଥିବା ପ୍ରଭେଦକୁ ବାରଂବାର ଦର୍ଶାଇ ଦେଇଛି । ଏହା ସ୍ପଷ୍ଟ କରିଦେଇଛି ଯେ ତ୍ୟାଗ ବା ଆନ୍ତର ସନ୍ନ୍ୟାସ ବିନା ବାହ୍ୟ ସନ୍ନ୍ୟାସର କୌଣସି ମୂଲ୍ୟ ନାହିଁ । ତ୍ୟାଗ ବିନା ଯଥାର୍ଥ ସନ୍ନ୍ୟାସ ସମ୍ଭବ ମଧ୍ୟ ନୁହେଁ । ଅନ୍ୟପକ୍ଷରେ ଯେଉଁଠାରେ ଆଭ୍ୟନ୍ତରୀଣ ସନ୍ନ୍ୟାସ ରହିଛି ସେଠାରେ ବାହ୍ୟ ସନ୍ନ୍ୟାସର ପ୍ରୟୋଜନ ହିଁ ନାହିଁ । ବାସ୍ତବରେ ତ୍ୟାଗ ବା ଆନ୍ତର ସନ୍ନ୍ୟାସ ହିଁ ଯଥାର୍ଥ ସନ୍ନ୍ୟାସ । ନିଷ୍କାମ କର୍ମଯୋଗର ଆଚରଣ ବିନା ଅର୍ଥାତ୍ ଆନ୍ତର ତ୍ୟାଗ ବିନା ବାହ୍ୟ ସନ୍ନ୍ୟାସ ଦୁଃଖପ୍ରଦ ଅଟେ (ସନ୍ନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ) ।

ଗୀତା ସମସ୍ତ କର୍ମ ତଥା କର୍ମଫଳକୁ ତ୍ୟାଗ କରିବାକୁ

କହିଛି, ମାତ୍ର ବାହ୍ୟ ତ୍ୟାଗ ନୁହେଁ, ଏହା ହେବ ଆନ୍ତର ତ୍ୟାଗ । ଆତ୍ମ ନିବେଦନର ଭାବ ସହ ଯଜ୍ଞର ଅଧୀଶ୍ୱରଙ୍କୁ ହିଁ ସେସବୁ ଅର୍ପଣ କରିବାକୁ ହେବ । ସମସ୍ତ କର୍ମ ବ୍ରହ୍ମଙ୍କ ନିକଟରେ ସମର୍ପଣ କରିବା ହିଁ ପ୍ରକୃତ କର୍ମ-ସନ୍ନ୍ୟାସ, ତାହା ହିଁ ଦିବ୍ୟକର୍ମ । ଏପରି କର୍ମ ଦ୍ୱାରା ଜଣେ ପାପଲିପ୍ତ ହୁଏ ନାହିଁ। ଶ୍ରୀକୃଷ୍ଣ ପ୍ରକାଶ କରିଛନ୍ତି –

''ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ॥
(୫।୧୦)

ଅର୍ଥାତ୍ ''ଯେ ଆସକ୍ତି ପରିତ୍ୟାଗ କରି ସମସ୍ତ କର୍ମ ବ୍ରହ୍ମରେ ପ୍ରତିଷ୍ଠିତ କରି କର୍ମ କରନ୍ତି ଜଳରେ ପଦ୍ମପତ୍ର ପରି କୌଣସି ପାପ ତାଙ୍କୁ ସ୍ପର୍ଶ କରେ ନାହିଁ ।''

କର୍ମଯୋଗୀ କର୍ମଫଳ ତ୍ୟାଗ କରିବା ଦ୍ୱାରା ଅତ୍ୟନ୍ତ ନିବିଡ଼ ଶାନ୍ତି (ନୈଷ୍ଠିକୀଂ ଶାନ୍ତିମ୍) ପ୍ରାପ୍ତ ହୁଏ । ସୁତରାଂ କର୍ମ ଓ କର୍ମଫଳ ପ୍ରତି ଆସକ୍ତି ପରିତ୍ୟାଗ କରି ଆତ୍ମଶୁଦ୍ଧି ନିମନ୍ତେ କର୍ମ କରିବା ବିଧେୟ (ସଂଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ) । ଏହି ରୂପେ ନିଷ୍ଠା ପୂର୍ବକ କର୍ମ କରି ଚାଲିଲେ ଏପରି ଏକ ଅବସ୍ଥା ଆସିବ ଯେତେବେଳେ ଜଣେ ଅନୁଭବ କରିବ ଯେ ସେ କୌଣସି କର୍ମ କରୁ ନାହିଁ ବା କୌଣସି କର୍ମର କାରଣ ହେଉ ନାହିଁ। ତା'ର ପ୍ରକୃତି ମଧ୍ୟଦେଇ ଭଗବାନ ହିଁ ସକଳ କର୍ମ କରୁଛନ୍ତି । ଭଗବତ୍ ପ୍ରେରଣାରେ ପରିଚାଳିତ ହୋଇ ସେହି ପ୍ରକୃତି ତା'ର ଆତ୍ମବିକାଶରେ ସହାୟକ ହେଉଛି ।

ଦିବ୍ୟକର୍ମୀର ଆଉ ଏକ ଲକ୍ଷଣ ହେଉଛି, ଶାନ୍ତ ଓ ଅନାସକ୍ତ ଭାବରେ ନିଜ କର୍ମକୁ ନିରୀକ୍ଷଣ କରିବା, ପ୍ରକୃତି ନିଜ ଭିତରେ ଯେଉଁ କାର୍ଯ୍ୟ କରିଯାଉଛି ସେଥିରେ ଜଡ଼ିତ ନହୋଇ ସେଥିରୁ ନିଜକୁ ଅପସାରିତ କରିନେବା । ଦ୍ରଷ୍ଟା ଭାବର ଏହା ଏକ ଉର୍ଦ୍ଧ୍ୱସ୍ଥିତି । ଏହାର ପରବର୍ତ୍ତୀ ଅବସ୍ଥା ହେଉଛି ତ୍ରିଗୁଣାତୀତ ଅବସ୍ଥା, ଯେଉଁଥିରେ ଦିବ୍ୟକର୍ମୀ ତ୍ରିଗୁଣମୟୀ ପ୍ରକୃତିର ଉର୍ଦ୍ଧ୍ୱକୁ ଉଠିଯାଏ । ସତ୍ତ୍ୱ, ରଜଃ ଓ ତମଃ ଏହି ତିନିଗୁଣ ତାକୁ କବଳିତ କରିପାରେ ନାହିଁ । ତା' ଭିତରେ ଆତ୍ମଜ୍ଞାନର ଉଦୟ ହୁଏ ଏବଂ ସେ ନିଜକୁ ପ୍ରକୃତିର ଉର୍ଦ୍ଧ୍ୱରେ ଅବସ୍ଥିତ ପରମାତ୍ମାଙ୍କଠାରୁ ଅଭିନ୍ନ ରୂପେ ଉପଲବ୍ଧି କରେ । ସେ ଇନ୍ଦ୍ରିୟଗୁଡ଼ିକର କ୍ରିୟା ସହିତ ଏକାତ୍ମ ନ ହୋଇ ନୈର୍ବ୍ୟକ୍ତିକ ସତ୍ତା ସହିତ ଏକାତ୍ମ ହୋଇଯାଏ । ତା'ର ଏହି ଅନୁଭବ ହୁଏ ଯେ ପ୍ରକୃତି ତା' ଭିତରେ ପୁରୁଷୋତ୍ତମଙ୍କର ସଂକଳ୍ପକୁ ହିଁ କାର୍ଯ୍ୟକାରୀ କରୁଛି । ଏହି କ୍ଷେତ୍ରରେ ଆମେ ଭାବିବା ନାହିଁ ଯେ କର୍ମୀର ବ୍ୟକ୍ତିଗତ ଇଚ୍ଛା ଅପସାରିତ ହୋଇଯିବା ପରେ ପ୍ରକୃତି ଯାନ୍ତ୍ରିକ ଭାବରେ କର୍ମ କରି ଚାଲିବ, ଗୋଟିଏ ପ୍ରକାର କାର୍ଯ୍ୟଧାରାକୁ ପୁନରାବୃତ୍ତି କରି ଚାଲିବ । ଗୀତା ଏପରି ଚିନ୍ତାଧାରାକୁ ଖଣ୍ଡନ କରିଛି, ପୁରୁଷୋତ୍ତମ ତତ୍ତ୍ୱ ଦ୍ୱାରା ଏପରି ଭ୍ରମଧାରଣାକୁ ତାହା ଦୂର କରିଦେଇଛି । ଏହାର ମତ ହେଲା ନୈର୍ବ୍ୟକ୍ତିକ ସତ୍ତା ଭିତରେ ସମସ୍ତ କର୍ମର ଉତ୍ସର୍ଗ କରିବା ଦ୍ୱାରା କର୍ତ୍ତାଭାବର ବ୍ୟକ୍ତିଗତ ଅହଙ୍କାର ଲୋପ ପାଇଯାଏ ସତ, ମାତ୍ର ଏହା ଚୂଡ଼ାନ୍ତ ଲକ୍ଷ୍ୟ ନୁହେଁ । ଏହା କେବଳ ଏକ ଭିତ୍ତି ଯାହା ପରବର୍ତ୍ତୀ ସୋପାନକୁ ଉଠିଯିବାରେ ସାହାଯ୍ୟ କରେ । କର୍ମଯୋଗର ଚୂଡ଼ାନ୍ତ ଲକ୍ଷ୍ୟ ହେଉଛି ସମସ୍ତ କର୍ମକୁ କର୍ମର ପରମ ଅଧୀଶ୍ୱର ସେହି ସର୍ବଭୂତ ମହେଶ୍ୱରଙ୍କୁ ସମର୍ପଣ କରିବା । ଏଠାରେ ଶ୍ରୀକୃଷ୍ଣଙ୍କ ମହାନ୍ ଉପଦେଶ ସ୍ମରଣୀୟ –

''ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟାଧ୍ୟାତ୍ମଚେତସା ।
ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ॥ (୩।୩୦)

ଅର୍ଥାତ୍ ''ଆତ୍ମା ସହିତ ଏକୀଭୂତ ଏକ ଚେତନା ନେଇ ମୋତେ ତୋର ସମସ୍ତ କର୍ମ ଅର୍ପଣ କରି, ବ୍ୟକ୍ତିଗତ ସମସ୍ତ ଆଶା ଆକାଙ୍‌କ୍ଷାରୁ ମୁକ୍ତ ହୋଇ, 'ମୁଁ' ଓ 'ମୋର' ଆଦି ସମସ୍ତ ଭାବକୁ ବର୍ଜନ କରି ଏବଂ ସନ୍ତାପରହିତ ହୋଇ ଯୁଦ୍ଧରୂପକ କର୍ତ୍ତବ୍ୟ କର୍ମ କର ।''

ଏହି ପ୍ରକାର କର୍ମଯୋଗର ଫଳସ୍ୱରୂପ ପୁରୁଷୋତ୍ତମଙ୍କ ପରମ ଇଚ୍ଛାହିଁ ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କରେ, ତା'ର ବ୍ୟକ୍ତିଗତ ଇଚ୍ଛା କିଂବା ପ୍ରକୃତିର ଇଚ୍ଛା ସେଠାରେ କ୍ରିୟା କରେ ନାହିଁ । ଏକ ମୁକ୍ତ ଆତ୍ମା ମଧ୍ୟରୁ ସକଳ କର୍ମ ଉତ୍ସାରିତ ହୁଏ ଏବଂ ଆତ୍ମାକୁ କୌଣସି ପ୍ରକାରେ ବିକୃତ ନକରି ତାହା ଚାଲିଯାଏ, ଠିକ୍ ଯେମିତି ଗଭୀର ସମୁଦ୍ରରେ ଢେଉସବୁ ଉଠି ପୁଣି ସେଥିରେ ମିଳାଇ ଯାଏ ।

ଭଗବାନହିଁ ସମସ୍ତ କର୍ମର ପ୍ରବର୍ତ୍ତକ ଓ ପ୍ରାରମ୍ଭ କର୍ତ୍ତା । ସେ ହିଁ ପ୍ରେରଣାଦାତା ଓ ସକଳ କର୍ମର ନିର୍ଦ୍ଧାରଣକାରୀ । ତାଙ୍କ ପାଖରେ ଆତ୍ମସମର୍ପଣ କରିଥିବା ଦିବ୍ୟକର୍ମୀ କେବଳ ଏକ ଶୁଦ୍ଧ ଓ ନୀରବ ମାଧ୍ୟମ ମାତ୍ର । ତା'ର ପ୍ରକୃତି ଭିତରେ ଦିବ୍ୟଶକ୍ତିହିଁ ଦିବ୍ୟକର୍ମ ସମ୍ପାଦନ କରେ । ଏହି ପ୍ରକାର କର୍ମ ହେଉଛି ମୁକ୍ତ ଆତ୍ମାର କର୍ମ, 'ମୁକ୍ତସ୍ୟ କର୍ମ' । ମୁକ୍ତ ପୁରୁଷ ସକଳ କର୍ମକୁ ପୁରୁଷୋତ୍ତମ ଭଗବାନଙ୍କ ଉଦ୍ଦେଶ୍ୟରେ ଯଜ୍ଞ ରୂପେ ସମ୍ପାଦନ କରିପାରେ, କାରଣ ତା'ର ମନ, ହୃଦୟ ଓ

ଆତ୍ମା ସମସ୍ତ ଆସକ୍ତିରୁ ମୁକ୍ତ ହୋଇ ଆତ୍ମଜ୍ଞାନରେ ପ୍ରତିଷ୍ଠିତ ହୋଇଥା'ନ୍ତି (ଗତସଂଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ), ତା'ର କର୍ମସକଳ ସମ୍ପାଦିତ ହେବା ମାତ୍ରେ ହିଁ ବ୍ରହ୍ମଙ୍କ ଭିତରେ ବିଲୀନ ହୋଇଯା'ନ୍ତି (କର୍ମ ସମଗ୍ରଂ ପ୍ରବିଲୀୟତେ)। ସେଗୁଡ଼ିକ ତା'ର ବିଶୁଦ୍ଧ ଆତ୍ମା ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାନ୍ତି ନାହିଁ। ଦିବ୍ୟକର୍ମୀ ପକ୍ଷରେ କୌଣସି କର୍ମ ବନ୍ଧନର କାରଣ ହୁଏ ନାହିଁ। ବରଂ ପ୍ରକୃତିର ଅଧୀଶ୍ୱର ପୁରୁଷୋତ୍ତମଙ୍କ ସହିତ ଏକାତ୍ମତା ଲାଭ କରିବାରେ ତାହା ସାହାଯ୍ୟ କରେ। ଦିବ୍ୟକର୍ମୀର ମନ, ପ୍ରାଣ ଓ ଶରୀର ମଧ୍ୟ ଦେଇ ପୁରୁଷୋତ୍ତମ ଅବାଧରେ ନିଜର ପରମ ସଂକଳ୍ପକୁ କାର୍ଯ୍ୟକାରୀ କରିଥା'ନ୍ତି।

❑❑❑

# ଦିବ୍ୟ ଜନନୀ

## ସୁନାମଣି ରାଉତ

ଦିବ୍ୟଜନନୀ କରୁଣାମୟୀ ମା
ଅଧ୍ୟାତ୍ମ-ଜଗତ-ରାଣୀ
ଯୁଗ ଯୁଗ ପାଇଁ ପଥ ଦେଖାଉଛି
ତୁମ ଶାଶ୍ୱତ ବାଣୀ।

ତୁମେ ମହୀୟସୀ ଭୂମାର ରୂପସୀ
ଭୂମିରେ ଥାପିଛ ପାଦ
ଫୁଟାଇଛ ଫୁଲ ତୁଟାଇଛ କେତେ
ବାଦ ଆଉ ବିସମ୍ବାଦ।

ତୁମ କରୁଣାରୁ କାଣିଚାଏ ଯିଏ
ଲଭି ହୋଇଅଛି ଧନ୍ୟ
ଏ ସାରା ସଂସାରେ ମଣିଷ ଭିତରେ
ସେହି ଏକା ଭାଗ୍ୟବାନ।

ନିରାଶା ଭିତରେ ତୁମେ ଜଳାଇଛ
ଆଶାର ଉଜ୍ଜ୍ୱଳ ବତି
ବିଫଳତା ପଥେ ତୁମେ ଦେଖାଇଛ
ଶତ ସଫଳତା-ବୀଥି।

'କଥାରେ ନକହି କର୍ମ କରିଯାଅ'
— ଏହି ତ ତୁମର ବାର୍ତ୍ତା
କ୍ରିୟା ଓ କର୍ମର ସଫଳ ବିଧାତ୍ରୀ
ତୁମେ ସେ ଅଦୃଶ୍ୟ କର୍ତ୍ତା।

ତୁମ ସ୍ୱପ୍ନର ଏ ଧରଣୀ ଦିନେ
ହେବ ଦୁଃଖ, ଶୋକ ଶୂନ୍ୟ
ଜରା, ବ୍ୟାଧି, ମୃତ୍ୟୁ ଊର୍ଦ୍ଧ୍ୱରେ ମଣିଷ
ଲଭିବ ଦିବ୍ୟଜ୍ଞାନ।

ମଣିଷ ଭିତରେ ଦିବ୍ୟ ଅନୁଭବ
ଅଚିରେ ଉଠିବ ଜାଗି
ତୁମ ସାଧନାର ସିଦ୍ଧି ଫଳରେ
ମଣିଷ ହୋଇବ ଭାଗୀ।

ଆଶିଷ ଦିଅ ମା ମମତାମୟୀ ଗୋ
ବିଶ୍ୱକଲ୍ୟାଣୀ ମାଆ
ଯୁଗ ଯୁଗ ପାଇଁ ଦିବ୍ୟଜନନୀ
ହୋଇଥାଅ ଆମ ସାହା !! ❑



ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୮୩)

**'ନୂତନ ସେକ୍ରେଟେରିଏଟ୍' ଓ ମା'ଙ୍କର 'ସାଲୌଁ' :**

ଆଶ୍ରମର ପ୍ରଧାନ ଅଟ୍ଟାଳିକାରେ 'ନୂତନ ସେକ୍ରେଟେରିଏଟ୍' ନିର୍ମାଣ କାର୍ଯ୍ୟଟି ହେଉଛି ୧୯୨୯ରୁ ଆଜି ପର୍ଯ୍ୟନ୍ତ ହୋଇଥିବା ନୂତନ ନିର୍ମାଣ କାର୍ଯ୍ୟ ଭିତରେ ସବୁଠାରୁ ବଡ଼ ଧରଣର ନିର୍ମାଣ । ଏଥିରେ ଥିବା ଅନ୍ୟ ତିନୋଟି ବାସଭବନର ପୁରୁଣା ଗଠନ-ଶୈଳୀ ପ୍ରାୟ ସେମିତି ରହିଥିବା ସତ୍ତ୍ୱେ ଚତୁର୍ଥଟିର ଅର୍ଥାତ୍ 'ପୁରୁଣା ସେକ୍ରେଟେରିଏଟ୍'ର କୌଣସି ଚିହ୍ନବର୍ଣ୍ଣ ନାହିଁ; ହୁଏତ କେତୋଟି ସ୍ଥାନରେ ଏହାର ସୀମାସୂଚକ କାନ୍ଥର ଅଂଶ ବିଶେଷ ରହିଛି ମାତ୍ର । ନୂତନଟି 'ମେଡ଼ିଟେସନ୍ ହାଉସ୍' ଓ 'ଲାଇବ୍ରେରି ହାଉସ୍'ର ଗଠନ-ଶୈଳୀରେ ଏମିତି ନିପୁଣ ଭାବରେ ଏକୀଭୂତ ବା ଅଙ୍ଗାଙ୍ଗିତା କରି ଗଢ଼ାଯାଇଛି ଯେ ବର୍ତ୍ତମାନ ଦର୍ଶକ ସହଜରେ ଅନ୍ୟ ତିନୋଟିଠାରୁ ଏହାର ଭିନ୍ନତା ବାରିନେବା ଆୟାସସାଧ । (ତେଣୁ ପାଠକମାନଙ୍କୁ ଅନୁରୋଧ ଯଦି ସମ୍ଭବ ହୁଏ ତେବେ 'The Story of the Main Building' ସଚିତ୍ର ପୁସ୍ତକଟିକୁ ଥରେ ଓଲଟାଇ ସବୁକିଛି ଦେଖି ନିଅନ୍ତୁ ଓ ପଢ଼ି ନିଅନ୍ତୁ ।)

'ନୂତନ ସେକ୍ରେଟେରିଏଟ୍'ର 'ବାଲ୍‌କୋନି ବ୍ଲକ୍'ଟି ୧୯୨୯ରୁ ୧୯୩୦ ଭିତରେ ନିର୍ମାଣ କରାଯାଇଥିଲା । ଏହି ବ୍ଲକ୍‌ଟି ନିର୍ମାଣ ସମୟରେ ପୁରୁଣା କୋଠାର ଗଠନଟିକୁ ଅକ୍ଷତ ରଖି କେବଳ 'ଲାଇବ୍ରେରି ହାଉସ୍'କୁ ଲାଗି ତା'ର ଅଗଣା ଏବଂ ତତ୍-ସଂଲଗ୍ନ 'ଲାଇବ୍ରେରି ହାଉସ୍'ର ଗ୍ୟାରେଜ୍‌ଟିକୁ ଭାଙ୍ଗି ପୁନଃ-ନିର୍ମାଣ କରାହୋଇଥିଲା । 'ବାଲ୍‌କୋନି ବ୍ଲକ୍'ଟି ଦୁଇ ମହଲା ବିଶିଷ୍ଟ : ଉତ୍ତରପଟ 'ବାଲ୍‌କୋନି' (ଏବେ ଯାହା ଆମେ ଦେଖୁଛୁ)କୁ ଲାଗି ଉପର ମହଲାରେ ପବିତ୍ରଙ୍କର ଏକ ଛୋଟ ଘର ଏବଂ ତତ୍ ସଂଲଗ୍ନ ଲମ୍ବା ହଲ୍ ଏବଂ ତଳ ମହଲାରେ ପବିତ୍ରଙ୍କର କର୍ମଶାଳା, ଆଟେଲିୟର୍; (ସେତେବେଳେ ଆଶ୍ରମ ଭିତରେ ସବୁପ୍ରକାର କର୍ମକ୍ଷେତ୍ର ରହିଥିଲା), ତା' ପାଖକୁ ମା'ଙ୍କର କାର୍ ରହିବାର ଗ୍ୟାରେଜ୍ ଏବଂ ଆଁଦ୍ରେଙ୍କର ଅଫିସ ଏବଂ ଅଫିସ ସାମନାରେ ଖମ୍ବ ଦ୍ୱାରା ଆଶ୍ରିତ ଛାତ (ପୋର୍ଟିକୋ), ବର୍ତ୍ତମାନ ଯାହାର ଚଟାଣରେ ବସି ଉପରଓଳି ସମାଧିର ଫୁଲ ସଜାଇବା କାର୍ଯ୍ୟ କରାଯାଏ । ଏହି ସମାନ ସମୟରେ 'ବାଲ୍‌କୋନି ବ୍ଲକ୍'କୁ ଲାଗି ନୋଟିସ୍ ବୋର୍ଡ ବାରଣ୍ଡାର ତଦାନୀନ୍ତନ ଟାଇଲ ଛପରକୁ ଭାଙ୍ଗି ସିମେଣ୍ଟ ଛାତ ପ୍ରସ୍ତୁତ କରାଯାଇ ଏହା ସହିତ ସଂଯୁକ୍ତ କରାଯାଇଥିଲା । ଏବଂ ପୂର୍ବରୁ ଥିବା (୧୯୨୯ ପୂର୍ବରୁ) ଆଶ୍ରମର ରନ୍ଧନଶାଳା, ଗ୍ୟାରେଜ୍ ଏବଂ ଗ୍ୟାରେଜ୍ ଭିତର ଦେଇ ପ୍ରବେଶ କରି ଅଗଣାରେ ଗାଈଆଳମାନେ ଦୁଧ ଦୁହିଁ ଦେବା ସକାଶେ ଥିବା ଆଶ୍ରୟ ସ୍ଥଳଟିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପୁରୁଷ ଓ ନାରୀମାନଙ୍କ ସକାଶେ ଶୌଚାଳୟ ନିର୍ମାଣ କରାଯାଇଥିଲା (ଏବେ ଯେଉଁଠି ରହିଛି) ।

ଦ୍ୱିତୀୟ ପର୍ଯ୍ୟାୟରେ (୧୯୩୧ରୁ ୧୯୩୨ ମଧ୍ୟରେ) 'ପୁରୁଣା ସେକ୍ରେଟେରିଏଟ୍'କୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଦେଇ ନୂତନ କରି 'ମେଡିଟେସନ୍ ହାଉସ୍' ଓ 'ବାଲ୍‌କୋନି ବ୍ଲକ୍' ସହିତ ସଂଯୋଗ କରି ଦିଆ ଯାଇଥିଲା । ପ୍ରଥମେ ଉପର ମହଲାରେ ପବିତ୍ରଙ୍କର କକ୍ଷକୁ ଲାଗି ତାଙ୍କର ଲାବୋରେଟୋରୀ କକ୍ଷ, ଅଳିନ୍ଦ ଥାଇ ମା'ଙ୍କର ବ୍ୟକ୍ତିଗତ ବ୍ୟବହାର ସକାଶେ କେତୋଟି କକ୍ଷ ଏବଂ ମା'ଙ୍କର 'ସାଲୌଁ', ବିଶ୍ରାମ କକ୍ଷ । ଏବଂ ତଳ ମହଲାରେ ସକାଳର ଫୁଲ ସଜାଇବା ଓ ଧୂପ ବିତରଣ କରିବା ସକାଶେ ଉନ୍ମୁକ୍ତ ପ୍ରାଙ୍ଗଣ ତଥା ଆଜ୍‌ବେଷ୍ଟର ଛାଉଣି ଥିବା ସ୍ଥାନ, ତା' ସାଙ୍ଗକୁ ଦ୍ୟୁମାନ୍‌ଙ୍କର କକ୍ଷ, ରାଧାନନ୍ଦ*ଙ୍କର କକ୍ଷ

* ରାଧାନନ୍ଦ ସୁଧାନନ୍ଦ ଭାରତୀ (ମାତୃପିତୃଦତ୍ତ ନାମ ଭେଙ୍କଟ ସୁବ୍ରମନିୟମ୍) ୧୮୯୭ରେ ମଦୁରାଇର ଶିବଗଙ୍ଗାରେ ଜନ୍ମଗ୍ରହଣ କରିଥିଲେ ଏବଂ ବିଖ୍ୟାତ କବି ସୁବ୍ରମନିୟମ୍ ଭାରତୀଙ୍କୁ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି କରୁଥିଲେ; ନିଜେ ମଧ୍ୟ ଭଲ କବିତା ଲେଖୁଥିଲେ, ଶ୍ରୀଅରବିନ୍ଦ ତାଙ୍କର ବେଶ୍ କେତୋଟି କବିତା ଦେଖିଛନ୍ତି ।... ଗୁରୁ ହେବାକୁ ତୀବ୍ର ଇଚ୍ଛା ଥିବାରୁ ୧୯୨୮ରୁ ୧୯୫୦ ପର୍ଯ୍ୟନ୍ତ ଏଠାରେ ରହିଥିବା ସତ୍ତ୍ୱେ ସେ ବାହାରକୁ ଚାଲି ଯାଇଥିଲେ ।

(ଏବେ ବୁଲେଟିନ୍ ଅଫିସ୍), ତା'ପରେ ଇଞ୍ଜିନିୟର୍ ଚନ୍ଦୁଲାଲଙ୍କର କକ୍ଷ (ପରେ ନୀରଦବରଣ ଏଥିରେ ରହିଥିଲେ), ପାର୍ଶ୍ୱରେ ଥିବା ଉପର ମହଲାକୁ ଶିଡ଼ି ପାହାଚ ଏବଂ ତା'ପରେ ସ୍ନାନାଗାର ଓ ଶୌଚାଳୟ । ଦ୍ୟୁମାନ୍‌ଙ୍କର କକ୍ଷ ଏବେ ଅଫିସ ଭାବେ ବ୍ୟବହାର ହେଉଛି ।

ପୁନଶ୍ଚ ଏହି ଦ୍ୱିତୀୟ ସମୟକାଳ ମଧ୍ୟରେ 'ଲାଇବ୍ରେରି ହାଉସ୍'ରେ ଥିବା ଅନ୍ୟ ଏକ ଗ୍ୟାରେଜ୍ ଓ କଦଳୀ ବଗିଚାର କିଛି ସ୍ଥାନକୁ ନେଇ 'ପ୍ରସ୍ପରିଟି ବ୍ଲକ୍' (ଏହାର ଅଫିସ୍ ଓ ଷ୍ଟୋର୍) ନିର୍ମିତ ହୋଇ 'ବାଲ୍‌କୋନି ବ୍ଲକ୍' ସହିତ ସଂଯୁକ୍ତ କରି ଦିଆ ଯାଇଥିଲା । ୧୯୨୯ରୁ ୧୯୩୪ ପର୍ଯ୍ୟନ୍ତ ଥିବା ପୁରୁଷମାନଙ୍କ ଭୋଜନାଳୟ ଭାଙ୍ଗି ପରେ ଶୀତତାପ ନିୟନ୍ତ୍ରିତ କକ୍ଷ ଓ 'ଫଳ ସଂରକ୍ଷଣ କକ୍ଷ' (Fruits Room) ନିର୍ମିତ ହୋଇଥିଲା ।

ତେଣୁ ଅକ୍‌ଟୋବର ୧୯୩୦ ବେଳକୁ 'ବାଲ୍‌କୋନି ବ୍ଲକ୍'ର ନିର୍ମାଣ କାର୍ଯ୍ୟ ଶେଷ ହେଲା । ଫେବ୍ରୁଆରୀ ୧୯୩୧ରେ 'ପୁରୁଣା ସେକ୍ରେଟେରିଏଟ୍'କୁ ଭାଙ୍ଗି ପ୍ରଥମେ ପ୍ରଥମ ମହଲାର କାର୍ଯ୍ୟ ଆରମ୍ଭ କରାଗଲା; ଅର୍ଥାତ୍ ମା'ଙ୍କର 'ସାଲୋଁ' ସହିତ ବାରଣ୍ଡା ଥାଇ ମା'ଙ୍କର 'ଗ୍ରୀନ୍ ରୁମ୍' । ଏହା ଜୁନ୍ ମାସ ବେଳକୁ ଶେଷ ହୋଇ ଆସିଥିଲା ଏବଂ 'ପ୍ରସ୍ପରିଟି ବ୍ଲକ୍'ର ନିର୍ମାଣ କାମ ମଧ୍ୟ ଆରମ୍ଭ ହୋଇଥିଲା ।

୧୯୩୨ର ଜାନୁଆରୀ ପହିଲାରେ ଇଞ୍ଜିନିୟର୍ ଚନ୍ଦୁଲାଲ ନବନିର୍ମିତ କୋଠାଟିର ନିର୍ମାଣ କାର୍ଯ୍ୟକୁ ତଦାରଖ ଓ ପରିଦର୍ଶନ କରିବାକୁ ମା'ଙ୍କୁ ଅନୁରୋଧ କଲେ । ମା ତାଙ୍କର ବ୍ୟସ୍ତତାପୂର୍ଣ୍ଣ କର୍ମସୂଚୀ ମଧ୍ୟରେ ମାତ୍ର ଦଶ ମିନିଟ ଦେଇ ପାରିବେ ବୋଲି ସମ୍ମତି ପ୍ରଦାନ କରିଥିଲେ । ମା'ଙ୍କର ପରିଦର୍ଶନ ପରେ ମା'ଙ୍କ ସକାଶେ ନିର୍ମିତ ପ୍ରଥମ ମହଲାର କକ୍ଷସବୁକୁ ପ୍ରଥମେ ବସବାସ ଉପଯୋଗୀ କରିବାର ଅଗ୍ରାଧିକାର ଦିଆ ଯାଇଥିଲା ।

ଦ୍ୟୁମାନ୍‌ଙ୍କ ଉକ୍ତିରେ ମା'ଙ୍କର 'ସାଲୋଁ' ('ବୁଲେଟିନ୍ ଅଫିସ୍'ର ଠିକ୍ ଉପରେ ଏବଂ ଏବେ ଆମେ ଦର୍ଶନ ଦିନରେ ମା'ଙ୍କର ଦୁଇ ମହଲା କକ୍ଷ ଦର୍ଶନ କରି ଶିଡ଼ି ପାହାଚରେ ତଳକୁ ଓହ୍ଲାଇ ଯେଉଁ କକ୍ଷ ଭିତର ଦେଇ ଆସି ଶ୍ରୀଅରବିନ୍ଦଙ୍କ ରୁମ୍‌କୁ ଦର୍ଶନ ନିମିତ୍ତ ପ୍ରବେଶ କରୁ ବା ତଳକୁ ଓହ୍ଲାଇ ଆସୁ, ସେଇ ଲମ୍ୱା କକ୍ଷଟି 'ସାଲୋଁ' ।) ଏହା ୨୪ ଏପ୍ରିଲ ୧୯୩୨ରେ ଉଦ୍‌ଘାଟିତ ହୋଇଥିଲା । କଥିତ ଅଛି ଯେ ଏହି ଉପଲକ୍ଷେ ତଳ ମହଲାର ମେଡ଼ିଟେସନ୍ ହଲ୍‌ରେ ମା'ଙ୍କ ଉପସ୍ଥିତିରେ ଦିଲୀପ ଓ ସାହାନାଙ୍କର ସଙ୍ଗୀତ କାର୍ଯ୍ୟକ୍ରମ ରଖା ଯାଇଥିଲା । (The Story : P. 51 - 52)

ଏହା ପରେ ତଳ ମହଲାର ନିର୍ମାଣ କାର୍ଯ୍ୟ ହାତକୁ ନିଆ ଯାଇଥିଲା । ଦ୍ୟୁମାନ୍‌ଙ୍କ ଉକ୍ତିରେ, ''ଜୁନ୍ ୧୯୩୨ରେ ନୂତନ ସେକ୍ରେଟେରିଏଟ୍‌ରେ ମୋର ନୂତନ ଗୃହରେ ପ୍ରବେଶ କରିବାର ଥିଲା । ସମସ୍ତଙ୍କର ଦୃଢ଼ ଧାରଣା ଥିଲା ମା ମୋତେ ମୋର ଜନ୍ମଦିନ ୧୯ ଜୁନ୍‌ରେ ଗୃହପ୍ରବେଶ କରିବାକୁ କହିବେ । (ମୋର ୨୯ତମ ଜନ୍ମଦିବସରେ) । କିନ୍ତୁ ମା ୧୯ ତାରିଖରେ କିଛି ନ କହି ୨୧ ଜୁନ୍‌ରେ ମୋତେ ଲେଖି ଜଣାଇଲେ, 'ଦ୍ୟୁମାନ୍, ଆଜି ତୁମେ ତୁମର ନୂଆ ଘରକୁ ପ୍ରବେଶ କର । ଯେହେତୁ ଆଜି ଆଲୋକର ସବୁଠାରୁ ବଡ଼ ଦିନ (the longest day of the light) ଏବଂ ତୁମେ 'light' (ଦ୍ୟୁତିମାନ୍, ଦ୍ୟୁମାନ୍) ।' ''

ପ୍ରକାଶ ଥାଉ କି ମେ ୧୯୨୭ରେ ଦ୍ୟୁମାନ୍ ସ୍ଥାୟୀଭାବେ ଆଶ୍ରମବାସୀ ହେବା ମାନସରେ ଆସିବା ପରେ ତାଙ୍କୁ 'ଗେଷ୍ଟ୍ ହାଉସ୍'ରେ କିଛି ଦିନ ରହିବାକୁ ହୋଇଥିଲା । ପରେ ତାଙ୍କୁ 'ଆଟେଲିଆର୍' (ପବିତ୍ରଙ୍କର ତଦାନୀନ୍ତନ କର୍ମଶାଳା; ପରେ ପୂଜାଲାଲଜୀଙ୍କର କକ୍ଷ ଥିଲା)ରେ ରହିବାକୁ ଦିଆଗଲା ଏବଂ ଏହା ପରେ ତାଙ୍କୁ କାର୍ଡବୋର୍ଡ ବକ୍ସ ତିଆରି ହେଉଥିବା ଘରକୁ ସ୍ଥାନାନ୍ତରିତ କରାଯାଇଥିଲା । ଶେଷରେ ସେ ତାଙ୍କର ନୂତନ ତଥା ଶେଷ ଜୀବନ ପର୍ଯ୍ୟନ୍ତ ବିତାଇଥିବା କକ୍ଷକୁ ପ୍ରବେଶ କଲେ । ତାଙ୍କର ଏଇ କକ୍ଷର ଠିକ୍ ଉପରେ ମା'ଙ୍କର 'ସାଲୋଁ' ସଂଲଗ୍ନ ଟେରାସ୍ (ଛାତ) ରହିଛି ।

ଶ୍ରୀମାଶ୍ରୀଅରବିନ୍ଦ 'ମେଡିଟେସନ୍ ହାଉସ୍'କୁ ୭ ଫେବ୍ରୁଆରୀ ୧୯୨୭ରେ ପ୍ରବେଶ କରିବା ପରେ ଦୁହିଁଙ୍କର ବୈଠକ କକ୍ଷଟି ଥିଲା ଏହାର ଏକେବାରେ ଉତ୍ତର-ପୂର୍ବ କୋଣରେ । ଦୁହେଁ ସେଠାରେ ବସି ଚିଠିପତ୍ରର ଉତ୍ତର କିପରି ଦିଆଯିବ, ସେ ସମ୍ବନ୍ଧେ ଆଲୋଚନା କରି ଉତ୍ତର ଦେଉଥିଲେ ।

ଏବେ ଦ୍ୟୁମାନ୍‌ଙ୍କ ଉକ୍ତିରୁ, ''ଶ୍ରୀଅରବିନ୍ଦ ଅନ୍ତରାଳରେ ବାସ କରିବା ପରେ ମା'ଙ୍କ ପଶ୍ଚାତ୍‌ରେ ରହି ସେ ଆଶ୍ରମ-ପରିଚାଳନାର ସମସ୍ତ କର୍ମରେ ତାଙ୍କୁ ସାହାଯ୍ୟ କରୁଥିଲେ । ତନ୍ମଧ୍ୟରୁ ଅନ୍ୟତମ ସାହାଯ୍ୟ ଥିଲା ଚିଠିପତ୍ରର ଉତ୍ତର ଲେଖିବା । ସାରାଦିନର ବ୍ୟସ୍ତତାପୂର୍ଣ୍ଣ କର୍ମଭାରର ସମାପ୍ତି ପରେ ମା ତାଙ୍କ 'ସାଲୋଁ'ରେ ଛାତ ଆଡ଼କୁ ଥିବା ଦରଜା ନିକଟରେ

ଆରାମ ଚେୟାରରେ ନିଜର ଶରୀରକୁ କିଛିକ୍ଷଣ ସକଶେ ଶିଥିଳ କରି ଦେଉଥିଲେ । ପାର୍ଶ୍ୱରେ ଥାଏ ଶ୍ରଅରବିନ୍ଦଙ୍କ ଚେୟାର ଓ ଟେବୁଲ । ଶ୍ରୀଅରବିନ୍ଦ ସେହି ସମୟରେ ସେଠାରେ ବସି ଚିଠିପତ୍ରର ଉତ୍ତର ସବୁ ଲେଖୁଥିଲେ । ମା ତାଙ୍କର ବିଶ୍ରାମରୁ ଜାଗି ଉଠିବା ପରେ ଶ୍ରୀଅରବିନ୍ଦ ଉତ୍ତର ଦେଉଥିବା ଚିଠିସବୁ ମଧ୍ୟରୁ ଯେଉଁଥିରେ ମା'ଙ୍କୁ ପଚାରି ବା ପରାମର୍ଶ କରି ଲେଖିବାର ଥାଏ, ସେସବୁ ଜାଣି ନେଉଥିଲେ । ମୁଁ ଏ ବିଷୟରେ ଜାଣିଥିଲି, କାହିଁକି ନା ମା କେବେ କେବେ ତାଙ୍କ ଛାତ ସଂଲଗ୍ନ ଦରଜା ଖୋଲି 'ଦ୍ୟୁମାନ୍' ବୋଲି ଡାକୁଥିଲେ । ଏଇଥିପାଇଁ ତଳେ ମୋ ଘର କାନ୍ଥକୁ ଆଉଜି ଶିଡ଼ିଟିଏ ରଖିଥାଏ । ମା ଡାକିବା ମାତ୍ରେ କାଳବିଳମ୍ବ ନକରି ଶିଡ଼ିରେ ଚଢ଼ି ତୁରନ୍ତ ତାଙ୍କୁ ଭେଟୁଥିଲି । ମୁଁ ଏହି ବନ୍ଦୋବସ୍ତ ଏଇଥିପାଇଁ କରିଥିଲି ଯେ ମୁଁ ଯଦି ମୋ ରୁମ୍‌ରୁ ବାହାରି ମେଡ଼ିଟେସନ୍ ହଲକୁ ଯାଇ ଶିଡ଼ି ପାହାଚରେ ଉଠି ତାଙ୍କୁ ଯାଇ ଭେଟିବି ତେବେ ବହୁତ ସମୟ ଧରି ମା'ଙ୍କୁ ମୋ ପାଇଁ ଅପେକ୍ଷା କରିବାକୁ ହେବ । ତେଣୁ ଉପରୋକ୍ତ ବନ୍ଦୋବସ୍ତଟି ଖୁବ୍ ଫଳପ୍ରଦ ଥିଲା । ମୁଁ ମା'ଙ୍କୁ ଛାତ ଦରଜା ସାମନାରେ ଭେଟୁଥିଲି । ମା କେତୋଟି ଚିଠି ସମ୍ବନ୍ଧେ ସଠିକ୍ ଭାବରେ ଜାଣିବା ସକାଶେ ମୋତେ ପଚାରୁଥିଲେ । ମୋଠୁଁ ସମସ୍ତ ବିବରଣୀ ଅବଗତ ହୋଇ ସେ ଭିତରକୁ ଯାଇ ଶ୍ରୀଅରବିନ୍ଦଙ୍କୁ ଜଣାଉଥିଲେ; ତା'ପରେ ଶ୍ରୀଅରବିନ୍ଦ ଚିଠିଟିର ଉତ୍ତର ଦେଉଥିଲେ ।''

ଚମ୍ପକଲାଲଙ୍କର 'ପୂର୍ବସ୍ମୃତି ଓ ଦିନଲିପିର ବିବରଣୀ'ରୁ କିଛି : ''ସେସମୟରେ ଶ୍ରୀଅରବିନ୍ଦ ସାଧକମାନଙ୍କର ଚିଠିପତ୍ରର ଉତ୍ତର ଦେଉଥା'ନ୍ତି । 'ଧ୍ୟାନ ଗୃହ'ର ପ୍ରଥମ ମହଲାକୁ ଯାଇଥିବା ପାହାଚର ଶୀର୍ଷ ସ୍ଥାନରେ ଗୋଟିଏ ଟ୍ରେ ରହିଥାଏ । ସେଇ ଟ୍ରେରେ ସାଧକମାନେ ଚିଠିପତ୍ର ରଖି ଥାଆନ୍ତି । ସନ୍ଧ୍ୟା ସମୟରେ ମୁଁ ସେଇ ଟ୍ରେକୁ ଭିତରକୁ ଆଣି ମା'ଙ୍କୁ ଦେଉଥିଲି । ମା ସେଇଟିକୁ 'ସାଲୋଁ'ରେ ଶ୍ରୀଅରବିନ୍ଦଙ୍କ ବସିଥିବା ସ୍ଥାନକୁ ନିଅନ୍ତି । ସେଠାରେ ଉଭୟ ଆଲୋଚନା କରି ଚିଠିସବୁର ଉତ୍ତର ଦିଅନ୍ତି । ଏହି ସମୟରେ ମୁଁ ଶ୍ରୀଅରବିନ୍ଦଙ୍କର ସ୍ନାନାଗାରର ଦରଜା ନିକଟରେ ଥିବା ଛୋଟ ଆଲମିରା ଉପରେ ଗୋଟିଏ ଟ୍ରେରେ ସୁପ୍ ଫ୍ଲାସ୍କ ଓ ଗୋଟିଏ କପ୍ ରଖି ଅପେକ୍ଷା କରିଥାଏ । ଚିଠିପତ୍ର ଲେଖାଲେଖି ସରିବା ପରେ ଶ୍ରୀଅରବିନ୍ଦ ନିଜେ ଆସି ମୋ ପାଖରେ ଛିଡ଼ା ହୁଅନ୍ତି ଏବଂ ମୁଁ ଫ୍ଲାସ୍କରୁ କପ୍ ମଧ୍ୟକୁ ସୁପ୍ ଢାଳିସାରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି । ତା'ପରେ ସେ ଦୁଇ ହାତରେ ଗୋଟିଏ ଥାଳିଆ ଉପରେ କପ୍‌ଟି ରଖି ଧୀରେ ଧୀରେ ଅତି ସନ୍ତର୍ପଣର ସହିତ ମା ଅପେକ୍ଷା କରିଥିବା ସ୍ଥାନକୁ ନିଅନ୍ତି । କପ୍-ଥାଳିଆ ଧରି ଶ୍ରୀଅରବିନ୍ଦଙ୍କର ଏହି ସମୟର ଚାଲି କି ସ୍ୱର୍ଗୀୟ !

''ସେସମୟରେ ମୁଁ ବୁଝିପାରୁ ନଥିଲି ଶ୍ରୀଅରବିନ୍ଦ କାହିଁକି ଆସି ମା'ଙ୍କ ଲାଗି ସୁପ୍ କପ୍ ନେଉଥିଲେ, ବିଶେଷ କରି ଠିକ୍ ଟିକିଏ ପରେ ଯେତେବେଳେ ମା ନିଜେ ମୋ ପାଖଦେଇ ଯାଉଥିଲେ । ପରେ ମୁଁ ଏହାର ଗଭୀର ତାତ୍ପର୍ଯ୍ୟ ବୁଝିପାରିଥିଲି ।

''ସେଇ ଏକାଭଳି କଥା ଲାଇବ୍ରେରି ହାଉସରେ ଥିବା ବେଳେ ପ୍ରଥମେ ପ୍ରଥମେ ଘଟୁଥିଲା । ଆରମ୍ଭରେ ମୁଁ ବାରଣ୍ଡାରେ ହେଉଥିବା ସାନ୍ଧ୍ୟ ଆଳାପରେ ଯୋଗ ଦେଉଥିଲି । ପରେ ଯେତେବେଳେ ମା'ଙ୍କ ସହିତ ଭିତରେ କାମ କରିବା ଆରମ୍ଭ କଲି ସେତେବେଳେ ମୁଁ ଆଳାପରେ ଯୋଗ ଦେବା ବନ୍ଦ କରି ଦେଲି; କାରଣ ଠିକ୍ ସେହି ସମୟରେ ଘର ଭିତରେ ମୋର କାମ ଥିଲା । କାମ ସରିଗଲେ ମୁଁ ଘର ଭିତରୁ ବାହାରି ଗାଧୁଆ ଘର ପାଖରେ ଅପେକ୍ଷା କରିଥାଏ । ଆଳାପ ପରେ ଶ୍ରୀଅରବିନ୍ଦ ମୁଁ ଯେଉଁଠାରେ ଠିଆ ହୋଇଥାଏ ସେଠାକୁ ମୋତେ ଭିତରକୁ ଡାକି ନେବା ସକାଶେ ଆସନ୍ତି, ଏବଂ ମୁଁ ତାଙ୍କ ପଛେ ପଛେ ଭିତରକୁ ଯାଏ । ମା ତାଙ୍କର ଶୋଇବା ଖଟ ଉପରେ ବସିଥା'ନ୍ତି, ଶ୍ରୀଅରବିନ୍ଦ ସେଇଠି ପାଖରେ ଛିଡ଼ା ହୁଅନ୍ତି ଓ ମୁଁ ମା'ଙ୍କୁ ପ୍ରଣାମ କରେ ।

''ମୁଁ ଯେଉଁଠାରେ ଛିଡ଼ା ହୋଇଥାଏ ସେଠାକୁ ସ୍ୱୟଂ ଶ୍ରୀଅରବିନ୍ଦ ଯାଇ ମୋତେ କାହିଁକି ଡାକି ଆଣୁଥିଲେ ? ଏ କ୍ଷେତ୍ରରେ ମଧ୍ୟ ଏହାର ଉତ୍ତର ଧୀରେ ଧୀରେ ମୋ ମଧ୍ୟରେ ଉଦୟ ହେଲା ।''

*

''ମୁଁ ଥରେ ଶ୍ରୀଅରବିନ୍ଦଙ୍କୁ କହିଲି ଯେ ମା କିପରି ଭିନ୍ନ ଭିନ୍ନ ଲୋକଙ୍କୁ ସେଇ ଗୋଟିଏ ପ୍ରଶ୍ନର ବ୍ୟାଖ୍ୟା ଭିନ୍ନ ରକମର ଦେଉଛନ୍ତି ଓ ଭିନ୍ନ ଭିନ୍ନ ଲୋକଙ୍କୁ ଭିନ୍ନ ଭିନ୍ନ ଉତ୍ତର ଦେଉଛନ୍ତି – ଏକଥା ମୁଁ ବୁଝିପାରୁ ନାହିଁ ।

''ଶ୍ରୀଅରବିନ୍ଦ ଦୃଢ଼ ସ୍ୱରରେ ଉତ୍ତର ଦେଲେ : 'ତାଙ୍କର ଏପରି କରିବାର କାରଣ ରହିଛି ।' ''

*

''ଆଶ୍ରମକୁ ଆସିବା ପାଇଁ ଅନୁମତି ପ୍ରାର୍ଥନା କରି ବିଭିନ୍ନ ଲୋକ ଯେତେବେଳେ ଚିଠି ଲେଖୁଥିଲେ, ମା'ଙ୍କ ଉତ୍ତର

ସ୍ୱରୂପ ସେମାନଙ୍କୁ ଯେତେବେଳେ ମୁଁ ଉତ୍ତର ଦେଉଥିଲି ସେତେବେଳେ ସମୁଦାୟ ଉତ୍ତରଟି ଶ୍ରୀଅରବିନ୍ଦ ପ୍ରସ୍ତୁତ କରି ଦେଉଥିଲେ । ତା'ର ଏକ ନମୁନା :

'ମୁଁ ତୁମର ଚିଠି ମା'ଙ୍କୁ ଦେଖାଇଲି । ସେ ମୋତେ ତାଙ୍କ ତରଫରୁ ଲେଖିବାକୁ କହିଲେ ଯେ ତୁମେ ତାଙ୍କ ଅନୁମତି ନ ପାଇବା ପର୍ଯ୍ୟନ୍ତ କେବେ ବି (ଆଶ୍ରମକୁ) ଫେରିଆସିବା ଉଚିତ ନୁହେଁ । ତୁମେ ଲେଖିଛ, ଯେପରି ତୁମେ ଖୁବ୍ କମ୍ ଦିନ ଭିତରେ ଫେରିଆସିବା ଲାଗି ଆଶା କରୁଛ, କିନ୍ତୁ ତାହା ହୋଇ ପାରିବ ନାହିଁ । ତୁମକୁ ଶାନ୍ତ ଭାବରେ ସେଇ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ଯେପର୍ଯ୍ୟନ୍ତ ଅନ୍ତରାତ୍ମା ଦୃଷ୍ଟିରୁ ତୁମେ ଫେରିଆସିବା ଲାଗି ପ୍ରସ୍ତୁତ ନ ହୋଇଛ । ଯେତେବେଳେ ଏହି ଅବସ୍ଥା ଆସିବ ମା ଜାଣିପାରିବେ ଓ ଯାହାକିଛି ସ୍ଥିର କରିବେ ।' ''

ଦ୍ୟୁମାନ୍‌ଙ୍କ ଉକ୍ତିରେ : ''ଯେତେବେଳେ ଶ୍ରୀଅରବିନ୍ଦ ଚିଠିପତ୍ରର ଉତ୍ତର ଦେବାକୁ ଆରମ୍ଭ କଲେ (୧୯୩୮ରେ ତାଙ୍କର ଦକ୍ଷିଣ ଗୋଡ଼ରେ ଦୁର୍ଘଟଣା ଘଟିବା ପରେ) ପ୍ରତ୍ୟେକେ ତାଙ୍କୁ ଚିଠି ଲେଖିବାକୁ ଆରମ୍ଭ କଲେ । ମୋର ସ୍ମରଣରେ ଅଛି, ଦିନେ ପଞ୍ଚସ୍ତରୀଟି ଚିଠି ଥିଲା ଏବଂ ସେତେବେଳେ ମାତ୍ର ଅଢ଼େଇ ଶହ ଅନ୍ତେବାସୀ ଥିଲେ । ଯେକୌଣସି ସାଧକ ତାଙ୍କୁ ଚିଠି ଲେଖିପାରୁଥିଲେ । ଯେଉଁମାନେ ଇଂରାଜୀ ଜାଣି ନଥିଲେ ସେମାନେ ନିଜ ମାତୃଭାଷାରେ ଲେଖୁଥିଲେ – ଗୁଜୁରାଟୀ ବା ବେଙ୍ଗଲୀରେ । ଶ୍ରୀଅରବିନ୍ଦ ନିଜେ ସବୁ ଚିଠି ପଢୁଥିଲେ । ସେ ଅଳ୍ପ ବହୁତ ଗୁଜୁରାଟୀ ଜାଣିଥିଲେ । ଅଭିଧାନର ସାହାଯ୍ୟ ନେଇ ସେ ଗୁଜୁରାଟୀ ପଢୁଥିଲେ । ସାଧାରଣତଃ ସେ ଇଂରାଜୀରେ ଉତ୍ତର ଦେଉଥିଲେ କିନ୍ତୁ କେତେକଙ୍କୁ ସେ ବଙ୍ଗଳାରେ ଲେଖୁଥିଲେ । (ଚମ୍ପକଲାଲଙ୍କୁ ସେ ବେଶ୍ କେତୋଟି ଚିଠି ଗୁଜୁରାଟୀରେ ଲେଖିଥିଲେ ।)

''ଦୁର୍ଘଟଣା ପୂର୍ବରୁ ମାଶ୍ରୀଅରବିନ୍ଦ ନିଜ ମଧ୍ୟରେ କାର୍ଯ୍ୟକ୍ରମର ଭାଗ-ବଣ୍ଟନ କରି ନେଇଥିଲେ । ଦର୍ଶନ ଦିବସରେ ଆସୁଥିବା ପ୍ରଣାମୀ ଟଙ୍କାସବୁକୁ ଶ୍ରୀଅରବିନ୍ଦଙ୍କୁ ମା ହସ୍ତାନ୍ତରିତ କରି ଦେଉଥିଲେ । ଶ୍ରୀଅରବିନ୍ଦ ସମସ୍ତ ଟଙ୍କାକୁ ଗଣି, ଏପରିକି ଆଠଅଣା ପର୍ଯ୍ୟନ୍ତ ଗଣି ରଖୁଥିଲେ । ଦୁର୍ଘଟଣା ପରେ ମା ଏହି କାମ ହାତକୁ ନେଲେ ।''

ଚମ୍ପକଲାଲଙ୍କର 'ପୂର୍ବସ୍ମୃତି...'ରୁ : ''ମା ପ୍ରଣାମୀ ଟଙ୍କାକୁ ନିଜେ ଗଣି ନୋଟ୍‌ଗୁଡ଼ିକୁ ସେମାନଙ୍କର ମୂଲ୍ୟାନୁଯାୟୀ ସାବଧାନତାର ସହ ପୃଥକ୍ ପୃଥକ୍ କରି କ୍ଲିପ୍ ମାରି ରଖୁଥିଲେ । ସେ ନୋଟ୍‌ଗୁଡ଼ିକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଭାବରେ (ଟଙ୍କାର ଉପରି ଭାଗକୁ ସର୍ବଦା ଉପରେ ରଖି) ନିର୍ଦ୍ଦିଷ୍ଟ ସାଇଜ୍‌ର ନୋଟ୍ ନିମ୍ନଲିଖିତ ସଂଖ୍ୟାକ୍ରମରେ ରଖୁଥିଲେ :

''ଟଙ୍କାକିଆ ନୋଟ୍-୧୦; ଦୁଇ ଟଙ୍କିଆ ନୋଟ୍-୫; ପାଞ୍ଚ ଟଙ୍କିଆ ନୋଟ୍-୨୦; ଦଶ ଟଙ୍କିଆ ନୋଟ୍-୧୦; କୋଡ଼ିଏ ଟଙ୍କିଆ ନୋଟ୍-୫; ଶହେ ଟଙ୍କିଆ ନୋଟ୍-୧୦; ହଜାରେ ଟଙ୍କିଆ ନୋଟ୍-୧୦; ଦଶ ହଜାର ଟଙ୍କିଆ ନୋଟ୍-୧୦ । (ଶେଷୋକ୍ତିଟି କିଛି ବର୍ଷ ତଳେ ଥରେ ମାତ୍ର ଘଟିଥିଲା ।)

''ଏବେ ବି ନୋଟ୍‌ସବୁ ଏହି କ୍ରମରେ ସଜା ହୋଇ ରହୁଛି । ଯଦି କେହି ନୋଟ୍‌ଗୁଡ଼ିକୁ ଏପାଖ-ସେପାଖ ଗୋଳମାଳିଆ କରି ବାନ୍ଧି ଅର୍ପଣ କରିଥା'ନ୍ତି, ତେବେ ସେସବୁକୁ ଦେଖି ବେଳେ ବେଳେ ମା ଆଶ୍ଚର୍ଯ୍ୟ ହୋଇ କହିଉଠୁଥିଲେ : କି ଗୋଳମାଳିଆ ବ୍ୟକ୍ତି !

''ମା କହୁଥିଲେ ଯେ ସେ ନିଜେ ଟଙ୍କା ପଇସାର କାରବାର କରିବାର କାରଣ ହେଉଛି ଏପରି ଯତ୍ନ କରିବା ଫଳରେ ଅଧିକରୁ ଅଧିକ ଅର୍ଥ ଆସେ ।''

*

''ସେ ସମୟରେ (୧୯୩୨ ପୂର୍ବରୁ) ଦୁରାଇସ୍ୱାମୀଙ୍କ ଘର (ପରେ ମାଧବ ପଣ୍ଡିତଙ୍କ ଅଫିସ)ର ଟେରାସ୍‌କୁ ପୂଜାଲାଲ* ପରିଷ୍କାର କରୁଥିଲେ । ମା'ଙ୍କର 'ସାଲୋଁ'କୁ ଲାଗିଥିବା ଟେରାସ୍‌ଟି ଯେଉଁଠି ସନ୍ଧ୍ୟା ସମୟରେ ମା ଦର୍ଶନ ଦେଉଥିଲେ, ସେଇଟି ଦ୍ୟୁମାନ୍ ପରିଷ୍କାର କରୁଥିଲେ । ଦ୍ୟୁମାନ୍ ଓ ପୂଜାଲାଲ ତଳ ଅଗଣା (ଏବେ ମାଧବ ପଣ୍ଡିତଙ୍କ ଅଫିସର

* ପୂଜାଲାଲ (ସନ୍ତାନ ନରହୁଥିବାରୁ ପିତୃମାତୃଦତ୍ତ ନାମ ଥିଲା ପୁଞ୍ଜାଲାଲ ରଣଛୋଡ଼ଦାସ ଦାଲ୍‌ଭାଡ଼ି, ଜୁନ୍ ୧୯୦୧ରେ ଗୁଜୁରାଟର ପଞ୍ଚମହଲ ଇଲାକାର ଗୋଧ୍ରାରେ ଜନ୍ମ) । ପୁଞ୍ଜା ଅର୍ଥାତ୍ ଅଳିଆ, କଚରା ନାମ ଦେଇ ତାଙ୍କୁ ଯମଠାରୁ ଦୂରେଇ ରଖାଯିବାର ଦୃଢ଼ବିଶ୍ୱାସ । ମାଶ୍ରୀଅରବିନ୍ଦଙ୍କ ପ୍ରଦତ୍ତ ନାମ ପୂଜାଲାଲ । ପୂଜାଲାଲ ନଭେମ୍ବର ୨୩ରେ ଆଶ୍ରମକୁ ପ୍ରଥମ ଥର ଆସି ଚାରି-ପାଞ୍ଚ ଥର ନିଜ ଜନ୍ମସ୍ଥାନକୁ ଫେରିଯାଇଥିଲେ । ୨୧ ଫେବ୍ରୁଆରୀ ୧୯୨୭ରେ ଆସି ଚିରଦିନ ରହିଯାଇଥିଲେ । ସମାଧି ସାମନା ଘରଟିକୁ ଏବେ ବି ପୂଜାଲାଲଜୀଙ୍କ ଘର କୁହାଯାଏ । ପୂଜାଲାଲଜୀଙ୍କୁ ମା ଆଖ୍ୟା ଦେଇଥିଲେ, 'ତୁମେ ମୋର କବି ।' – ସଂଗ୍ରାହକ

ଦକ୍ଷିଣ ପାଖ) କାନ୍ଥକୁ ଲାଗି ଏକ ଶିଡ଼ି ଦେଇ ଉପର ଟେରାସ୍‌କୁ ଆସୁଥିଲେ । ମା'ଙ୍କ 'ସାଲୋଁ' ସଂଲଗ୍ନ ଟେରାସ୍ ଥିବା ଦରଜାଟି ସାଧାରଣତଃ ସବୁବେଳେ ବନ୍ଦ ରହୁଥିଲା । କାରଣ ଶ୍ରୀଅରବିନ୍ଦ ସାଲୋଁରେ ଥିବା ତାଙ୍କ ଚେୟାରରେ ବସି ଚିଠିପତ୍ର ଲେଖାଲେଖି କରୁଥିଲେ । ବିଶ୍ରାମ ନେବା ସକାଶେ ମା'ଙ୍କର କାଉଚ୍‌ଟି ପଶ୍ଚିମ ପାଖ କାନ୍ଥକୁ ଲାଗିଥିଲା । ସମୟ ସମୟରେ ଏହି କାର୍ଯ୍ୟ ସକାଳଠାରୁ କିଛି ବିଳମ୍ବ ପର୍ଯ୍ୟନ୍ତ ଚାଲିଥାଏ ।

''ଯେତେବେଳେ ଦ୍ୟୁମାନ୍‌ଙ୍କ ସହିତ ମା କିଛି କଥାବାର୍ତ୍ତା କରିବାକୁ ଚାହୁଁଥିଲେ, ସେତେବେଳେ ସେ ସାମାନ୍ୟ ଟିକିଏ ଦରଜା ଖୋଲି ଟେରାସ୍‌କୁ ଚାହିଁ ତାଙ୍କୁ ଡାକୁଥିଲେ ।

''ଆଜି ଥିଲା ଦ୍ୟୁମାନ୍‌ଙ୍କର ଜନ୍ମଦିନ (୧୯.୦୬.୧୯୩୫) । ମା ତାଙ୍କୁ କହିଲେ, 'ଆଜି ବୁଧବାର, ରନ୍ଧନଶାଳାରେ ସ୍ୱତନ୍ତ୍ର ରନ୍ଧନର ଦିବସ । ଆଉ ଆଜି ବି ତୋର ଜନ୍ମଦିନ । ତେଣୁ ତାରା (ରାନ୍ଧିବା ଦାୟିତ୍ୱରେ ଥିବା ବ୍ୟକ୍ତି)କୁ କହିବୁ ଆଜି କିଛି ସ୍ୱତନ୍ତ୍ର ରାନ୍ଧଣା ପ୍ରସ୍ତୁତ କରିବ ।

''ସମୁଦାୟ ଏଗାର ପ୍ରକାର ବ୍ୟଞ୍ଜନ ରନ୍ଧାଯାଇଥିଲା । ଏ ଦିନର ଆଉ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା ହେଉଛି : ଦ୍ୟୁମାନଙ୍କୁ ମା କହିଲେ, 'ଶ୍ରୀଅରବିନ୍ଦ ଆଜି ବାସ୍ତରିଟି ଚିଠିର ଉତ୍ତର ଦେଇଛନ୍ତି ।' ''

*

''ଏକଦା ମା ଅସୁସ୍ଥ ଥିବାର ଘଟଣା । ଶ୍ରୀଅରବିନ୍ଦ ପ୍ରତି ଉପରବେଳା ମା'ଙ୍କୁ ସାକ୍ଷାତ୍ କରୁଥିଲେ । ସେ ଯେତେବେଳେ ଭିତରରେ ପ୍ରବେଶ କରନ୍ତି, ମୁଁ ବାହାର ଦ୍ୱାରରେ ଅପେକ୍ଷା କରିଥାଏ ।

''ସେ ଦିନଟି ରବିବାର ଥିଲା । ପ୍ରବଳ ବର୍ଷା ହେଉଥାଏ । ଶ୍ରୀଅରବିନ୍ଦ ବାହାରକୁ ଆସି ମୋତେ କହିଲେ, 'ମା ପଚାରୁଛନ୍ତି, ତୁ ଜାଣିଛୁ କିପରି ଝରକାଗୁଡ଼ିକୁ ବନ୍ଦ କରିବାକୁ ହେବ ?' (ସେତେବେଳେ ନୂତନ କରି 'ସାଲୋଁ' ନିର୍ମିତ ହୋଇଥାଏ । ଝରକାଗୁଡ଼ିକ ଏକ ନୂଆ ଢଙ୍ଗରେ ଥିଲା । ସୌଭାଗ୍ୟବଶତଃ ଝରକାଗୁଡ଼ିକର ଗଠନ ଶୈଳୀକୁ ପୂର୍ବ ଦିନ ମୁଁ ଭଲ ରୂପେ ଦେଖି ନେଇଥିଲି ।) ତେଣୁ ମୁଁ କହିପାରିଲି, 'ହଁ, ମୁଁ ଜାଣେ ।'

''ଶ୍ରୀଅରବିନ୍ଦ ଭିତରକୁ ଗଲେ ଓ ମା'ଙ୍କୁ କହିଲେ, 'ହଁ, ଚମ୍ପକଲାଲ ଜାଣେ ।' ତା'ପରେ ସେ ସ୍ମିତହାସ୍ୟ ସହ ବାହାରି ଆସି ମୋତେ କହିଲେ, 'ମା କହୁଛନ୍ତି, ତୁ ଯଦି ଜାଣୁ କିପରି ବନ୍ଦ କରିବାକୁ ହୁଏ, ତେବେ ଭିତରକୁ ଆସି ବନ୍ଦ କରି ଦେଲେ ବହୁତ ଭଲ ହେବ !' ''

ପରିଶେଷରେ ପ୍ରକାଶ ଥାଉ କି ଉପରଓଳି ଶ୍ରୀଅରବିନ୍ଦ ସାଲୋଁକୁ ଆସି ମା'ଙ୍କ ସହିତ ଆଳାପ-ଆଲୋଚନା ଏବଂ ଚିଠିପତ୍ର ଲେଖୁଥିବା ସମୟରେ ପଶ୍ଚିମ ଆକାଶରେ ସୂର୍ଯ୍ୟଙ୍କ ରୌଦ୍ରତାପରୁ 'ସର୍ଭିସ୍ ଟ୍ରୀ' ତାଙ୍କୁ ଶୀତଳ-ଛାୟା ଦେଇ ପରମପ୍ରଭୁଙ୍କୁ ତା'ର ପହିଲି 'ସେବା' ଅର୍ପଣ କରୁଥିଲା ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. 'Sri Aurobindo Ashram : The Story of the Main Building'

୨. ଦ୍ୟୁମାନ୍ : 'How They come... (Dyuman – The Luminous one)'

୩. ଚମ୍ପକଲାଲ : 'ଚମ୍ପକଲାଲ କହନ୍ତି'


ଦିବ୍ୟକରୁଣା ସର୍ବଦା ତୁମ ସାଥିରେ ବିଦ୍ୟମାନ, ନିରବ ମନ ଯୋଗେ ତୁମେ ହୃଦୟରେ ଏକାଗ୍ର ହୁଅ, ଆଉ ତୁମେ ବି ନିଶ୍ଚୟ ତୁମ ଅଭୀପ୍ସିତ ଦିଗ୍‌ଦର୍ଶନ ଏବଂ ସହାୟତା ଲାଭ କରିବ ।

— ଶ୍ରୀମା

**କାହାଣୀ :**

# ସାରୁଗଛମୂଳେ

## ମନୋଜ ଦାସ

ମହାନ୍ ହିମାଳୟର ଏକ ନଗଣ୍ୟ ଉପତ୍ୟକାରେ, ଛୋଟ ଏକ ସରୋବର ସମୀପବର୍ତ୍ତୀ ବୁଦା ଭିତରେ ବାସକରୁଥିଲା ଏକ କିଶୋର ବେଙ୍ଗ । ଯେତେବେଳେ ସେ ଥିଲା ଆପଣଙ୍କ କୁନି ପୁଷିର ନାକଠାରୁ ବି ଛୋଟ, ସେତେବେଳେ ତାକୁ ତା' ବାପା କହିଥିଲେ କି ନଗାଧିରାଜ ହିମାଳୟ ସେମାନଙ୍କରହିଁ ବଂଶପରମ୍ପରା କ୍ରମିକ ସମ୍ପତ୍ତି ।

ଦିନେ ପିତୃ-ବେଙ୍ଗର ପରଲୋକ ହେଲା । ସେଯାଏ ନିଜକୁ ଯୁବରାଜ ମଣୁଥିବା ତରୁଣ ବେଙ୍ଗଟି ବୁଦା ସମ୍ମୁଖରେ ଥିବା ଗୋଟିଏ ଆଦର୍ଶ ସାରୁଗଛ ମୂଳରେ ଉପବେଶନ କରି ନିଜକୁ ହିମାଳୟର ରାଜା ବୋଲି ଘୋଷଣା କଲା ।

ବେଙ୍ଗର ବୁଦା-ରୂପୀ ନଅରର ଆଖପାଖରେ ଥିଲେ ଆହୁରି ଅନେକଗୁଡ଼ିଏ ବୁଦା । ସେ ସବୁରେ ବସବାସ କରୁଥିଲେ କେତୋଟି ପ୍ରଜାପତି, ଝିଣ୍ଟିକା, ଗୁଣ୍ଡୁଚି ତଥା ଘରଚଟିଆ ।

ସେମାନେ ବେଙ୍ଗର ଘୋଷଣା ମନୋଯୋଗ ସହକାରେ ଶୁଣିଲେ । ସମବେତ ଭାବରେ ସାରୁବୁଦା ସାମନାକୁ ଆସି ସେମାନେ ଜିଜ୍ଞାସା କଲେ, ''ଆପଣ ହିମାଳୟର ରାଜା, ଏହା କ'ଣ ସତ୍ୟ ?''

''କାହିଁକି ? ଏ ସରୋବରର ପାଣି କ'ଣ ଶୀତଳ ନୁହେଁ ?'' — ବେଙ୍ଗ ଓଲଟା ପଚାରିଲା ।

''ଶୀତଳ ଆଜ୍ଞା !'' ଘରଚଟିଆ ଆଖିପିଛୁଳାକେ ଉଡ଼ିଯାଇ ସରୋବର ପାଣିରେ ଥରେ ଥଣ୍ଟ ବୁଡ଼ାଇ ଦେଇ ଲେଉଟି ଆସି ଉତ୍ତର ଦେଲା ।

''ହିମାଳୟର ଶୃଙ୍ଗମାନେ ବେଜାୟ ଉଚ୍ଚ ନୁହନ୍ତି ?'' — ବେଙ୍ଗ ପୁଣି ପଚାରିଲା ।

''ଉଚ୍ଚ... ବସ୍ତୁତଃ ମୋଠୁଁ ବହୁତ ଅଧିକ ଉଚ୍ଚ ।'' — ନିଜ ଛାମୁଗୋଡ଼ ଦୁଇଟି ଟେକି ସେଥିଯୋଗେ ଅଦୂରବର୍ତ୍ତୀ ଶୃଙ୍ଗଟି ମାପିବାର ଉଦ୍ୟମ କରିସାରି ଗୁଣ୍ଡୁଚିଟିଏ ଏ ବିବୃତି ଦେଲା ।

''ମୁଁ କ'ଣ ମୋ ସ୍ୱର୍ଗୀୟ ପିତାଙ୍କର ଏକମାତ୍ର ପୁତ୍ର ନୁହେଁ ?''— ଏଥର ବେଙ୍ଗର କଣ୍ଠ ଅପେକ୍ଷାକୃତ ଅଧିକ ଗମ୍ଭୀର ଶୁଭିଲା ।

''ନିଶ୍ଚୟ, ନିଶ୍ଚୟ ।''— ସମସ୍ତେ ସମସ୍ୱରରେ ସ୍ୱୀକାର କଲେ । ସେମାନେ ବି ସ୍ୱର ଗମ୍ଭୀର ଶୁଭିବା ଦିଗରେ ସଚେତନ ଥିଲେ ।

''ତେବେ ମୁଁ ଯେ ରାଜା, ସେଥିରେ ସନ୍ଦେହର ଅବକାଶ ନାହିଁ ?''— ବେଙ୍ଗ ତା'ର ଦୁଇ ଆଖି ଯୋଗେ ଚାରିଥର ମିଟିକା ମାରିବାର ଚେଷ୍ଟାକରି ପଚାରିଲା ।

ପ୍ରଜାପତି, ଝିଣ୍ଟିକା, ଗୁଣ୍ଡୁଚି ଏବଂ ଘରଚଟିଆଗଣଙ୍କୁ ଏ ଯୁକ୍ତି ଏଡ଼େ ବଳିଷ୍ଠ ମନେହେଲା ଯେ ବେଙ୍ଗ ହିମାଳୟର ଅଧିପତି ହୋଇଥିବା ବିଷୟରେ ସନ୍ଦେହ ପୋଷଣ କରିଥିବା ଯୋଗୁଁ ସେମାନେ ସନ୍ତପ୍ତ ହେଲେ ।

ଦିନ ଗଡ଼ିଚାଲେ । ପ୍ରତ୍ୟହ ସକାଳେ ବେଙ୍ଗ ତା' ବୁଦା ଭିତରୁ ବାହାରି ଆସି ଦିଗ୍‌ଦିଗନ୍ତ ବ୍ୟାପୀ ଉତ୍ତୁଙ୍ଗ ଶୃଙ୍ଗରାଜି ଆଡ଼େ ଥରେ ଆଖି ବୁଲାଇ ନିଏ । ଗୋଟାଏ ବି ଶୃଙ୍ଗ କେହି ଚୋରିକରି ନେଇଯିବାକୁ ସାହସ କରି ନାହିଁ, ଏହା ଲକ୍ଷ୍ୟକରି ନିଜ ପ୍ରତିପତ୍ତି ସମ୍ପର୍କରେ ତା'ର ପ୍ରତ୍ୟୟ ଦୃଢ଼ୀଭୂତ ହୁଏ । ତୁଷାରାବୃତ ଶିଖରମାନଙ୍କ ଉପରେ ଉଦୟ ସୂର୍ଯ୍ୟର ସୁବର୍ଣ୍ଣ ଦ୍ୟୁତି ପ୍ରତିଫଳିତ ହେବାର ଦେଖି ସେ ଥରେ ପୃଷ୍ଠପୋଷକ ଶୈଳୀରେ ସୂର୍ଯ୍ୟଙ୍କୁ ଉତ୍ସାହିତ କରିବା ନିମନ୍ତେ ମୁଣ୍ଡ ହଲାଇ ଦିଏ ।

*

ଜ୍ୟୋତ୍ସ୍ନା ପ୍ଳାବିତ ରଜନୀମାନଙ୍କରେ ସାଧାରଣତଃ ବଡ଼ ଚପଳ ହୋଇଉଠୁଥିବା ପରୀଟିଏ ଥରେ ପୂର୍ଣ୍ଣିମା ରାତିରେ ଇତସ୍ତତଃ ଉଡ଼ିବୁଲି ସେହି ଅଖ୍ୟାତ ଉପତ୍ୟକାରେ ଅବତରଣ କରି ଏକ ଶିଳାଖଣ୍ଡ ଉପରେ ବିଶ୍ରାମ କରୁଥାଏ ।

ବେଙ୍ଗରାଜା ତାକୁ ଦେଖିପକାଇବା ମାତ୍ରେ ବିମୁଗ୍ଧ ହେଲା ।

''ମୁଁ ହିମାଳୟର ରାଜା''— ସେ ନିଜ ସାଧ୍ୟାନୁସାରେ କଣ୍ଠ ଓ ଶିର ଉଚ୍ଚକରି କହିଲା । ''ତୁମେ କିଏ ସେକଥା ଜାଣିବାରେ ମୋର ବିଶେଷ ଆଗ୍ରହ ନାହିଁ । କିନ୍ତୁ ତୁମକୁ ମୁଁ କ'ଣ ବନାଇବାକୁ ଯାଉଛି ସେକଥା ଜାଣିବା ପାଇଁ ତୁମେ ଆଗ୍ରହୀ ହେବ ନିଶ୍ଚୟ !''— ସେ ପୁଣି କହିଲା ।

''କ'ଣ ?''– ଆମୋଦ ଅନୁଭବ କରି ପ୍ରଶ୍ନକଲା ପରୀ ।

''ମୋର ରାଣୀ !''

''ବାଃ'' – କହି ପରୀ ଆକାଶବ୍ୟାପୀ ଜହ୍ନ ଆଲୁଅ ଓ ସୁନେଲି କୁହୁଡ଼ି ଭିତରକୁ ଉଡ଼ି ଚାଲିଗଲା, ଆଉ ପରୀ ଜାତିର ସ୍ୱଭାବ-ସୁଲଭ ରୀତିରେ ଉପର ସ୍ତରକୁ ଚାଲିଯିବା ମାତ୍ରେ ତଳ ସ୍ତରର ସବୁ ଅଭିଜ୍ଞତା ବିସ୍ମୃତ ହେଲା ।

ବେଙ୍ଗରାଜା ସ୍ତବ୍ଧ ହୋଇ ସେଇଠି ବସି ରହିଲା – କ୍ଲାନ୍ତ ଜହ୍ନ ପର୍ବତଶ୍ରେଣୀ ସେପାରିରେ ଅଦୃଶ୍ୟ ହୋଇଯିବା ପର୍ଯ୍ୟନ୍ତ ।

''ଉପଯୁକ୍ତ ରାଣୀ ବିନା ରାଜା ବୋଲାଇବାର କିଛି ମାନେ ହୁଏ ?'' ସେ ବିରକ୍ତ ଭାବରେ ଆକାଶ ଓ ପୃଥିବୀକୁ ପ୍ରଶ୍ନକଲା ଏବଂ ହିମାଳୟ ପରିତ୍ୟାଗ କରି ଚାଲିଯିବାକୁ ମନସ୍ଥ କଲା ।

ତାକୁ ରାଜାଭାବରେ ଦେଖୁଥିବା ଆଖପାଖର ପ୍ରାଣୀବର୍ଗଙ୍କୁ ସେ ଏକତ୍ର କରି କହିଲା, ''ମୋ ହିମାଳୟକୁ ମୁଁ ବିକ୍ରି କରିଦେବି – କେହି କିଣିବ ?''

ଶ୍ରୋତାମାନେ ପରସ୍ପରକୁ ଅନାଇଲେ ।

''ଦାମ୍ ?'' – ଗୁଣ୍ଡୁଚିଟିଏ ଆଗଭର ହୋଇ ପଚାରିଲା ।

''ଶହେଟି ନକ୍ଷତ୍ର !'' – ଜଣାଇଲା ବେଙ୍ଗରାଜା ।

ସମ୍ଭାବ୍ୟ କ୍ରେତାମାନେ ପୁଣି ପରସ୍ପରକୁ ଅନାଇଲେ । ''ଆମକୁ ସମୟ ଦେଲେ ଆମେ ମୂଲ୍ୟ ଯୋଗାଡ଼ କରିବାକୁ ଚେଷ୍ଟା କରନ୍ତୁ ।'' – ସେମାନେ କହିଲେ ।

''ସପ୍ତାହେ...'' ସଂକ୍ଷେପରେ କହିଲା ବେଙ୍ଗରାଜା ଓ ତା'ପରେ ବିମର୍ଷରେ କାଳ କଟାଇବା ନିମନ୍ତେ ନିଜ ବୁଦା ଭିତରକୁ ଚାଲିଗଲା ।

ଗୁଣ୍ଡୁଚି, ପ୍ରଜାପତି, ଝିଣ୍ଟିକା ଓ ଘରଚଟିଆଙ୍କର ସେ କ୍ଷୁଦ୍ର ସମାବେଶ ଆକାଶକୁ ଅନେଇ ରହିଲେ । ଘରଚଟିଆମାନେ ତା'ପରେ ଏକତ୍ର ଊର୍ଦ୍ଧ୍ୱକୁ ଉଠିଲେ । କିନ୍ତୁ ଏକ ଘଣ୍ଟା ପରେ ଫେରି ଆସି କହିଲେ, ''ଯାହା ଜଣାଗଲା, ନକ୍ଷତ୍ରମାନେ ବି ଉଡ଼ି ଉଡ଼ି ଉପରକୁ ଉଠି ଯାଇ ପାରନ୍ତି । ନହେଲେ ଆମେମାନେ ଏତେ ଉପରକୁ ଉଠିବା ସତ୍ତ୍ୱେ ସେମାନଙ୍କୁ ଛୁଁମି ନ ପାରିବାର କୌଣସି କାରଣ ନାହିଁ ।''

ଉଲ୍‌କାପାତ ଭଳି ବ୍ୟାପାର ଦେଖିଥିବା ଗୁଣ୍ଡୁଚି କହିଲା ଯେ ନକ୍ଷତ୍ରମାନେ ଯେତେବେଳେ ତଳକୁ ଖସିବାର ଉଦାହରଣ ଅଛି, ସେତେବେଳେ ଘରଚଟିଆମାନଙ୍କ ଆକ୍ରମଣରୁ ବର୍ତ୍ତିରହିବା ନିମନ୍ତେ ଉପରକୁ ଉଠିଯିବାରେ ବା ଆଶ୍ଚର୍ଯ୍ୟ କ'ଣ ?

ପ୍ରତି ରାତିରେ ସେ ମୁଲକର ସରୋବର ଭିତରକୁ ଶତାଧିକ ନକ୍ଷତ୍ର ଖସି ପଡ଼ିବାର ଓ ପ୍ରଭାତ ପର୍ଯ୍ୟନ୍ତ ଭାସମାନ ରହି ତା'ପରେ କ୍ରମେ ଦ୍ରବୀଭୂତ ହୋଇ ଲୁପ୍ତ ହେବାର ସେମାନେ ଜାଣିଥିଲେ । ଅତଏବ, ସରୋବର ଭିତରୁହିଁ ଆବଶ୍ୟକୀୟ ସଂଖ୍ୟକ ନକ୍ଷତ୍ର ଗୋଟାଇ ଆଣିବା ନିମନ୍ତେ ସେମାନେ ଚେଷ୍ଟା କଲେ, କିନ୍ତୁ ସଫଳ ହେଲେ ନାହିଁ ।

''ନକ୍ଷତ୍ରମାନେ କେଡ଼େ ଭଙ୍ଗୁର ! ଆମ ସ୍ପର୍ଶ ସହିବାକୁ ଅକ୍ଷମ ।'' – ନିଜ ନିଜ ବାହୁର ପେଶୀମାନ ଥରେ ଚିପି ପକାଇ କହିଲା ଗୋଟିଏ ଝିଣ୍ଟିକା, ଅନ୍ୟମାନେ ତା' ସହ ଏକମତ ହେଲେ ।

ସପ୍ତମ ଦିନ ସେମାନେ ଯାଇ ବେଙ୍ଗରାଜାକୁ ଭେଟିଲେ ।

''ଛାମୁ, ଆମେ ନକ୍ଷତ୍ର ସଂଗ୍ରହ କରିପାରିଲୁ ନାହିଁ ।'' – ସେମାନେ ଦୁଃଖ ପ୍ରକାଶ କରି କହିଲେ ।

ମୁହୂର୍ତ୍ତକ ପାଇଁ ଗମ୍ଭୀର ରହି ବେଙ୍ଗରାଜା କହିଲା, ''ତା'ହେଲେ ମୁଁ ଏ ସ୍ଥାନ ଛାଡ଼ି ଗଲାବେଳେ ମୋ ହିମାଳୟକୁ ମୋ ସାଙ୍ଗରେ ଓଟାରି ନେଇ ଯିବି ।'' ନିଜ ମୁଣ୍ଡରେ ଥରେ ହାତ ବୁଲାଇ ଆଣି ସେ ପୁଣି କହିଲା, ''ମନ ହେଲେ ମୋ ହିମାଳୟକୁ ମୁଁ ଧ୍ୱଂସ ବି କରି ଦେଇପାରେ ।''

ଏଭଳି ସଙ୍କଟ ଉପୁଜିବ – ଏକଥା କେହି କଦାଚ କଳ୍ପନା କରି ନଥିଲେ । ନିର୍ବାକ୍, ନିସ୍ପନ୍ଦ ଭାବରେ ଠିଆ ହୋଇ ରହିଲେ ସେ ଶ୍ରୋତୃମଣ୍ଡଳୀ । ବେଙ୍ଗରାଜା ହିମାଳୟ ନେଇ ଚାଲିଗଲେ ସେମାନେ କେଉଁଠାରେ ଆଶ୍ରୟ ନେବେ – ଏହାହିଁ ହେଲା ସମସ୍ୟା ।

''ଆମକୁ ଦୁଇ, ତିନି ହପ୍ତା ସମୟ ଦିଅନ୍ତୁ ମଣିମା, ଆମେ ମୁଣ୍ଡ ଗୁଞ୍ଜିବା ପାଇଁ ଟିକିଏ ଥାନ ଖୋଜି ନେଉଁ ।'' – ସେମାନେ କହିଲେ ।

''ଦେଲି ।'' – କୋହ ଚାପି କହିଲା ବେଙ୍ଗରାଜା ।

ସେମାନେ ବାହାରିଲେ ନୂତନ ଆଶ୍ରୟର ସନ୍ଧାନରେ । କିନ୍ତୁ ଯେତେ ବାଟ ଗଲେ ବି ଖାଲି ହିମାଳୟ ଓ ହିମାଳୟ । ଆକାଶବ୍ୟାପୀ ଏକହିଁ ଶୃଙ୍ଗରାଜି । ବେଙ୍ଗରାଜା ଏ ସାରା ମୁଲକ ନେଇ ଚାଲିଯିବ – ଏକଥା ସେମାନେ ଯେତେଥର ମନେ ପକାଇଲେ ସେତେଥର ଅଶ୍ରୁମୋଚନ କଲେ । ଦିନକର ସନ୍ଧ୍ୟାରେ ସେ କ୍ଲାନ୍ତ ସନ୍ଧାନୀଦଳ ଏକ ତୁଷାରସ୍ନାତ ଶିଖର

ତଳେ ବିଶ୍ରାମ କରୁଥା'ନ୍ତି । ପୂର୍ଣ୍ଣିମାର ପ୍ରତ୍ୟାବର୍ତ୍ତନ ଘଟୁଥାଏ । ଚହଟଚମ୍ପା ଭଳି ଦିଶିବାକୁ ଆରମ୍ଭ କରିଥାଏ ସେ ଅଞ୍ଚଳ ।

ହଠାତ୍ ଘରଚଟିଆ ଚିହ୍ନିଦେଲା – ଅଦୂରର ଶିଳାଖଣ୍ଡ ଉପରେ ବସିଛି ଜ୍ୟୋସ୍ନାସ୍ନାନରତା ସେ ପରୀ ।

ସେମାନେ ଯାଇ ପରୀକୁ ଅଭିବାଦନ କଲେ ଓ କୋହ ସମାହାରରେ ଅନର୍ଗଳ ସବୁ ଗପିଗଲେ – ପରୀ ସହ ବେଙ୍ଗରାଜାର ସାକ୍ଷାତ୍‌ର ପରବର୍ତ୍ତୀ ସମସ୍ତ ବୃତ୍ତାନ୍ତ ।

ସେ କ୍ଷୁଦ୍ରକାୟ ଜୀବଗଣ ଏଡ଼େ ଯାତନା ଭୋଗିଲେଣି ଜାଣି ଦୁଃଖିତ ହେଲା ପରୀ ।

''ବେଙ୍ଗରାଜାକୁ ତେବେ କହିଦିଅ – ସେଇଆ ହେଲା ।''

ଏତକ କହି ପରୀ ଆକାଶବ୍ୟାପୀ ଜ୍ୟୋସ୍ନା ଓ ସୁନେଲି କୁହୁଡ଼ି ଭିତରକୁ ଉଡ଼ି ଚାଲିଗଲା ଓ ସ୍ୱଭାବତଃ ବାତାବରଣର ନିମ୍ନତମ ପର୍ଯ୍ୟାୟର ସେ ବ୍ୟାପାର ଅଚିରେ ବିସ୍ମୃତ ହେଲା ।

ବିଜୟ ଆନନ୍ଦରେ ନାଚି ନାଚି ସେ ସନ୍ଧାନୀ ଦଳ ବେଙ୍ଗରାଜା ପାଖକୁ ପ୍ରତ୍ୟାବର୍ତ୍ତନ କଲେ ଓ କହିଲେ – ପରୀ କହିଛି ସେଇଆ ହେଲା – ଅର୍ଥାତ୍ ସେ ବେଙ୍ଗରାଜାର ରାଣୀ ।

ଆନନ୍ଦାତିଶଯ୍ୟରେ ବେଙ୍ଗରାଜା ଚନ୍ଦ୍ର ଅଦୃଶ୍ୟ ହେବାଯାଏ ନୀରବ ରହି ତା'ପରେ ନିଜେ ଗୋଟିଏ 'ଧୋରେ ବାୟା ଧୋ' ଗୀତ ବୋଲି ବୋଲି ନିଜକୁ ଶୁଆଇ ପକାଇଲା ।

ସେହି ଦିନରୁ ସାନନ୍ଦ ବେଙ୍ଗ ସାରୁଗଛ ମୂଳେ ରାଜା ବୋଲାଉଛି । ସଙ୍କଟ ଅଳ୍ପରେ ଅତିକ୍ରାନ୍ତ ହୋଇଗଲା ବୋଲି, ଅର୍ଥାତ୍ ବେଙ୍ଗରାଜା ତା' ହିମାଳୟକୁ ନେଇଗଲା ନାହିଁ କି ଧ୍ୱଂସ କରିଦେଲା ନାହିଁ ବୋଲି ପ୍ରଜାପତି, ଗୁଣ୍ଡୁଚି ପ୍ରମୁଖ ଖୁସିରେ ଏବଂ ନିଶ୍ଚିନ୍ତରେ ମହାକାଳ ଅତିବାହିତ କରୁଛନ୍ତି ।

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୩୮)

## ମହେନ୍ଦ୍ରନାଥ ସ୍ୱାଇଁ

### ଜଡ଼ରେ ପରମଙ୍କ ପ୍ରକାଶ

ଜୁନ୍ ୧୫, ୧୯୧୩ ପ୍ରାର୍ଥନାଟି ଶରୀର-ଚେତନା ବା ଜଡ଼-ଚେତନାର ରୂପାନ୍ତର ନିମନ୍ତେ ମା'ଙ୍କର ଏକ ଉଦ୍‌ଘୋଷଣା । ଦିବ୍ୟଜନନୀ ଶ୍ରୀମା ତାଙ୍କର ସରଳ, ବଳିଷ୍ଠ ଏବଂ ସିଧାସଳଖ ଭାଷାରେ କହିଛନ୍ତି ଯେ ଶରୀର ବା ଜଡ଼ର ରୂପାନ୍ତର ନହେଲେ ପୂର୍ଣ୍ଣାଙ୍ଗ ରୂପାନ୍ତର ପ୍ରକ୍ରିୟାଟି ସମ୍ପୂର୍ଣ୍ଣ ହେବ ନାହିଁ । ଶରୀର ଭିତରୁ ବାହାରି ଯାଇ, ତାକୁ ଅଣଦେଖା କରି ସାଧକଟିଏ ମନ ଓ ପ୍ରାଣକୁ ନୀରବତା ଓ ସ୍ଥିରତା ଭିତରେ ବୁଡ଼ାଇ ଦେଇପାରେ, କିନ୍ତୁ ଅଦିବ୍ୟ ଶକ୍ତିମାନଙ୍କ ଉପରେ ବିଜୟ ହାସଲ କରିବା ସମ୍ଭବପର ହେବ ନାହିଁ; କାରଣ ସେମାନେ ଜଡ଼କୁ ପରିବର୍ତ୍ତନ କରିପାରି ନାହାନ୍ତି । ଜଡ଼କୁ ଆଶ୍ରୟ କରି ଅସୁରମାନେ ତିଷ୍ଠି ରହିଛନ୍ତି ଏବଂ ନିଜର ରାଜତ୍ୱ ବିସ୍ତାର କରିବାରେ ଲାଗିଛନ୍ତି । ସେଥିପାଇଁ ଉକ୍ତ ପ୍ରାର୍ଥନାରେ ମା କହୁଛନ୍ତି –

"Even he who might have attained a perfect contemplation in silence and solitude would have arrived at it only by withdrawing from his body, by disregarding it; and so the substance of which the body is constituted would remain as impure, as imperfect as before, since he would have left it to itself; and by a misguided mysticism, through the lure of supraphysical splendours, the egoistic desire to unite with Thee for his own personal satisfaction, he would have turned his back upon the very reason of his earthly existence, he would have refused like a coward to accomplish his mission – the redemption and purification of Matter. To know that a part of our being is perfectly pure, to commune with this purity, to be identified with it, can be useful only if this knowledge is later used to hasten the transfiguration of the earth, to accomplish Thy sublime work."

(Prayers and Meditations, P. 20)

''ଏପରିକି ଜଣେ ନୀରବ ଓ ନିଶ୍ଚଳତା ଭିତରେ ସମ୍ପୂର୍ଣ୍ଣ ସିଦ୍ଧିକୁ ପ୍ରାପ୍ତ ହୋଇଥାଇପାରେ, ନିଜକୁ ନିଜ ଶରୀର ଭିତରୁ ବାହାରକୁ ନେଇ ଆସିବା ଦ୍ୱାରା, ଦେହଟିକୁ ଅବହେଳା କରି ଏତାଦୃଶ ଅବସ୍ଥାରେ ପହଞ୍ଚି ଥାଇପାରେ; ଏବଂ ଏହା ଫଳରେ ଯେଉଁ ଉପାଦାନରେ ଶରୀରଟି ଗଢ଼ାହୋଇଛି ତାହା ପୂର୍ବପରି ଅଶୁଦ୍ଧ, ଅସଂପୂର୍ଣ୍ଣ ହୋଇ ରହିଯାଏ, ଯେହେତୁ ଶରୀରଟି ଯଥାପୂର୍ବଂ ତଥାପରଂ ଅବସ୍ଥାରେ ରହିଯାଏ; ଏବଂ ଏକ ରହସ୍ୟାବୃତ ପ୍ରକ୍ରିୟା ଦ୍ୱାରା ପଥଭ୍ରଷ୍ଟ ହୋଇ, ଅତିଭୌତିକ ଚାକଚକ୍ୟ ମଧ୍ୟରେ ପ୍ରଲୋଭିତ ହୋଇ, ତା'ର ବ୍ୟକ୍ତିଗତ ଆତ୍ମତୃପ୍ତି ନିମନ୍ତେ ଆପଣଙ୍କ ସହିତ ଏକାକାର ହୋଇଯିବାର ଏକ ଅହଂକାରଯୁକ୍ତ କାମନାର ବଶବର୍ତ୍ତୀ ହୋଇ, ସେ ହୁଏତ ଏହି ଜଗତରେ ତା'ର ବାସ୍ତବ ସ୍ଥିତି ସମ୍ମୁଖରୁ ମୁଖ ଫେରାଇ ନେଇଥାଏ – ପିଠିକରି ଠିଆ ହୋଇଥାଏ, ଜଡ଼ ଜଗତକୁ ପରିବର୍ତ୍ତନ କରିବାକୁ ଏବଂ ବିଶୁଦ୍ଧ କରିବାକୁ ତାକୁ ଯେଉଁ କାର୍ଯ୍ୟଟି ନ୍ୟସ୍ତ କରାଯାଇଛି, ତାକୁ ସମ୍ପାଦନ କରିବାକୁ ଭୀରୁ କାପୁରୁଷ ପରି ମନା କରି ଦେଇପାରେ ବା ପଛେଇ ଯାଇପାରେ । ଆମ ସତ୍ତାର ଏକ ଅଂଶ ସମ୍ପୂର୍ଣ୍ଣ ବିଶୁଦ୍ଧ – ଏହା ଜାଣିବାକୁ, ଏହି ବିଶୁଦ୍ଧତା ସହିତ ଏକାତ୍ମ ହେବାକୁ, ଏହା ସହିତ ଏକାକାର ହୋଇଯିବାକୁ ଇଚ୍ଛା କରିବା ସେତେବେଳେ କାମରେ ଲାଗିପାରେ, ଯଦି ଏହି ସମସ୍ତ ଜ୍ଞାନ ପରବର୍ତ୍ତୀ ସମୟରେ ପୃଥିବୀ ରୂପାନ୍ତର କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବାରେ ବ୍ୟବହୃତ ହୁଏ, ଆପଣଙ୍କର ସଂସିଦ୍ଧ କର୍ମକୁ ସମ୍ପାଦନ କରିବାରେ ଲାଗେ ।''

ଉକ୍ତ ପ୍ରାର୍ଥନାଟିରେ ମା ପୂର୍ଣ୍ଣଯୋଗରେ ବା ରୂପାନ୍ତର ଯୋଗରେ ଶରୀର ବା ଜଡ଼ର ଏକ ବିଶେଷ ଭୂମିକା ରହିଛି

ବୋଲି ଘୋଷଣା କରିଛନ୍ତି । ଶରୀର ଭିତରୁ ବାହାରି ବା ତାକୁ ଛାଡ଼ି ଯେତେ ଯାହା ସିଦ୍ଧି ଲାଭ କଲେ ବି ତାହା ସମସ୍ତ ମୂଲ୍ୟହୀନ ହୋଇପଡ଼େ । କାରଣ ଶରୀର ହେଉଛି ଏହି ଜଡ଼ ଜଗତରେ ପରମପ୍ରଭୁଙ୍କ ପ୍ରତିନିଧି । ପୂର୍ବକାଳରେ ଯୋଗୀ, ମୁନିଋଷିମାନେ ସଂସାରକୁ ମାୟା, ମୋହ, ଅଜ୍ଞାନରେ ପୂର୍ଣ୍ଣ ବୋଲି କହି ତାକୁ ତ୍ୟାଗ କରି ସନ୍ନ୍ୟାସ ବ୍ରତ ନେଉଥିଲେ । ଶରୀରକୁ ଅନାଦର କରୁଥିଲେ ଏବଂ ତାହା ପ୍ରଭୁଙ୍କ ଦିବ୍ୟ-ଯୋଜନାରେ ବିଶେଷ କିଛି ଅଂଶଗ୍ରହଣ କରେ ନାହିଁ ବୋଲି କହୁଥିଲେ । ଏହି ସଂସାର ତ୍ୟାଗ, ଶରୀରର ଅନାଦର ଓ ଦ୍ରବ୍ୟମାନଙ୍କ ପ୍ରତି ବିତୃଷ୍ଣା ଭାବ ପୋଷଣ କରି ଜଡ଼ର ବାସ୍ତବତାକୁ ଏଡ଼ାଇ ଯାଉଥିଲେ । ଶରୀର ରୂପାନ୍ତର ତଥା ଜଡ଼ର ରୂପାନ୍ତର କଥାଟି ଆଲୋଚିତ ବି ହେଉ ନଥିଲା । ଫଳରେ ଦେହକୁ ଅସାର କୁହାଗଲା । ମାଟିପିଣ୍ଡ ମାଟିରେ ମିଶିଯିବ ବୋଲି କୁହାଗଲା ।

ମା' କହୁଛନ୍ତି ଯେ ମଣିଷ ଜନ୍ମ ହେଲା ବେଳେ ପରମ ପ୍ରଭୁ ତାକୁ ଏକ କାର୍ଯ୍ୟ ନ୍ୟସ୍ତ କରିଥିଲେ, ତାହାହେଲା – "redemption and purification of matter" – ବସ୍ତୁଜଗତ ତଥା ଶରୀର ପ୍ରତି ଥିବା ଆମର ଧାରଣା ବଦଳାଇବା, ଶରୀରକୁ ଯନ୍ତ୍ରଣା, ଭୟ, ରୋଗ ଓ ମୃତ୍ୟୁ ମୁଖରୁ ମୁକ୍ତ କରିବାକୁ ସାଧନା କରିବା ଏବଂ ତାକୁ ବିଶୁଦ୍ଧ କରି ଗଢ଼ି ତୋଳିବା, ତେବେ ଯାଇ ତାହା ରୂପାନ୍ତର ନିମନ୍ତେ ପ୍ରସ୍ତୁତ ହେବ । କିନ୍ତୁ ନିଜକୁ ସାଧକ ବା ଯୋଗୀ କହୁଥିବା ଲୋକଟିଏ ଏ କଥାକୁ ଭୁଲିଯାଇ, ତନ୍ତ୍ରବିଦ୍ୟାର ଗୂଢ଼ ରହସ୍ୟକୁ ଭେଦ କରି ତାକୁ ନିଜ ଅକ୍ତିଆରରେ ରଖି ଦରକାର ବେଳେ କାମରେ ଲଗାଇବା, ନିଜ ବ୍ୟକ୍ତିଗତ ସନ୍ତୋଷ ନିମନ୍ତେ ପ୍ରଭୁଙ୍କ ସହିତ ଏକାକାର ହେବାକୁ ପ୍ରଚେଷ୍ଟା କରିବା, ଅହଂକାରରେ ପୂର୍ଣ୍ଣ ଲାଳସା, କାମନା, ବାସନାକୁ ଚରିତାର୍ଥ କରିବାକୁ ଯୋଗଶକ୍ତି ପ୍ରୟୋଗ କରିବା, ''ଏପାରିରେ ଥିବା ଗଛକୁ ନେଇ ସେପାରିରେ ଥୋଇବା'' ଇତ୍ୟାଦି କାର୍ଯ୍ୟରେ ବ୍ୟାପୃତ ହୋଇଯିବା ଫଳରେ ନିଜର ଲକ୍ଷ୍ୟରୁ ବିଚ୍ୟୁତ ହୋଇ ଯାଆନ୍ତି । ଶରୀର ବା ଜଡ଼ ଯେଉଁପରି ଅବସ୍ଥାରେ ଅଛି ସେହିପରି ପଡ଼ି ରହିଥାଏ ।

ଏହି ଜଡ଼ ଜଗତଟି କ'ଣ ? ତା' ଭିତରେ କ'ଣ ଦିବ୍ୟ ଚେତନା ନାହାନ୍ତି ? ପ୍ରତ୍ୟେକ ଜଡ଼ବସ୍ତୁ ଭିତରେ ଗୁପ୍ତ ଭାବରେ ବିରାଜମାନ କରୁ ନାହାନ୍ତି ? ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ରମାନଙ୍କୁ ନିଜ ନିଜ ନିର୍ଦ୍ଧାରିତ କକ୍ଷ ପଥରେ କିଏ ଚଳାଉଛନ୍ତି, ଜଡ଼ ଭିତରେ ପରମାଣୁମାନଙ୍କୁ ଏକତ୍ରିତ କରି କିଏ ବାନ୍ଧି ରଖିଛନ୍ତି – ଏହାହିଁ ହେଉଛି ରହସ୍ୟାବୃତ ଆନନ୍ଦ । ପ୍ରଭୁ ସ୍ୱୟଂ ଗୁପ୍ତ ଭାବରେ ପ୍ରତ୍ୟେକ ଜଡ଼ବସ୍ତୁ ଭିତରେ ଆନନ୍ଦ ରୂପରେ ବିରାଜମାନ – କାରଣ ସେ ହିଁ ସଚ୍ଚିଦାନନ୍ଦ – ସତ-ଚିତ୍-ଆନନ୍ଦ ।

ଜଡ଼ ଭିତରେ ଗୁପ୍ତ ଭାବରେ ଲୁଚି ରହିବାର ଆବଶ୍ୟକତା ଏବଂ ସମୟ ଶେଷ ହୋଇଯାଇଛି । ଆମ୍ଭେମାନେ ବର୍ତ୍ତମାନ ଏକ ଉନ୍ମୁକ୍ତ ଜଗତରେ ବାସ କରୁଛେ । ପରମ ପ୍ରଭୁ ଆଉ ପରଦା ପଛରେ ରହି କାମ କରିବାକୁ ଇଚ୍ଛା କରୁ ନାହାନ୍ତି । ଜଡ଼କୁ ପ୍ରସ୍ତୁତ କଲେ ସେଥିରେ ଆତ୍ମାର ପରିପ୍ରକାଶ ହେବ, ଶରୀର ମଧ୍ୟ ଭଗବାନଙ୍କୁ ଅନୁଭବ କରିବ । ନିଜକୁ ଦିବ୍ୟତ୍ୱରେ ରୂପାନ୍ତରିତ କରିବା ପାଇଁ ଅତିମାନସର ଅବତାର ଦ୍ୱୟ, ଶ୍ରୀମାଶ୍ରୀଅରବିନ୍ଦ ସ୍ଥୂଳ ଓ ସୂକ୍ଷ୍ମ ସ୍ତରରେ କାର୍ଯ୍ୟ କରୁଛନ୍ତି ।

ସମସ୍ତ ପ୍ରକାର ଅମଙ୍ଗଳର ସମ୍ମୁଖୀନ ହୋଇ ସକଳ ଅଦିବ୍ୟ ଶକ୍ତିମାନଙ୍କ ଉପରେ ବିଜୟ ହାସଲ କରିବା ସମ୍ଭବ ହେବ ନାହିଁ ଯେପର୍ଯ୍ୟନ୍ତ ଜଡ଼, ଦିବ୍ୟତ୍ୱରେ ରୂପାନ୍ତରିତ ହୋଇ ନାହିଁ, ଯେପର୍ଯ୍ୟନ୍ତ ଜଡ଼ର ପ୍ରତ୍ୟେକ ଅଣୁ ପରମାଣୁ ଭିତରେ ଦିବ୍ୟ ଚେତନା ରୂପକ ପଦ୍ମ ପ୍ରସ୍ଫୁଟିତ ହୋଇ ନାହିଁ । ଏହି ନିର୍ଜୀବ ବସ୍ତୁ ବାସ୍ତବରେ ଏକ ଆଲୋକର ଅସୀମ ପାରାବାର ।

ଏହି ବିଶାଳ ପରିବର୍ତ୍ତନ ନିମନ୍ତେ, ଏହି ବୈପ୍ଲବିକ ପଦକ୍ଷେପ ନିମନ୍ତେ, ଏହି ବିଶାଳ ରୂପାନ୍ତର ପ୍ରକ୍ରିୟାର କାର୍ଯ୍ୟାନ୍ୱୟନ ନିମନ୍ତେ ଏକମାତ୍ର କାର୍ଯ୍ୟଟି ହେଲା – ଶରୀର ଭିତରେ ଦିବ୍ୟ ଚେତନାର ପ୍ରବେଶ ଓ ଦିବ୍ୟ ରସାୟନର ପ୍ରକ୍ରିୟା-କରଣ । ଏ ପର୍ଯ୍ୟନ୍ତ ଆମେ ଶରୀରକୁ ବା ଜଡ଼କୁ ଅଣଦେଖା କରି ଆସିଥିଲେ, କେବଳ ମୁକ୍ତି, ନିର୍ବାଣ ଓ ମୋକ୍ଷ ପ୍ରାପ୍ତିର ମାର୍ଗରେ ଗତି କରୁଥିଲେ । ଏହି ସୃଷ୍ଟିର ଉଦ୍ଦେଶ୍ୟ କ'ଣ, ଏହି ବିଶାଳ ଏବଂ ଚମତ୍କାର ସୃଷ୍ଟିର ପଶ୍ଚାତରେ ସୃଷ୍ଟିକର୍ତ୍ତାଙ୍କର ଉଦ୍ଦେଶ୍ୟ କ'ଣ, ତାରକାମାନେ କାହିଁକି ଆକାଶରେ ଝୁଲି ରହିଛନ୍ତି, କାହିଁକି କୋଟି କୋଟି ଜୀବମାନଙ୍କ ମୁଖ ମଣ୍ଡଳରେ ଗୌରବମୟ ଆଲୋକର ସୌନ୍ଦର୍ଯ୍ୟ ଫୁଟି ଉଠୁଛି – ଏହି ସମସ୍ତ ବିଷୟରେ ଚିନ୍ତା କରିବାର ସମୟ ଉପସ୍ଥିତ ହୋଇଛି । ସେଥିପାଇଁ ଉକ୍ତ ପ୍ରାର୍ଥନାରେ ମା, ଏପର୍ଯ୍ୟନ୍ତ ଆମେ ଯେଉଁ ପଥରେ ଚାଲିଛେ ତାହା ଏକ "Misguided mysticism" ଏବଂ "the lure of supraphysical splendours" ବୋଲି କହିଛନ୍ତି । ଏକଥା ସତ୍ୟ ଯେ ପୁରାତନ ପଦ୍ଧତିର ଆବଶ୍ୟକତା ଏକଦା ରହିଥିଲା, କିନ୍ତୁ ବର୍ତ୍ତମାନ ସେସବୁର ଆବଶ୍ୟକତା ଅନୁଭୂତ ହେଉଥିଲା ପରି ମନେ ହେଉ ନାହିଁ ।

ପୂର୍ଣ୍ଣଯୋଗ ନିମନ୍ତେ ମା ଶରୀରଚର୍ଚ୍ଚାକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି, ସେଥିପାଇଁ ମା ସ୍ୱୟଂ ନିଜେ ଅସୀମ ଧୈର୍ଯ୍ୟର ସହିତ ଶାରୀରିକ ଶିକ୍ଷାର ପ୍ରସ୍ତୁତି ନିମନ୍ତେ ଟିକିନିଖି କରି ସବୁକଥା ଦେଖୁଥିଲେ, ଅଧିକ ସମୟ ଖେଳ ପଡ଼ିଆରେ କଟାଉ ଥିଲେ, ନିଜେ ଆଶ୍ରମର ଅନ୍ତେବାସୀ ସାଧକମାନଙ୍କ ସହ ଟେନିସ୍ ଖେଳୁଥିଲେ ତାଙ୍କୁ ଅଶୀ ବର୍ଷ ହେଲା ପର୍ଯ୍ୟନ୍ତ । ମା'ଙ୍କର ଏତାଦୃଶ କାର୍ଯ୍ୟ ସାରା ପୃଥିବୀର କ୍ରୀଡ଼ାପ୍ରେମୀମାନଙ୍କୁ ପ୍ରେରଣା ଯୋଗାଇଥିଲା ଏବଂ ସେମାନେ ଶରୀରଚର୍ଚ୍ଚାକୁ ଶିକ୍ଷାର ପାଠ୍ୟ ଖସଡ଼ାରେ ସ୍ଥାନିତ କରିଥିଲେ । ମାନସିକ ଉନ୍ନତି ସଙ୍ଗେ ସଙ୍ଗେ ଶାରୀରିକ ଉନ୍ନତି ହେବା ଆବଶ୍ୟକ ବୋଲି ସମସ୍ତେ ହୃଦୟଙ୍ଗମ କଲେ ।

ଏହି ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀଅରବିନ୍ଦ ମହାକାବ୍ୟ ''ସାବିତ୍ରୀ''ର ଏକାଦଶ ପର୍ବର ଏକମାତ୍ର ଅଧ୍ୟାୟ, ଯାହାର ଶୀର୍ଷକ, "Souls choice and the Supreme Consummation." ''ଆତ୍ମାର ଇଚ୍ଛା ଏବଂ ସର୍ବୋତ୍ତମ ମିଳନ''ରେ ୭୦୯ ପୃଷ୍ଠାରେ ଅପୂର୍ବ ଦେବୋପମ ଭାଷାରେ ଯାହା ଉଲ୍ଲେଖ କରିଛନ୍ତି ତାହା ଅବତାରଣା କରିବାର ଇଚ୍ଛା ସମ୍ବରଣ କରିହେଉ ନାହିଁ । ତାହା ହେଲା –

"The Spirit shall look out through Matter's gaze
And Matter shall reveal the Spirit's face."

(Savitri, p. 709)

''ଚକ୍ଷୁଖୋଲି ଆତ୍ମା ନିରେଖି ଦେଖିବେ ଜଡ଼ର ଦୃଷ୍ଟି ଭିତରେ
ଆତ୍ମା ମୁଖଶିରୀ ପ୍ରସ୍ଫୁଟିତ ହେବ ଏହି ଜଡ଼ ଜଗତରେ ।''

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା

(୧) Prayers & Meditations - The Mother.
(୨) Musing on the Mother's Prayers and Meditations, Volume - I, Shyam Kumari.

## ରାଜ୍ୟସ୍ତରୀୟ ୪୭ତମ ଶ୍ରୀଅରବିନ୍ଦ କର୍ମ ଓ ହୋଲି ଶିବିର – ୨୦୨୦

ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା, ସଂପାଦକ, ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲି, ପୋ. ଜୟନ୍ତପୁର, ଜି. ସମ୍ବଲପୁର, ପିନ୍ - ୭୬୮ ୧୧୨, ମୋବାଇଲ୍ : ୯୪୩୭୨୬୩୮୦୭ ଜଣାଇଛନ୍ତି ଯେ ସମ୍ବଲପୁର ସହରରୁ ୧୩ କି. ମି. ଦୂରରେ ଦେବଗଡ଼ ରାସ୍ତାରେ କେନ୍ଦୁଘାଟି ଛକଠାରୁ ୨.୫ କି.ମି. ଦୂରତାରେ ଅବସ୍ଥିତ ଉଦୀୟମାନ ମାତୃକ୍ଷେତ୍ର, ଦେଦର ନୂଆପାଲିଠାରେ ସବୁ ବର୍ଷ ପରି ଏବର୍ଷ ମଧ୍ୟ ଆସନ୍ତା **ମାର୍ଚ୍ଚ ୮, ୯ ଓ ୧୦** ଏହି ତିନି ଦିନ ଧରି ୪୭ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ କର୍ମ ଓ ହୋଲି ଶିବିର ଅନୁଷ୍ଠିତ ହେବ । ଏହି ଶିବିରରେ ସର୍ବଶ୍ରୀ ପ୍ରସାଦ ତ୍ରିପାଠୀ, ଡା. ବିରଞ୍ଚି ନାରାୟଣ ମହାପାତ୍ର, ଭାଗୀରଥି ମହାପାତ୍ର, ସରୋଜ କାନ୍ତ ମିଶ୍ର ତଥା ଓଡ଼ିଶାର ଅନ୍ୟାନ୍ୟ ବିଶିଷ୍ଟ ମାତୃପ୍ରେମୀ ବକ୍ତାମାନେ ଉଦ୍‌ବୋଧନ ଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥିରେ ଯୋଗଦାନକାରୀଙ୍କ ଲାଗି ସହଯୋଗ ରାଶି ୩୦.୦୦ ଟଙ୍କା ରଖା ଯାଇଛି । ସବିଶେଷ ବିବରଣୀ ପାଇଁ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବା ଲାଗି ଅନୁରୋଧ ।

ଉଦୀୟମାନ ମାତୃକ୍ଷେତ୍ରର ମୋବାଇଲ ନମ୍ବର : **୮୨୮୦୧୬୦୪୩୫**

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୬୬)

## ସାହାନା ଦେବୀ

**ଶ୍ରୀଅରବିନ୍ଦଙ୍କ ପତ୍ର** : ପୂର୍ବରୁ କାହିଁକି ତୁମେ ଏପରି ସିଦ୍ଧାନ୍ତ କରି ନେଉଛ ଯେ ତୁମର ଜନ୍ମଦିନଟି ନଷ୍ଟ ହୋଇଗଲା ? ତୁମକୁ ବର୍ଜନ କରିବାକୁ ହେବ ଏହିସବୁ ଅବାଞ୍ଛିତ ଧାରଣା, ଅନୁଭବ ଯାହାସବୁ ଆସେ ବାହ୍ୟିକ ସତ୍ତାର ସେଇ ଅଂଶରୁ ଯେଉଁ ଅଂଶ ବର୍ତ୍ତମାନ ସୁଦ୍ଧା ଠିକ୍ ରୂପେ ପରିଶୁଦ୍ଧ ହୋଇ ନାହିଁ । ମା'ଙ୍କ ନିକଟକୁ ଯେତେବେଳେ ଆସିବ ସେତେବେଳେ ତୁମକୁ ସର୍ବଦା ତୁମର ଠିକ୍ ମୂଳଭାବ (right attitude) ନେଇ ଆସିବାକୁ ହେବ । ଏପରି କୌଣସି ଧାରଣାର ଆବଶ୍ୟକତା ନାହିଁ ଯେ ଅନ୍ୟମାନଙ୍କର କ'ଣ ଅଛି ବା ନାହିଁ – ତୁମର ସମ୍ପର୍କ କେବଳ ମା ଏବଂ ତୁମ ମଧ୍ୟରେ; ଅନ୍ୟମାନଙ୍କ ସହ ତା'ର କୌଣସି ସମ୍ପର୍କ ନାହିଁ । କେବଳ ଭଗବାନ୍ ଏବଂ ତୁମ ବ୍ୟତୀତ ଆଉ ତୁମର କିଛି ବି ରହିବ ନାହିଁ – ତୁମେ କେବଳ ଗ୍ରହଣ କରୁଛ ତାଙ୍କର ଶକ୍ତି ଯାହା ତୁମ ପାଇଁ ଆସୁଛି ।

ସେହି ଅବସ୍ଥାକୁ ନିର୍ବିଘ୍ନରେ ରଖିବାକୁ ହେଲେ କଥାବାର୍ତ୍ତାରେ ତୁମର ସମୟ ଅପଚୟ ନ କରିବା ହିଁ ଭଲ – ବିଶେଷତଃ ଯଦି ବର୍ତ୍ତମାନ ସୁଦ୍ଧା ତୁମ ମଧ୍ୟରେ ଅବସାଦର କିଛି ବି ଅବଶିଷ୍ଟ ଥାଏ, ତା'ହେଲେ ସମୟଟା ନଷ୍ଟ ହେବ ଏପରି ସବୁ ଆଲୋଚନାରେ ଯାହା ସତ୍ୟ ସତ୍ତାକୁ ଆଧିପତ୍ୟ ବିସ୍ତାର କରିବାରେ ସାହାଯ୍ୟ କରେ ନାହିଁ । ମନକୁ ଏକାଗ୍ର କର, ନିଜକୁ ଖୋଲି ଧର, ଯେପରିକି ମା ପୁଣି ତୁମକୁ ଚୈତ୍ୟିକ ଅବସ୍ଥାକୁ ଫେରାଇ ଆଣି ପାରନ୍ତି ଏବଂ ଧ୍ୟାନ ଓ ନୀରବତା ମଧ୍ୟ ଦେଇ ସେ ତୁମକୁ ଯାହା ଦେବାକୁ ଚାହାନ୍ତି ତାହା ଢାଳି ଦେଇ ପାରନ୍ତି ।

(୧୬.୦୫.୩୩)

**ଶ୍ରୀଅରବିନ୍ଦଙ୍କ ପତ୍ର** : ଗତକାଲି ଏବଂ ଆଜି ସକାଳ ମଧ୍ୟରେ କିଛି ବି ଘଟି ନାହିଁ, ତୁମ ବିରୋଧରେ କୌଣସି ନୂତନ ଅଭିଯୋଗ ନାହିଁ, କୌଣସି ପ୍ରକାର ଅନ୍ୟାୟ ଯେ ତୁମେ କରିଛ ତାହା ବି ନୁହେଁ, ମା'ଙ୍କର କୌଣସି ଅସନ୍ତୋଷ ତୁମ ବିରୋଧରେ ନାହିଁ । ତୁମ ପ୍ରତି ମା'ଙ୍କ ଚାହାଣୀରେ ବି ଖରାପ ଭାବ କିଛି ନ ଥିଲା ଅଥବା ହସ ମଧ୍ୟରେ ଅସ୍ୱୀକୃତି ନଥିଲା । ଅନ୍ୟପକ୍ଷରେ ତୁମର ପତ୍ର ପାଇବା ପୂର୍ବରୁ ହିଁ ସକାଳେ ମା ମୋତେ କହିଲେ ଯେ ତୁମର ଭ୍ରମାତ୍ମକ କିଛି ଘଟିଛି – ଏକ ଅନ୍ଧକାର ଓ ଅବସାଦ ଏବଂ ତାହା ସେ ଘୁଞ୍ଚାଇ ଦେବାକୁ ଯଥାସାଧ ଚେଷ୍ଟା କଲେ କିନ୍ତୁ ଉତ୍ତର ସ୍ୱରୂପ ତୁମ ପାଖରୁ କୌଣସି ପ୍ରକାର ଟିକିଏ ଖୁସି ପାଇଲେ ନାହିଁ । ଏହା ପରିଷ୍କାର ଯେ ତୁମେ ପୁଣି ପୂର୍ବରୁ ଧରି ରଖିଥିବା କୌଣସି ଧାରଣାକୁ ନେଇ ଆସିଛ, କିଂବା ନ ହେଲେ ଆସିଛ ଅବଚେତନାର କୌଣସି ଏକ ପ୍ରତ୍ୟାଶାରୁ ଯାହା ଜନ୍ମିଛି ତୁମର ରାତ୍ରିର ନିଦ୍ରାହୀନତାରୁ ଓ ଆତ୍ମ-ନିପୀଡ଼ିତ ଚିନ୍ତା ସକାଶେ ଏବଂ 'କ'ର ବ୍ୟବହାର ପାଇଁ ମଧ୍ୟ, ଏବଂ ଯାହା ଦେଖିଛ ସେସବୁର ଅର୍ଥ କରି ନେଇଛ ନିଜର ପ୍ରତ୍ୟାଶା ଅନୁଯାୟୀ । ଅତଏବ ସମସ୍ତ ସଂଶୟ ଏବଂ ଯନ୍ତ୍ରଣାଦାୟକ ଚିନ୍ତାସବୁରେ ସ୍ଫୀତ ହୋଇ ଉଠିବା ସମ୍ବନ୍ଧରେ ଯାହା ତୁମେ କହୁଛ ତା'ର କୌଣସି ସମ୍ପର୍କ ନାହିଁ ଆମେ ଯାହା ଭାବିଛୁ ବା କରିଛୁ ତା ସହିତ ।

ତୁମେ କହୁଛ 'କ' ସମ୍ବନ୍ଧରେ ଥିବା ସମସ୍ତ ବାଧାକୁ ଦୂରେଇ ଦେବା ନିମନ୍ତେ କିଛିଦିନ ପାଇଁ ଅନ୍ୟତ୍ର ଚାଲି ଯିବାକୁ ଚାହଁ, ବାଧାକୁ କେବେ ବି ଜୟ କରାଯାଏନା ତା'ଠାରୁ ପଳାୟନ କରି । ଆମେ ସଙ୍ଗେ ସଙ୍ଗେ ଏବଂ ନିଶ୍ଚିତ ଭାବେ ଯେଉଁ ସାହାଯ୍ୟ ତୁମକୁ ଦେଇ ପାରିବୁ ଏବଂ ଦେଇ ଆସିଛୁ ମଧ୍ୟ ଏବଂ ଆମର ଉପସ୍ଥିତିର ନିର୍ଭରତାରେ ଯଦି ତୁମେ ବାଧାକୁ ଅତିକ୍ରମ କରି ଉଠି ନପାର ତେବେ ମୁଁ ତ ବୁଝିପାରୁନି ତୁମେ ଦୂରକୁ ଯାଇ କିପରି ତାହା କରିବ ଆମର ତାତ୍କାଳିକ ସାହାଯ୍ୟ ଏବଂ ଉପସ୍ଥିତି ବ୍ୟତିରେକେ ।

ମୋର ମନେ ହୁଏ ତୁମେ ନିଜ ସହ ଏଇ ଅଶାନ୍ତି ଜନିତ ବୁଝାମଣା ସବୁକୁ ଭୁଲ୍ ଭାବେ ନେବା ହେତୁ ଏଇସବୁ ଆସୁଛି । ତୀବ୍ର ମନସ୍ତାପ, ଶ୍ରାନ୍ତକ୍ଳାନ୍ତ କରିଦେବା ପରି ଆତ୍ମପୀଡ଼ନ ଏବଂ ଅନିଦ୍ରା ଦ୍ୱାରା ତୁମେ ଯେ (ଏଇ ଅବସ୍ଥାରୁ) ବାହାରି ଆସି ପାରିବ ତାହା ନୁହେଁ । ତୁମ ନିଜ ଭିତରକୁ ସିଧା ସଳଖ ଦେଖିବାକୁ ହେବ ଖୁବ୍ ଶାନ୍ତ ଭାବେ ସ୍ଥିର ଦୃଢ଼ ସଂକଳ୍ପ ନେଇ । ତା'ପରେ ଗତି କରିବାକୁ ହେବ ପ୍ରଫୁଲ୍ଲ ଚିତ୍ତରେ ଏବଂ ସାହସର ସହିତ ପୂର୍ଣ୍ଣ ଆସ୍ଥା ଓ ନିର୍ଭରତା ସହ ଭାଗବତ

*(ଅବଶିଷ୍ଟାଂଶ ପୃଷ୍ଠା ୩୪ରେ ଦେଖନ୍ତୁ)*

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୨୮)

## ନିଷ୍କ୍ରାନ୍ତି

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ : ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢ଼ୁଥାଏ । ସେ ଜନପଦର ଅଭିଭାବକମାନେ ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ବସତି ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ବହୁ ନୂତନ ପ୍ରତିଭାର ସ୍ଫୁରଣ ହେଲା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ଅବଶେଷରେ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରାକୁ ନିମନ୍ତ୍ରଣ କରି ଆଣି ପ୍ରୟୋଜନ ହେଲେ ସ୍ୱହସ୍ତରେ ନିଧନ କରିବାକୁ ସ୍ଥିର କଲା । କିନ୍ତୁ ସେ ସ୍ୱୟଂ ମଞ୍ଚରୁ ଭୂପତିତ ହୋଇ ପ୍ରାଣତ୍ୟାଗ କଲା । ଅତଃପର କୃଷ୍ଣ, ବଳରାମ ଅବନ୍ତୀକୁ ପ୍ରେରିତ ହେଲେ ଏବଂ ଋଷି ସନ୍ଦୀପନଙ୍କ ଗୁରୁକୁଳରେ ଶିକ୍ଷା ସମାପନ କଲେ । ତେଣେ ପାଣ୍ଡବମାନଙ୍କ ନିଧନ ନିମନ୍ତେ ଷଡ଼ଯନ୍ତ୍ର କରି ସେମାନଙ୍କୁ ଏକ ଜତୁଗୃହରେ ରଖାଇ ତାକୁ ଭସ୍ମ କରିବାର ବ୍ୟବସ୍ଥା କଲା ଦୁର୍ଯ୍ୟୋଧନ । କିନ୍ତୁ ପାଣ୍ଡବମାନେ ଖାଲି ଖସିଗଲେ ସେତିକି ନୁହେଁ, ଦ୍ରୌପଦୀଙ୍କୁ ବିଭା ହେଲେ ଏବଂ କୃଷ୍ଣଙ୍କ ସହ ସେମାନଙ୍କର ହେଲା ନିବିଡ଼ ବନ୍ଧୁତା । ଇତି ମଧ୍ୟରେ ବିଦର୍ଭର ରାଜକନ୍ୟା ରୁକ୍ମିଣୀଙ୍କ ଆବେଦନ କ୍ରମେ ଶ୍ରୀକୃଷ୍ଣ ତାଙ୍କୁ ବିଭା ହେଲେ । ଅଗତ୍ୟା ଧୃତରାଷ୍ଟ୍ର ପାଣ୍ଡବମାନଙ୍କୁ ରାଜ୍ୟାଂଶ ଦେଲେ ଏବଂ ଇନ୍ଦ୍ରପ୍ରସ୍ଥ ହେଲା ସେମାନଙ୍କ ରାଜଧାନୀ । ରାଜସୂୟ ଯଜ୍ଞର ପ୍ରସ୍ତାବ ହୁଅନ୍ତେ ପ୍ରଥମେ ବହୁ ରାଜାଙ୍କୁ ନିର୍ମମ ଭାବେ ବନ୍ଦୀ କରିଥିବା ଜରାସନ୍ଧକୁ ନିଧନ କରି ବନ୍ଦୀମାନଙ୍କୁ ମୁକ୍ତ କରାଗଲା ଏବଂ ଯଜ୍ଞ ପୂର୍ବରୁ ଉଦ୍ଧତ ଶିଶୁପାଳର ମଧ୍ୟ ଅନ୍ତ ଘଟିଲା । ଶକୁନିର ଛଳନାରେ ପଶାଖେଳରେ ପରାସ୍ତ ଯୁଧିଷ୍ଠିର ପଣ ରଖିଥିବା ଦ୍ରୌପଦୀଙ୍କୁ ରାଜସଭାରେ ହିନସ୍ତା କରିବାରେ ବିଫଳ ହେଲା ଦୁଃଶାସନ । କିନ୍ତୁ ପୁନର୍ବାର ପଶାଖେଳରେ ଯୁଧିଷ୍ଠିର ପରାଜିତ ହୁଅନ୍ତେ ସର୍ତ୍ତାନୁସାରେ ପାଣ୍ଡବମାନେ ବନବାସ ଗଲେ । ତହିଁ ଉତ୍ତାରୁ ଯୁଦ୍ଧ ବିନା ଗତ୍ୟନ୍ତର ନଥିଲା । ଯୁଦ୍ଧାରମ୍ଭର ଅବ୍ୟବହିତ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଲେ 'ଗୀତା'ରୂପକ ପ୍ରଜ୍ଞା । ଭୀମ-ହିଡ଼ିମ୍ବା ନନ୍ଦନ ଘଟୋତ୍କଚର ଆକ୍ରମଣରେ ବିପର୍ଯ୍ୟସ୍ତ ହେଲେ କୌରବ ପକ୍ଷ । ପାଣ୍ଡବ ପକ୍ଷର ବିଜୟରେ ସମର ହେଲା ସମାପ୍ତ । ତା'ପରେ...]

ବିପୁଳ ସମାରୋହରେ, ସହସ୍ର ବିଦ୍ୱାନ୍, ମୁନିଋଷି ଓ ନାଗରିକଙ୍କ ଶୁଭେଚ୍ଛା ବର୍ଷଣ ଓ ଜୟଧ୍ୱନି ଭିତରେ ହସ୍ତିନାପୁର ରାଜ ସିଂହାସନ ଆରୋହଣ କଲେ ଯୁଧିଷ୍ଠିର । ଇନ୍ଦ୍ରପ୍ରସ୍ଥ ସମେତ ସେ ବୃହତ୍ ଭୂଖଣ୍ଡରେ, ନିଜ ଅନୁଗତ ଭ୍ରାତୃବର୍ଗଙ୍କ ସହାୟତାରେ, ସେ ପ୍ରବର୍ତ୍ତନ କଲେ ସତ୍ୟ ଏବଂ ନ୍ୟାୟଭିତ୍ତିକ ଆଦର୍ଶ ଶାସନ ।

ଦିନେ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଲେ, ''ବହୁଦିନ ହେଲା ମୁଁ ଦ୍ୱାରକାଠୁଁ ଦୂରରେ ରହିଛି । ମୋର ବୟସ୍କ ମାତାପିତା ମୋତେ ଝୁରି ହେଉଥିବେ । ଏଥର ମୋତେ ପ୍ରତ୍ୟାବର୍ତ୍ତନର ଅନୁମତି ମିଳୁ !''

ଦାରୁଣ ଦୁର୍ବିପାକ ବେଳେ, ଅସହ୍ୟ ସଙ୍କଟ ବେଳେ ଶ୍ରୀକୃଷ୍ଣଙ୍କ ସହାୟତାହିଁ ପାଣ୍ଡବମାନଙ୍କୁ ଅବିଚଳିତ ରଖିଥିଲା । ତାଙ୍କ ସାନ୍ନିଧ୍ୟରେ ସେମାନେ ସର୍ବଦା ଉନ୍ନତ ଚେତନାରେ ରହିଥିଲେ । ସେ ଥରେ ମଧ୍ୟ ଦୂର ସମୁଦ୍ରତଟରେ ତାଙ୍କ ମନୋରମ ନବ ନଗରୀ କଥା ସ୍ମରଣ କରି ନାହାନ୍ତି ସେମାନଙ୍କ ସମ୍ମୁଖରେ । ବର୍ତ୍ତମାନ ତାଙ୍କ ପ୍ରସ୍ତାବରେ କିପରି ବା ଅସମ୍ମତି ପ୍ରକାଶ କରାଯିବ ?

ଗଭୀର ମନୋବେଦନା ସତ୍ତ୍ୱେ ତାଙ୍କୁ ଅଶ୍ରୁଳ ବିଦାୟ ଜଣାଇଲେ ପାଣ୍ଡବବର୍ଗ ।

ଘଟଣା ବହୁଳ କେତୋଟି ଦଶନ୍ଧି ଉତ୍ତାରୁ ଏଣିକି କାଳସ୍ରୋତ ହେଲା ସୁରୁଖୁରୁରେ ବହମାନ । ଭାରତବର୍ଷର ରାଜନ୍ୟବର୍ଗଙ୍କ ଉପରେ ଚକ୍ରବର୍ତ୍ତୀ ରୂପେ ପୁନଃସ୍ୱୀକୃତି ଲାଭ ନିମନ୍ତେ ପୁନର୍ବାର ବିହିତ ଯଜ୍ଞ ଅନୁଷ୍ଠିତ ହେଲା ଏବଂ ଶ୍ରୀକୃଷ୍ଣ ମଧ୍ୟ ଆସି ସେଥିରେ ଯୋଗଦାନ କରି ଗଲେ ।

ଏକଦା ବହୁ ଉପଦ୍ରବ କରିଥିବା ବିରୂପ ରାଜା ଓ ବୀରମାନେ ଆଉ ଇହଧାମରେ ନଥିଲେ । ଦ୍ୱାରକାରେ ବିରାଜମାନ କରୁଥିଲା ଅବିଚଳ ଶାନ୍ତି ଓ ସୁଖ । ଶ୍ରୀକୃଷ୍ଣଙ୍କ ଶ୍ରମ ଓ ତ୍ୟାଗର ସୁଫଳ ଉପଭୋଗ କରୁଥିଲେ ଯାଦବ ଭାବରେ ପରିଚିତ ତାଙ୍କ ବଂଶଧର ଓ ଜ୍ଞାତି କୁଟୁମ୍ବବର୍ଗ । ଆଶା କରାଯାଉଥିଲା, ପ୍ରଶାନ୍ତ, ନିଃଶଙ୍କ ପରିବେଶରେ ସେମାନେ ନିଜ ନିଜକୁ ମହତ୍ତର ଆଦର୍ଶ ଦ୍ୱାରା ଅନୁପ୍ରାଣିତ କରି ଜୀବନକୁ ସାର୍ଥକ କରିବେ । କିନ୍ତୁ ମଣିଷର ପ୍ରକୃତି ଏମନ୍ତ, ସେଭଳି ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଓ କାଳକୁ ସେ ଆପଣାର ସ୍ଥୂଳ କାମନା ବାସନା ଚରିତାର୍ଥ କରିବାରେ ବ୍ୟୟ କରିଚାଲେ । ମୁଷ୍ଟିମେୟ ଭାଗ୍ୟବାନ୍ ମାତ୍ର ସେ ସୁଯୋଗରେ ନିଜ ଅନ୍ତରାତ୍ମାର ବିକାଶ ସାଧନ କରନ୍ତି ।

ଯାଦବମାନେ ସେହି ଚିରାଚରିତ ପଥର ଯାତ୍ରୀ ହେଲେ । ଆମୋଦ-ପ୍ରମୋଦ, ଜୁଆଖେଳ, ନିଶା ଏବଂ ବାଦବିସମ୍ବାଦରେ ସେମାନେ ରହିଲେ ନିମଗ୍ନ । ବିଶେଷତଃ ତରୁଣମାନେ ହେଲେ ଅତୀବ ଉଦ୍ଧତ ଏବଂ ଗୁରୁଜନମାନଙ୍କ ପ୍ରତି ସୌଜନ୍ୟରହିତ ।

ଅନୁକୂଳ ଅବସ୍ଥାରେ ଯିଏ ଅନ୍ତରରେ ସତ୍ୟ ପାଇଁ, ମହତ୍ତର ଜ୍ଞାନ ପାଇଁ ଆସ୍ପୃହା ପୋଷଣ କରେ, ଦିବ୍ୟକୃପା ତା' ଉପରେ ଅବାଧରେ କାର୍ଯ୍ୟକାରୀ ହୁଏ । ଯାଦବମାନେ ଯେହେତୁ ତାଙ୍କରି ପରିବାର ଓ ସଂପ୍ରଦାୟଭୁକ୍ତ, ତେଣୁ ବିପଥରେ ଯିବା ସତ୍ତ୍ୱେ ସେମାନେ ଶ୍ରୀକୃଷ୍ଣଙ୍କ ସୁରକ୍ଷାରୁ ବଞ୍ଚିତ ହେବେ ନାହିଁ, ଏହା ସମ୍ଭବ ନଥିଲା ।

ଦିନେ ସମ୍ମାନାସ୍ପଦ ଋଷି ତ୍ରୟ – ବିଶ୍ୱାମିତ୍ର, କଣ୍ୱ ଏବଂ ନାରଦ ଦ୍ୱାରକା ଆଗମନ କରିଥା'ନ୍ତି । ସେମାନେ ରାଜନବର ଭିତରକୁ ପଶିବାକୁ ଉଦ୍ୟତ, ସେମାନଙ୍କୁ ଅଟକାଇଲେ ଦଳେ ଯୁବକ । ସେମାନଙ୍କ ସହ ଗର୍ଭବତୀ ଭଳି ଦିଶୁଥିବା ଜଣେ ନାରୀବେଶୀ ଯୁବକ ଥାଏ ।

''ଆଜ୍ଞାମାନେ ! ଆପଣମାନେ ତ ଭବିଷ୍ୟତ ଦ୍ରଷ୍ଟା । କହିଲେ, ଆମର ଏ ବାନ୍ଧବୀ ଜଣକ ପୁତ୍ର ସନ୍ତାନ ଜନ୍ମଦେବ ନା କନ୍ୟା ସନ୍ତାନ ?'' ନକଲି ମହିଳାକୁ ଆଗକୁ ଠେଲି ଦେଇ କୃତ୍ରିମ ନମ୍ରତା ଦେଖାଇ ସେମାନେ କଲେ ଏହି ଜିଜ୍ଞାସା ।

ଋଷିତ୍ରୟ ବୁଝିଲେ ଏ ଅପଗଣ୍ଡ ଓ ଅଭଦ୍ର ଯୁବକମାନେ ମଜା ପାଇଁ ଖୋରାକ ଚାହୁଁଛନ୍ତି । ଜଣେ ଋଷି ଗମ୍ଭୀର କଣ୍ଠରେ ଜଣାଇ ଦେଲେ କି ସେ ତଥାକଥିତ ନାରୀଠାରୁ ଯାହା ନିର୍ଗତ ହେବ, ତାହା ହେବ ଯାଦବକୁଳର ଧ୍ୱଂସର କାରଣ !

ସେ ଯୁବକମାନେ ଝାଉଁଳି ପଡ଼ିଲେ । ସେମାନଙ୍କୁ ଜଣାଥିଲା ଋଷିମାନଙ୍କ ଅଭିଶାପର କରାମତି । ସେମାନେ ପଳାଇଗଲେ । ଶ୍ରୀକୃଷ୍ଣଙ୍କ ସହ ସାକ୍ଷାତ୍ ମାତ୍ରେ ଆଗନ୍ତୁକଗଣ ସେ ଦୁର୍ଭାଗ୍ୟଜନକ ମୁକାବିଲାର ବିବରଣୀ ଦେଲେ । ଶ୍ରୀକୃଷ୍ଣ ହିସାବ କରି ଦେଖିଲେ ଛତିଶବର୍ଷ ଅତିବାହିତ ହୋଇଯାଇଛି । ଗାନ୍ଧାରୀଙ୍କ ଅଭିଶାପ ଫଳିବାର ସମୟ ଆଗତ ପ୍ରାୟ ।

ଯେଉଁ ଯୁବକକୁ ନାରୀବେଶରେ ଋଷିମାନଙ୍କ ଆଗରେ ଉପସ୍ଥାପନ କରାଯାଇଥିଲା, ସେ ଆଉ କେହି ନୁହେଁ, ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ! ତା' ପେଟରୁ ସତକୁ ସତ ସ୍ଖଳିତ ହେଲା ଏକ କଠିନ ମୁଷଳ । ଶାମ୍ବ ଓ ତା' ବନ୍ଧୁବର୍ଗ ସେ ବସ୍ତୁକୁ ସମୁଦ୍ରକୂଳକୁ ନେଇଯାଇ ଖଣ୍ଡିଏ ପଥର ଉପରେ ଘଷି ଘଷି ଗୁଣ୍ଡ କରୁଥା'ନ୍ତି ଓ ସେ ଗୁଣ୍ଡସବୁ ଢେଉରେ ଭାସିଯାଉଥା'ନ୍ତି । ଶେଷକୁ ରହିଲା ଟିକିଏ ମାତ୍ର ତା'ର ଅବଶେଷ । ତାକୁ ଆଉ ହାତରେ ଧରିବା ସମ୍ଭବ ନ ହୁଅନ୍ତେ ସେ ଖଣ୍ଡିକୁ ସମୁଦ୍ର ଭିତରକୁ ଫୋପାଡ଼ି ଦିଆଗଲା ।

ସେ ବିସର୍ଜିତ ଗୁଣ୍ଡତକ କିନ୍ତୁ ଢେଉଯୋଗେ ଆସି କୂଳ ବ୍ୟାପୀ ବିଛେଇ ପଡ଼ିଲେ । କିଛିଦିନ ଭିତରେ ସେସବୁରୁ ଉଦ୍‌ଭୂତ ହେଲେ ଏକ ପ୍ରକାର ଉଦ୍ଭିଦ । ସେମାନେ ଅତି ଶୀଘ୍ର ବଢ଼ି ଚାଲିଲେ ।

ଦିନକର ଅପରାହ୍ନରେ ମଉଜମଜଲିସ ଲିପ୍ତ ଦ୍ୱାରକା-ବାସୀମାନେ ଦେଖିଲେ ଏକ ଅପରୂପ ଦୃଶ୍ୟ । ଗୋଟାଏ ଘୂର୍ଣ୍ଣିବାତ୍ୟା ଯେପରିକି ଚରାଚର ବ୍ୟାପି ଖେଳିଗଲା ଅକସ୍ମାତ୍ । ତତ୍ପରେ ତାହାର ହେଲା ଊର୍ଦ୍ଧ୍ୱଗତି । ସଭିଏଁ ହତଭମ୍ବ ଭାବରେ ଆକାଶକୁ ଅନାଇ ଦେଖିଲେ, ଏକ ଘୂର୍ଣ୍ଣାୟମାନ ପ୍ରଦୀପ୍ତ ବସ୍ତୁ ଦ୍ୱାରା ଆକାଶ ହେଲା ଉଦ୍‌ଭାସିତ । କ୍ରମେ ତାହା ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ ଉଠିଗଲା; ଆକାର ତା'ର ହେଲା କ୍ଷୁଦ୍ରରୁ କ୍ଷୁଦ୍ରତର । ତାହା ନିଶ୍ଚିହ୍ନ ହେବା ଅନ୍ତେ ମଧ୍ୟ ବାତାବରଣ ବହୁ ସମୟ ଧରି ରହିଲା ସ୍ତବ୍ଧ ।

ସଭିଏଁ ଆଚମ୍ବିତ ହେଲେ; କିନ୍ତୁ ତା'ର ତାତ୍ପର୍ଯ୍ୟ ବୁଝିଥିବେ ଅଳ୍ପ କେତେ ଜଣ ପ୍ରାଜ୍ଞ । ସେ ପ୍ରଜ୍ୱୋଳ ଘୂର୍ଣ୍ଣାୟମାନ ବସ୍ତୁ ସୁଦର୍ଶନ ଚକ୍ର । ତାହା ସ୍ୱୟଂ ଏକ ସଚେତନ ସତ୍ତା । ତାହାରି ଯୋଗେ ପ୍ରୟୋଜନ ବେଳେ ଦୁଷ୍ଟର ବିନାଶ ସାଧନ କରୁଥିଲେ କୃଷ୍ଣ । ଧରିତ୍ରୀର ବାତାବରଣରୁ ତାହା ବିଦାୟ ନେଇଗଲା ।

ଅର୍ଥାତ୍, ଅବିଳମ୍ବେ ଶ୍ରୀକୃଷ୍ଣ ମଧ୍ୟ ତାକୁ ଅନୁସରଣ କରିବେ !

ତହିଁପରଠାରୁ ଘଟିଲା ଗୋଟାଏ ପରେ ଗୋଟାଏ ଅଶୁଭ ଏବଂ ଭୟପ୍ରଦ ଘଟଣା । ନିଦ୍ରିତ ଲୋକଙ୍କ କେଶପାଶ ଓ ଶ୍ମଶ୍ରୁ ଖାଇଗଲେ ମୂଷିକମାନେ; ହଂସମାନେ ପେଚା ଭଳି ରାବ ଛାଡ଼ିଲେ ଏବଂ ଛାଗଳମାନେ ଶୃଗାଳଙ୍କ ଭଳି ହୁକ୍କେ ହୋ ଧ୍ୱନି ଦେଲେ । ଗାଭୀମାନଙ୍କ ଗର୍ଭରୁ ଜାତ ହେଲେ ଗର୍ଦ୍ଦଭ ଶାବକ ଏବଂ କୁକ୍କୁରୀମାନେ ମାର୍ଜାର ଶାବକ ପ୍ରସବ କଲେ !

କେବେ କେବେ କେହି କେହି ଦେଖୁଥା'ନ୍ତି ଦୁଇଗୋଟି ଭୌତିକ ଛାୟାମୂର୍ତ୍ତି – ଜଣେ ପୁରୁଷ ଓ ଜଣେ ନାରୀ – ଅନ୍ଧକାରରେ ବିଚରଣଶୀଳ । ସେମାନେ ଦୃଶ୍ୟମାନ ହେବା ପରମୁହୂର୍ତ୍ତରେ ଅଦୃଶ୍ୟ ହୋଇଯାଉଥା'ନ୍ତି । ସେତିକି ସମୟ ଭିତରେ ସେହି ପରିସରରେ ଥିବା ନାରୀମାନଙ୍କ ଭୂଷଣ ଓ ପୁରୁଷମାନଙ୍କ କବଚ ଅଦୃଶ୍ୟ ହୋଇଯାଉଥାଏ ।

କିନ୍ତୁ ସେମାନଙ୍କ ନିତ୍ୟନୈମିତ୍ତିକ ବିଳାସମୟ ଅଳସ ଜୀବନ ଯାପନରୁ ଯାଦବମାନେ ବିରତ ହେଉ ନଥା'ନ୍ତି । ସେମାନେ ସମ୍ବେଦନହୀନତାର ଦୃଷ୍ଟାନ୍ତ ପାଲଟି ଯାଇଥା'ନ୍ତି ।

''ଅତ୍ୟନ୍ତ ଭୟାବହ ସମୟ ଆସୁଛି । ଚାଲ, ସଭିଏଁ ନିର୍ଜନ ତଥା ପବିତ୍ର ତୀରକୁ ଯାଇ ସେଠାରେ କିଛି ସମୟ ଅତିବାହିତ କରିବା !'' ଦିନେ ଶ୍ରୀକୃଷ୍ଣ କଲେ ଏହି ଘୋଷଣା । ସ୍ଥାନଟି ଚମତ୍କାର । ସମ୍ମୁଖରେ ସମୁଦ୍ର ଏବଂ ଗୋଟିଏ ଦିଗରେ ନିବିଡ଼ ଅରଣ୍ୟ ।

ଯାଦବମାନେ ଏ ଘୋଷଣାର ପ୍ରଥମ ଅଂଶଟି ଉପରେ ଗୁରୁତ୍ୱ ଆରୋପ କଲେ ନାହିଁ । ସେମାନଙ୍କ ସକାଶେ ଏହା ହେଲା, ଦେହଘଷା ସ୍ଥାନରୁ ଦୂରବର୍ତ୍ତୀ ଏକ ସ୍ଥାନରେ ପାନାହାର ଓ ସ୍ଫୂର୍ତ୍ତି କରିବା ନିମନ୍ତେ ସୁଯୋଗ । ପ୍ରଚୁର ପରିମାଣରେ ଖାଦ୍ୟ ଓ ପାନୀୟ ଧରି ଯଥା ସମୟରେ ହୃଷ୍ଟ ଚିତ୍ତରେ ସେମାନେ ପ୍ରଭାସ ଅଭିମୁଖେ କଲେ ଯାତ୍ରାରମ୍ଭ ।

ସେ ସୁନ୍ଦର ଉପକୂଳରେ ସଭିଏଁ ଯଦି ନୀରବରେ ଶ୍ରୀକୃଷ୍ଣଙ୍କ ସ୍ଥାନ ନିର୍ବାଚନର ମହତ୍ତ୍ୱ ହୃଦୟଙ୍ଗମ କରିଥା'ନ୍ତେ, ତାଙ୍କୁ କିଛି ଦିଗ୍‌ଦର୍ଶନ ଦେବା ନିମନ୍ତେ ଅନୁରୋଧ କରିଥା'ନ୍ତେ, ତାହା ସେମାନଙ୍କ ସକାଶେ କେଡ଼େ ଶୁଭଙ୍କର ହୋଇଥା'ନ୍ତା ! କିନ୍ତୁ ହାୟ, ସେଠାରେ ପହଞ୍ଚିବା ମାତ୍ରେ ସେମାନେ ଆହାର ଓ ସୁରାସେବନରେ ମାତିଗଲେ । ସେହି ଅବସ୍ଥାରେ ଦୁଇଜଣ ଭୂତପୂର୍ବ ଯୋଦ୍ଧା ସାତ୍ୟକୀ ଓ କୃତବର୍ମାଙ୍କ ଭିତରେ କୌଣସି କାରଣରୁ କଳି ହେଲା । ଦୁହେଁ ସେତେବେଳେ ଆକଣ୍ଠ ସୁରା ପ୍ରଭାବରେ ଆସୁରିକ ! ସାତ୍ୟକୀ ଅକସ୍ମାତ୍ ତାଙ୍କ ତରବାରୀ ବାହାର କରି କୃତବର୍ମାଙ୍କ ଶିରଚ୍ଛେଦ କରିପକାଇଲେ – ସାମ୍‌ନାରୁ ଖଣ୍ଡିଏ ଇଟା ବା କଣ୍ଟା ଦୂରେଇ ଦେବା ଭଳି ସହଜ ରୀତିରେ । କୃତବର୍ମାଙ୍କ ବନ୍ଧୁମାନେ ଖିଆପିଆ ଛାଡ଼ି ବାସନକୁସନ ଯୋଗେ ପିଟିଗଲେ ସାତ୍ୟକୀଙ୍କୁ । ମଲେ ସାତ୍ୟକୀ । କିନ୍ତୁ ସେତେବେଳକୁ ଯେପରି ସଂହାର ନିଶାରେ ସଭିଏଁ ମତ୍ତ ! ଅର୍ଥହୀନ କନ୍ଦଳରେ ପ୍ରବୃତ୍ତ ହୋଇ ସଭିଏଁ ପରସ୍ପର ଆକ୍ରମଣରେ ଆତ୍ମହରା ଭଳି ଲିପ୍ତ ହେଲେ । ଅବୋଧ ଚିତ୍କାର ଓ ବିଳାପରେ ଅଭିଶପ୍ତ ହେଲା କିୟତ୍‌କ୍ଷଣ ପୂର୍ବର ସେ ନୀରବ ପ୍ରଭାସ ତୀର – ସୁଗମ୍ଭୀର ସମୁଦ୍ର ନିର୍ଘୋଷହିଁ ଥିଲା ଯାହାର ଏକମାତ୍ର ଧ୍ୟାନଗର୍ଭକ ପଟ୍ଟ ସଂଗୀତ ।

ଶ୍ରୀକୃଷ୍ଣ ଦେଖୁଥା'ନ୍ତି ତାଙ୍କ ପ୍ରିୟ ପରିଜନଙ୍କର ସେ ଦୟନୀୟ ଆଚରଣ । ବିରକ୍ତ ଭାବରେ ସେ ଗୋଟିଏ ଗୁଳ୍ମ ଉତ୍ପାଟନ କରି ଆଣିଲେ । ତାଙ୍କ ହାତରେ ତାହା ଗୋଟାଏ ଶକ୍ତ ଦଣ୍ଡରେ ପରିଣତ ହେଲା । ତତ୍‌କ୍ଷଣାତ୍ ତୀରବର୍ତ୍ତୀ ସେହି ଜାତିର ଯାବତୀୟ ଗୁଳ୍ମ ଅସଂଖ୍ୟ ଦଣ୍ଡରେ ହେଲେ ପରିଣତ । ଅଜ୍ଞାନ ଯାଦବବୃନ୍ଦ ସେହିସବୁ ଉତ୍ପାଟନ କରି ପରସ୍ପର ବିରୋଧରେ ଅସ୍ତ୍ର ରୂପେ ବ୍ୟବହାର କଲେ । କିଛି ଦିନ ପୂର୍ବେ କୁଳାଙ୍ଗାର ଯାଦବଯୁବକ କେତେଜଣ ଭସାଇ ଦେଇଥିବା ମୁଷଳଗୁଣ୍ଡରୁ ଉତ୍ପାଦିତ ହୋଇଥିଲେ ସେ ଗୁଳ୍ମରାଶି । କ୍ରନ୍ଦନରତ ଯାଦବ ନାରୀମାନଙ୍କ ଆଗରେ ଜଣକ ପରେ ଜଣେ ପୁରୁଷ କ୍ଷତବିକ୍ଷତ ହୋଇ ତଳେ ପଡ଼ି ରହୁଥା'ନ୍ତି ମୃତ୍ୟୁ ଅପେକ୍ଷାରେ ।

ବଳରାମ ବଚନବ୍ୟୟ ନକରି ସେ ସ୍ଥାନ ଛାଡ଼ି ଚାଲିଯାଇଥା'ନ୍ତି । ଦଙ୍ଗାରୁ ବର୍ତ୍ତି ରହିଥିବା ମୁଷ୍ଟିମେୟ ବ୍ୟକ୍ତିଙ୍କ ଭିତରୁ ଶ୍ରୀକୃଷ୍ଣ ଜଣକୁ ହସ୍ତିନାପୁର ପ୍ରେରଣ କଲେ ଅର୍ଜୁନଙ୍କୁ ତଲବ କରି ଏବଂ ଅନ୍ୟମାନଙ୍କ ଦାୟିତ୍ୱରେ ନାରୀମାନଙ୍କୁ ଦ୍ୱାରକା ପ୍ରେରଣ କଲେ ।

ବିଚରଣ କରୁଁ କରୁଁ ଶ୍ରୀକୃଷ୍ଣ ଅଦୂରରେ ବଳରାମ ଏକ ବୃକ୍ଷ ମୂଳରେ ଶାୟିତ ଥିବାର ଦେଖିଲେ । ସେ ଚାହୁଁ ଚାହୁଁ ବଳରାମଙ୍କ ଚୈତନ୍ୟ ତାଙ୍କ ନାସିକା ଭିତରୁ ସୁବର୍ଣ୍ଣ ସର୍ପଟିଏ ରୂପେ ବାହାରି ସମୁଦ୍ରରେ ହଜିଗଲା । ବଳରାମଙ୍କ ଜୀବନାବସାନ ହୋଇଯାଇଥିଲା ।

ବାତାବରଣ ପୁନର୍ବାର ନିସ୍ତବ୍ଧ । ଅଦୂରରୁ ଶୁଭୁଛି ସମୁଦ୍ରର ନିର୍ଘୋଷ । ଏକ ବୁଦା ବେଷ୍ଟନୀ ଭିତରେ, ଗୋଟିଏ ବିଶାଳ ବୃକ୍ଷର ପାଦଦେଶରେ ଶ୍ରୀକୃଷ୍ଣ ନେଲେ ବିଶ୍ରାମ ।

ସ୍ୱଳ୍ପ ସମୟ ଉତ୍ତାରୁ ତହିଁ ଆସି ପହଞ୍ଚିଲା ଜଣେ ଶିକାରୀ; ନାମ ତା'ର ଜରା ଶବର । କିଛି ଦୂରରୁ ସେ ଦେଖିପାରିଲା ଶ୍ରୀକୃଷ୍ଣଙ୍କର ସୁକୋମଳ, ସୁରଞ୍ଜିତ ପାଦଯୁଗଳ । ପୂର୍ବଦିନ ଗୋଟିଏ ମାଛ ପେଟରୁ ତାକୁ ମିଳିଥିଲା ଖଣ୍ଡିଏ ତୀକ୍ଷ୍ଣ ଧାତୁ । ସେ ଗୋଟିକ ସେ ତା' ତୀରରେ ଯୋଖିଥାଏ । କହିବାବାହୁଲ୍ୟ ସେ ବସ୍ତୁଟି ଯାଦବ ଯୁବକମାନେ ସମୁଦ୍ର ଭିତରକୁ ନିକ୍ଷେପ କରିଥିବା ମୁଷଳର ଶେଷାବଶେଷ ।

ଶ୍ରୀକୃଷ୍ଣଙ୍କ ପାଦଯୁଗଳ ଜରାକୁ ଗୋଟିଏ ସୁପ୍ତ ହରିଣର କର୍ଣ୍ଣଦ୍ୱୟ ଭଳି ଦେଖାଗଲା । ସେଠାରେ କୌଣସି ମାନବ ବିଶ୍ରାମରତ ଥାଇପାରେ ବୋଲି ତା' କଳ୍ପନାକୁ ଆସିବାର ସମ୍ଭାବନା ନଥିଲା ।

ତୀର ଯାଇ ଶ୍ରୀକୃଷ୍ଣଙ୍କର ଏକ ପାଦରେ ବିଦ୍ଧ ହେଲା । ଜରା ତା' ଶିକାର ଗୋଟାଇବା ଉଦ୍ଦେଶ୍ୟରେ ବୁଦାବେଷ୍ଟନୀ ଭିତରକୁ ଯାଇ ଯାହା ଦେଖିଲା, ସେଥିରେ କିଂକର୍ତ୍ତବ୍ୟବିମୂଢ଼ ଓ ମର୍ମାହତ ହେବା ଛଡ଼ା ତା'ର ଗତ୍ୟନ୍ତର ନଥିଲା । ସେ ତୀରଟି ବାହାର କରି ଶ୍ରୀକୃଷ୍ଣଙ୍କ ପାଦ କୋଳକୁ ନେଇ ଅନର୍ଗଳ ଅଶ୍ରୁପାତ କରନ୍ତେ ଶ୍ରୀକୃଷ୍ଣ ସ୍ନିଗ୍ଧ ହସ ଖେଳାଇ ତାକୁ ଆଶ୍ୱାସନା ଦେଲେ ଏବଂ ତାଙ୍କ ମାନବ-ଲୀଳା ସମ୍ବରଣରେ ସହାୟତା କରିଥିବା ଯୋଗୁଁ ତାକୁ ଦେଲେ ନିଜର ଆଶିଷ ।

ଏକ ଭାସ୍ୱର ଆଲୋକରଶ୍ମି ରୂପେ ତାଙ୍କ ଚେତନା ତୀରବତ୍ ଯାଇ ଅନନ୍ତ ନୀଳ ଆକାଶ ଭିତରେ ବିଲୀନ ହେଲା ।

ପରେ ପରେ ଅର୍ଜୁନ ଆସି ଦ୍ୱାରକାରେ ଉପନୀତ ହେଲେ । ଯାହା ଦେଖିଲେ, ସେଥିରେ ସେ ମୁହ୍ୟମାନ ହେଲେ । କିନ୍ତୁ ନିଜ ନିଦାରୁଣ ବ୍ୟଥା ନିଜ ହୃଦୟରେ ଅବରୁଦ୍ଧ ରଖି ସେ ଶ୍ରୀକୃଷ୍ଣ, ବଳରାମ ଏବଂ ସମସ୍ତ ଯାଦବଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମାପନ କଲେ । ଅର୍ଜୁନଙ୍କ ଆଗମନର ଅବ୍ୟବହିତ ପରେ ଶ୍ରୀକୃଷ୍ଣଙ୍କର ଶୋକାର୍ତ୍ତ ମାତାପିତା ଦେହତ୍ୟାଗ କଲେ ।

ଦ୍ୱାରକାର ନାରୀବୃନ୍ଦ ଏବଂ ସେ କାଳ ଦିବସରୁ ବର୍ତ୍ତି ରହିଥିବା ପୁରୁଷ ଓ ଶିଶୁବର୍ଗଙ୍କୁ ଏକତ୍ର କରି ଅର୍ଜୁନ ହସ୍ତିନାପୁର ଅଭିମୁଖେ ଯାତ୍ରା କଲେ । ସେମାନେ ଶ୍ରୀକୃଷ୍ଣ ସ୍ଥାପିତ ସୁରମ୍ୟ ଦ୍ୱାରକା ନଗରୀର ସୀମା ଅତିକ୍ରମ କରିବା ସଙ୍ଗେ ସଙ୍ଗେ ସମୁଦ୍ରର ଏକ ଉତ୍ତାଳ ରୂପ ଆସି ସେ ନଗରୀକୁ ଆତ୍ମସାତ୍ କରିନେଲା ।

କିୟତ୍‌କ୍ଷଣ ସ୍ଥାଣୁ ଭଳି ଦଣ୍ଡାୟମାନ ଥାଇ ଦୂରରୁ ଅର୍ଜୁନ ଦେଖିଲେ ସେ ବିପୁଳ ଜଳରାଶିର କରାମତି । ଦୀର୍ଘଶ୍ୱାସ ଛାଡ଼ି ସେ ପୁଣି କଲେ ଯାତ୍ରାରମ୍ଭ ।

**(ସମାପ୍ତ)**

❑❑❑

---

*(ପୃଷ୍ଠା ୩୦ର ଅବଶିଷ୍ଟାଂଶ)*

କରୁଣା ପ୍ରତି ବିଶ୍ୱାସ ରଖି । ତୁମର ଚୈତ୍ୟସତ୍ତା ସହ ଅଚଞ୍ଚଳତା ଓ ସଜାଗତାକୁ ଏକତ୍ର ବାନ୍ଧି ରଖି ଧୀରେ ଧୀରେ ଏକାନ୍ତ ଭାବେ ମା'ଙ୍କ ଆଡ଼କୁ ଅଗ୍ରସର ହେବା ନିମନ୍ତେ ଅଧିକାଧିକ ପ୍ରେମ ଏବଂ ପରମାନନ୍ଦଙ୍କୁ ଆହ୍ୱାନ କରିବାକୁ ହେବ । ଏହା ହେଉଛି ପ୍ରକୃତ ଉପାୟ – ଏହା ବ୍ୟତୀତ ଆଉ କିଛି ନାହିଁ ।

(୨୦.୦୫.୩୩)

**ଶ୍ରୀଅରବିନ୍ଦଙ୍କ ପତ୍ର** : ଏ ପ୍ରସଙ୍ଗ ସାଧାରଣ ଜୀବନର ନୁହେଁ । ସାଧାରଣ ଜୀବନରେ ଲୋକମାନେ ସର୍ବଦା ଭୁଲ୍‌ଭାବରେ ବିଚାର କରନ୍ତି, କାରଣ ସେମାନେ ବିଚାର କରନ୍ତି ମନ ଦ୍ୱାରା ଏବଂ ସାଧାରଣ ପ୍ରଚଳିତ ରୀତିଗତିର ମାନଦଣ୍ଡ ଅନୁସାରେ । ମଣିଷର ମନ ସତ୍ୟର ଯନ୍ତ୍ର ନୁହେଁ, ସେ ଯନ୍ତ୍ର ହେଉଛି ଅଜ୍ଞାନତାର ଏବଂ ଭ୍ରାନ୍ତିର ।

(୨୫.୦୮.୩୩)

(*କ୍ରମଶଃ...*)

ଅନୁବାଦ : ଶୁଭ୍ରା ଦାସ

❑❑❑

# ଯୋଗାନନ୍ଦ
## (୧୨)

ଉନବିଂଶ ଶତାବ୍ଦୀର ତିରିଶ ଦଶକରେ ବଙ୍ଗଦେଶ, ବିଶେଷ କରି ପୂର୍ବବଙ୍ଗରେ ଅନେକ ମହାପୁରୁଷ ଓ ଖୁବ୍ ଉଚ୍ଚକୋଟୀର ସାଧକ-ସାଧିକାଙ୍କର ଆବିର୍ଭାବ ହୋଇଥିଲା ଏବଂ ଅନେକ ଆଶ୍ରମ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା । ପୂର୍ବବଙ୍ଗରେ ଏକ ଜନଶ୍ରୁତି ଉଠିଥିଲା ଯେ ଭଗବାନ୍ ଏହି ଅଞ୍ଚଳକୁ ଅବତାର ରୂପେ ଆସିଛନ୍ତି । ଇତିପୂର୍ବରୁ ବାରଦୀର ଶିବତୁଲ୍ୟ ମହାଯୋଗୀ ପ୍ରାତଃସ୍ମରଣୀୟ ଶ୍ରୀ ଶ୍ରୀମତ୍ ଲୋକନାଥ ବ୍ରହ୍ମଚାରୀ ବାବା, ଢାକା ଗେଣ୍ଡୁରିଆ ଆଶ୍ରମର ପୂଜ୍ୟପାଦ ଶ୍ରୀ ଶ୍ରୀମତ୍ ବିଜୟକୃଷ୍ଣ ଗୋସ୍ୱାମୀ ମହୋଦୟଙ୍କର ଆଧ୍ୟାତ୍ମିକ ପ୍ରଭାବ ପୂର୍ବବଙ୍ଗରେ ଖୁବ୍ ବିଦ୍ୟମାନ ଥିଲା । ଏତତ୍ ବ୍ୟତୀତ ଠାକୁର ଦୟାନନ୍ଦ, ପ୍ରଭୁ ଜଗବନ୍ଧୁ ତଥା ଅନୁକୂଳ ଠାକୁର, ଋଷି ନିଗମାନନ୍ଦ ସରସ୍ୱତୀ ପ୍ରଭୃତି ଅନ୍ୟତମ । ଏ ସମସ୍ତ ମହାପୁରୁଷଙ୍କର ଶିଷ୍ୟଗଣ ନିଜ ନିଜ ସମ୍ପ୍ରଦାୟର ଗୁରୁଦେବଙ୍କୁ ଅବତାର ରୂପେ ପ୍ରଚାର କରିବାକୁ ଆରମ୍ଭ କରି ଦେଇଥିଲେ । ଏ ସମ୍ବନ୍ଧରେ ଠାକୁର ଦୟାନନ୍ଦ ଓ ପ୍ରଭୁ ଜଗବନ୍ଧୁଙ୍କର ଭକ୍ତଗଣ ହିଁ ବିଶେଷ ଉଲ୍ଲେଖଯୋଗ୍ୟ । ଅନ୍ୟ ସମ୍ପ୍ରଦାୟ କଥା ଯାହା ହେଲେ ମଧ୍ୟ ବ୍ରହ୍ମଚାରୀ ବାବାଙ୍କର କେତେକ ଶିଷ୍ୟ ତାଙ୍କୁ ଅବତାର ବୋଲି ବିଶ୍ୱାସ କରି ପ୍ରଚାର ଆରମ୍ଭ କରି ଦେଇଥିଲେ । କିନ୍ତୁ ବ୍ରହ୍ମଚାରୀ ବାବା ସ୍ୱୟଂ ନିଜକୁ କେବେ ଅବତାର ବୋଲି କହିଥିବାର କେହି ବି ଶୁଣି ନଥିଲେ । ସେ ତାଙ୍କ ଶିଷ୍ୟବର୍ଗଙ୍କୁ ସର୍ବଦା କେବଳ ଏତିକି କହୁଥିଲେ : ''ମୁଁ ତୁମମାନଙ୍କ ସକାଶେ ମା'ଙ୍କ ଦ୍ୱାରା ପ୍ରେରିତ ହୋଇ ଆସିଛି ।'' – ଏତିକି ସେ ସ୍ୱୟଂ ଲେଖିଥିଲେ ଓ କହୁଥା'ନ୍ତି ମଧ୍ୟ ।

ଦିନେ ବ୍ରହ୍ମଚାରୀ ବାବାଙ୍କ ଉପସ୍ଥିତିରେ ହିଁ ତାଙ୍କର ଅବତାର ଗ୍ରହଣ ସମ୍ପର୍କରେ ଗୁରୁଭାଇମାନେ ନିଜ ନିଜ ମଧ୍ୟରେ ତର୍କ କଲେ । ଉପସ୍ଥିତ ପ୍ରବୀଣ ଓ ବିଶିଷ୍ଟ ଭକ୍ତଗଣଙ୍କର ଆନ୍ତରିକ ଦୃଢ଼ ବିଶ୍ୱାସ ଯେ ସେ ଅବତାର । ସେମାନେ କହୁଥା'ନ୍ତି, 'ପୂର୍ବବଙ୍ଗରେ ଆମ ଗୁରୁଦେବହିଁ ଅବତାର ।' ଏହି ତର୍କବିତର୍କ ଚାଲିଥିବା ବେଳେ ଉପସ୍ଥିତ ଅଳ୍ପ ବୟସ୍କ ଶିଷ୍ୟ ଯୋଗାନନ୍ଦ ଏକମାତ୍ର ହିଁ ଏ ବିଷୟକୁ ନେଇ ବିରୁଦ୍ଧ-ମତାବଲମ୍ବୀ ଥିଲେ । କିନ୍ତୁ ତାଙ୍କ ମତକୁ ସମର୍ଥନ କରିବା ଭଳି କେହି ଜଣେ ହେଲେ ଶିଷ୍ୟ ସେଠାରେ ଉପସ୍ଥିତ ନଥିଲେ । ବ୍ରହ୍ମଚାରୀ ବାବା ଏ ସମ୍ବନ୍ଧରେ ସମ୍ପୂର୍ଣ୍ଣ ନୀରବ । ଦିନେ ଯୋଗାନନ୍ଦ ସମସ୍ତଙ୍କ ସାମନାରେ ଗୁରୁଦେବଙ୍କୁ କହିଲେ, 'ବାବା, ମୁଁ କିନ୍ତୁ ଆପଣଙ୍କୁ ଅବତାର ବୋଲି ଭାବେ ନାହିଁ । ମୁଁ ଆପଣଙ୍କୁ ଆର୍ଯ୍ୟଋଷି ତୁଲ୍ୟ ଦେଖେ ।...' ବ୍ରହ୍ମଚାରୀ ବାବା ତାଙ୍କ କଥା ଶୁଣି ନୀରବରେ କେବଳ ହସିଥିଲେ ।

ଯୋଗାନନ୍ଦ ପଣ୍ଡିଚେରୀ ଆଶ୍ରମର ଅନ୍ତେବାସୀ ହୋଇ ଅନେକ ଦିନ ଧରି ଏହି ତତ୍ତ୍ୱ – ଗୁରୁଦେବ, ଦୀକ୍ଷାଗୁରୁ, ଅବତାର ଏବଂ ବ୍ରହ୍ମଚାରୀ ବାବାଙ୍କର କେତୋଟି 'Vision and Voice' ('ସୂକ୍ଷ୍ମଦର୍ଶନ ଓ ଦିବ୍ୟବାଣୀ ଶ୍ରବଣ') ବିଷୟରେ ସନ୍ଦେହ ମୋଚନ କରିବା ସକାଶେ ଶ୍ରୀଅରବିନ୍ଦଙ୍କୁ ଏକାଧିକ ପତ୍ର ଲେଖି ଥିଲେ । ଶ୍ରୀଅରବିନ୍ଦଙ୍କର ଉତ୍ତର ଥିଲା :

ଯୋଗାନନ୍ଦ,

ଏସବୁ ବିଷୟରେ କିଛି କହିବା ପାଇଁ ଏବେ ବି ସମୟ ଆସି ନାହିଁ, ଆହୁରି କିଛି ଦିନ ପରେ ହିଁ ତା' ହୋଇ ପାରିବ ।

ଯଦି ତୁମ ଗୁରୁଦେବ ସ୍ୱୟଂ ନିଜକୁ ମା'ଙ୍କ ଦ୍ୱାରା ପ୍ରେରିତ ବୋଲି ଘୋଷଣା କରିଛନ୍ତି କିନ୍ତୁ ଅବତାର ନୁହଁନ୍ତି ବୋଲି କହିଛନ୍ତି, ତେବେ ତାଙ୍କ କଥାର ବିରୋଧରେ ଯାଇ ତାଙ୍କୁ ଅବତାର ବୋଲି ଘୋଷଣା କରିବା ଭୁଲ୍ ହେବ । ସମୟ ସମୟରେ ସେ ଯେଉଁ ଭବିଷ୍ୟତ୍ ବାଣୀସବୁ କରିଛନ୍ତି, ସେ ସମ୍ପର୍କରେ କେବଳ ତାଙ୍କର ମୁଖ୍ୟ ବାଣୀଟିକୁ ଗ୍ରହଣ କରାଯାଇ ପାରେ । କିନ୍ତୁ ତାଙ୍କର ଛୋଟ ଛୋଟ କଥାସବୁ ସମ୍ବନ୍ଧରେ ଏତିକି କୁହାଯାଇ ପାରେ ଯେ ଯାହାସବୁ ଘଟିବାକୁ ଯାଉଛି ସେସବୁ ମାନସିକ ଧାରାରେ ନଘଟି ହୁଏତ ଭିନ୍ନ ଧାରାରେ ଘଟିବ । **ଅବତରଣ କରୁଥିବା ଦିବ୍ୟଶକ୍ତି ନିଜକୁ ପ୍ରକଟ କରିବା ସକାଶେ ଦେଶ, କାଳ, ପାତ୍ର ନିଜେହିଁ ନିର୍ବାଚନ କରି ଥାଏ ।** ଯେଉଁମାନଙ୍କର ସୂକ୍ଷ୍ମଦର୍ଶନ କରିବାର ଶକ୍ତି ରହିଛି ସେମାନଙ୍କର ସେହି ଅବତରଣ ସମ୍ବନ୍ଧେ ସମ୍ପୂର୍ଣ୍ଣ ଦିବ୍ୟଦୃଷ୍ଟି ନଥିଲେ ମଧ୍ୟ ଆଂଶିକ ଭାବରେ ତାହା ଦର୍ଶନ କରି ପାରିବେ ଅଥବା ସେ ସମ୍ବନ୍ଧେ କିଛି ମାତ୍ରାରେ ଘୋଷଣା କରି ପାରିବେ ।

ସେ ଯାହା ହେଉ, ତୁମେ ତୁମର ଗୁରୁଦେବଙ୍କର

ଅନ୍ୟାନ୍ୟ ଶିଷ୍ୟଙ୍କର ଦୃଢ଼ ବିଶ୍ୱାସରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ସେମାନେ ପ୍ରତ୍ୟେକେ ନିଜ ନିଜ ଧାରାରେ ଦିବ୍ୟ-ଆଲୋକ ଅଭିମୁଖରେ ଅଗ୍ରସର ହୁଅନ୍ତୁ ।

୧୭.୯.୧୯୩୪ — ଶ୍ରୀଅରବିନ୍ଦ

ଅବତାର ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କର ଅନ୍ୟ ଏକ ଚିଠି —

ଯୋଗାନନ୍ଦ,

ଅବତାର ତତ୍ତ୍ୱ ସମ୍ବନ୍ଧେ ଅଧିକ ଗୁରୁତ୍ୱ ଦେଇ କହିବାରେ କିଛି ଫଳପ୍ରଦ ହେବ ବୋଲି ମୁଁ ଭାବୁ ନାହିଁ । ଆଜିକାଲି ଲୋକମାନଙ୍କର ଗୋଟାଏ ପ୍ରବଣତା ହୋଇଛି, ବିଶେଷ କରି ବଙ୍ଗଦେଶରେ — ଗୁରୁଙ୍କୁ ଅବତାର ରୂପେ ମାନ୍ୟ କରିବା । ଅବଶ୍ୟ ପ୍ରତ୍ୟେକ ଶିଷ୍ୟ ସକାଶେ ତା'ର ଗୁରୁ ହେଉଛନ୍ତି ସ୍ୱୟଂ ଭଗବାନ୍, କିନ୍ତୁ ଏକ ବିଶେଷ ଅର୍ଥରେ — କାରଣ ସଚରାଚର ଗୁରୁ ସଦାସର୍ବଦା ଭଗବତ୍ ଚେତନାରେ ବାସ କରିଥା'ନ୍ତି, ଭଗବାନଙ୍କ ସହିତ ଏକାତ୍ମ ହୋଇ ରହିଥା'ନ୍ତି ଏବଂ ସେ ଯେତେବେଳେ ତାଙ୍କ ଶିଷ୍ୟକୁ କିଛି ଦିଅନ୍ତି ସେତେବେଳେ ସ୍ୱୟଂ ଭଗବାନହିଁ ତାହା ତାକୁ ଦେଇଥା'ନ୍ତି ଏବଂ ଗୁରୁ ଯାହା ଦେଇଥା'ନ୍ତି ସେଇଟି ଗୁରୁଙ୍କ ଅନ୍ତରରେ ସଦା-ବିରାଜିତ ଭାଗବତ ଚେତନାହିଁ ଦେଇଥାଏ । କିନ୍ତୁ ଏହି ଧରଣର ପ୍ରତୀତି ବା ଦୃଢ଼ ବିଶ୍ୱାସ ଏବଂ ଅବତାର ତତ୍ତ୍ୱ — ଏ ଦୁଇଟି ହେଉଛି ସମ୍ପୂର୍ଣ୍ଣ ଭିନ୍ନ ବସ୍ତୁ । ସମ୍ପ୍ରତି ବିଶେଷ କରି ପୂର୍ବବଙ୍ଗରେ ଯେଉଁ ମହାପୁରୁଷଗଣଙ୍କର ଆବିର୍ଭାବ ହୋଇଛି ସେମାନଙ୍କୁ ଅବତାର ରୂପେ ଅଭିନନ୍ଦିତ କରାଯାଇଛି; ଯେଉଁମାନେ ଜନ୍ମିଛନ୍ତି ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଏହି ଧାରଣା ଥିଲା ଯେ ଜଗତ ସକାଶେ ସେମାନଙ୍କୁ ଏକ ବିଶେଷ କର୍ମ କରିବାକୁ ହେବ ଏବଂ ସେମାନଙ୍କର ପ୍ରତ୍ୟେକଙ୍କର ବୋଧଗମ୍ୟ ଥିଲା ଯେ ଏକ ମହାନ୍ ଦିବ୍ୟ ଶକ୍ତି ସେମାନଙ୍କ ମଧ୍ୟରେ କ୍ରିୟାଶୀଳ । ଏଥିରୁ ସ୍ପଷ୍ଟ ବୁଝାପଡ଼େ ଯେ ସେଠାରେ ଏକ ଦିବ୍ୟ ଅଭିବ୍ୟକ୍ତିର ଚାପ ରହିଥିଲା ଏବଂ ପ୍ରତ୍ୟେକଙ୍କ କ୍ଷେତ୍ରରେ କିଛି ନା କିଛି ଅବତରଣ ଘଟିଥିଲା, କାହିଁକି ନା ଆନ୍ତରିକ ପ୍ରାର୍ଥନା ବା ଆହ୍ୱାନ ଜଣାଇଲେ ଊର୍ଦ୍ଧ୍ୱସ୍ଥ ଦିବ୍ୟ ଭାଗବତ ଶକ୍ତିର ଅବତରଣ ଘଟିଥାଏ । କିନ୍ତୁ ମନେହୁଏ ନାହିଁ ଯେ କୌଣସିଠାରେ ସମ୍ପୂର୍ଣ୍ଣ ଅବତରଣ ଘଟିଛି । ହୁଏତ ଉପର ବର୍ଣ୍ଣିତ କାରଣସବୁରୁହିଁ ସେଠାକାର ଲୋକମାନଙ୍କର ଏକ ଧାରଣା ଜନ୍ମିଥିଲା ଯେ ସେଠାରେ ଅବତାର ଜନ୍ମଗ୍ରହଣ କରିଛନ୍ତି । ପ୍ରାୟତଃ କୁହାଯାଇଥାଏ ଆସନ୍ନ ଦିବ୍ୟ ମହାବିର୍ଭାବର ମୁହୂର୍ତ୍ତ ଏବେ ଉପସ୍ଥିତ ଏବଂ ଅନେକଙ୍କ ମଧ୍ୟରେ ଏହି ମହାଶକ୍ତିର ଅନୁପ୍ରବେଶ ଘଟିଥିବାର ପରିଲକ୍ଷିତ ହେବ । **କିନ୍ତୁ ପ୍ରକୃତ ଅବତାର ପରଦାର ଆଢୁଆଳରେ ରହି କାର୍ଯ୍ୟରତ ରହିବେ ଯେପର୍ଯ୍ୟନ୍ତ ବିଧିନିର୍ଦ୍ଦିଷ୍ଟ ସେଇ ଦେବ ମୁହୂର୍ତ୍ତ ଉପସ୍ଥିତ ନ ହୋଇଛି ।...**

(୨୫.୮.୧୯୩୫) — ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦଙ୍କଠାରୁ ଏହି ପତ୍ର ପାଇବା ପୂର୍ବରୁ ଯୋଗାନନ୍ଦ ଶ୍ରୀଅରବିନ୍ଦଙ୍କୁ ଲେଖିଥିବା ଏକ ପତ୍ରରେ ଉଲ୍ଲେଖ କରିଥିଲେ : ''ତେବେ କ'ଣ ଆମ ଗୁରୁଦେବଙ୍କ ସାଧନା ଓ କର୍ମ ବ୍ୟର୍ଥ ହେଲା ? ବାହ୍ୟଦୃଷ୍ଟିରୁ ଦେଖିଲେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶ୍ରମଗୁଡ଼ିକର ଏବେ ଅସ୍ତିତ୍ୱ ନାହିଁ କହିଲେ ଚଳେ । ଆମେ ଯେଉଁମାନେ ସଂସାର ତ୍ୟାଗୀ ତଥା ପରିପୂର୍ଣ୍ଣ ଆଧାତ୍ମିକ ଜୀବନ ଗ୍ରହଣପୂର୍ବକ ଶ୍ରୀଗୁରୁଦେବଙ୍କ ଚରଣରେ ଆଶ୍ରୟ ନେଇଥିଲୁ, ସେମାନେ ତ ଗୋଟିଏ ଦୃଷ୍ଟିରୁ ଦେଖିଲେ ଏବେ ସମସ୍ତେ ଛିନ୍ନଛତ୍ର ହୋଇ କିଏ କୁଆଡ଼େ ଚାଲିଆସିଛୁ, କେହି କେହି ହୁଏତ ଲକ୍ଷ୍ୟଭ୍ରଷ୍ଟ ହୋଇ ସାଧନା-ଜୀବନ ତ୍ୟାଗ କରିଛନ୍ତି । ଗୃହସ୍ଥ ଶିଷ୍ୟଗଣଙ୍କ ମଧ୍ୟରେ ଅନେକେ ବ୍ୟକ୍ତିଗତ ଭାବରେ ତାଙ୍କର ସାଧନାକୁ ନିଜସ୍ୱ ଭଙ୍ଗୀରେ ଧରି ରଖିଛନ୍ତି । କିନ୍ତୁ ତାଙ୍କ ଧର୍ମ ବା ସମ୍ପ୍ରଦାୟର ଆଉ ପ୍ରଚାର ବା ପ୍ରସାର ନାହିଁ; ସବୁ ଯେପରି ଲୁପ୍ତ ଓ ବ୍ୟର୍ଥ ହୋଇଯାଇଛି ।...''

ଶ୍ରୀଅରବିନ୍ଦ ଉତ୍ତର ଦେଇଛନ୍ତି :

ଯୋଗାନନ୍ଦ,

ଭଗବତ୍ ପ୍ରେରିତ କର୍ମ ବା ପ୍ରତ୍ୟାଦିଷ୍ଟ ଦିବ୍ୟକର୍ମ ସମ୍ପାଦନ ସକାଶେ ମାଧ୍ୟମ ରୂପେ ଆବିର୍ଭୂତ ମହାନ୍ ଆତ୍ମାଙ୍କର କୌଣସି କର୍ମଧାରା କେବେ ବି ବୃଥା ଯାଏ ନାହିଁ — ହୁଏତ ତାହା କାର୍ଯ୍ୟ କରିଚାଲେ, ନଚେତ୍ ଅନ୍ୟ ରୂପରେ ତା'ର ପରିପ୍ରକାଶ ଘଟେ ।...

ତୁମ ଗୁରୁଙ୍କର ଶିକ୍ଷା ଏବଂ ଆମ ଯୋଗର ଶିକ୍ଷା ମୂଳତଃ ଏକ । ସେ ଯାହାକୁ 'ଚିତ୍ତଶୁଦ୍ଧି' ବୋଲି କହିଛନ୍ତି, ଆମେ ସେଇଟିକୁ 'ଚୈତ୍ୟ-ରୂପାନ୍ତର' ବୋଲି କହିଥାଉ । ଏଠାକାର ଶିକ୍ଷା ଅଧିକ ପରିଣତ ଓ ଉନ୍ନତ, କାରଣ ଦିବ୍ୟ-ଜୀବନ ଲାଭ କରିବା ସକାଶେ ଦିବ୍ୟ-ଅତିମାନସ ଶକ୍ତିର ହସ୍ତକ୍ଷେପକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ସତ୍ୟ ଉପଲବ୍ଧି କରିବାର ପ୍ରଣାଳୀ ମଧ୍ୟ ଭିନ୍ନ, କାରଣ ଏଠାରେ ସେହି ମହାନ୍ ସତ୍ୟ ଏବଂ ସେହି ମହାନ୍ ଦିବ୍ୟ-ଜୀବନ ଉପଲବ୍ଧି କରିବାକୁ ସକ୍ଷମ

ହୋଇଉଠିବା ସକାଶେ ବା ଏଥିରେ ଅଂଶଗ୍ରହଣ କରିବା ସକାଶେ ଜାତି, ବର୍ଣ୍ଣ, ଧର୍ମ ଓ ସଂସ୍କୃତି ନିର୍ବିଶେଷରେ ସମସ୍ତଙ୍କୁ ଗ୍ରହଣ କରାଯାଇଥାଏ । କିନ୍ତୁ ପୂର୍ବର ସାଧନା-ପ୍ରଣାଳୀରେ ଯେଉଁମାନେ ଏବେ ବି ବ୍ରତୀ ଅଛନ୍ତି, ସେମାନଙ୍କୁ ଆମର ଏଇ ନୂତନ ଧାରାକୁ ଆକୃଷ୍ଟ କରାଇବା ସକାଶେ ଚେଷ୍ଟା କରିବାରେ କିଛି ଲାଭ ନାହିଁ, କାରଣ ଏବେ ବି ସେମାନଙ୍କର ଦୃଷ୍ଟିଭଙ୍ଗୀ ଅତୀତର ଆନୁଷ୍ଠାନିକ କ୍ରିୟାକର୍ମ ତଥା ଆନ୍ତର ମନୋଭାବରେ ସୀମାବଦ୍ଧ ରହିଛି ଏବଂ ସେମାନେ ନିଜକୁ ସେଇ ଚଉହଦୀର ବହିର୍ଭୂତ କୌଣସି ଭୂମିକୁ ଅଗ୍ରସର ହୋଇପାରିବେ ନାହିଁ । ସୌଭାଗ୍ୟବଶତଃ ତୁମେ ନିଜକୁ ସେଇ ପ୍ରବୃତ୍ତିରୁ ମୁକ୍ତ କରି ରଖି ପାରିଛ ଏବଂ ଏକ ନୈର୍ବ୍ୟକ୍ତିକ ସ୍ଥିତିରେ ରହିପାରିଛ । ଯଦି କାହାର ଏଠାକୁ ଆସିବାର ଥିବ ତେବେ ସେ ସ୍ୱତଃପ୍ରବୃତ୍ତ ହୋଇ ଆସିବ । **ଏଠାରେ ଆମର (ମୋର ତଥା ଶ୍ରୀମା'ଙ୍କର) ସଭିଁଙ୍କ ଉପରେ ଏକାଗ୍ର ଅଭିନିବେଶ ନିର୍ଣ୍ଣିତରୂପେ ରହିଥିବ ଯଦ୍ୱାରା ପ୍ରତ୍ୟେକେ ନିଜେ ତୁମ ଗୁରୁଙ୍କର ଦିବ୍ୟ-ଦୃଷ୍ଟିସମ୍ପନ୍ନ ପ୍ରଦର୍ଶିତ ମାର୍ଗରେ ହୁଏତ ଏଇ ଜନ୍ମରେ ଏବଂ ଏଇ ପୃଥିବୀରେ ସିଦ୍ଧିଲାଭ କରି ପାରିବେ ।**

୧୯.୬.୧୯୩୫ — ଶ୍ରୀଅରବିନ୍ଦ

ଏବେ ଆମେ ଯୋଗାନନ୍ଦଙ୍କର ଆଶ୍ରମରେ କର୍ମ-ଜୀବନ ସମ୍ବନ୍ଧେ ଆଲୋକପାତ କରିବୁ । ପୂର୍ବରୁ ଉଲ୍ଲେଖ କରିଛୁ ଶ୍ରୀମା ତାଙ୍କୁ କ୍ଷୀରୋଦ-ଦା'ଙ୍କ ସହିତ ବି.ଏସ୍. (ବିଲ୍‌ଡ଼ିଂ ସର୍ଭିସ୍)ରେ କାମ କରିବାକୁ ଅନୁମତି ଦେଇଥିଲେ — ତା' ହେଲା ଚାକରବାକରଙ୍କର କାମ ତଦାରଖ କରିବା । ପରେ ତାଙ୍କୁ ଭାର ଦିଆଗଲା ବି. ଏସ୍.ର ଜିନିଷପତ୍ରସବୁକୁ ଖରିଦ କରିବା ଏବଂ ଗୋଦାମର ରକ୍ଷଣାବେକ୍ଷଣ କରିବା ।

ପ୍ରଭାକର (ବାଟୀ)ଙ୍କର ଲେଖାରୁ ଉଦ୍ଧୃତି :

''ଅଳ୍ପ ଦିନ ସକାଶେ ଯୋଗାନନ୍ଦଙ୍କୁ ଶ୍ରୀମା ଆଶ୍ରମର 'ରିସେପ୍‌ସନ୍ ସର୍ଭିସ୍' ('ଅଭ୍ୟର୍ଥନା ବିଭାଗ')ରେ କାମ ଦେଇଥିଲେ । ଆଜି ଏହି ବିଭାଗରେ ଆମେ ଯାହାସବୁ ଦେଖୁଛୁ — ବଡ଼ ହଲ୍‌ଟିରେ କାଚ-ଆଲମାରୀ ଭର୍ତ୍ତି ପୁସ୍ତକ, ଫଟୋ, କ୍ୟାଲେଣ୍ଡର ଇତ୍ୟାଦି ବିଭିନ୍ନ ବିକ୍ରୟ ସାମଗ୍ରୀର ପ୍ରଦର୍ଶନୀ, ଫାକ୍‌ସ ମେସିନ୍, କମ୍ପ୍ୟୁଟର, ଫୋନ୍ ଇତ୍ୟାଦି — ସେତେବେଳେ ଏସବୁର ବିନ୍ଦୁ-ବିସର୍ଗ ନଥିଲା । ସେତେବେଳେ ଏହି ବିଭାଗଟି ଥିଲା ଅତି ସାଧାରଣ, ଅଲକ୍ଷିତ, କାହାରି ନଜରରେ ପଡ଼ୁ ନଥିବା ଜଣେ ସାଧକର କର୍ମଯୋଗ; ଆଶ୍ରମର ପ୍ରଧାନ ଦରଜାରେ ଜଗିବା କର୍ମ ବା ଆଶ୍ରମକୁ ଆସୁଥିବା ଦର୍ଶନାର୍ଥୀଗଣଙ୍କୁ ଅଥବା ରେଳ ଷ୍ଟେସନରୁ ଆଗତ ନୂତନ ଭକ୍ତମାନଙ୍କୁ ଅଭ୍ୟର୍ଥନା କରିବା । ଏଥି ସକାଶେ ତାଙ୍କର ବସିବା ପାଇଁ ପ୍ରଧାନ ଦରଜାର ବାରଣ୍ଡାରେ କାଠର ଚେୟାରଟିଏ ରହିଥିଲା । ନବାଗତ ବ୍ୟକ୍ତିଙ୍କୁ ସେ ଭିତରକୁ ଅଭ୍ୟର୍ଥନା କରି ଆଣିବେ, ହୁଏତ ସେମାନଙ୍କୁ ତାଙ୍କର ରହିବା ସକାଶେ ନିର୍ଦ୍ଧାରିତ ସ୍ଥାନ ଦେଖାଇ ଦେବେ ଏବଂ ଭୋଜନ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କର୍ମ ସକାଶେ କେଉଁଠିକୁ କେତେବେଳେ ଯିବାକୁ ହେବ ତଥା କ'ଣ କରିବାକୁ ହେବ — ଏସବୁ ସମ୍ବନ୍ଧରେ ସଂକ୍ଷେପରେ ବୁଝାଇ ଦେବେ । ଏଇଠି ଆମେ ସ୍ମରଣରେ ଆଣିପାରୁ ଯେ ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ଦର୍ଶନ ସକାଶେ ଆଶ୍ରମକୁ ଆସିବା ବା ଏଠାରେ ଆଶ୍ରମରେ ସ୍ଥାୟୀ ଭାବରେ ରହିବା ସକାଶେ ଯଥେଷ୍ଟ ପୂର୍ବରୁ ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖି ଅନୁମତି ପାଇବା ପରେହିଁ ଏଠାକୁ ଆସୁଥିଲେ । ତେଣୁ କିଏ, କେବେ, କେତେବେଳେ ଆସୁଛନ୍ତି ସେସବୁର ଖବର ଆଶ୍ରମର ପ୍ରଧାନ ଦରଜାରେ ବସୁଥିବା ସାଧକଙ୍କୁ ଜଣାଥିଲା । ଏହି ବିଭାଗରେ କର୍ମ କରୁଥିବା ବେଳେ ଶ୍ରୀମା ଥରେ ଯୋଗାନନ୍ଦଙ୍କୁ କହିଥିଲେ ଯେ ଏହି ଧରଣର କାମରେ ଅଭାବନୀୟ ଭାବରେ ବିପଦ ବା ଅସୁବିଧାସବୁ ରହିଛି । ତେଣୁ ଏ କ୍ଷେତ୍ରରେ ଅନ୍ୟ କାହାରି ସହିତ ଏମିତି ବିନା କାରଣରେ ସାକ୍ଷାତ୍ ନକରିବା ସକାଶେ ତୁମକୁ ଅତ୍ୟନ୍ତ ସାବଧାନ ଓ ସତର୍କ ରହିବାକୁ ହେବ ।

''ଇତିମଧ୍ୟରେ 'ଗୋଲକୁଣ୍ଡ' ନିର୍ମାଣ କାମ ଆରମ୍ଭ ହୋଇ ଯାଇଥାଏ । ଯୋଗାନନ୍ଦ ଖୁବ୍ ବ୍ୟସ୍ତ । ଏହି ସମୟରେ କଲିକତାର ରାମକୃଷ୍ଣ ବେଦାନ୍ତ ସମିତିରେ କର୍ମ କରୁଥିବା ସ୍ୱାମୀ ପୂର୍ଣ୍ଣାନନ୍ଦ (ଯୋଗାନନ୍ଦଙ୍କର ବନ୍ଧୁ, ଯିଏକି ତାଙ୍କୁ ପଣ୍ଡିଚେରୀ ଆସିବା ସକାଶେ ବେଶ୍ ସାହାଯ୍ୟ କରିଥିଲେ) ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଅନୁମତି ପ୍ରାପ୍ତ ହୋଇ ପଣ୍ଡିଚେରୀ ଆଶ୍ରମକୁ ଆସି ଅନ୍ତେବାସୀ ରୂପେ ରହିଲେ ଏବଂ ଯୋଗାନନ୍ଦଙ୍କ ସହିତ ବି. ଏସ୍.ର ଷ୍ଟୋର୍‌ରେ କାମ କଲେ ।

''ଯୋଗାନନ୍ଦଙ୍କୁ ବିଲ୍‌ଡିଂ ନିର୍ମାଣ ସକାଶେ ଚୂନ, ଇଟା ଇତ୍ୟାଦି ଅତ୍ୟାବଶ୍ୟକୀୟ ସରଞ୍ଜାମସବୁକୁ ଖରିଦ କରିବା ସକାଶେ ବେଳେ ବେଳେ ପଣ୍ଡିଚେରୀର କେତେକ ସୀମାନ୍ତବର୍ତ୍ତୀ ବା ଦୂରବର୍ତ୍ତୀ ସ୍ଥାନକୁ ଯିବାକୁ ପଡୁଥିଲା । ତାଙ୍କୁ ଅଧିକାଂଶ ସମୟରେ ପଣ୍ଡିଚେରୀର ଉତ୍ତର ଦିଗରେ, ପୁରୁଣା ମାଡ୍ରାସ ରୋଡ଼ରେ ପ୍ରାୟ ତିରିଶ କିଲୋମିଟର ଦୂରରେ ଅବସ୍ଥିତ

ମାର୍କଣମ୍‌କୁ ଯିବାକୁ ହେଉଥିଲା । ଶ୍ରୀମା'ଙ୍କର ଅନୁମୋଦନରେ ତଦାନୀନ୍ତନ ଆଶ୍ରମର ମ୍ୟାନେଜର ଅମୃତ-ଦା ତାଙ୍କୁ ସାରାଦିନର ଖିଆପିଆ ବାବଦକୁ ୨ ଅଣା (ଛ' ପଇସାରେ ଏକ ଅଣା) ଖର୍ଚ୍ଚ କରିବାକୁ ଦେଉଥିଲେ । ସେତେବେଳେ ପଇସାର ମୂଲ୍ୟ ହ୍ରାସ ପାଇବାକୁ ଆରମ୍ଭ ହୋଇ ଯାଇଥାଏ । ତେଣୁ ଅମୃତ-ଦା'ଙ୍କୁ ଯୋଗାନନ୍ଦ ୪ ଅଣା ଦେବାକୁ ଅନୁରୋଧ କଲେ । ଅମୃତ-ଦା ତ ଏକଥା ଶୁଣି ସ୍ତମ୍ଭିତ ହୋଇ ଉଠିଲେ ! ଏମିତି ଅମିତବ୍ୟୟୀ କଥା !! ଏବଂ ଯୋଗାନନ୍ଦଙ୍କୁ ତିରସ୍କାର ବି କଲେ । ଶ୍ରୀମା'ଙ୍କ କାନକୁ ଏକଥା ଗଲା । ଶ୍ରୀମା ସବୁ ଜାଣିଥିଲେ, ବୁଝିଥିଲେ ମଧ୍ୟ, ସେ ଅଳ୍ପ ହସି ଅମୃତ-ଦା'ଙ୍କୁ କହିଲେ, 'ହଉ, ଠିକ୍ ଅଛି, ତାକୁ ଚାରି ଅଣା ଦିଆଯାଇ ପାରେ ।'

''ଯୋଗାନନ୍ଦଙ୍କର ବନ୍ଧୁ ସ୍ୱାମୀ ପୂର୍ଣ୍ଣାନନ୍ଦ ମଧ୍ୟ ଜଣେ କଠୋର ପରିଶ୍ରମୀ ତଥା ନୈଷ୍ଠିକ ଥିଲେ । କିନ୍ତୁ ଦୁଇ ବନ୍ଧୁଙ୍କର ଅଳ୍ପ ବହୁତେ ସମାନ ବଦ୍‌ଗୁଣ ବି ଥିଲା – ଦୃଢ଼ ଭାବରେ ନିଜର ଯୁକ୍ତି ଦେଖାଇ ସ୍ୱମତକୁ ବ୍ୟକ୍ତ କରିବାରେ ଜିଗର ଧରିବା ଏବଂ ପ୍ରଚଣ୍ଡ କ୍ରୋଧ ମେଜାଜକୁ ଜାହିର କରିବା । ତେଣୁ କର୍ମକ୍ଷେତ୍ରରେ ବେଳେ ବେଳେ ଅବସ୍ଥା ଅଧିକ ଶୋଚନୀୟ ଓ ଦୟନୀୟ ହୋଇ ଉଠୁଥିଲା । ଯେତେବେଳେ ଦୁହିଁଙ୍କ ଭିତରେ ଅବା ଅନ୍ୟ ସାଧକ-କର୍ମୀଙ୍କ ସହିତ ତର୍କବିତର୍କରେ ମାତିଯାଉଥିଲେ ସେତେବେଳେ ଅବସ୍ଥା ଆହୁରି ଜଟିଳ ଓ ବିଷମ ହୋଇ ଉଠୁଥିଲା । ଦୁହେଁ କ୍ରୋଧରେ ଫାଟି ପଡ଼ି ବେନିୟମ ଭାବେ ନିଜର ଅକ୍ତିଆରରୁ ବହିର୍ଭୂତ ହୋଇ ଧସ୍ତାଧସ୍ତି କ୍ରିୟାକୁ ଉଠିଯାଉଥିଲେ । ଏଥି ପାଇଁ ଯୋଗାନନ୍ଦଙ୍କ ଉପରେ ଅଧିକାଂଶ ସମୟରେ ଶ୍ରୀମା ଅସନ୍ତୁଷ୍ଟ ଥିଲେ ଏବଂ ତାଙ୍କୁ ତାଙ୍କର କର୍ମକ୍ଷେତ୍ରରୁ ଓହରାଇ ନେଉଥିଲେ । ତେଣୁ ଯୋଗାନନ୍ଦଙ୍କୁ ବାରଂବାର ତାଙ୍କର କର୍ମକ୍ଷେତ୍ର ପରିବର୍ତ୍ତନ କରିବାକୁ ହେଉଥିଲା ।''

ଯୋଗାନନ୍ଦଙ୍କର କାର୍ଯ୍ୟଧାରା ଓ ଚରିତ୍ର ଅବଲୋକନ କରି ପ୍ରଭାକର (ବାଙ୍ଗୀ) ପାଶ୍ଚାତ୍ୟ ପ୍ରାବନ୍ଧିକ ତଥା ସମାଲୋଚକ ସ୍ମିଥ୍ ଲୋଗନ୍ ପିୟରସାଲ୍‌ଙ୍କ ଏକ ଉକ୍ତି ଉଦ୍ଧାର କରିଛନ୍ତି ଯାହା ଏଠାରେ ଅପ୍ରାସଙ୍ଗିକ ମନେ ହେବ ନାହିଁ । ଉକ୍ତିଟି ଏହିପରି :

''ହୃଦୟରେ ଯେଉଁମାନେ ଅତ୍ୟନ୍ତ କୋମଳ ଏବଂ ଦୟାଳୁ ମାତ୍ର ସେମାନଙ୍କର ଜିହ୍ୱାରେ ଏଥିରୁ କେଉଁଟି ବି ପ୍ରକଟିତ ହୁଏ ନାହିଁ – ଏମାନେ ଜଗତରେ ଅଦ୍ଭୁତ ସାହଚର୍ଯ୍ୟ ସୃଷ୍ଟି କରିଥା'ନ୍ତି ।'...''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ସଂପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସା/ପୋ. ଆଳି, ଜି. କେନ୍ଦ୍ରାପଡ଼ା, ପିନ୍ – ୭୫୪ ୨୧୯, ମୋବାଇଲ୍ : ୯୪୩୭୩୧୧୭୧୪ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ I.A.C.T./ I.Sc.C.T. /B.A. B.Ed / B.Sc. B. Ed. ଶିକ୍ଷାଗତ ଯୋଗ୍ୟତା ଥିବା ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଏଥିପାଇଁ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

ବି. ଦ୍ର. : ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଶିକ୍ଷା ଓ ଦର୍ଶନରେ ଅନୁରାଗୀ ତଥା ଛାତ୍ରାବାସରେ ରହି ଶିକ୍ଷାଦାନ କରିବାକୁ ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଦିଆଯିବ ।

# ଦୁଇ ଭଉଣୀ କଥା

## ଦୌଲତ ପାଣ୍ଡେ

ଥରେ ଏକ ଗାଁରେ ଜଣେ ବିରାଟ ଧନୀ ବ୍ୟକ୍ତି ଥିଲେ । ତାଙ୍କର ଦୁଇଜଣ ସ୍ତ୍ରୀ ଥିଲେ । ପ୍ରତ୍ୟେକ ସ୍ତ୍ରୀଙ୍କର ଗୋଟିଏ ଲେଖାଏଁ ଝିଅ ଥିଲେ । ପ୍ରଥମା ସ୍ତ୍ରୀଙ୍କ କନ୍ୟା ସୁଧାର ବର୍ଣ୍ଣ ଶ୍ୟାମଳ । ସେ ବେଶ୍ ସାଧା ସିଧା ସ୍ୱଭାବର ଥିଲା । ତା'ର ଭଦ୍ର ଓ ମଧୁର ବ୍ୟବହାର ହେତୁ ତାକୁ ସଭିଏଁ ଭଲ ପାଉଥିଲେ । ମାତ୍ର ଦ୍ୱିତୀୟା ସ୍ତ୍ରୀଙ୍କ କନ୍ୟା ସୁନୀତି ଅନିନ୍ଦ୍ୟ ସୁନ୍ଦରୀ ଥିଲେ ବି ତାକୁ ଲୋକେ ବିଶେଷ ଭଲ ପାଉ ନଥିଲେ । କାରଣ କେବଳ ନିଜ ସ୍ୱାର୍ଥ ଛଡ଼ା ସେ ଅନ୍ୟମାନଙ୍କ କଥା ଚିନ୍ତା କରୁ ନଥିଲା ।

ସୁଧା ସହିତ ସୁନୀତି ସବୁବେଳେ କଳି ଝଗଡ଼ା କରେ । ପିଲା ଦୁଇଟି ଯେତେ ବଡ଼ ହେଲେ, ସୁନୀତି ସୁଧାକୁ ସେତେ ଅଧିକ ଖରାପ ବ୍ୟବହାର କରିବାରେ ଲାଗିଲା । ଦିନେ ସୁଧାକୁ ଏପରି ବାଧିଲା ଯେ, ତା'ର ଛାତି ଫାଟିଯିବା ଭଳି ଲାଗିଲା । ମନ ଦୁଃଖରେ ଘରୁ ପଳାଇ ଯାଇ ସେ ପାଖ ପଡ଼ିଆରେ ବସି କାନ୍ଦିବାରେ ଲାଗିଲା । ପଡ଼ିଆର ଏକ ଗାତରେ ଥାଇ ଗୋଟିଏ ଠେକୁଆ ସୁଧାର ବିକଳ କାନ୍ଦଣା ଶୁଣି ତା' ପାଖକୁ ଆସିଲା । ସେ କାହିଁକି କାନ୍ଦୁଛି ବୋଲି ପଚାରିବାରୁ ସୁଧା ତା'ର ଦୁଃଖର କାରଣ ତା' ପାଖରେ ବଖାଣିଲା । ସବୁ ଶୁଣି ଠେକୁଆର ସୁଧା ପ୍ରତି ଦୟା ହେଲା । ସୁଧାକୁ ସାନ୍ତ୍ୱନା ଦେଇ କହିଲା, ''ତୁ ଆଉ କାନ୍ଦନା, ଲୁହ ପୋଛି ଦେଇ ମୋ ସାଙ୍ଗରେ ପାତାଳପୁରକୁ ଚାଲ । ସେହି ରାଜ୍ୟର ରାଜକୁମାରୀ ଅତ୍ୟନ୍ତ ଦୟାଳୁ । ତୁ ଯଦି ବ୍ୟବହାରରେ ତାଙ୍କୁ ସନ୍ତୁଷ୍ଟ କରି ପାରିବୁ, ତେବେ ତୋ ଭାଗ୍ୟ ବଦଳି ଯିବ । ତାଙ୍କଠାରୁ ଏପରି ଜିନିଷ ପାଇବୁ, ଯାହା ତୋର ପୂରା ଜୀବନଧାରାକୁ ବଦଳାଇ ଦେବ ।''

ଠେକୁଆ କଥା ଶୁଣି ସୁଧା ମନରେ ଆଶାର ଆଲୋକ ଦେଖାଦେଲା । ଠେକୁଆ କହିବା ଅନୁସାରେ ସେ ତା' କୁନି ଲାଞ୍ଜକୁ ଧରି ତା' ପଛେ ପଛେ ଗାତ ଭିତର ଦେଇ ପାତାଳପୁରକୁ ଚାଲିଲା । ଶେଷରେ ସେମାନେ ଏକ ବିରାଟ ଲୁହା ଫାଟକ ପାଖରେ ପହଞ୍ଚିଲେ । ଫାଟକରେ ତାଲା ପଡ଼ିଥିଲା । ଠେକୁଆ ଫାଟକରେ ତିନିଥର ବାଡ଼େଇଲା । ସଙ୍ଗେ ସଙ୍ଗେ ଜଣେ ଫାଟକ ଜଗୁଆଳି ବାହାରି ଠେକୁଆକୁ ଅଭିବାଦନ ଜଣାଇ ଫାଟକ ଖୋଲିଦେଲା । ମନେ ହେଲା ସେ ଠେକୁଆକୁ ଆଗରୁ ଜାଣିଥିଲା । ଜଗୁଆଳି ବିନୀତ ଭାବେ ସେମାନଙ୍କୁ ପାତାଳପୁରକୁ ସ୍ୱାଗତ ଜଣାଇଲା ।

ଠେକୁଆ ପାତାଳପୁରର ସେହି ରାଜପ୍ରାସାଦ ଭିତରକୁ ପ୍ରବେଶ ନକରି ସୁଧାକୁ ସେଠାରେ ଛାଡ଼ି ଚାଲି ଆସିଲା । ଫେରିବାବେଳେ ସେ ପୁଣି ଫାଟକ ପାଖରେ ତାକୁ ଭେଟିବ ବୋଲି କହି ଆସିଲା । ଦୟାଳୁ ଠେକୁଆ ଠାରୁ ବିଦାୟ ନେଇ ସୁଧା ପ୍ରାସାଦ ଭିତରେ ପ୍ରବେଶ କଲା । ପ୍ରାସାଦ ଭିତର ଅଗଣା ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ଉଦ୍ଭାସିତ ହେଉଥିଲା । ଭିନ୍ନ ଭିନ୍ନ ରଙ୍ଗର ଫୁଲ ବଗିଚାରେ ଫୁଟିଥିବାରୁ ପରିବେଶ ଅତ୍ୟନ୍ତ ଆକର୍ଷଣୀୟ ଥିଲା । ଧୀର ପବନରେ ଦୋହଲୁଥିବା ଫୁଟନ୍ତା ଫୁଲର ମହକରେ ବିମୋହିତ ହୋଇ ସୁଧା ଅତୀତର ସବୁ ଦୁଃଖ କଷ୍ଟ ଭୁଲିଗଲା । ଏତିକିବେଳେ ରାଜକୁମାରୀ ସେଠାରେ ପହଞ୍ଚି ତାକୁ ସ୍ୱାଗତ ଜଣାଇଲେ, ଯେପରିକି ସେ ତା'ର ଆସିବା ଖବର ଆଗରୁ ଜାଣିଥିଲେ । ତାଙ୍କ ପାଇଁ କିଛି କାମ କରିଦେବାକୁ ସେ ସୁଧାକୁ ଅନୁରୋଧ କଲେ । ରାଜକୁମାରୀଙ୍କର କେତେଗୁଡ଼ିଏ ଗାଈ, କୁକୁଡ଼ା ଏବଂ ବିଲେଇ ଥିଲେ । ସେମାନଙ୍କ ମନ ବୁଝି ଆଗରୁ କେହି ଯତ୍ନ କରୁ ନଥିଲେ । ସେମାନଙ୍କ ଯତ୍ନ ନେବା ପାଇଁ ସେ ସୁଧାକୁ ଅନୁରୋଧ କଲେ । ସୁଧା ଆଗ୍ରହର ସହିତ ସମ୍ମତି ଜଣାଇଲା ।

ସୁଧା ଜୀବଜନ୍ତୁମାନଙ୍କୁ ଖୁବ୍ ଶ୍ରଦ୍ଧା କରେ । ମନ ମୁତାବକ କାମ ମିଳିଯିବାରୁ ସେ ଖୁବ୍ ଖୁସି ହୋଇଗଲା । ଏହି ପୋଷା ଜୀବଗୁଡ଼ିକର ଯତ୍ନ କଲେ ରାଜକୁମାରୀ ଖୁସିହେବେ ଜାଣି ସୁଧା ଅତି ଆଗ୍ରହର ସହିତ ସେମାନଙ୍କ ସେବାରେ ଲାଗି ପଡ଼ିଲା । ସାଙ୍ଗେ ସାଙ୍ଗେ ଗୁହାଳକୁ ଦୌଡ଼ିଗଲା । ଧଳା, କହରା ଆଉ କାଞ୍ଜିଆ ଗାଈଗୁଡ଼ିକର ପିଠି ଥାପୁଡ଼ାଇ କହିବାରେ ଲାଗିଲା, ''ମୋ ସୁନା ସୁନ୍ଦରୀମାନେ, ମନେ ହେଉଛି ତୁମମାନଙ୍କୁ ଭୋକ ହେଲାଣି । ଟିକିଏ ଅପେକ୍ଷା କର, ମୁଁ ତୁମମାନଙ୍କ ପାଇଁ ଘାସ, ନଡ଼ା ଆଉ ଭଲ ପାଣି ଆଣି ଦେବି । ଖାଇସାରିବା ପରେ ଚଟାଣରେ ନଡ଼ା ବିଛାଇ ଦେବି । ତୁମେମାନେ ଆରାମରେ ଶୋଇବ ।'' ସୁଧାର ମଧୁର ବ୍ୟବହାରରୁ ଗାଈମାନେ ତା'ର ଶ୍ରଦ୍ଧା ବୁଝି ପାରି ଅନୁଚ୍ଚ ସ୍ୱରରେ ହମ୍ବାଳିବାରେ ଲାଗିଲେ,

ଯେପରିକି ସେମାନେ ତାକୁ କୃତଜ୍ଞତା ଜଣାଇଲେ । ଗାଈମାନଙ୍କ ମନ ଖୁସି ହୋଇଯିବାରୁ ସେଦିନ ସେମାନେ ଅଧିକ କ୍ଷୀର ଦେଲେ । ଉଆସର ଅନ୍ୟ କୌଣସି ଚାକରକୁ ଗାଈମାନେ ଆଗରୁ ଏତେ ଅଧିକ କ୍ଷୀର ଦେଇ ନଥିଲେ ।

ଗାଈଦୁହାଁ ଓ ସେମାନଙ୍କ ଯତ୍ନ ସରିବା ବେଳକୁ ଅଧ ଡଜନେ ହେବ ବିଲେଇ ସୁଧାକୁ ଘେରିଗଲେ । ସେମାନେ ଘୁଡ୍ରୁଘୁଡ୍ରୁ ଶବ୍ଦ କରି ତା' ପିନ୍ଧା ଶାଢ଼ୀରେ ଘଷି ହେବାରେ ଲାଗିଲେ । ସତେ ଯେମିତି ସେମାନେ କଟାଳ କରି କହିଲେ, ''ଭାରି ଭୋକ ହେଲାଣି । ଆମକୁ କିଛି କ୍ଷୀର ଖାଇବାକୁ ଦିଅନ୍ତ ନାହିଁ ?'' ସୁଧା ସେମାନଙ୍କ ମନକଥା ବୁଝିଗଲା । ସାଙ୍ଗେ ସାଙ୍ଗେ ସେମାନଙ୍କ ଖାଇବା ପାତ୍ର ଆଣି ସେଥିରେ ତଟକା କ୍ଷୀର ଭରି ସେମାନଙ୍କୁ ପିଇବାକୁ ଦେଲା । ସେମାନେ ଖୁସିରେ ଚାକୁ ଚାକୁ ଶବ୍ଦ କରି ସେତକ ଚାଟି ପିଇଦେଲେ । ତା'ପରେ ଚୁପ୍‌ଚାପ୍ ଜାକିଜୁକି ହୋଇ ଶୋଇଗଲେ ।

ପୁଷି ବିଲେଇମାନେ ଶୋଇଗଲା ପରେ, କୁକୁଡ଼ାମାନଙ୍କ ଖାଦ୍ୟ ଖୋଜିବା ପାଇଁ ସୁଧା ଭଣ୍ଡାର ଘରକୁ ଗଲା । ତାକୁ ଦେଖି କୁକୁଡ଼ାଗୁଡ଼ିକ ତା' ପଛେ ପଛେ କକ୍‌କ, କକ୍‌କ ଶବ୍ଦ କରି ଦୌଡ଼ିବାରେ ଲାଗିଲେ । ସତେ ଯେପରି ସେମାନେ କହୁଥିଲେ, ''ଆମକୁ ଭୁଲି ଯାଅ ନାହିଁ ଆମର ବି ଦାନା ଦରକାର ।'' ସୁଧା ଅତି ଶ୍ରଦ୍ଧାରେ ସେମାନଙ୍କ ପାଇଁ ଚଟାଣରେ ମୁଠାମୁଠା ଦାନା ବୁଣିଦେଲା । କୁକୁଡ଼ାମାନେ ଅଳ୍ପ ସମୟ ମଧ୍ୟରେ ଖାଇବା ଶେଷକରି ମନ ଖୁସିରେ ଫଡ଼୍ ଫଡ଼୍ କରି ଡେଣା ଝାଡ଼ିଲେ । ସତେ ଯେପରି ସେମାନେ ସୁଧାକୁ ସେମାନଙ୍କ ଖୁସି ଜଣାଇ ଦେଲେ । ସେଦିନ କୁକୁଡ଼ାମାନେ ଆଗ ଅପେକ୍ଷା ଅଧିକ ଅଣ୍ଡା ଦେଲେ ।

ଅନ୍ତର ଦେଇ ସୁଧା ସବୁକାମ କରିବା ଦେଖି ରାଜକୁମାରୀ ମୁଗ୍ଧ ହେଲେ । ସବୁଦିନ ପାଇଁ ତାଙ୍କ ଉଆସରେ ରହିଯିବାକୁ ତାକୁ କହିଲେ । ମାତ୍ର ସୁଧା ତା'ର ସାବତ ମା'ଙ୍କ ଭୟରେ ସେଠାରେ ରହିବାକୁ ରାଜି ହେଲା ନାହିଁ । କାରଣ ସେ ଯଦି ଘରକୁ ନଫେରେ ତେବେ ତା' ଉପରେ ଭୀଷଣ ଗାଳି ବର୍ଷା ହେବ, ଏକଥା ସୁଧା ଜାଣିଥିଲା । ରାଜକୁମାରୀଙ୍କୁ ଧନ୍ୟବାଦ ଜଣାଇ ସେ ଫେରିଯିବାକୁ ଅନୁମତି ମାଗିଲା । ସବୁ ଜାଣିଲା ପରେ ରାଜକୁମାରୀ ତାକୁ ଅଟକାଇବାକୁ ଚାହିଁଲେ ନାହିଁ । ସେ ତାକୁ କହିଲେ, ''ତୁ ଘରକୁ ଫେରିଯା', ଏତେ ସବୁ ଭଲ କାମ କଲୁ ସେଥିପାଇଁ ମୁଁ ତୋତେ କିଛି ଉପହାର ଦେବି । ମୋ ଶୋଇବା ଘରକୁ ଯା', ଟେବୁଲ ଉପରେ କେତେ ଗୁଡ଼ିଏ ବାକ୍ସ ଅଛି । ତା' ଭିତରୁ ଯେଉଁଟି ତୋତେ ବେଶୀ ଭଲ ଲାଗିବ, ସେଇଟିକୁ ମୋ ପାଖକୁ ନେଇ ଆସିବୁ ।'' ରାଜକୁମାରୀଙ୍କ କହିବା ଅନୁସାରେ ସୁଧା ଯାଇ ଦେଖିଲା, ସତକୁ ସତ ମୋତି ମାଣିକ ଖଞ୍ଜା ଏକ ସୁନ୍ଦର ଟେବୁଲ ଉପରେ ଅନେକ ଗୁଡ଼ିଏ ସୁନ୍ଦର ବାକ୍ସ ଥୁଆ ହୋଇଛି । ସେଥିରୁ କେତୋଟି ସବୁଜ ରତ୍ନ ପଥରରେ ତିଆରି ହୋଇଛି ତ ଆଉ କେତୋଟି ହାତୀଦାନ୍ତ, ପୋହଳା, ଚନ୍ଦନକାଠ ଏବଂ ଶଙ୍ଖ ମଲମଲ ପଥରରେ ତିଆରି ହୋଇଛି । ବାକ୍ସଗୁଡ଼ିକରେ ଖଞ୍ଜା ଯାଇଥିବା ଦାମୀ ପଥର ସୁଧାର ଆଖି ଝଲସାଇ ଦେଉଥିଲା । ସେ ବେଶ୍ ବୁଝିଗଲା ଯେ ବାକ୍ସଗୁଡ଼ିକ ଭିତରେ ଅତି ମୂଲ୍ୟବାନ୍ ମଣି ମୁକ୍ତା ଅଛି । ରାଜକୁମାରୀ ତାକୁ ଦେଲେ ବି ସେସବୁକୁ ଗ୍ରହଣ କରିବାର ଅଧିକାର ତା'ର ନାହିଁ । ତା' ଛଡ଼ା ସେ ତାଙ୍କର ଏପରି କି ସେବା କରିଛି ଯେ ମୂଲ୍ୟବାନ୍ ଉପହାର ଆଶା କରିବ ? ସେତ ମାତ୍ର ଦିନକ ପାଇଁ ତାଙ୍କ ପୋଷା ଜୀବମାନଙ୍କର ଯତ୍ନ ନେଇଛି ।

ଏପରି ବହୁତ ଚିନ୍ତାକରି ଶେଷରେ ସେହି ସୁନ୍ଦର ବାକ୍ସଗୁଡ଼ିକ ପଛରେ ଥିବା ଏକ ମାମୁଲି କାଠବାକ୍ସ ବାହାର କରି ରାଜକୁମାରୀଙ୍କୁ ଆଣିଦେଲା । ବାକ୍ସଟି ଆଦୌ ମନୋଲୋଭା ନଥିଲା । ରାଜକୁମାରୀ ଆଶ୍ଚର୍ଯ୍ୟ ହୋଇ କହିଲେ, ''ଟେବୁଲ ଉପରେ ଏତେ ସବୁ ସୁନ୍ଦର ବାକ୍ସ ଥିବାବେଳେ ତୁ ଏପରି ମାମୁଲି ବାକ୍ସଟିକୁ କାହିଁକି ପସନ୍ଦ କଲୁ କହିଲୁ ?'' ବାକ୍ସଟିକୁ ପସନ୍ଦ କରି ସେ ବେଶ୍ ଖୁସି ବୋଲି କହିଲା । ତା'ପରେ ସେ ରାଜକୁମାରୀଙ୍କୁ ଧନ୍ୟବାଦ ଜଣାଇ ତାଙ୍କଠାରୁ ଏବଂ ତାଙ୍କର ପୋଷା ଜୀବମାନଙ୍କଠାରୁ ବିଦାୟ ନେଇ ଉଆସ ଫାଟକ ପାଖକୁ ଫେରି ଆସିଲା । କହିବା ଅନୁସାରେ ଠେକୁଆ ଫାଟକ ପାଖରେ ସୁଧାକୁ ଅପେକ୍ଷା କରିଥିଲା । ଠେକୁଆ ଲାଞ୍ଜକୁ ଧରି ସୁଧା ତା ପଛେ ପଛେ ଚାଲିଲା । ସେମାନେ ଠେକୁଆ ଘର ପାଖରେ ପହଞ୍ଚି ଗଲେ । ଠେକୁଆକୁ ବହୁତ ବହୁତ ଧନ୍ୟବାଦ ଜଣାଇ ସୁଧା ଦୌଡ଼ିଲା ତା' ଘରକୁ ।

ସୁଧା ଡରି ଡରି ଘର ଭିତରେ ପଶିଲା । ସାବତ ମାଆ ରୁଟି ବନାଉ ଥିଲେ । ସୁଧା ପହଞ୍ଚିବା ଜାଣିବି ସେ ତାକୁ ଆଡ଼ ଆଖିରେ ଚାହିଁଲେ ନାହିଁ । ସେ ହାତରେ ଧରିଥିବା ବାକ୍ସ ଉପରେ ଭଉଣୀ ସୁନୀତିର ନଜର ପଡ଼ିଗଲା । ସାଙ୍ଗେ ସାଙ୍ଗେ ଦୌଡ଼ି ଆସି ବାକ୍ସଟିକୁ ତା' ହାତରୁ ଝାମ୍ପି ନେଇ ପଚାରିଲା, ''ଏ ବାକ୍ସଟି କେଉଁଠୁ ପାଇଲୁ ?'' ଯାହାସବୁ ଘଟିଯାଇଥିଲା ସୁଧା

*(ଅବଶିଷ୍ଟାଂଶ ପୃଷ୍ଠା ୪୫ରେ ଦେଖନ୍ତୁ)*

# ତୋତ୍ତୋ-ଚାନ୍

## (୧୯)

## ତେତ୍‌ସୁକୋ କୁରୋୟାନାଗି

[ବିଗତ ସଂଖ୍ୟାମାନଙ୍କରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ, ତାହା ତୋତ୍ତୋ-ଚାନ୍‌ର ସ୍ୱୟଂ ନିର୍ବାଚିତ କାର୍ଯ୍ୟକ୍ରମ ହେଉ ଅଥବା ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରସ୍ତୁତ କାର୍ଯ୍ୟକ୍ରମ ହେଉ : ସେସବୁ ତା'ର ଅନୁଭୂତିରେ ନୂତନ ନୂତନ ଅଧ୍ୟାୟଟିମାନ ସଂଯୋଜିତ କରି ଦେଉଥିଲା । ବାସ୍ତବିକ, ଶିକ୍ଷାର ନୂତନ ସଂଜ୍ଞା ଓ ସମ୍ଭାବନାର ସନ୍ଧାନରେ 'ତୋମୋଏ' ସ୍କୁଲ । ତୋତ୍ତୋ-ଚାନ୍ ତଥା ତା' ଭଳି ସେ ଶିକ୍ଷାକେନ୍ଦ୍ରର କୁନି କୁନି ଶିକ୍ଷାର୍ଥୀମାନେ ହେଲେ ସେମାନଙ୍କର ଶିକ୍ଷା ଖସଡ଼ାର ରୂପକାର – ଶିକ୍ଷାପ୍ରେମୀ, ସ୍ନେହପ୍ରବଣ, ମରମୀ ପ୍ରଧାନ ଶିକ୍ଷକ ଓ ତାଙ୍କର ସହକର୍ମୀମାନେ ତାଙ୍କର ପଥପ୍ରଦର୍ଶକ, ସହଯୋଗୀ ବନ୍ଧୁ ପରି । ସ୍କୁଲରେ ନୂତନ ରେଳଡବା ଆସିବା କି ସ୍କୁଲ ପୋଖରୀରେ ସବୁ ପିଲା ମିଳିମିଶି ଗାଧୋଇବା, ପ୍ରାର୍ଥନା ଗୃହରେ ତମ୍ବୁ ବିଛାଇ କ୍ୟାମ୍ପ କରିବା, ଉଷ୍ଣପ୍ରସ୍ରବଣ ବୁଲିଯିବା, ତାଳ ଜ୍ଞାନ ଶିକ୍ଷା କରିବା ଅଥବା ସ୍କୁଲର 'କ୍ରୀଡ଼ା ଦିବସ'ର ସ୍ୱତନ୍ତ୍ର ଉପସ୍ଥାପନ, ବହିଭର୍ତ୍ତି ଲାଇବ୍ରେରି ବଗିକୁ ଶିକ୍ଷାର୍ଥୀମାନଙ୍କର ହୃଦୟଭରା ସ୍ୱାଗତ – ଏସବୁ କାର୍ଯ୍ୟକ୍ରମ ପଛରେ ପ୍ରଧାନ ଶିକ୍ଷକଙ୍କର ନୂତନ ଦୃଷ୍ଟିଭଙ୍ଗୀ ପିଲାଙ୍କର ଶିକ୍ଷା ଗ୍ରହଣରେ ନୂତନ ମାର୍ମିକତା ଓ ଭିନ୍ନ ସ୍ୱାଦ ଭରି ଦେଉଥିଲା । ଏସବୁ ଭିତରେ ତୋମୋଏ ସ୍କୁଲରେ ଆରମ୍ଭ ହୋଇଯାଏ ତୋତ୍ତୋ-ଚାନ୍‌ର ଦ୍ୱିତୀୟ ଶିକ୍ଷାବର୍ଷ । ସବୁ କାର୍ଯ୍ୟକ୍ରମ ଭିତରେ ଏକାଧିକ ବାର ପ୍ରଧାନଶିକ୍ଷକ କୋବାୟାଶିଙ୍କର ତୋତ୍ତୋ-ଚାନ୍‌କୁ ସେଇ ଓଜନିଆ କଥା ପଦକ ''ତୁ ସତରେ ଜଣେ ସୁନା ଝିଅ'' ବୋଧେ ସାରା ଜୀବନ ପାଇଁ ନୂତନ ମାର୍ଗ ସଂଧାନରେ ତା'ର ପାଥେୟ ହୋଇ ରହିଥିଲା । ତୋତ୍ତୋ-ଚାନ୍‌ର ଥିଲା ନିରୋଳା ଆନ୍ତରିକ ଭଲପାଇବା; ସେ ତା'ର ସହପାଠୀଟିଏ ପାଇଁ ହେଉ ଅଥବା ତା'ର ପ୍ରିୟ ପ୍ରଧାନ ଶିକ୍ଷକ କିଂବା ଶିକ୍ଷାନୁଷ୍ଠାନ ପାଇଁ ହେଉ । ସାମାନ୍ୟ 'ସ୍ୱାସ୍ଥ୍ୟଛେଲି'ନାମକ ପଦାର୍ଥଟିଏ ସଂଗ୍ରହ କରି ତୋତ୍ତୋ-ଚାନ୍‌ର ଅଭିନବ ପଦ୍ଧତିରେ ସମସ୍ତଙ୍କ ସୁସ୍ଥତା ପରଖିବାର ଶୁଭେଚ୍ଛୁ ମନୋଭାବ ତା'ର ଉଦାର, ମଧୁର ବ୍ୟକ୍ତିତ୍ୱର ପରିଚାୟକ । ତେବେ ତୋତ୍ତୋ-ଚାନ୍‌ର ପ୍ରିୟ ବନ୍ଧୁ ୟାସୁଆକି-ଚାନ୍‌ର ମୃତ୍ୟୁ ତା' ପାଇଁ ତଥା ତୋମୋଏର ପିଲାମାନଙ୍କ ପାଇଁ ଏକ ଦୁଃଖଦ ଅନୁଭୂତି ନେଇଆସିଛି । ବିଶେଷ କରି ସକାଳେ ସ୍କୁଲ ଆରମ୍ଭ ହେଲା ବେଳେ । ୟାସୁଆକି-ଚାନ୍‌ର ଆଜି ଡେରି ହୋଇଛି, ନୁହେଁ – ବରଂ ସେ ଆଉ କେବେ ବି ସ୍କୁଲକୁ ଆସିବନି; ଏକଥା ଅଭ୍ୟାସରେ ପଡ଼ିବା ପାଇଁ କିଛି ସମୟ ଲାଗିଯାଇଛି । ଏବେ ପଢ଼ିବା ତୋତ୍ତୋ-ଚାନ୍‌ର ନିଆରା ଅନୁଭୂତିଭରା କାହାଣୀ...]

### ବାପାଙ୍କ ବେହେଲା

ସେମାନେ ଜାଣିବା ଆଗରୁ, ଯୁଦ୍ଧର ପ୍ରଭାବ ତୋତ୍ତୋ-ଚାନ୍ ଓ ତା'ର ପରିବାର ଉପରେ ପଡ଼ିବାରେ ଲାଗିଥାଏ । ପ୍ରତିଦିନ ସାହି ପଡ଼ିଶାରୁ ଅନେକ ଯୁବକଙ୍କୁ ପତାକା ହଲାଇ ଓ 'ଜିନ୍ଦାବାଦ' (ବାନ୍‌ଜାଇ) ସ୍ଲୋଗାନ ଦେଇ ବିଦାୟ ଦିଆଯାଉଥାଏ । କ୍ରମେ ଦୋକାନଗୁଡ଼ିକରୁ ଖାଇବା ଜିନିଷ ଉଭେଇବାରେ ଲାଗିଲା । ତୋମୋଏର ''ସମୁଦ୍ରରୁ କିଛି ଓ ପାହାଡ଼ରୁ କିଛି'' ମିଶାଇ ଖାଇବା ନିୟମ ମାନିବା ଆଉ ସମ୍ଭବ ହେଲା ନାହିଁ । ମା ସମୁଦ୍ର ଶୈବାଳ ଓ ପ୍ଲମ ଆଚାର ମିଶାଇ ଏପରି କରୁଥିଲେ । କ୍ରମେ ଏହା ଆଉ ମିଳିଲାନି । ପ୍ରାୟ ସବୁ ଜିନିଷର ବିକ୍ରିକୁ ନିୟନ୍ତ୍ରଣ କରାଗଲା । ଯେତେ ଖୋଜିଲେ ବି ମିଠେଇ ମିଳିଲା ନାହିଁ । ତୋତ୍ତୋ-ଚାନ୍ ଜାଣିଥିଲା ଯେ ତା'ର ଷ୍ଟେସନର ଆଗରୁ ପଡୁଥିବା ଉକାୟାମା ଷ୍ଟେସନ ପାହାଚ ତଳେ ଗୋଟିଏ ମିଠେଇବିକା ଯନ୍ତ୍ର ଥିଲା । ସେଥିରେ ପଇସା ଗଳେଇଦେଲେ ମିଠେଇ ପୁଡ଼ିଆ ବାହାରି ଆସୁଥିଲା । ଯନ୍ତ୍ରର ଉପରେ ଥିବା ଚିତ୍ର ଦେଖିଲେ ପାଟିରେ ଲାଳ ଆସିଯାଏ । ପାଞ୍ଚ ସେନ୍‌ରେ ଛୋଟ ପୁଡ଼ିଆ ଓ ଦଶ ସେନ୍‌ରେ ବଡ଼ ମିଠା ପୁଡ଼ିଆ ବାହାରୁ ଥିଲା । ଏବେ କିନ୍ତୁ ବେଶ୍ କିଛିଦିନ ହେଲା ଏହା ଖାଲି ପଡ଼ିଛି । ସେଥିରେ ଯେତେ ପଇସା ପକାଇଲେ ଓ ଯେତେ ଧଡ଼ ଧଡ଼ କଲେ ବି ଏଥିରୁ କିଛି ବାହାରୁ ନଥିଲା । ଅନ୍ୟମାନଙ୍କ ଅପେକ୍ଷା ତୋତ୍ତୋ-ଚାନ୍ ଏଥିରେ ବେଶୀ ଲାଗିଥାଏ ।

''ହୁଏତ ଗୋଟିଏ ପୁଡ଼ିଆ କେଉଁଠି ଲାଖ୍ ରହି ଯାଇଥିବ'' ବୋଲି ସେ ଭାବୁଥିଲା, ତେଣୁ ପ୍ରତିଦିନ ସେ ତା' ଷ୍ଟେସନ ଆଗରୁ ଏଠାରେ ଓହ୍ଲାଏ ଓ ପାଞ୍ଚ ବା ଦଶ ସେନ୍ (ପଇସା) ଗଳାଏ । କିନ୍ତୁ କେବଳ ତା' ପଇସା ଖଡ୍ ଖଡ୍ ଶବ୍ଦ କରି ଫେରିଆସେ ।

ଏହି ସମୟରେ ତା' ବାପାଙ୍କୁ ଜଣେ କିଛି କହିଲେ । ଅଧିକାଂଶ ଲୋକ ଏହି ଖବରକୁ ସ୍ୱାଗତ କରିଥା'ନ୍ତେ । ସେ ଯଦି ତାଙ୍କ ବେହେଲା ନେଇ କୌଣସି ଗୋଳାବାରୁଦ କାରଖାନାରେ ଯୁଦ୍ଧବାଜା ବଜାନ୍ତି, ତେବେ ତାଙ୍କୁ ଚିନି, ଚାଉଳ ଓ ଅନ୍ୟ ଜିନିଷ ମିଳିବ । ସେତେବେଳେ ତା' ବାପାଙ୍କୁ ଗୋଟିଏ ସମ୍ମାନଜନକ ସଙ୍ଗୀତ ପୁରସ୍କାର ମିଳିଥାଏ । ସେ ଜଣେ ଭଲ ବେହେଲାବାଦକ ଭାବରେ ଜଣାଥା'ନ୍ତି । ତେଣୁ ସାଙ୍ଗ ଜଣକ କହିଲେ ଯେ ସେ ନିଶ୍ଚୟ ଅଧିକ ପରିମାଣର ଉପହାର ପାଇବେ ।

''ତୁମେ କ'ଣ ଭାବୁଛ ?'', ବାପାଙ୍କୁ ମାଆ ପଚାରିଲେ, ''ତୁମେ କ'ଣ ଏ କାମ କରିବ ?''

ବେଳକୁବେଳ ଗୀତ, ବାଜା ଆଦି ବିରଳ ହୋଇ ଯାଉଥାଏ । ଅଧିକରୁ ଅଧିକ ବାଜାବାଲାଙ୍କୁ ସୈନିକ ହେବାକୁ ପଡୁଥାଏ, ତେଣୁ ଅର୍କେଷ୍ଟ୍ରା ଦଳରେ ଲୋକ କମି ଯାଉଥା'ନ୍ତି । ରେଡ଼ିଓରେ କେବଳ ଯୁଦ୍ଧ ପ୍ରଚାରହିଁ ଚାଲିଥାଏ । ତେଣୁ ବାପା ଓ ସାଥିଙ୍କ ପାଇଁ ବିଶେଷ କାମ ନଥାଏ । ସେ ବାଜା ବଜାଇବା ପାଇଁ ଏପରି ଏକ ସୁଯୋଗକୁ ନିଶ୍ଚୟ ଗ୍ରହଣ କରିଥା'ନ୍ତେ ।

ବାପା କିଛି ସମୟ ଭାବି କହିଲେ, ''ମୋ ବେହେଲାରେ ମୁଁ ସେ ସବୁ ବଜାଇବାକୁ ଚାହେଁ ନାହିଁ ।''

''ମୁଁ ଭାବୁଛି ତୁମେ ଠିକ୍ କହିଛ'', ମା କହିଲେ, ''ମୁଁ ବି ମନା କରିଥା'ନ୍ତି । ଆମେ ଯେମିତି ହେଲେ ଖାଦ୍ୟ ପାଇବା ।''

ବାପା ଜାଣିଥିଲେ ଯେ ତୋତ୍ତୋ-ଚାନ୍‌ର ଖାଇବା ଅଣ୍ଟ ନିଅଣ୍ଟ । ପ୍ରତିଦିନ ସେ ମିଠେଇ ବିକା ଯନ୍ତ୍ରରେ ବୃଥାରେ ପଇସା ଗଳେଇ ଚେଷ୍ଟା କରୁଛି । ସେ ଏହା ବି ଜାଣିଥିଲେ ଯେ ଯୁଦ୍ଧ ଗୀତ ବଜାଇ ସେ ଯାହା ଉପହାର ପାଇବେ ସେ ସବୁ ତାଙ୍କ ପରିବାର ପାଇଁ ବେଶ୍ କାମ ଦେବ । କିନ୍ତୁ ବାପା ତାଙ୍କ ସଙ୍ଗୀତକୁ ବେଶୀ ମୂଲ୍ୟ ଦିଅନ୍ତି । ମା ବି ଏହା ଜାଣିଥିଲେ । ତେଣୁ ତାହା କରିବାକୁ ସେ ଜୋର୍ କଲେ ନାହିଁ । ''ମୋତେ କ୍ଷମା କରିଦେ ତୋତ୍‌ସ୍କି !'' ବାପା ଦୁଃଖରେ କହିଲେ ।

ତୋତ୍ତୋ-ଚାନ୍ ଭଳି ଛୋଟ ପିଲା ପାଇଁ କଳା, ମୂଲ୍ୟବୋଧ ଓ କାମ ଆଦି ବୁଝିବା ସମ୍ଭବ ନ ଥିଲା । କିନ୍ତୁ ସେ ଏତିକି ଜାଣିଥିଲା ଯେ ତା' ବାପା ତାଙ୍କ ବେହେଲାକୁ ବହୁତ ଭଲ ପାଉଥିଲେ । ସେଥିପାଇଁ ତାଙ୍କର ଅନେକ ବନ୍ଧୁ ବାନ୍ଧବ ତାଙ୍କୁ ଦୂରେଇ ଦେଇଥିଲେ – ଏପରିକି ତାଙ୍କୁ କଥା ବି କହୁ ନଥିଲେ । ସେ ବହୁତ ଅସୁବିଧାରେ ପଡ଼ିଥିଲେ । ତଥାପି ସେ ବେହେଲା ବଜାଇବା ବନ୍ଦ କରି ନଥିଲେ । ତେଣୁ ତୋତ୍ତୋ-ଚାନ୍ ବାପାଙ୍କର ନିଷ୍ପତ୍ତି – ନିଜ ମତ ବିରୋଧୀ କାମ ନ କରିବାକୁ ଉଚିତ ମନେକଲା । ତୋତ୍ତୋ-ଚାନ୍ ବାପାଙ୍କ ଚାରିପଟେ ଖୁସିରେ ଡେଇଁ ଡେଇଁ କହିଲା, ''ମୋର ମନରେ ଦୁଃଖ ନାହିଁ । କାରଣ ମୁଁ ବି ତୁମ ବେହେଲାକୁ ଭଲପାଏ ।''

କିନ୍ତୁ ତା' ପରଦିନ ତୋତ୍ତୋ-ଚାନ୍ ଉକାୟାମାଠାରେ ଓହ୍ଲାଇ ମିଠାଇବିକା ଯନ୍ତ୍ର ଭିତରକୁ ଉଣ୍ଡିଲା । ସେଥିରୁ କିଛି ବାହାରିବାର ସମ୍ଭାବନା ନଥିଲା, କିନ୍ତୁ ତଥାପି ସେ ଆଶା ଛାଡ଼ି ନଥିଲା ।

## ଶପଥ

ଖାଇବା ବେଳେ ଚଉକି ଟେବୁଲଗୁଡ଼ିକ ଗୋଲ କରି ସଜାଇ ଦିଆଯାଉଥିଲା । ସରିଲା ପରେ ଏଗୁଡ଼ିକୁ ପିଲାମାନେ ଘୁଞ୍ଚାଇ ଦିଅନ୍ତି । ଫଳରେ ସଭା ଘରଟି ବେଶ୍ ଫର୍ଚ୍ଚା ଦିଶେ ।

ତୋତ୍ତୋ-ଚାନ୍ ଦିନେ ଠିକ୍ କଲା, ''ଆଜି ମୁଁ ସବା ଆଗ ପ୍ରଧାନ ଶିକ୍ଷକଙ୍କ ପିଠିରେ ଚଢ଼ିବି ।''

ସେ ସବୁବେଳେ ଏହା କରିବାକୁ ଚାହୁଁଥିଲା । କିନ୍ତୁ ସେ କୁଣ୍ଠା କରି ଭାବିଲା ବେଳକୁ କିଏ ତାଙ୍କ କୋଳରେ ବସି ଯାଉଥିଲା ତ ଆଉ କିଏ ପିଠିରେ ଚଢ଼ି ଯାଉଥିଲା । ସଭାଘର ମଝିରେ ଚକାମାଡ଼ି ବସିଥିବା ପ୍ରଧାନ ଶିକ୍ଷକଙ୍କ ଆଖିରେ ପଡ଼ିବା ପାଇଁ ସମସ୍ତେ ଏଭଳି ଠେଲାପେଲା ହେଉଥିଲେ ।

''ଆରେ ହେ, ରୁହ ରୁହ'', ପ୍ରଧାନ ଶିକ୍ଷକ କହୁ କହୁ ତାଙ୍କ ହସିଲା ମୁହଁଟା ଲାଲ ପଡ଼ି ଯାଇଥାଏ । କିନ୍ତୁ ତାଙ୍କ ପିଠିରେ ଚଢ଼ି ବସିଗଲା ପରେ ପିଲାଏ ଆଉ ନ ଓହ୍ଲାନ୍ତି । ତେଣୁ ଟିକିଏ ବି ଥମେଇଗଲେ ପ୍ରଧାନ ଶିକ୍ଷକଙ୍କ ପିଠିରେ ଭିଡ଼ ବଢ଼ି ଯାଉଥିଲା । କିନ୍ତୁ ଏଥର ତୋତ୍ତୋ-ଚାନ୍ ଠିକ୍ କରି ସାରିଥିଲା ଯେ ସେ ଆଗ ଚଢ଼ିବ ଓ ପ୍ରଧାନ ଶିକ୍ଷକ ଆସିଲା ବେଳକୁ ସଭାଘର ମଝିରେ ସେ ଅପେକ୍ଷା କରିଥାଏ । ସେ ପହଞ୍ଚିବା

କ୍ଷଣି ତାଙ୍କୁ ପାଟି କରି କହିଲା, ''ସାର୍, ମୁଁ କିଛି କହିବାକୁ ଚାହୁଁଛି ।''

''କ'ଣ କହୁଛ ?'' ପ୍ରଧାନ ଶିକ୍ଷକ ଖୁସିରେ ପଚାରିଲେ । ତୋତ୍ତୋ-ଚାନ୍‌ର କଥା ଶୁଣିବାକୁ ସେ ଚକାମାଡ଼ି ତଳେ ବସିଲେ ।

ତୋତ୍ତୋ-ଚାନ୍ ଗତ କିଛି ଦିନ ଧରି ଭାବି ଯାହା ଠିକ୍ କରି ଥିଲା ତାହା କହିବାକୁ ଚାହୁଁଥିଲା । ପ୍ରଧାନ ଶିକ୍ଷକ ଯେତେବେଳେ ଚକାମାଡ଼ି ବସିଗଲେ ସେ ହଠାତ୍ ଠିକ୍ କଲା ଯେ ସେ ପିଠିରେ ଚଢ଼ିବ ନାହିଁ । ମୁହଁକୁ ମୁହଁ ବସି କଥାଟା କହିଲେ ବେଶୀ ଭଲ ହେବ । ତେଣୁ ସେ ତାଙ୍କ ଆଗରେ ପୂରା ପାଖରେ ବସିଲା । ମୁଣ୍ଡ ଝୁଙ୍କାଇ ଟିକେ ହସିଲା । ତା'ର ଏହା ଭଙ୍ଗୀକୁ ପିଲାବେଳୁ ମାଆ 'ସୁନ୍ଦର ମୁହଁ' ବୋଲି କହୁଥିଲେ । ଏଇଟା ତା'ର ''ସବୁଠାରୁ ସୁନ୍ଦର'' ଠାଣି ଥିଲା । ସେ ଯେତେବେଳେ ଟିକିଏ ପାଟି ଖୋଲି ସେଭଳି ହସେ ତା'ର ଦମ୍ଭ ବଢ଼ିଯାଏ ଓ ସେ ନିଜେ ବିଶ୍ୱାସ କରେ ଯେ ସେ ଗୋଟିଏ ସୁନା ଝିଅ ।

ପ୍ରଧାନ ଶିକ୍ଷକ କିଛି ଗୋଟେ ଶୁଣିବାକୁ ଆଶା କରି ଆଗକୁ ଝୁଙ୍କି ତା'କୁ ଆଉ ଥରେ ପଚାରିଲେ, ''କ'ଣ କହୁଥିଲ ?''

ତୋତ୍ତୋ-ଚାନ୍ ମଧୁର ଓ ଧୀର ଭାବରେ ଜଣେ ମା ବା ବଡ଼ ଭଉଣୀ ପରି କହିଲା, ''ମୁଁ ବଡ଼ ହେଲେ ଏ ସ୍କୁଲରେ ପଢ଼ାଇବାକୁ ଚାହେଁ । ମୁଁ ସତରେ ଚାହେଁ ।''

ତୋତ୍ତୋ-ଚାନ୍ ଆଶା କରିଥିଲା ପ୍ରଧାନ ଶିକ୍ଷକ ହସିବେ, କିନ୍ତୁ ତା' ବଦଳରେ ସେ ଗମ୍ଭୀର ହୋଇ ପଚାରିଲେ, ''କଥା ଦେଉଛ ?'' ମନେହେଲା ଯେ ସେ ସତରେ ଏହା ଚାହୁଁଥିଲେ । ତୋତ୍ତୋ-ଚାନ୍ ଜୋର୍‌ରେ ମୁଣ୍ଡ ହଲାଇ କହିଲା, ''ମୁଁ ଶପଥ କରୁଛି ।'' ନିଶ୍ଚିତ ଭାବରେ ସେଠାରେ ଶିକ୍ଷୟିତ୍ରୀ ହେବା ପାଇଁ ସେ ମନ ଟାଣ କଲା । ସେତେବେଳେ ସେ ଭାବୁଥାଏ ତୋମୋଏରେ ତା'ର ପ୍ରଥମ ସକାଳ କଥା, ଯେବେ ସେ ନୂଆ କରି ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ଅଫିସରେ ଭେଟିଲା, ତାକୁ ଲାଗୁଥିଲା ଏହା ବହୁତ ଦିନ ତଳର କଥା । ସେ ଧୈର୍ଯ୍ୟ ଧରି ଚାରି ଘଣ୍ଟା ଯାଏଁ ତା'ର କଥା ଶୁଣିଥିଲେ । ତା'ର କଥା ସରିବା ପରେ ସେ କହିଥିଲେ, ''ଏବେ ତୁମେ ଏ ସ୍କୁଲର ଜଣେ ଛାତ୍ରୀ ।'' ତାଙ୍କ ସ୍ୱରର ଉଷ୍ମତା କଥା ସେ ଭାବୁଥିଲା । ଏବେ ସେ ଶ୍ରୀ କୋବାୟାଶିଙ୍କୁ ଆହୁରି ଅଧିକ ଭଲ ପାଉଥିଲା । ତାଙ୍କ ପାଖରେ କାମ କରିବାକୁ ଓ ତାଙ୍କୁ ଯେ କୌଣସି ପ୍ରକାରରେ ସାହାଯ୍ୟ କରିବାକୁ ସେ ପଣ କରିଥିଲା ।

ତୋତ୍ତୋ-ଚାନ୍ ଯେତେବେଳେ ଶପଥ କଲା, ସେ ଖୁସିରେ ହସିଲେ ତାଙ୍କର ଗଳିପଡ଼ିଥିବା ଦାନ୍ତଗୁଡ଼ିକ ପାଇଁ ଟିକିଏ ବି ସଙ୍କୋଚ ନକରି । ତୋତ୍ତୋ-ଚାନ୍ ତା'ର କାଣି ଆଙ୍ଗୁଠି ଦେଖାଇଲା । ପ୍ରଧାନ ଶିକ୍ଷକ ବି ସେଇଆ କଲେ । ତାଙ୍କ କାଣି ଆଙ୍ଗୁଠିଟି ଟାଣୁଆ ଦିଶୁଥାଏ – ତା' ଉପରେ ବିଶ୍ୱାସ ରଖାଯାଇ ପାରିବ । ତୋତ୍ତୋ-ଚାନ୍ ଓ ପ୍ରଧାନ ଶିକ୍ଷକ ତାଙ୍କ କାଣି ଆଙ୍ଗୁଠିକୁ ଛନ୍ଦିଲେ ଓ ଯୁଗ ଯୁଗ ଧରି ଚଳି ଆସୁଥିବା ଜାପାନୀ ଧାରାରେ ଶପଥ କଲେ । ପ୍ରଧାନ ଶିକ୍ଷକ ହସୁଥା'ନ୍ତି, ତୋତ୍ତୋ-ଚାନ୍ ମଧ ଆଶ୍ୱସ୍ତ ହୋଇ ହସିଲା । ତୋମୋଏରେ ସେ ଜଣେ ଶିକ୍ଷୟିତ୍ରୀ ହେବ । କି ଚମତ୍କାର ଚିନ୍ତା !''

''ମୁଁ ଯେବେ ଶିକ୍ଷିକା ହେବି...'' ସେ ଖୁସିରେ ଭାବିଲା । ତା'ର ଭାବନା ଭିତରେ ଥିଲା : ପାଠର ବୋଝ କମ୍, ଅନେକ ଖେଳଦିନ, ବଣଭୋଜି ଶିବିର ଓ ବୁଲାବୁଲି ! ପ୍ରଧାନ ଶିକ୍ଷକ ଖୁବ୍ ଖୁସି ହୋଇଗଲେ । ତୋତ୍ତୋ-ଚାନ୍‌ର ବଡ଼ ଅବସ୍ଥା କଳ୍ପନା କରିବା କଷ୍ଟକର କଥା । କିନ୍ତୁ ସେ ନିଶ୍ଚିତ ଥିଲେ ଯେ ତୋତ୍ତୋ-ଚାନ୍ ଶିକ୍ଷୟିତ୍ରୀ ହୋଇପାରିବ । ସେ ଭାବୁଥିଲେ ଯେ ତୋମୋଏର ପ୍ରତ୍ୟେକ ପିଲା ଜଣେ ଭଲ ଶିକ୍ଷକ ହୋଇପାରିବ, କାରଣ ସେମାନେ ଏଠାରେ ତାଙ୍କ ପିଲାବେଳର ମଜାଟା ଖୁବ୍ ଭଲ ଭାବରେ ମନେ ରଖିଥିବେ ।

ତୋମୋଏଠାରେ ପ୍ରଧାନ ଶିକ୍ଷକ ଓ ତାଙ୍କର ଜଣେ ଛାତ୍ରୀ ଅନ୍ତତଃ ଦଶ ବର୍ଷ ପରର ଗୋଟିଏ କାମ ପାଇଁ ଗମ୍ଭୀର ଶପଥ କରୁଥିଲେ । ସେତେବେଳେ କିନ୍ତୁ ସମସ୍ତେ କହୁଥିଲେ ଯେ ଆଉ କିଛି ସମୟ ପରେ ଆମେରିକାର ବୋମାଭରା ଉଡ଼ାଜାହାଜସବୁ ଜାପାନ ଆକାଶରେ ଦେଖାଦେବ ।

### ରକି ହଜିଗଲା

ଅନେକ ସୈନ୍ୟ ମରିଯାଇଥା'ନ୍ତି, ଖାଦ୍ୟ ପ୍ରାୟ ମିଳୁ ନଥାଏ, ସମସ୍ତେ ଭୟରେ କାଳ କାଟୁଥା'ନ୍ତି – କିନ୍ତୁ ଖରାଦିନ ଠିକ୍ ସମୟରେ ଆସିଗଲା । ହାରଜିତ୍ ନ ବାଛି ସୂର୍ଯ୍ୟ ସବୁ ଦେଶରେ ତା'ର କିରଣ ଢାଳିଲେ ।

କାମାକୁରାରେ ତା'ର ବଡ଼ବାପାଙ୍କ ଘରୁ ତୋତ୍ତୋ-ଚାନ୍ ଫେରିଥାଏ । ତୋମୋଏରେ ଏବେ ଆଉ ଶିବିର

ବା ଉଷ୍ଣପ୍ରସ୍ରବଣ ବୁଲା ହେଉ ନଥାଏ । ଲାଗୁଥାଏ ଯେପରି ପିଲାମାନେ ଆଗଭଳି ଆଉ ଖରାଛୁଟିର ମଜା ପାଇ ପାରିବେ ନାହିଁ । ତୋତ୍ତୋ-ଚାନ୍ ସବୁ ଖରା ଛୁଟି ତା'ର ସମ୍ପର୍କୀୟ ଭାଇମାନଙ୍କ ସହ କାମାକୁରାରେ କାଟୁଥିଲା । ଏବର୍ଷ କିନ୍ତୁ ସବୁ ଅଲଗା ଲାଗୁଥିଲା । ଜଣେ ସମ୍ପର୍କୀୟ ବଡ଼ ପିଲା ଯେ ସେମାନଙ୍କୁ କେତେ ମଜାଳିଆ ଭୂତ କଥା କହୁଥିଲା, ସେ ଯୁଦ୍ଧକୁ ଯାଇଥାଏ । ତେଣୁ ଭୂତ କଥା ବି ବନ୍ଦ । ଆଉ ତା' ବଡ଼ବାପା ତାଙ୍କ ଆମେରିକା ରହଣି ବିଷୟରେ ଅନେକ ମଜା କଥା କହୁଥିଲେ ଯଦିଓ ସେ ସବୁ ସତ କି ମିଛ ତାହା ସେମାନେ ଜାଣି ନଥିଲେ, ସେ ବି ଏବେ ସୀମାନ୍ତରେ ଥା'ନ୍ତି । ତାଙ୍କ ନାଁ ଥିଲା ଶୁ ତାଗୁଚି । ସେ ଜଣେ ବିଖ୍ୟାତ ଫଟୋଉଠାଳି ଥିଲେ ।

'ନିହନ୍ ନିଉଜ୍'ର ନିଉୟର୍କ ଅଫିସର ମୁଖ୍ୟ ଓ ଆମେରିକା 'ମେଟ୍ରୋ-ନିଉଜ'ର ଦୂର ପ୍ରାଚ୍ୟ ସାମ୍ବାଦିକ ରହିବା ପରେ ସେ ଶୁ ତାଗୁଚି ନାମରେ ବେଶୀ ଜଣାଶୁଣା ଥିଲେ । ସେ ବାପାଙ୍କର ବଡ଼ଭାଇ ଥିଲେ, ବାପା ତାଙ୍କ ନାଁରେ ମା'ଙ୍କ ପରିବାରର ସାଙ୍ଗିଆ ଯୋଡ଼ିଥିଲେ, ନହେଲେ ତାଙ୍କ ନାଁ ବି ତାଗୁଚି ହୋଇଥା'ନ୍ତା । 'ରାବୁଲ୍‌ର ଯୁଦ୍ଧ' ଭଳି ତାଙ୍କର ଅନେକ ସିନେମା ସବୁଆଡ଼େ ଦେଖା ହେଉଥାଏ । କିନ୍ତୁ ସେ କେବଳ ଯୁଦ୍ଧର ଚିତ୍ର ପଠାଉ ଥିବାରୁ ଘରେ ସମସ୍ତେ ବ୍ୟସ୍ତ ହେଉଥିଲେ । ସେ ଚିତ୍ରଗୁଡ଼ିକରେ ସୈନ୍ୟମାନଙ୍କର ବିପଦପୂର୍ଣ୍ଣ ଅବସ୍ଥାରେ ଆଗାଉ ଥିବାର ଦେଖାଯାଉଥିଲା । ଫଟୋଉଠାଳିମାନେ ସୈନ୍ୟମାନଙ୍କ ଆଗରେ ଥାଇ ଏସବୁ ଉଠାଇଛନ୍ତି ବୋଲି ବଡ଼ମାନେ କହୁଥିଲେ ।

କାହିଁକି କେଜାଣି, ସେ ବର୍ଷ କାମାକୁରାର ବେଳାଭୂମିରେ ମଧ୍ୟ ବିଷାଦ ଖେଳୁଥାଏ । ଏସବୁ ସତ୍ତ୍ୱେ ୟାତ-ଚାନ୍ କିନ୍ତୁ ମଜାଳିଆ ରହିଥାଏ । ୟାତ-ଚାନ୍ ବଡ଼ବାପାଙ୍କର ବଡ଼ ପୁଅ ଓ ତୋତ୍ତୋ-ଚାନ୍‌ଠାରୁ ବର୍ଷେ ସାନ । ସବୁ ପିଲା ଏକାଠି ଗୋଟିଏ ବଡ଼ ମଶାରିରେ ଶୋଉଥିଲେ । ଶୋଇବା ଆଗରୁ ୟାତ-ଚାନ୍ ପାଟି କରି କହୁଥିଲା, ''ସମ୍ରାଟ ଜିନ୍ଦାବାଦ ।'' ଆଉ ଗୁଳି ଖାଇଥିବା ସୈନିକ ଭଳି ତଳେ କଚାଡ଼ି ହୋଇ ପଡୁଥିଲା ଓ ମରି ଯାଇଥିବାର ଛଳନା କରୁଥିଲା । ଥରକୁ ଥର ସେ ଏପରି କରିବ । ମଜାର କଥା ଯେ ଯେବେ ବି ସେ ଏଭଳି କରିବ ସେ ରାତିରେ ସେ ନିଶ୍ଚୟ ନିଦରେ ଚାଲିବ ଓ ବାରଣ୍ଡା ଉପରୁ ଗଳିପଡ଼ି ଚିତ୍କାର କରିବ ।

ବାପାଙ୍କର ଟୋକିଓରେ କାମ ଥାଏ । ତେଣୁ ମା ତାଙ୍କ ସାଙ୍ଗରେ ରହିଥା'ନ୍ତି । ଖରାଛୁଟି ସରିଲା । ଭୂତଗପ କହୁଥିବା ପିଲାର ଭଉଣୀ ତୋତ୍ତୋ-ଚାନ୍‌କୁ ଟୋକିଓ ଫେରାଇ ଆଣିଲା ।

ଫେରିବା ମାତ୍ରେ ତୋତ୍ତୋ-ଚାନ୍ ରକିକୁ ଖୋଜିବାରେ ଲାଗିଗଲା । କିନ୍ତୁ ରକି ଦେଖାଗଲା ନାହିଁ । ଘରେ, ବଗିଚାରେ ବା ବାପାଙ୍କର ପୁଷ୍ପାଳି ଚାରା ଘରେ କେଉଁଠି ବି ରକି ନଥିଲା । ତୋତ୍ତୋ-ଚାନ୍ ବ୍ୟସ୍ତ ହୋଇ ପଡ଼ିଲା । ସାଧାରଣତଃ ସେ ଘରେ ନ ପଶୁଣୁ ରକି ତା' ପାଖକୁ ଦଉଡ଼ି ଆସେ । ରାସ୍ତାକୁ ଯାଇ ସେ ରକିକୁ ଡାକ ପକାଇଲା । ହେଲେ ତା'ର ସେ ପ୍ରିୟ ଆଖି, କାନ ବା ଲାଞ୍ଜର ଚିହ୍ନ ବି ଦିଶୁ ନଥାଏ । ତୋତ୍ତୋ-ଚାନ୍ ତରତର ହୋଇ ଘରକୁ ଫେରି ଆସିଲା; କାଳେ ଏଭିତରେ ରକି ଆସି ଘରେ ପହଞ୍ଚି ଯିବଣି । କିନ୍ତୁ, ରକି ଆସି ନଥିଲା ।

''ରକି କାହିଁ ?'' ସେ ମା'ଙ୍କୁ ପଚାରିଲା । ମା ଜାଣିଥିଲେ ଯେ ତୋତ୍ତୋ-ଚାନ୍ ନିଶ୍ଚୟ ସବୁଆଡ଼େ ରକିକୁ ଖୋଜି ବୁଲୁଛି । ସେ କିନ୍ତୁ କିଛି କହିଲେ ନାହିଁ ।

''ରକି କାହିଁ ?'' ତୋତ୍ତୋ-ଚାନ୍ ମା'ଙ୍କ ଲୁଗା ଝିଙ୍କି ପୁଣି ପଚାରିଲା ।

ମା ଖୁବ୍ କଷ୍ଟରେ ଉତ୍ତର ଦେଲେ, ''ସେ ହଜି ଯାଇଛି ।''

ତୋତ୍ତୋ-ଚାନ୍ ଏକଥା ବିଶ୍ୱାସ କରିବାକୁ ରାଜି ନଥିଲା । ରକି ପୁଣି କେମିତି ହଜିଯିବ ଯେ ? ମା'ଙ୍କୁ ସିଧା ଅନାଇ ସେ ପଚାରିଲା, ''କେବେ ?''

ମା' କଥା କହି ପାରୁ ନଥା'ନ୍ତି । ମନଦୁଃଖରେ ସେ କହିଲେ, ''ତୁ କାମାକୁରା ଯିବା ପରେ ପରେ ।'' ଆଉ ତରବର ହୋଇ ଯୋଡ଼ିଦେଲେ, ''ଆମେ ତାକୁ ଖୋଜିଲୁ, ସବୁଆଡ଼େ ବୁଲିଲୁ, ସମସ୍ତଙ୍କୁ ପଚାରିଲୁ । କିନ୍ତୁ ତାକୁ ପାଇଲୁ ନାହିଁ । କେମିତି ତତେ କହିବି ସେ କଥା ମୁଁ ଭାବି ପାରୁ ନଥିଲି । ସତ କହିଲେ, ମୋ ମନରେ ବଡ଼ କଷ୍ଟ ହୋଇଛି ।''

ଏବେ ତୋତ୍ତୋ-ଚାନ୍ ମୁଣ୍ଡରେ କଥାଟା ପଶିଲା । ରକି ନିଶ୍ଚୟ ମରିଯାଇଥିବ । ସେ ଭାବିଲା ''ମା ଚାହୁଁ ନାହାନ୍ତି ଯେ ମୋ ମନଦୁଃଖ ହେଉ, କିନ୍ତୁ ରକି ଆଉ ନାହିଁ ।''

ତୋତ୍ତୋ-ଚାନ୍ ପାଇଁ ଏହା ପରିଷ୍କାର ଥିଲା । ଏବେ ଯାଏଁ ତୋତ୍ତୋ-ଚାନ୍ ଯେତେଦିନ ଧରି ବାହାରକୁ ଗଲେ ବି ରକି ବେଶୀ ଦୂର ଯାଉ ନଥିଲା । ରକି ଜାଣୁଥିଲା ଯେ ତୋତ୍ତୋ-ଚାନ୍ ନିଶ୍ଚୟ ଫେରି ଆସିବ । ତୋତ୍ତୋ-ଚାନ୍ ଭାବିଲା, ''ରକି ମୋତେ ନକହି କେବେ ବି ପଳାଇବ ନାହିଁ ।'' ଏ କଥାରେ ତା'ର ଦୃଢ଼ ବିଶ୍ୱାସ ଥିଲା ।

ତୋତ୍ତୋ-ଚାନ୍ ଏକଥା ମା'ଙ୍କୁ କହିଲା ନାହିଁ । ମା'ଙ୍କ ମନ କଷ୍ଟ କଥା ସେ ବୁଝୁଥାଏ । ତେଣୁ ମୁହଁ ତଳକୁ କରି ସେ ଖାଲି କହିଲା, ''କୁଆଡ଼େ ସେ ଗଲା ଯେ !''

ଅତି କଷ୍ଟରେ ଏତକ କହି ସେ ଉପର ମହଲାରେ ତା' କୋଠରିକୁ ଚାଲିଗଲା । ରକି ବିନା ଘରଟା ତାଙ୍କର ଘର ଭଳି ଲାଗୁ ନଥାଏ । ସେଠାରେ ପହଞ୍ଚି ସେ ନ କାନ୍ଦିବାକୁ ଖୁବ୍ ଚେଷ୍ଟା କଲା ଓ ଏ ବିଷୟରେ ଆଉ ଥରେ ଭାବିଲା । କାଳେ ସେ ରକିକୁ କିଛି ହଇରାଣ କରିଥିବ – ଯେଉଁଥି ପାଇଁ ରକି ପଳାଇବା ପାଇଁ ଚାହିଁଥିବ ।

''ଜୀବଜନ୍ତୁଙ୍କୁ କେବେ ଚିଡ଼ାଇବ ନାହିଁ'', ଶ୍ରୀ କୋବାୟାଶି ତାଙ୍କୁ ସବୁବେଳେ କୁହନ୍ତି । ''ଯେଉଁ ଜୀବ ତୁମକୁ ବିଶ୍ୱାସ କରେ ତାକୁ ଭରସା ନଦେବା ନିଷ୍ଠୁର କଥା । କୁକୁରକୁ କିଛି ଦେଖାଇ ନେଇ ଯାଅ ନାହିଁ । ଏପରି କଲେ ସେ ତୁମକୁ ଆଉ ବିଶ୍ୱାସ କରିବ ନାହିଁ । ଆଉ ତା'ର ସ୍ୱଭାବ ଖରାପ ହୋଇଯିବ ।''

ତୋତ୍ତୋ-ଚାନ୍ ସବୁବେଳେ ସେ ନିୟମ ମାନୁଥିଲା, ଏଥିରେ ସେ କିଛି ବି ଭୁଲ୍ କରିଥିବା କଥା ଭାବିପାରୁ ନଥିଲା ।

ଠିକ୍ ଏତିକିବେଳେ ଚଟାଣ ଉପରେ ଗଡୁଥିବା କଣ୍ଢେଇ ଭାଲୁର ପାଦରେ କିଛି ଲାଗିଥିବାର ସେ ଦେଖିଲା । ଏବେ ଯାଏଁ ସେ କାନ୍ଦି ନଥିଲା, କିନ୍ତୁ ଏବେ ଆଉ ସମ୍ଭାଳି ପାରିଲା ନାହିଁ । ଭାଲୁ ଗୋଡ଼ରେ ରକିର ଫିକା ମାଟିଆ ରୁମରୁ ମେଞ୍ଚାଏ ଲାଗିଥିଲା । କାମାକୁରା ଯିବା ଦିନ ସକାଳେ ରକିର ତା'ର ଚଟାଣରେ ଖେଳରେ ଗଡ଼ାଗଡ଼ି ହେଉଥିଲେ । ସେତିକିବେଳେ ଏ ରୁମ ମେଞ୍ଚାକ ବୋଧେ ଉପୁଡ଼ି ଆସିଛି । ସେଇ ରୁମ କେରାକ ହାତରେ ଧରି ସେ କାନ୍ଦି ଚାଲିଲା । ତା'ର ଲୁହ ଓ କୋହ ଆଦୌ ବନ୍ଦ ହେଉ ନଥାଏ ।

ଆଗ ୟାସୁଆକି-ଚାନ୍, ଏବେ ରକି – ତୋତ୍ତୋ-ଚାନ୍ ଆଉ ଗୋଟିଏ ସାଙ୍ଗ ହରାଇଲା ।

(କ୍ରମଶଃ)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର)

❑❑❑

---

*(ପୃଷ୍ଠା ୪୦ର ଅବଶିଷ୍ଟାଂଶ)*

ସୁନୀତିକୁ କହିଲା । ସୁନୀତି ତର ତର ହୋଇ ବାକ୍ସଟି ଖୋଲିଲା । ତା' ଭିତରେ ଏକ ସୁନ୍ଦର ହୀରା ମୁଦି ଥିବାର ଦେଖି ତତ୍କ୍ଷଣାତ୍ ତାକୁ ନିଜେ ପିନ୍ଧି ପକାଇଲା । ତା' ମାଆ ମଧ ଚୁଲୀ ପାଖରୁ ଉଠି ଆସିଲେ । ମୁଦିକୁ ଦେଖି ସେ ମଧ ଭାରି ଖୁସି ହେଲେ । ମୁଦିଟି ପିନ୍ଧିବା ମାତ୍ରେ ସୁନୀତିର ଆଚାର, ବ୍ୟବହାର ଏବଂ ସ୍ୱଭାବ ପୂରାପୂରି ବଦଳିଗଲା । ସେ ଭଉଣୀ ସୁଧାକୁ ଅତି ଆଦରରେ କୁଣ୍ଢାଇ ଧରି କହିଲା, ''ମୋ ସୁନା ଭଉଣୀ, ଏ ମୁଦିଟି ମୋତେ ଦେଇଥିବାରୁ ମୁଁ ତୋ ପାଖରେ ଋଣୀ । ମାତ୍ର ଏହା ତୋର ପାଇବାର କଥା । ମୁଁ ଏହାକୁ ଗ୍ରହଣ କରିବାର ଯୋଗ୍ୟ ନୁହେଁ । ମୁଦିଟି ତୁ ପିନ୍ଧିଲେ ମୁଁ ସବୁଠାରୁ ବେଶୀ ଖୁସି ହେବି ।'' ଏହା କହି ସେ ସୁଧାକୁ ମୁଦିଟି ପିନ୍ଧାଇ ଦେଲା । ଭଉଣୀର ହୃଦୟ ଏପରି ବଦଳି ଯିବାର ଦେଖି ସୁଧାର ଆନନ୍ଦର ସୀମା ରହିଲା ନାହିଁ । ସେହିଦିନ ଠାରୁ ଦୁଇ ଭଉଣୀ ଅନ୍ତରଙ୍ଗ ବନ୍ଧୁ ପାଲଟି ଗଲେ । ସବୁଦିନ ପାଇଁ ସୁଖ ଶାନ୍ତିରେ କାଳ କାଟିଲେ ।

(ଅନୁବାଦ : ସନାତନ ମହାନ୍ତି) ❑

---

ଦିବ୍ୟକୃପା ଉପରେ ଅବିଚଳ ଆସ୍ଥା ଏବଂ ବିଶ୍ୱାସ ସହକାରେ କେବଳ ମାତ୍ର ସର୍ବସଂହତ ଭାବେ ଶାନ୍ତିମୟ ଏବଂ ଅଚଞ୍ଚଳ ରହିବା ଦ୍ୱାରା ହିଁ ତୁମେ ପରିସ୍ଥିତିସବୁ ଯେତିକି ଉତ୍ତମ ହେବା ସମ୍ଭବ, ତାହା ହେବା ଦିଗରେ ପଥ ସୁଗମ କରି ପାରିବ । **ସବୁଠୁଁ ଉତ୍ତମ ସର୍ବଦା ସଂଘଟିତ ହୁଏ** ସେହିମାନଙ୍କ କ୍ଷେତ୍ରରେ ଯେଉଁମାନେ ସେମାନଙ୍କ ସମଗ୍ର ବିଶ୍ୱାସ ଭଗବାନଙ୍କ ଉପରେ ଏବଂ **କେବଳ ମାତ୍ର** ଭଗବାନଙ୍କ ଉପରେ ହିଁ ନ୍ୟସ୍ତ କରିଥା'ନ୍ତି ।

– ଶ୍ରୀମା

# ଆମ ଶରୀର

## (୨୪)

## ଭୋଳେଶ୍ୱର ଭୂୟାଁ

### ମା'ଙ୍କ ସହିତ ଏକତ୍ୱ ଲାଭ କରିବା

ପ୍ରତ୍ୟେକ ଅଧ୍ୟାତ୍ମ ସାଧନା ପଥରେ ସାଧକର ଦୁଇ ପ୍ରକାରର ଅନୁଭୂତି ହୋଇଥାଏ । ପ୍ରଥମଟି ହେଲା ଦ୍ୱୈତ ଭାବର ଅନୁଭୂତି; ଦ୍ୱିତୀୟଟି ହେଲା ଅଦ୍ୱୈତ ଭାବର ଅନୁଭୂତି । ଆମେ ତାଙ୍କ ସହିତ ଲୀଳାଖେଳା କରିଥାଉ, ତାଙ୍କୁ ପୂଜା ଅର୍ଚ୍ଚନା କରିଥାଉ । ଅଧିକାଂଶ ଭକ୍ତ ଏହି ଭାବର ମଧୁରତା ଅନୁଭବ କରିଥା'ନ୍ତି – ଏପରିକି ମୃତ୍ୟୁ ପରେ ମଧ ସେମାନେ ସାକେତ, ଗୋଲୋକ, ବୈକୁଣ୍ଠ ଆଦି ଲୋକକୁ ଯାଇ ନିତ୍ୟ ଲୀଳା କରିଥାଆନ୍ତି – ଏଥିରେ ସେମାନେ ପରମ ଆନନ୍ଦରେ ବୁଡ଼ି ରହନ୍ତି । ଅଦ୍ୱୈତବାଦୀମାନେ ତାଙ୍କ ଆରାଧ୍ୟଙ୍କ ସହିତ ଏକ ହୋଇ ଯିବାକୁ ଚାହିଁ ଥାଆନ୍ତି । 'ଅହଂ ବ୍ରହ୍ମସ୍ମିନ୍' 'ସ୍ୱଂହମ୍' ଆଦି ମନ୍ତ୍ର ଜପ କରି ନିଜକୁ ବ୍ରହ୍ମ ସହିତ ମିଳାଇ ଦେବାକୁ ଚାହାନ୍ତି । 'ସେ' ଓ 'ମୁଁ'– ଆମେ ଅଲଗା ନୋହୁଁ – ଆମେ ଏକ ହୋଇ ରହିଛୁ । ଆମ ଯୋଗରେ ମଧ  ବିଭିନ୍ନ ସମୟରେ ଏହି ଦୁଇ ଅନୁଭୂତି ହୋଇଥାଏ । କିନ୍ତୁ ଏହା ପରିପୂର୍ଣ୍ଣ ଭାବରେ ହୋଇ ନଥାଏ ବା ସକଳ ସତ୍ତାରେ ହୋଇ ନଥାଏ ବା ସ୍ଥାୟୀ ଭାବେ ହୋଇ ନଥାଏ । ଏହା କ୍ଷଣିକ ପାଇଁ କୌଣସି ଏକ ସତ୍ତା ବା ସତ୍ତାର ଏକ ଅଂଶରେ ହୋଇ ଥାଏ । ଆଜି ପର୍ଯ୍ୟନ୍ତ କୌଣସି ଅଧ୍ୟାତ୍ମ ଅନୁଭୂତି ପୂର୍ଣ୍ଣାଙ୍ଗ ହୋଇ ପାରି ନାହିଁ । ଯେତେବେଳେ ଏସବୁ ଅନୁଭୂତି ଆମ ଶରୀର ସ୍ତରରେ ହେବ ସେତେବେଳେ ଏହା ପୂର୍ଣ୍ଣାଙ୍ଗ ହେବ । ଅତିମାନସ ଶକ୍ତିର କ୍ରିୟା ଯୋଗେ ମାନବ ଶରୀର ଯେତେବେଳେ ଦିବ୍ୟ ଶରୀରରେ ରୂପାନ୍ତରିତ ହେବ ସେତେବେଳେ ଏହା ସମ୍ଭବ ହେବ । ଏଥିପାଇଁ ଦୀର୍ଘ ଦିନର ସାଧନା ଆବଶ୍ୟକ । ଏପରିକି ଜନ୍ମ-ଜନ୍ମାନ୍ତରର ସାଧନା ଆବଶ୍ୟକ ।

ଭଗବାନଙ୍କୁ ଏକରୁ ବହୁ ହେବା ପାଇଁ ଦୀର୍ଘ ସମୟ ଲାଗିଛି । ନିଜକୁ କ୍ଷୁଦ୍ରରୁ କ୍ଷୁଦ୍ରତମ କରିବା ପାଇଁ ତାଙ୍କୁ ବହୁ ତପସ୍ୟା କରିବାକୁ ପଡ଼ିଛି । ଶେଷରେ ସେ ବିବିଧ ଅଜ୍ଞାନତା, ବିକୃତି ତଥା ଅପାରଗତାର ଆବରଣ ଦେଇ ନିଜକୁ ଆମ ଭଳି ଏକ ଅଜ୍ଞାନ, ଅକ୍ଷମ, ଅପୂର୍ଣ୍ଣ ଜୀବନରେ ପରିଣତ କରି ପାରିଛନ୍ତି । ଏହା ହେଲା ଭଗବାନଙ୍କ ନିବର୍ତ୍ତନର ପ୍ରକ୍ରିୟା । କିନ୍ତୁ ସେ ଏହି କ୍ଷୁଦ୍ରତା ଏବଂ ଅଚେତନତା ଭିତରେ ଜୀବର ଭବିଷ୍ୟତର ବାହୁଡ଼ା ଯାତ୍ରାର କ୍ରମ ବିବର୍ତ୍ତନର ବୀଜକୁ ନିହିତ ରଖିଲେ ।

ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : ''ବସ୍ତୁତଃ ଅତିମାନସ ଏହିଠାରେହିଁ ରହିଛି କିନ୍ତୁ ଏହା ପ୍ରକାଶିତ ମନ, ପ୍ରାଣ ଓ ଜଡ଼ର ଅନ୍ତରାଳରେ ଗୋପନ ଓ ଅନ୍ତର୍ନିହିତ ଭାବରେ ରହିଛି; ଏହା ଏପର୍ଯ୍ୟନ୍ତ ପ୍ରକାଶ୍ୟ ଭାବରେ ନିଜ ଶକ୍ତି ସହ କ୍ରିୟା କରି ନାହିଁ : ଯେତେବେଳେ ଏହାର କୌଣସି କ୍ରିୟା ହୁଏ ସେତେବେଳେ ଏହା ଏହିସବୁ ନିମ୍ନତର ଶକ୍ତିର ମାଧ୍ୟମରେ କ୍ରିୟା କରୁଥିବାରୁ ଏବଂ ସେମାନଙ୍କର ପ୍ରକୃତି ଦ୍ୱାରା ପରିବର୍ତ୍ତିତ ଓ ଆବୃତ ହୋଇ ଯାଇଥିବାରୁ ଏହାର କ୍ରିୟା ଏପର୍ଯ୍ୟନ୍ତ ଚିହ୍ନାଯାଇ ନାହିଁ । କେବଳ ଉପରୁ ଅବତରଣଶୀଳ ଅତିମାନସର ଆଗମନ ଓ ଉପସ୍ଥିତି ଫଳରେ ହିଁ ଏଠାରେ ଗୋପନ ଭାବରେ ରହିଥିବା ଏହି ଅତିମାନସ ଶକ୍ତି ପୃଥିବୀପୃଷ୍ଠରେ ମୁକ୍ତିଲାଭ କରିବ ଏବଂ ଆମର ଦେହ, ପ୍ରାଣ ଓ ମନର କ୍ରିୟା ଭିତରେ ନିଜକୁ ପ୍ରକାଶ କରିବ । ସେତେବେଳେ ଏହିସବୁ ନିମ୍ନତର ଶକ୍ତିମାନେ ଆମ ସମଗ୍ର ସତ୍ତାର ଏକ ସାମଗ୍ରିକ ଦିବ୍ୟକ୍ରିୟାର ଅଂଶ ବିଶେଷରେ ପରିଣତ ହେବେ । ଏହାହିଁ ଆମ ପାଇଁ ଆଣିଦେବ ଏକ ପରିପୂର୍ଣ୍ଣ ଦିବ୍ୟତାର ସିଦ୍ଧି ବା ଦିବ୍ୟ ଜୀବନ ।''

(ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୬୭ - ୬୮)

ଏହିପରି ଭାବରେ ଆମ ବାହୁଡ଼ା ଯାତ୍ରାକୁ ପରିପୂର୍ଣ୍ଣ କରିପାରିବୁ, ଆମ ଦିବ୍ୟଜୀବନ ପଥକୁ ସମ୍ପନ୍ନ କରିପାରିବୁ । ଅର୍ଥାତ୍ ଆମେ ପୁଣି ପରମଙ୍କ ସହିତ ଏକତ୍ୱ ଲାଭ କରିବୁ । କିନ୍ତୁ ଆଜି ଆମେ ଯେଉଁ ଏକତ୍ୱ ଲାଭର କଥା କହୁଛୁ ତାହା ହେଲା ମା'ଙ୍କ ସହିତ ଏକତ୍ୱ ଲାଭ କରିବା । ଭଗବାନଙ୍କ ଅବ୍ୟକ୍ତ ସତ୍ତା ସହିତ ଏକତ୍ୱ ଲାଭ କରିବା ସହଜ କିନ୍ତୁ ଭଗବାନଙ୍କର ବ୍ୟକ୍ତ ସତ୍ତା ସହ ଏକତ୍ୱ ପ୍ରାପ୍ତ ହେବା ଅତୀବ କଠିନ କାମ । ମା ହେଲେ ଭଗବାନଙ୍କର ବ୍ୟକ୍ତ ସତ୍ତା । ଏ

ଦୃଶ୍ୟମାନ୍ ଜଗତରେ ତଥା ଅଦୃଶ୍ୟ ଜଗତରେ ଯାହାସବୁ ବ୍ୟକ୍ତ ହୋଇଛି ସେ ସବୁଥିରେ ମା ବିଦ୍ୟମାନ ଅଛନ୍ତି । କେବଳ ମାତୃଚେତନା ହିଁ ସର୍ବତ୍ର ରହି ପାରନ୍ତି । ଏହା ପୃଥିବୀରେ ପ୍ରଥମ ଥର ପାଇଁ ସମ୍ଭବ ହେଲା ତାଙ୍କର ମହାପ୍ରୟାଣ ଦିବସରେ । ମା ସେହିଦିନ ନିଜ ସ୍ଥୂଳ ଶରୀରକୁ ପରିତ୍ୟାଗ କରି ତାଙ୍କ ରୂପାନ୍ତରିତ ଶରୀରକୁ ପ୍ରବେଶ କରିଗଲେ ଯାହା ଥିଲା ସୂକ୍ଷ୍ମ ଭୌତିକ ସ୍ତରରେ ଏବଂ ସର୍ବତ୍ର ବ୍ୟାପ୍ତ ହୋଇଗଲେ । ୧୯୭୩ ମସିହା ଫେବ୍ରୁଆରୀ ୨୧ ତାରିଖ ଦିନ ମା'ଙ୍କ ଜନ୍ମ ଦିବସରେ ସେ ଅନୁଭବ କରିଥିଲେ ଯେ ସେଦିନ ସମସ୍ତଙ୍କର ଜନ୍ମ ଦିବସ ଥିଲା । ଅର୍ଥାତ୍ ସବୁ ସନ୍ତାନଙ୍କ ଭିତରେ ମା ନିଜକୁ ଦେଖୁଥିଲେ ।

ପ୍ରଶ୍ନ ହେଲା ମା ଆମ୍ଭମାନଙ୍କ ସହିତ ଏକ ହୋଇଗଲେ କିନ୍ତୁ ଆମେ କ'ଣ ମା'ଙ୍କ ସହିତ ଏକ ହୋଇଛୁ ? ଆମେ କ'ଣ ମା'ଙ୍କ ଏକ ହେବା କଥା ବିଶ୍ୱାସ କରୁ ? ଏ ବିଷୟରେ ଆମେ ସେପର୍ଯ୍ୟନ୍ତ ସଚେତନ ହୋଇ ପାରିବୁ ନାହିଁ ଯେପର୍ଯ୍ୟନ୍ତ ଆମେ ଆମ କ୍ଷୁଦ୍ର ଅହଂକାରରେ ବାସ କରିଥିବୁ । ଏଥିପାଇଁ ନିଜକୁ ସମ୍ପ୍ରସାରିତ କରିବାକୁ ହେବ, ବିଶାଳ ହେବାକୁ ପଡ଼ିବ । ଏକ କ୍ଷୁଦ୍ର ପାତ୍ରରେ ଏକ ବିଶାଳ ବସ୍ତୁକୁ ଭରାଯାଇ ପାରେ ନାହିଁ । ମା ତାଙ୍କ ଅତିମାନସ ଜାହାଜ ଅନୁଭୂତିରେ ଦେଖିଥିଲେ ଯେ ଯେଉଁମାନେ ଏଠାରେ ତାଙ୍କ ଶରୀର ରୂପାନ୍ତରର ତାଲିମ ନେଉଥିଲେ ସେମାନଙ୍କର ଦୁଇଟି ପ୍ରଧାନ ଗୁଣ ଥିଲା । ପ୍ରଥମଟି ହେଲା ଚେତନାର ସବୁ ସ୍ତରରେ ନିଜକୁ ବିଶାଳ କରିବା । ଦ୍ୱିତୀୟଟି ହେଲା ଅଖଣ୍ଡ ନମନୀୟତା । ଏହି ଦୁଇଟି ଗୁଣ ଥିଲେ ଯାଇ ମା'ଙ୍କ ଭଳି ବିଶାଳ ସତ୍ତାକୁ ଆମେ ଧାରଣ କରିପାରିବୁ, ଆମେ ତାଙ୍କ ସହିତ ଏକ ହୋଇ ପାରିବୁ । ଏହି ଏକତ୍ୱକୁ ଆମକୁ ସଚେତନ ଭାବରେ କରିବାକୁ ହେବ ।

ମା କହିଛନ୍ତି ତାଙ୍କ ଶରୀରରେ ରୂପାନ୍ତରର ଯେଉଁସବୁ ଅନୁଭୂତି ହେଉଥିଲା ତାହା ଅନ୍ୟମାନଙ୍କ ଶରୀରରେ ମଧ୍ୟ ଅନୁଭୂତ ହେବା ସ୍ୱାଭାବିକ । ମା' ସାରା ପୃଥିବୀ ଚେତନା ସହିତ ଏକ ହୋଇ ଏହାର ରୂପାନ୍ତର କରୁଥିଲେ । ଅତଏବ ମା'ଙ୍କ ସହିତ ଏକ ହେବା ପାଇଁ ଆମକୁ ପୃଥିବୀ ଭଳି ବିଶାଳ ହେବାକୁ ପଡ଼ିବ ।

ଯଦି ମା'ଙ୍କ ସହିତ ଏକ ହେବା ଆମ ଅନୁଭୂତି ପାଇଁ ଏକାନ୍ତ ଆବଶ୍ୟକ ତେବେ ଆମେ ଏହା କରିବୁ କିପରି ? ଏଥିପାଇଁ ଆମକୁ ଏହା ଶିଖିବାକୁ ହେବ । ଏହା ହେଲା ତାଦାମ୍ୟତା । ଶ୍ରୀଅରବିନ୍ଦ କହନ୍ତି, 'Knowledge by identification' ଅର୍ଥାତ୍ ତାଦାମ୍ୟ ଦ୍ୱାରାହିଁ ଆମକୁ ଜ୍ଞାନ ମିଳିଥାଏ । ଏହା ତୁମେ ପରୀକ୍ଷା କରି ଦେଖିପାର । କୌଣସି ଏକ ପୁସ୍ତକରେ ଥିବା ଜ୍ଞାନକୁ ତୁମେ ଅଳ୍ପ ସମୟ ଭିତରେ ଆହରଣ କରିପାରିବ । ବିବେକାନନ୍ଦଙ୍କ ଜୀବନୀରୁ ଜଣାଯାଏ ସେ କେବଳ ପୃଷ୍ଠା ଓଲଟାଇ ଅଳ୍ପ କେତେ ମିନିଟ ଭିତରେ ଏକ ବୃହତ୍ ପୁସ୍ତକର ଜ୍ଞାନକୁ ଆହରଣ କରି ପାରୁଥିଲେ । ପରୀକ୍ଷା କରି ଦେଖାଯାଇଛି ସେହି ପୁସ୍ତକରେ ଥିବା ବିଷୟ ସମ୍ପର୍କରେ ତାଙ୍କୁ ପ୍ରଶ୍ନ କଲେ ପୃଷ୍ଠା ସହିତ ସେ ପ୍ରଶ୍ନକର୍ତ୍ତାଙ୍କୁ ଉତ୍ତର ଦେଇ ପାରୁଥିଲେ । ଶ୍ରୀଅରବିନ୍ଦଙ୍କ ପାଇଁ ପ୍ରତି ମାସରେ ବାକ୍ସ ଭର୍ତ୍ତି ପୁସ୍ତକ ଆସୁଥିଲା । ଏହିପରି ତାଦାମ୍ୟ ଦ୍ୱାରା ସେ ଗଦା ଗଦା ପୁସ୍ତକର ଜ୍ଞାନକୁ ଆହରଣ କରିପାରୁଥିଲେ । ସାଧାରଣ ବ୍ୟକ୍ତିଙ୍କୁ ଏତେ ପରିମାଣର ପୁସ୍ତକ ପଢ଼ିବା ପାଇଁ ତା'ର ସାରା ଜୀବନ ନିଅଣ୍ଟ ହୋଇପାରେ ।

ଏହି ତାଦାମ୍ୟତା ଏକ ବୈଜ୍ଞାନିକ ପଦ୍ଧତି । ଆମେ ଶିକ୍ଷକ ଭାବରେ ଛାତ୍ରଙ୍କୁ କହିଥାଉ – ଏକାଗ୍ର ହେଲେ ତୁମେ ବେଶୀ ଶିଖି ପାରିବ । କିନ୍ତୁ ତୁମେ ଏକାଗ୍ର ହେବା ବଦଳରେ 'Be identified' କହିଲେ ତାଙ୍କର ଜ୍ଞାନ ଆହରଣର କ୍ଷମତା ଶହେଗୁଣ ବଢ଼ି ଯାଇଥାଏ । ପ୍ରକୃତରେ ପ୍ରକୃତିର ମୂଳତତ୍ତ୍ୱ ମୁତାବକ ସଂସାରର ସବୁକିଛି ଓ ସମସ୍ତେ ତୁମ ଭିତରେ ବାସ କରନ୍ତି ଏବଂ ଏକ ସମୟରେ ତୁମେ ମଧ୍ୟ ସେମାନଙ୍କ ସହିତ ରହିଥାଅ । ଅତଏବ ମା କହନ୍ତି ଏ ପୃଥିବୀକୁ ପରିବର୍ତ୍ତନ କରିବାକୁ ହେଲେ ତୁମକୁ ବିଭିନ୍ନ ଜାଗା ବୁଲିବାକୁ ପଡ଼ିବ ନାହିଁ । ତୁମ ଶରୀର ହେଲା ଏ ସାରା ପୃଥିବୀର ଏକ ମାନଚିତ୍ର ଭଳି । ଯଦି ପୃଥିବୀର କୌଣସି ଏକ ସ୍ଥାନର ପରିବର୍ତ୍ତନ ଚାହଁ ତେବେ ସେହି ସ୍ଥାନ ସହିତ ଜଡ଼ିତ ଥିବା ତୁମ ଶରୀରର ଅଂଶକୁ ରୂପାନ୍ତର କରି ଦେଲେ ପୃଥିବୀର ଉକ୍ତ ଅଂଶରେ ମଧ୍ୟ ପରିବର୍ତ୍ତନ ଆସିଥାଏ । ଏହିପରି ଭାବରେ ତୁମ ଶରୀର ଏ ସାରା ପୃଥିବୀର ନିୟନ୍ତ୍ରଣ କକ୍ଷ ହୋଇଥାଏ । ତୁମେ ଦେଖିଥିବ ତୁମର ପିତା, ମାତା, ବନ୍ଧୁ, ବାନ୍ଧବ ବା ସମ୍ପର୍କିତ କେହି ବି ତୁମ ବିଷୟରେ ଚିନ୍ତା କଲେ ତୁମ ଶରୀରର କୌଣସି ଅଂଶରେ ତା'ର ପ୍ରଭାବ ପଡ଼ିଥାଏ ଯଦି ତୁମେ ସଚେତନ ଥାଅ । ଏହାର ପ୍ରମାଣ ହେଲା ସମସ୍ତେ ତୁମ ଭିତରେ ବାସ କରନ୍ତି, ତୁମେ ମଧ୍ୟ ଅନ୍ୟମାନଙ୍କ ଭିତରେ ବାସ କରିଥାଅ । ସମ୍ପର୍କ ମାଧ୍ୟମରେ ତୁମେ ଜ୍ଞାନାର୍ଜନ କରିଥାଅ । କିନ୍ତୁ ତାଦାମ୍ୟ ଦ୍ୱାରା ତୁମେ ସବୁକିଛି ଜାଣିଥାଅ ।

କାରଣ ତାଦାମ୍ୟ ଦ୍ୱାରା ତୁମେ ସେହି ବସ୍ତୁ ବା ବ୍ୟକ୍ତି

ହୋଇଯାଇ ଥାଅ । ତାଦାତ୍ମ୍ୟ ହେବା ସମୟରେ ତୁମେ ଆଉ 'ତୁମେ' ହୋଇ ରୁହ ନାହିଁ । ଉଦାହରଣସ୍ୱରୂପ ଶ୍ରୀରାମକୃଷ୍ଣ ଯେତେବେଳେ କାଳୀ ମା'ଙ୍କୁ ଖୁଆଇ ଦେଉଥିଲେ ବା ତାଙ୍କୁ ଫୁଲମାଳା ପିନ୍ଧାଉଥିଲେ ସେତେବେଳେ ସେ ନିଜ ଗଳାରେ ଫୁଲମାଳା ପିନ୍ଧୁଥିଲେ, ଭୋଗକୁ କାଳୀ ମା'ଙ୍କୁ ଅର୍ପଣ କରିବା ବଦଳରେ ନିଜେହିଁ ସେବନ କରୁଥିଲେ । ଅର୍ଥାତ୍ ସେହି ମୁହୂର୍ତ୍ତରେ ସେ ନିଜେ କାଳୀ ମା ହୋଇ ଯାଉଥିଲେ । ତୁମେ ଯେଉଁ ଜୀବ ସହିତ ଏକାତ୍ମ ହୁଅ ସେତେବେଳେ ନିଜ ଅହଂକାରକୁ ଭୁଲି ସେହି ଜୀବହିଁ ହୋଇ ଯାଇଥାଅ । ତେଣୁ ତା' ବିଷୟରେ ତୁମେ ସମସ୍ତ ଜ୍ଞାନ ପାଇଥାଅ । କେବଳ ଜ୍ଞାନ ନୁହେଁ ତାଙ୍କର ସମସ୍ତ ଶକ୍ତି ଓ ବିଭୂତି ତୁମେ ପ୍ରାପ୍ତ ହୋଇଥାଅ । ଶ୍ରୀରାମକୃଷ୍ଣ କାଳୀ ମା'ଙ୍କୁ ପ୍ରତ୍ୟକ୍ଷ ଭାବରେ ଦେଖି ପାରୁଥିଲେ, ତାଙ୍କ ସହ କଥାବାର୍ତ୍ତା କରୁଥିଲେ ।

ମା'ଙ୍କ ସହିତ ଆମେ କିପରି ଏକତ୍ୱ ପ୍ରାପ୍ତ କରିବୁ ସେ ବିଷୟରେ ମା ଥରେ ଉଦାରଙ୍କୁ କହିଥିଲେ । ମା ଉଦାରଙ୍କୁ ପଚାରିଲେ ଉଦାର ତୁମର ସାଧନା କିପରି ଚାଲିଛି ? ଏ ପ୍ରଶ୍ନର ଉତ୍ତରରେ ଉଦାର ଯାହା କହିଥିଲେ ସେଥିରେ ମା ସମ୍ପୂର୍ଣ୍ଣ ସନ୍ତୁଷ୍ଟ ନ ହୋଇ ସାଧନାର ଏକ ସରଳ ମାର୍ଗ ପ୍ରଦର୍ଶନ କରିଥିଲେ । ମା ତାଙ୍କୁ କହିଥିଲେ – ତୁ ଯେତେବେଳେ ବିଛଣାରୁ ଉଠୁ ସେତେବେଳେ ମନେ କରିବାକୁ ହେବ ତୋ' ସହିତ ମୁଁ ମଧ୍ୟ ଉଠିଲି । ତୁ ଯେତେବେଳେ ସ୍ନାନ କରୁ ତୋ' ସହିତ ମୁଁ ମଧ୍ୟ ସ୍ନାନ କରୁଛି, ତୁ ଯେତେବେଳେ ଭୋଜନ କରୁ ତୋ' ସହିତ ମୁଁ ମଧ୍ୟ ଭୋଜନ କରେ, ତୁମ କର୍ମ କରିବା ସମୟରେ ତୋ ସହିତ ମୁଁ ମଧ୍ୟ କର୍ମ କରେ – ଏହିପରି ମନେ କରିବାକୁ ହେବ । ଏହାହିଁ ଆମ ସାଧନା – ମା'ଙ୍କ ସହିତ ଏକ ହେବାର ପ୍ରାରମ୍ଭ । ମୃତ୍ୟୁ ପରେ ମା'ଙ୍କ ଚେତନା ସହିତ ଏକ ହେବା ସହଜ, କିନ୍ତୁ ଜୀବନ୍ତ ଅବସ୍ଥାରେ ମା'ଙ୍କ ସହିତ ଏକ ହେବା ଅତୀବ କଠିନ କାମ । ପବିତ୍ରଦା'ଙ୍କ ଦେହତ୍ୟାଗ କରିବା ସମୟରେ ତାଙ୍କର ସମଗ୍ର ଚେତନା ବିନ୍ଦୁ ବିନ୍ଦୁ ହୋଇ ମା'ଙ୍କ ଶରୀରରେ ପ୍ରବେଶ କରି ଯାଇଥିଲା – ଏକଥା ମା ସ୍ୱୟଂ ପ୍ରକାଶ କରିଛନ୍ତି ।

ଆମେ ଯେତେ ବି ଅପାରଗ, ଦୁର୍ବଳ ହେଲେ ମଧ୍ୟ ଯଦି ଆମ କେନ୍ଦ୍ରୀୟ ଚେତନା ଭଗବାନଙ୍କୁ ଧରିଥାଏ ଏବଂ ଭଗବାନ୍ ଆମକୁ ଥରେ ମାତ୍ର ତାଙ୍କ କରୁଣାର ସ୍ପର୍ଶ ଦିଅନ୍ତି ସେ ଆମକୁ କେବେ ବି ଛାଡ଼ି ଯାଆନ୍ତି ନାହିଁ, ଆମେ ହୁଏତ ତାଙ୍କୁ ଛାଡ଼ି ଦେଇଥାଉ ଆମର ଭୁଲ୍ ବୁଝାମଣା ପାଇଁ । ଏ ବିଷୟରେ ଜଣେ ଭକ୍ତ କୁହନ୍ତି – ପ୍ରଭୁ ! ମୁଁ ଦେଖୁଛି ମୋ ଚଲାପଥରେ ତୁମେ ବରାବର ମୋ ସହିତ ରହିଛ । ମୋ ଚଲା ପଥରେ ମୋ ପାଦ ଚିହ୍ନ ସହିତ ତୁମର ମଧ୍ୟ ପଦ ଚିହ୍ନ ଦେଖେ । କିନ୍ତୁ ପ୍ରଭୁ ମୁଁ ଯେତେବେଳେ ମହା ବିପଦ ମଧ୍ୟରେ ପଡ଼ି ଯାଏ ସେତେବେଳେ ମୋ ଚଲା ପଥରେ କେବଳ ମାତ୍ର ଜଣଙ୍କର ପଦ ଚିହ୍ନ ଦେଖୁଛି । ସେତେବେଳେ ପ୍ରଭୁ ତୁମେ କ'ଣ ମୋ ସହିତ ନଥିଲ ? ଭଗବାନ୍ କହିଲେ ମୋର ପ୍ରିୟ ଭକ୍ତ ! ସେତେବେଳେ ଯେଉଁ ପଦଚିହ୍ନ ତୁମେ ଦେଖିଲ ତାହା ମୋର ହିଁ ପଦ ଚିହ୍ନ ଥିଲା । ମୁଁ ତୁମକୁ ମୋର କୋଳରେ ବହନ କରି ଚାଲୁଥିଲି । ଏହାହିଁ ହେଉଛି ଭଗବାନଙ୍କ କରୁଣାର ପ୍ରତୀକ ।

ଭଗବାନଙ୍କ ଏହି କରୁଣା ପ୍ରାପ୍ତ ହେଲେ ଆମର କ'ଣ ହୋଇପାରେ ସେ ବିଷୟରେ ଶ୍ରୀଅରବିନ୍ଦ କୁହନ୍ତି : ''ଏପରିକି ମନୁଷ୍ୟ ଶରୀର ମଧ୍ୟ ତା'ର ସ୍ୱାଭାବିକ ବୃତ୍ତିରେ ବର୍ତ୍ତମାନ ଯେପରି ଶକ୍ତିହୀନ, ଅଜ୍ଞାନମୟ ଓ ପଶୁତୁଲ୍ୟ ହୋଇ ରହିଛି ତାହା ଅନେକ ହ୍ରାସ ହୋଇ ତା' ବଦଳରେ ଏକ ନୂତନ ଓ ସୁସମଞ୍ଜସ ପୂର୍ଣ୍ଣତା ପାଇଁ ସମର୍ଥ ହେବ । ଏହି ସମ୍ଭାବନା ଦିଗରେହିଁ ଆମକୁ ଆମର ଦୃଷ୍ଟି ନିବଦ୍ଧ କରିବାକୁ ପଡ଼ିବ ଏବଂ ତାହାର ଅର୍ଥ ହେଉଛି ଏକ ନୂତନ ମନୁଷ୍ୟଜାତି ଜନ୍ମଲାଭ କରିବ ଯେ କି ଆଲୋକ ଭିତରକୁ ଉନ୍ନୀତ ହେବ, ଅଧ୍ୟାତ୍ମଭାବାପନ୍ନ ସତ୍ତା ଲାଭ ଓ କର୍ମ ପାଇଁ ସକ୍ଷମ ହେବ, ସତ୍ୟଚେତନାର କୌଣସି ଆଲୋକର ଚାଳନା ଦିଗରେ ନିଜକୁ ଖୋଲି ଧରିବ, ଏପରିକି ନିଜର ମାନସିକ ସ୍ତରରେ ଓ ନିଜର ଜୀବନକ୍ରମରେ ଏପରି କିଛି ପାଇଁ ସମର୍ଥ ହେବ ଯାହାକୁ ଦିବ୍ୟଭାବାପନ୍ନ ଜୀବନର ଅୟମାରମ୍ଭ ବୋଲି କୁହାଯାଇପାରେ ।

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ. ୧୦୬)

ଏ କାମ ସ୍ୱୟଂ ମା'ହିଁ ଆମ ପାଇଁ କରିଦେବେ ଯଦି ଆମେ ନିଜକୁ ତାଙ୍କ ନିକଟରେ ଖୋଲି ଧରିବୁ ଏବଂ ସେ ଆମ ଭିତରେ ଅବାଧରେ ପ୍ରବେଶ କରି ତାଙ୍କ ରୂପାନ୍ତରର କ୍ରିୟା କରିପାରିବେ । ଏହାହିଁ ଆମ ପାଇଁ ଆଣି ଦେବ ମା'ଙ୍କ ସହିତ ଅପୂର୍ବ ଏକତ୍ୱର ଅନୁଭୂତି ।

(କ୍ରମଶଃ)

❑❑❑

# ସର୍ବରୂପମୟୀ ଦେବୀ

## (୨)

**କୁମାର ଚନ୍ଦ୍ର ମିଶ୍ର**

ଭାରତରେ ଏକାବନଟି ଶକ୍ତିପୀଠ ଓ ତନ୍ମଧ୍ୟରେ ଥିବା ଅଠର ଗୋଟି ମହାଶକ୍ତିପୀଠ ବିକ୍ଷିପ୍ତ ହୋଇ ପ୍ରତିଷ୍ଠିତ ହୋଇଥିବା ବିବରଣୀ ପୂର୍ବ ସଂଖ୍ୟାରେ ଉପସ୍ଥାପନ କରାଯାଇଛି । ଏହା ଅଖଣ୍ଡ ଭାରତର ଅବୟବ ବା ରୂପରେଖ ନିର୍ଣ୍ଣୟ କରେ । ଆଗ୍ରହପ୍ରଦ ଓ ବିସ୍ମୟକର ବିଷୟ ହେଲା ଦିବ୍ୟଜନନୀ ଶ୍ରୀମା ନିର୍ଦ୍ଧାରଣ କରିଥିବା ଭାରତ ମାନଚିତ୍ରର ପରିସୀମା ସହିତ ଏହା ସମ୍ପୂର୍ଣ୍ଣ ରୂପେ ଅଭିନ୍ନ ଅଟେ ।

ପ୍ରତ୍ୟେକ ଶକ୍ତିପୀଠ ସହ କିଛି ନା କିଛି ଐତିହାସିକ ତଥ୍ୟ, କିମ୍ବଦନ୍ତୀ ବା ଲୋକକଥା ସଂଶ୍ଳିଷ୍ଟ ହୋଇ ରହିଛି । ତନ୍ମଧ୍ୟରୁ ଶ୍ରୀଶଙ୍କରୀ ଦେବୀ ପୀଠ ସହ ସମ୍ପୃକ୍ତ କେତୋଟି ତଥ୍ୟ ସହ ଏକ କିମ୍ବଦନ୍ତୀ ନିମ୍ନରେ ଆଲୋଚନା କରାଯାଉଛି ।

ଶ୍ରୀଲଙ୍କାର ପୂର୍ବ ଦିଗରେ ତ୍ରିଙ୍କୋମାଳି ସହରରେ ଏହି ପୀଠ ଅବସ୍ଥିତ । ତାମିଲ ଭାଷାରେ ତିରୁ-କୋନ-ମଲାଇର ଅର୍ଥ ହେଲା ପବିତ୍ର ପୂର୍ବଦିଗର ପାହାଡ଼; ତ୍ରିଙ୍କୋମାଳି ଏହାର ଅପଭ୍ରଂଶ । ପ୍ରକୃତରେ ଏହି ପୀଠଟି ସମୁଦ୍ର ନିକଟସ୍ଥ ଏକ ପାହାଡ଼ ଉପରେ ଅବସ୍ଥିତ । ୧୫୪୦ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗୀଜମାନଙ୍କ ଦ୍ୱାରା ଏହି ମନ୍ଦିରରେ ଗଚ୍ଛିତ ହୋଇ ରହିଥିବା ପର୍ଯ୍ୟାପ୍ତ ଧନରତ୍ନ ଲୁଣ୍ଠିତ ହୋଇ ଯାଇଥିଲା । ସେମାନେ ବିରାଟ ମନ୍ଦିରଟିକୁ ଭାଙ୍ଗି ଦେଇ ସେହି ଭଗ୍ନାବଶେଷରେ ନିଜ ଲାଗି କୋଠାସବୁ ନିର୍ମାଣ କରି ଦେଇଥିଲେ । ଅତୀତରେ ଏହା ପୂର୍ବ ଏସିଆର ଏକ ପ୍ରସିଦ୍ଧ ବନ୍ଦର ରୂପେ ଖ୍ୟାତି ଅର୍ଜନ କରିଥିଲା । ଦ୍ୱିତୀୟ ମହାସମର ଅବସରରେ ବ୍ରିଟିଶମାନଙ୍କ ଦ୍ୱାରା ଏହା ଏକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ଘାଟି ରୂପେ ବ୍ୟବହୃତ ହୋଇଥିଲା । ଚୋଳ, ଗଙ୍ଗ ଓ ପାଣ୍ଡ୍ୟ ବଂଶୋଦ୍ଭବ ରାଜାମାନଙ୍କ ଦ୍ୱାରା ମନ୍ଦିରର ରକ୍ଷଣାବେକ୍ଷଣ ସମ୍ପର୍କରେ ମନ୍ଦିରର ଶିଳାଲିପିମାନଙ୍କରୁ କିଛି ଆଭାସ ମିଳେ । ଶ୍ରୀଲଙ୍କା ସ୍ୱାଧୀନ ହେବା ପରେ ୧୯୫୨ ମସିହାରେ କେତେକ ହିନ୍ଦୁଭକ୍ତଙ୍କର ସମଷ୍ଟିଗତ ପ୍ରଚେଷ୍ଟାର ପରିଣତି ସ୍ୱରୂପ ବର୍ତ୍ତମାନ ମନ୍ଦିରଟିର ରୂପରେଖ ଦେଖିବାକୁ ମିଳେ । ପର୍ତ୍ତୁଗୀଜମାନଙ୍କ ଦ୍ୱାରା ଅନ୍ଧକାର କୂପ ମଧ୍ୟରେ ପ୍ରକ୍ଷେପିତ ଦେବୀଙ୍କ ପ୍ରସ୍ତର ପ୍ରତିମାକୁ ପୁନରୁଦ୍ଧାର କରାଯାଇ ଉକ୍ତ ମନ୍ଦିରରେ ପ୍ରତିଷ୍ଠା କରାଯାଇଛି । କୁହାଯାଏ ଯେ ମୂଳପୀଠଟି ଦୈତ୍ୟରାଜ ରାବଣ ଦ୍ୱାରା ସର୍ବପ୍ରଥମେ ନିର୍ମିତ ହୋଇଥିଲା ।

ତ୍ରେତୟା ଯୁଗର କଥା । ହଠାତ୍ ଦିନେ ଦେବୀ ପାର୍ବତୀଙ୍କ ମନରେ ଏକ ତୀବ୍ର ଆକାଂକ୍ଷା ଜାଗ୍ରତ୍ ହେଲା – ସେ ଯେପରି ଏକ ବିଶାଳ ବିଳାସପୂର୍ଣ୍ଣ ପ୍ରାସାଦରେ ଯୋଗିନୀ ଓ ସନ୍ତାନମାନଙ୍କ ସହ ଖେଳା-ଲୀଳା କରି ଆନନ୍ଦ ଅନୁଭବ କରନ୍ତେ କି ! ତେଣୁ ସେ ମହାଦେବ ଶିବଙ୍କ ନିକଟକୁ ଯାଇ କହିଲେ : ''ହେ ଦେବ ! ହିମାଳୟର ଏହି ଶୀତଳ ଗୁହା ଭିତରେ ଦୀର୍ଘକାଳ ବସବାସ କରି ବିରକ୍ତ ଲାଗିଲାଣି । ତେଣୁ ଆମୋଦପ୍ରମୋଦ ପାଇଁ ଗୋଟିଏ ସୌଖୀନ ଅଟ୍ଟାଳିକା ନିର୍ମାଣ କରାଯାଉ, ଯେଉଁଠି ଆମେ ସପରିବାର କିଛି ଦିନ କାଳାତିପାତ କରି ପାରିବା ।'' ମହାଦେବ ଶିବ କହିଲେ : ''ଦେବି ! ତୁମେ ତ ଜାଣ ମୁଁ ଯୋଗୀଙ୍କର ଯୋଗୀ ମହାଯୋଗୀ, ମୋ ପକ୍ଷେ ରୁକ୍ଷ, ନିରସ ଜୀବନ ଓ ବିଳାସପୂର୍ଣ୍ଣ ସରସ ଜୀବନ ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ । ତେବେ ଏହି ବିସ୍ତୀର୍ଣ୍ଣ ମୁକ୍ତ ନୀଳ ଆକାଶ, ଶୁକ୍ଳ ବରଫାବୃତ ନଭଶ୍ଚୁମ୍ବୀ ଶିଖର ମାଳା, ପବିତ୍ର ଜଳ ବହନ କରିଥିବା ଏହି ନିର୍ଝରସବୁର ସ୍ୱର୍ଗୀୟ ସଙ୍ଗୀତ, ସୁଶୀତଳ ମଳୟର କୋମଳ ସ୍ପର୍ଶକୁ ପ୍ରତ୍ୟାଖ୍ୟାନ କରି କେଉଁ ପୁରକୁ ଯିବା ଲାଗି ତୁମେ ଇଚ୍ଛା କରୁଛ ?'' ଦେବୀ ପାର୍ବତୀଙ୍କର ଯୁକ୍ତି ଥିଲା – ''ବିବିଧତା ହିଁ ଜୀବନକୁ ଅର୍ଥପୂର୍ଣ୍ଣ କରିଥାଏ । ପରିବର୍ତ୍ତନ ହିଁ ସୃଷ୍ଟିର ନିୟମ । ଏହା ବିଭିନ୍ନ ସମ୍ଭାବନାର ଜନନୀ ହୋଇଥାଏ । ତେଣୁ ଭବିଷ୍ୟତରେ ଜନକଲ୍ୟାଣ ନିମିତ୍ତ ଆପଣଙ୍କ ନିକଟରେ ଏପରି ପ୍ରସ୍ତାବ ଉପସ୍ଥାପନ କରୁଛି ।'' ମହାଯୋଗୀ ମହାଦେବ ଶିବ ଦେବୀଙ୍କର ଏପରି ବାରଂବାର ଅନୁରୋଧ ପଶ୍ଚାତ୍‌ରେ ଗୋପନୀୟ ଥିବା ସମ୍ଭାବନାମୟ ରହସ୍ୟକୁ ଆପଣା ଦିବ୍ୟଦୃଷ୍ଟିରେ ଅବଲୋକନ କରି ପ୍ରସ୍ତାବଟିକୁ ଅନୁମୋଦନ କରିଥିଲେ । ସ୍ୱର୍ଗର ସ୍ଥପତି ବିଶ୍ୱକର୍ମାଙ୍କୁ ଆବାହନ କରି ଦେବୀ ପାର୍ବତୀଙ୍କ ନିମିତ୍ତ ଗୋଟିଏ ସୁନ୍ଦର ପ୍ରାସାଦ ନିର୍ମାଣ କରି ଦେବା ଲାଗି ନିର୍ଦ୍ଦେଶ ଦେଲେ । ସ୍ଥପତି ବିଶ୍ୱକର୍ମା ସଙ୍ଗେ ସଙ୍ଗେ ନିର୍ମାଣ କାର୍ଯ୍ୟ ପାଇଁ ଉପଯୁକ୍ତ ସ୍ଥାନ ନିର୍ବାଚନ କରିବା ଉଦ୍ଦେଶ୍ୟରେ

ସମଗ୍ର ଭାରତଭୂଖଣ୍ଡ ସର୍ବେକ୍ଷଣ କରି ଶେଷରେ ଲଙ୍କା ଦ୍ୱୀପକୁ ମନୋନୀତ କଲେ । ସେଠାରେ ସେ ସୁବର୍ଣ୍ଣ, ବିଭିନ୍ନ ରତ୍ନ ତଥା ହୀରା, ନୀଳା, ମୋତି, ମାଣିକ୍ୟ, ବୈଦୂର୍ଯ୍ୟାଦି ଖଚିତ ତଥା ସ୍ୱର୍ଗୀୟ ସୁଗନ୍ଧଯୁକ୍ତ ପୁଷ୍ପ ବାଟିକା ଓ ଶୁଦ୍ଧ, ସ୍ୱଚ୍ଛ ସ୍ଫଟିକନିଭ ଜଳପ୍ରବାହ ପରିବେଷ୍ଟିତ ଏକ ସୁରମ୍ୟ ପ୍ରାସାଦ ନିର୍ମାଣ କରି ଦେଲେ – ଯେପରି ତାହା ବିଶ୍ୱଜନନୀ ଜଗଦମ୍ବାଙ୍କର ଉପଯୁକ୍ତ ହୋଇପାରେ ! ଭବ୍ୟ ବିରାଟ ଅଟ୍ଟାଳିକାଟିକୁ ପରିଦର୍ଶନ କରି ଉଭୟ ଶଙ୍କର ଓ ଶଙ୍କରୀ ଅତିଶୟ ପ୍ରୀତ ହେଲେ । ତେବେ ଗୃହପ୍ରବେଶ କରିବା ପୂର୍ବରୁ ଗୃହ ପ୍ରତିଷ୍ଠା ତ କରିବାକୁ ହେବ । ଏଥି ନିମିତ୍ତ ଜଣେ ପ୍ରବୀଣ ବ୍ରାହ୍ମଣ ପୁରୋହିତଙ୍କ ଆବଶ୍ୟକତା ରହିଛି । ଶ୍ରୀଲଙ୍କା ପରି ରାକ୍ଷସ-ରାକ୍ଷସୀମାନଙ୍କ ଦ୍ୱାରା ଅଧ୍ୟୁଷିତ ରାଜ୍ୟରେ ନିଷ୍ଠାପର ବ୍ରାହ୍ମଣ କେଉଁଠି ବା ଉପଲବ୍ଧ ହେବେ ? ଶଙ୍କର ଓ ଶଙ୍କରୀ ଶ୍ରୀଲଙ୍କାରେ ବିଚରଣ କରୁ କରୁ ଗୋଟିଏ ନିର୍ଦ୍ଦିଷ୍ଟ ଦିଗରୁ ''ଓଁ ନମଃ ଶିବାୟ'' ମନ୍ତ୍ର ଉଚ୍ଚାରଣ ହେଉଥିବା ଶୁଣିବାକୁ ପାଇଲେ । ସେହି ଶବ୍ଦକୁ ଅନୁସରଣ କରି ଯାଉ ଯାଉ ଦେଖିଲେ ଯେ ତାଙ୍କର ପରମଭକ୍ତ ଦଶାନନ ରାବଣ ଶିବଲିଙ୍ଗ ଆରାଧନା କରିବାରେ ନିମଗ୍ନ । ଦଶାନନ ରାବଣ ଅପେକ୍ଷା ଗୃହ ପ୍ରତିଷ୍ଠା କରିବା ନିମିତ୍ତ ଅଧିକ ଉପଯୁକ୍ତ ପୁରୋହିତ ଆଉ କିଏ ବା ହୋଇପାରେ ! କାରଣ ରାବଣଠାରେ ରହିଛି ବ୍ରାହ୍ମଣର ସଂସ୍କାର । ସେ ବିଶ୍ରବା ଋଷିଙ୍କ ପୁତ୍ର – ଯେଉଁ ସୌମ୍ୟ ଦର୍ଶନ ବିଶ୍ରବା ଋଷି ନିଜ ଜ୍ଞାନ, ପ୍ରଜ୍ଞା, ତପସ୍ୟା ଓ ପାଣ୍ଡିତ୍ୟ ଯୋଗୁଁ ଖ୍ୟାତି ଅର୍ଜନ କରିଥିଲେ ଓ ଯିଏ କି ସପ୍ତର୍ଷିମଣ୍ଡଳସ୍ଥିତ ପୁଲସ୍ତ୍ୟ ଋଷିଙ୍କ ପୁତ୍ର । ତେଣୁ ସେ ଜାତିରେ ବ୍ରାହ୍ମଣ । ପୁନଶ୍ଚ ରାବଣ ଚତୁର୍ବେଦ, ସଙ୍ଗୀତ, ଜ୍ୟୋତିଷ, ରାଜନୀତି ଆଦି ବିଦ୍ୟାରେ ପାରଙ୍ଗମ । ତେଣୁ ଉଭୟ ଶିବ ଓ ଶିବାନୀ ଗୃହ ପ୍ରତିଷ୍ଠା କରିବା ନିମିତ୍ତ ରାବଣକୁ ପୁରୋହିତ ରୂପେ ବରଣ କଲେ । ରାବଣ ନିଜର ସମସ୍ତ ବିଦ୍ୟା, ବୁଦ୍ଧି ବିନିଯୋଗ କରି ଅତି ନିଷ୍ଠା, ଶ୍ରଦ୍ଧା ଓ ଆଡ଼ମ୍ବର ସହ ସ୍ପଷ୍ଟ ଓ ଶୁଦ୍ଧ ରୂପେ ମନ୍ତ୍ର ଉଚ୍ଚାରଣ କରି ଗୃହ ପ୍ରତିଷ୍ଠା କାର୍ଯ୍ୟଟି ସମ୍ପାଦନ କରିଦେଲା । ଦେବୀ ପାର୍ବତୀ ରାବଣର କର୍ମକାଣ୍ଡ ସମ୍ପାଦନ କରିବାର ଦକ୍ଷତା, ନିର୍ଭୁଲତା ଓ ଆନ୍ତରିକତା ଆଦି ଲକ୍ଷ୍ୟ କରି ଅତ୍ୟନ୍ତ ପ୍ରୀତ ହେଲେ ଓ ଦକ୍ଷିଣା ସ୍ୱରୂପ କ'ଣ ଦିଆଯିବ ବୋଲି ରାବଣକୁ ପ୍ରଶ୍ନ କଲେ । ସେତେବେଳେ ଶିବ ଅର୍ଥପୂର୍ଣ୍ଣ ସ୍ମିତହାସ୍ୟ ଦେଇ ରାବଣକୁ କହିଲେ : ''ପୁରୋହିତ ଦକ୍ଷିଣା ଦାବି କରି ନଥା'ନ୍ତି । ଯଜମାନ ବା ଯଜମାନୀ ଯାହା ସ୍ୱେଚ୍ଛାରେ ଦେଇଥା'ନ୍ତି ତାହାକୁ ସେ ସାଦରେ ଗ୍ରହଣ କରି ସନ୍ତୁଷ୍ଟ ହୋଇଥା'ନ୍ତି । ତେବେ ଯେହେତୁ ଦେବୀ ପାର୍ବତୀ ସ୍ୱୟଂ ପ୍ରୀତ ହୋଇ ତୁମକୁ ବରପ୍ରଦାନ କରିବାକୁ ଆଗ୍ରହୀ, ତୁମେ ତୁମର ମନୋବାଞ୍ଛା ପୂରଣ କରିବା ପାଇଁ ଯାହା ଇଚ୍ଛା ତାହା ମାଗିପାର ।'' ରାବଣର ପିତା ଋଷି ବିଶ୍ରବା ଓ ପିତାମହ ମହର୍ଷି ପୁଲସ୍ତ୍ୟ ବ୍ରାହ୍ମଣ ହେଲେ ବି ମାତା କୈକେଶୀ ଦୈତ୍ୟରାଜ ସୁମାଳିର କନ୍ୟା ଥିଲେ । ଦୈତ୍ୟରାଜ ସୁମାଳି ବିଶ୍ରବା ଋଷିଙ୍କ ସୌମ୍ୟରୂପ ଓ ବିଦ୍‌ବତ୍ତା ଦ୍ୱାରା ମୁଗ୍ଧ ହୋଇ ଉତ୍ତମ ବଂଶଧର ଆଶାରେ ନିଜ କନ୍ୟା କୈକେଶୀଙ୍କୁ ପ୍ରଦାନ କରିଥିଲା । ତେଣୁ ରାବଣ ଦୈତ୍ୟ ସଂସ୍କାର ଦ୍ୱାରା ପ୍ରେରିତ ହୋଇ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ଅପୂର୍ବ କଳା ଓ ଭାସ୍କର୍ଯ୍ୟଯୁକ୍ତ, ଐଶ୍ୱର୍ଯ୍ୟପୂର୍ଣ୍ଣ ଭବ୍ୟ ପ୍ରାସାଦଟି ପ୍ରତି ଅତିଶୟ ଲୋଭାସକ୍ତ ହୋଇ ଯାଇଥିଲା । ତେଣୁ ସେ ଦେବୀ ପାର୍ବତୀଙ୍କୁ କହିଲା : ''ହେ ଜଗଦମ୍ବା ! ମୋର ପୌରୋହିତ୍ୟ ବାବଦକୁ ଦକ୍ଷିଣାସ୍ୱରୂପ ଆପଣଙ୍କର ଏହି ଭବ୍ୟ ପ୍ରାସାଦଟି ପାଇବା ଲାଗି ମୁଁ ଲାଳାୟିତ ।'' ଦେବୀ ପାର୍ବତୀ ଦୈବୀ ବିଧାନର ଲୀଳାକୁ ଲକ୍ଷ୍ୟ କରି ହର୍ଷମୁଖରେ ହର୍ମ୍ୟଟିକୁ ଦାନ କରି ଦେଲେ । ଏହିପରି ରାବଣ ଦେବୀଙ୍କର ଅତିପ୍ରିୟ ଓ ଅମୂଲ୍ୟ ସମ୍ପଦଟିକୁ ପ୍ରାୟ ଚୋରଙ୍କ ପରି ଅଧିକାର କରି ନେଇଥିବାରୁ ନିଜେ ଲଜ୍ଜା ଅନୁଭବ କରି କହିଲା : ''ହେ ଜଗନ୍ମାତା ! ଏ ଲଙ୍କାଖଣ୍ଡ ଆପଣଙ୍କ ପାଦପଦ୍ମର ଏକ ରେଣୁ ତୁଲ୍ୟ । କୃପା ପରବଶ ହୋଇ ଆପଣ ଏଠାରେ ସର୍ବଦା ଅବସ୍ଥାନ କରିବା ଲାଗି ସମ୍ମତି ପ୍ରଦାନ କରନ୍ତୁ ଓ ଏ ରାଜ୍ୟକୁ ସର୍ବଦା ଆଶୀର୍ବାଦ ଯୁକ୍ତ କରି ରଖିଥା'ନ୍ତୁ ।'' ଦେବୀ ପାର୍ବତୀ ପୁନର୍ବାର ସ୍ମିତହାସ୍ୟ ପ୍ରଦାନ କରି କହିଲେ : ''ରାବଣ ! ମୁଁ ତୋର ନିମନ୍ତ୍ରଣକୁ ଗ୍ରହଣ କରୁଛି । ମୋର ଶକ୍ତି ଓ ସୁରକ୍ଷା ଲଙ୍କାକୁ ସର୍ବଦା ସୁରକ୍ଷିତ କରି ରଖିଥିବ, କିନ୍ତୁ ଗୋଟିଏ ସର୍ତ୍ତରେ ! ଯେଉଁଦିନ ତୁ ମୋର ଆଦେଶକୁ ଅବମାନନା ବା ଅମାନ୍ୟ କରିବୁ ସେହିଦିନଠୁ ମୁଁ ଲଙ୍କା ପରିତ୍ୟାଗ କରି ଚାଲିଯିବି ।'' ରାବଣ ଦେବୀଙ୍କ ସର୍ତ୍ତରେ ସମ୍ମତି ପ୍ରଦାନ କଲା । ଦେବୀ ଶେଷରେ 'ତଥାସ୍ତୁ' କହି ଶଙ୍କରଙ୍କ ସହ ହିମାଳୟକୁ ପ୍ରତ୍ୟାବର୍ତ୍ତନ କଲେ ।

ତତ୍‌ପରେ ରାବଣ ଦେବୀଙ୍କ ନିମିତ୍ତ ସୁନ୍ଦର କାରୁକାର୍ଯ୍ୟ, କଳାକୃତି ଓ ଭାସ୍କର୍ଯ୍ୟରେ ଅଳଙ୍କୃତ ଏକ ପ୍ରକାଣ୍ଡ ମନ୍ଦିର ନିର୍ମାଣ କଲା । ଏହି ମନ୍ଦିରଟି ଶ୍ରୀଲଙ୍କାର ପୂର୍ବ ଦିଗର ସମୁଦ୍ର କୂଳରେ ଥିବା ତ୍ରିଙ୍କୋମାଳି ପାହାଡ଼ ଉପରେ ପ୍ରତିଷ୍ଠିତ ହୋଇଥିଲା ।

ମନ୍ଦିର ଚତୁଃପାର୍ଶ୍ୱରେ ମନୋରମ ତଥା ରମଣୀୟ ପୁଷ୍ପ ଉଦ୍ୟାନ ଓ ଜଳପ୍ରପାତ ନିର୍ମାଣ କରି ପରିବେଶର ସୌନ୍ଦର୍ଯ୍ୟ ଓ ପବିତ୍ରତାକୁ ଦ୍ୱିଗୁଣିତ କରି ଦେଇଥିଲା । ଦେବୀଙ୍କ କୃପା ଓ ସୁରକ୍ଷା ଯୋଗୁଁ ଲଙ୍କାରେ ସୁଖ, ଶାନ୍ତି ଓ ଐଶ୍ୱର୍ଯ୍ୟ ବୃଦ୍ଧିପ୍ରାପ୍ତ ହେଲା । କିନ୍ତୁ ଅହଂକାରୀ ରାବଣ ଯେତେବେଳେ ସତୀ ସୀତାଙ୍କୁ ପଞ୍ଚବଟୀରୁ ଅପହରଣ କରି ଆଣି ରାଜପ୍ରାସାଦର ଅଶୋକ ବାଟିକାରେ ବନ୍ଦୀ କରି ରଖିଲା ସେତେବେଳେ ଦେବୀ ଶଙ୍କରୀ କ୍ଷୁବ୍ଧ ହୋଇ ସତୀ ସୀତାଙ୍କୁ ସସମ୍ମାନ ଶ୍ରୀରାମଙ୍କୁ ଫେରାଇ ଦେବା ଲାଗି ଆଦେଶ ଦେଇଥିଲେ । କିନ୍ତୁ କାମନା ଓ ଲାଳସାକ୍ଲିଷ୍ଟ ଦୁରାଚାରୀ ରାବଣ ଦେବୀଙ୍କ ଆଦେଶକୁ କର୍ଣ୍ଣପାତ ନ କରି ଅବମାନନା କଲା । ଦେବୀ ରୁଷ୍ଟ ହୋଇ ଲଙ୍କାରୁ ସୁରକ୍ଷା ଓ ଦିବ୍ୟ ଉପସ୍ଥିତିକୁ ଅପସାରିତ କରି ନେଲେ । ସେହିଦିନଠାରୁ ଲଙ୍କାର ଅବକ୍ଷୟ ଓ ଅବନତି ହେବା ଆରମ୍ଭ ହୋଇଗଲା । ଶ୍ରୀଲଙ୍କାର ଶାନ୍ତି ଓ ଐଶ୍ୱର୍ଯ୍ୟ କ୍ଷୁଣ୍ଣ ହେବାରେ ଲାଗିଲା । ଏହାର ପରବର୍ତ୍ତୀ ଘଟଣାବଳୀ ସାଧୁଜନମାନଙ୍କୁ ଅବିଦିତ ନୁହେଁ । ତେବେ ରାବଣର କନିଷ୍ଠ ଭ୍ରାତା ବିଭୀଷଣ ଶ୍ରୀଲଙ୍କାର ରାଜ ସିଂହାସନ ଅଳଙ୍କୃତ କଲା ପରେ ବିନୟ, ଭକ୍ତି ଓ ଉତ୍କଣ୍ଠାର ସହ ଶଙ୍କରୀ ଦେବୀଙ୍କୁ ଆବାହନ କରି ପୁନର୍ବାର ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଥିଲେ । ପରିଣାମରେ ଶ୍ରୀଲଙ୍କାର ସୁଖ, ଶାନ୍ତି ଓ ସୌଭାଗ୍ୟ ଫେରି ଆସିଥିଲା । ଏହିପରି ପ୍ରତ୍ୟେକ ଶକ୍ତିପୀଠ ପଶ୍ଚାତ୍‌ରେ ଏକାଧିକ କିଂବଦନ୍ତୀ ବା ଲୋକକଥା ପ୍ରଚଳିତ ଥିବା ଲକ୍ଷ୍ୟ କରାଯାଏ ।

ବେଦ ଓ ଉପନିଷଦ୍‌ରେ ମଧ୍ୟ ଆଦିଶକ୍ତି ଜଗନ୍ମାତାଙ୍କର ବିଭିନ୍ନ ରୂପର କଳ୍ପନା କରାଯାଇ ଆରାଧନା ଓ ଉପାସନା କରାଯାଇଛି । ତନ୍ମଧ୍ୟରୁ କେତେଜଣ ମୁଖ୍ୟ ଦେବୀଙ୍କ ସମ୍ପର୍କରେ ନିମ୍ନରେ ସଂକ୍ଷିପ୍ତ ଆଲୋଚନା କରାଯାଉଛି । ସେହି ଦେବୀମାନଙ୍କ ନାମ ହେଲା – ଉଷା, ଅଦିତି, ପୃଥିବୀ, ବାକ୍ ଓ ସରସ୍ୱତୀ ।

(୧) **ଉଷା** : ବେଦରେ ସେ ଜଣେ ଗୁରୁତ୍ୱପୂର୍ଣ୍ଣ ପୂଜ୍ୟାଦେବୀ ଯେ କି ଆକାଶ ବା ଦ୍ୟୁଙ୍କ କନ୍ୟା, ସୂର୍ଯ୍ୟଙ୍କର ସହଯୋଗିନୀ (Consort), ଅଶ୍ୱିନୀ କୁମାର ଦ୍ୱୟ ହେଲେ ତାଙ୍କର ପୁତ୍ର ସନ୍ତାନ; ଯେଉଁମାନେ ଆକାଶରେ ଉଷାଙ୍କର ସହସ୍ର ଅଶ୍ୱ ବା ଗୋ ଚାଳିତ ସ୍ୱର୍ଣ୍ଣ ନିର୍ମିତ ରଥର ସାରଥି ରୂପେ କାର୍ଯ୍ୟ ନିର୍ବାହ କରନ୍ତି । ସେ ଗୋମତୀ ବା ଅଶ୍ୱବତୀ ନାମରେ ମଧ୍ୟ ପରିଚିତା । ଗୋ ହେଲା ଆଲୋକ ବା ଜ୍ଞାନର ପ୍ରତୀକ ଓ ଅଶ୍ୱ ହେଲା ଶକ୍ତିର ପ୍ରତୀକ । ତେଣୁ ଉଷା ହେଲେ ଉଭୟ ଜ୍ଞାନ ଓ ଶକ୍ତିର ଅଧିଷ୍ଠାତ୍ରୀ ଦେବୀ । ଦ୍ୟୁଙ୍କ ଦିବ୍ୟ ଦୁହିତା ଉଷା ସୂର୍ଯ୍ୟଙ୍କ ରଥକୁ ମାର୍ଗଦର୍ଶନ କରାଇଥା'ନ୍ତି ଯଦ୍ୱାରା ଜଗତରେ ପ୍ରଭା, ଦୀପ୍ତି ବା ଔଜ୍ଜ୍ୱଲ୍ୟ ପ୍ରକାଶିତ ହୋଇପାରେ । ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି : "She is the medium of the awakening, the activity and the growth of the other gods; she the first condition of the Vedic realisation. By her increasing illumination the whole nature of man is clarified; through her (he) arrives at the Truth, through her he enjoys Beatitude."

(The Secret of The Veda, P. 295)

ଅର୍ଥାତ୍, ''ଉଷା ହେଉଛନ୍ତି ଜାଗୃତିର ମାଧ୍ୟମ, ଅନ୍ୟ ଦେବ-ଦେବୀମାନଙ୍କ ବିକାଶ ଓ କର୍ମ-କୁଶଳତାର କାରଣ ବା ମାଧ୍ୟମ । ବୈଦିକ ଉପଲବ୍ଧି ନିମିତ୍ତ ସେ ଅଟନ୍ତି ପ୍ରଥମ-ସର୍ତ୍ତ । ତାଙ୍କ ଔଜ୍ଜ୍ୱଲ୍ୟ ବା ଦୀପ୍ତି ଯୋଗୁଁ ମଣିଷର ସ୍ୱଭାବ ଶୁଦ୍ଧ ହୁଏ । ତାଙ୍କରି ମାଧ୍ୟମରେ ବ୍ୟକ୍ତି ସତ୍ୟ ନିକଟରେ ଉପନୀତ ହୋଇପାରେ ଓ ସ୍ୱର୍ଗୀୟ ସୁଖ ଅନୁଭବ କରିପାରେ ।''

ତାଙ୍କ ଦୃଷ୍ଟିରେ ଅଦୃଶ୍ୟ ହୋଇ କିଛି ରହି ନ ଥାଏ । ତାଙ୍କରି ସାହାଯ୍ୟରେ ମଣିଷ ଅନ୍ତର୍ଦୃଷ୍ଟି (insight) ପ୍ରାପ୍ତ କରିପାରେ । ଶତ୍ରୁମାନଙ୍କୁ ବିତାଡ଼ିତ କରିବା ଲାଗି ଓ ଦଣ୍ଡଦେବା ଲାଗି ଉଷାଙ୍କୁ ଆବାହନ କରାଯାଇଥାଏ । ସେ ଯୁଗପତ୍ ଜଣେ ପୋଷକ ଓ ସଂହାରକ ଦେବୀ ରୂପେ ପ୍ରତିଭାତ ହୁଅନ୍ତି । କର୍କଶ, ନିଷ୍ଠୁର, ଅତ୍ୟାଚାରୀ, ଦୁଷ୍ପୁରଣୀୟ ଅନ୍ଧକାର ଶକ୍ତିଗୁଡ଼ିକୁ ଦୂର କରି ଆଲୋକର ସାମ୍ରାଜ୍ୟ ପ୍ରତିଷ୍ଠା କରନ୍ତି । ସେ ପରମ ସୌନ୍ଦର୍ଯ୍ୟମୟୀ, ଗରିମାମୟୀ, ହିତକାରୀ, ମହିମାମୟୀ, ସଦାସଦୟ, ପ୍ରସନ୍ନ, ସଂବେଦନଶୀଳ ପୃଷ୍ଠପୋଷକ ଅଟନ୍ତି । କ୍ଲାନ୍ତ ଆତ୍ମାଗୁଡ଼ିକ ମଧ୍ୟରେ ନୂତନ ଆଶା ଓ ଶକ୍ତିର ସଂଚାର କରନ୍ତି । ପ୍ରାଣ ଶକ୍ତିକୁ ଅନୁପ୍ରେରିତ, ଅନୁରଂଜିତ ତଥା ସିକ୍ତ କରି ଜଗତରେ ନୂତନ ସମ୍ଭାବନାଗୁଡ଼ିକର ବୀଜ ବପନ କରିଥା'ନ୍ତି । ତେଣୁ ଦିବ୍ୟଜନନୀ ଶ୍ରୀମା କହନ୍ତି : "Each new dawn brings the possibility of a new progress."

(CWM, Vol. 15, P. 74)

''ପ୍ରତ୍ୟେକ ନୂତନ ଉଷା ପ୍ରଗତିର ଏକ ନୂତନ ସମ୍ଭାବନାକୁ ବହନ କରି ଆଣେ ।''

(୨) **ଅଦିତି** : ଅଦିତି ହେଲେ ମାତୃତତ୍ତ୍ୱର ପ୍ରତୀକ । ମାତୃତ୍ୱ ହେଲା ତାଙ୍କର ଉଲ୍ଲେଖନୀୟ ବିଶେଷତ୍ୱ । ସେ ହେଲେ ଦେବମାତା । ସମସ୍ତ ଦେବତା ତାଙ୍କଠାରୁ ସୃଷ୍ଟ । ଯାବତୀୟ ସର୍ଜନାର ସେ ହେଲେ ମୂଳ ଉତ୍ସ । ବର୍ତ୍ତମାନ ଯାହାସବୁ ସୃଷ୍ଟି ହୋଇଛି ଏବଂ ଭବିଷ୍ୟତ୍‌ରେ ଯାହା କିଛି ସୃଷ୍ଟି ହେବା ଲାଗି ବାକି ରହିଛି ସେସବୁର ସେ ହେଲେ ଉତ୍ସ ଓ ଆଧାର । ତାଙ୍କରି ନାମ (ଅ-ଦିତି) ଯେ ଅସୀମତା, ମୁକ୍ତି ବା ସ୍ୱାଧୀନତାର ଆଭାସ ଦିଏ । ଉଷା କିଂବା ପୃଥ୍ୱୀଙ୍କ ପରି ଅଦିତି କୌଣସି ପ୍ରାକୃତିକ ଘଟଣା ପ୍ରକ୍ରିୟା ବା ବିଷୟବସ୍ତୁ ସହ ସଂଶ୍ଲିଷ୍ଟ ନୁହଁନ୍ତି । ହୁଏତ ସେ ଜଣେ ଅତି ପ୍ରାଚୀନ ଦେବୀ ଯାହାଙ୍କର ମୂଳ ଭୂମିକା ଓ ସ୍ୱଭାବ ପରବର୍ତ୍ତୀ ବୈଦିକ ଯୁଗରେ ବିସ୍ମୃତିଗର୍ଭରେ ଲୋପ ପାଇଯାଇଥିଲା । ସେ ସୁରକ୍ଷା, ସମ୍ପତ୍ତି, ସ୍ୱାସ୍ଥ୍ୟ, ପୋଷଣ, ପ୍ରାଚୁର୍ଯ୍ୟ ଓ ପବିତ୍ରତା ପ୍ରଦାନ କରନ୍ତି । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ସେ ହେଉଛନ୍ତି ଅସୀମତା ଓ ଅସୀମ ଚେତନାର ଦେବୀ । ମହାଯୋଗୀ କହିଛନ୍ତି : "Aditi is the indivisible consciousness, force and Ananda of the Supreme; Mother, its living dynamis, the supreme Love, Wisdom, Power."

(Record of Yoga, P. 1348)

''ଅଦିତି ହେଲେ ପରମେଶ୍ୱରଙ୍କର ଅଖଣ୍ଡ ଚେତନା, ଶକ୍ତି ଓ ଆନନ୍ଦ, ମା, ତାହାର ଜୀବନ୍ତ ବା ସକ୍ରିୟ ସମ୍ଭାବ୍ୟତା; ପରମ ପ୍ରେମ, ପରମ ପ୍ରଜ୍ଞା ଓ ପରମ ସାମର୍ଥ୍ୟ ।''

(୩) **ପୃଥ୍ୱୀ** : ପୃଥ୍ୱୀ ମାତା ଓ ଦ୍ୟୁ ବା ଆକାଶ ପିତା – ଏ ଉଭୟ ତତ୍ତ୍ୱର ସମ୍ମିଶ୍ରଣକୁ ଦ୍ୟାବା ପୃଥ୍ୱୀ କୁହାଯାଏ । ସେ ସମସ୍ତ ସର୍ଜନାର ମୂଳ ଆଧାର ଓ ଦୃଢ଼ ଭିତ୍ତି – ସ୍ଥାବର, ଜଙ୍ଗମ ସଭିଙ୍କୁ ସେ ସୁରକ୍ଷା, ଆଶ୍ରୟ ଓ ପୋଷଣ ପ୍ରଦାନ କରନ୍ତି । ତାଙ୍କର ସମର୍ଥନ ଓ ସହଯୋଗ ବିନା ସୃଷ୍ଟି ଅସମ୍ଭବ । ସେ ଅଚଳା, ସ୍ଥିର, ବିଶାଳ, ବିସ୍ତୃତ, ବ୍ୟାପକ, ଉର୍ବର, ଦୃଢ଼, ହିତାକାଂକ୍ଷୀ ଓ କ୍ଷମାଶୀଳା – ଆମର ଯାବତୀୟ ଅନୁପ୍ରବେଶ, ଆଘାତ ଓ ପ୍ରଦୂଷଣକୁ ସେ ସହ୍ୟ କରିଥା'ନ୍ତି । ସେ ଏକାଧାରରେ ହେଲେ ସର୍ବଂସହା, ବସୁନ୍ଧରା, ରତ୍ନଗର୍ଭା । ସୃଷ୍ଟିର ଅସରନ୍ତି ଐଶ୍ୱର୍ଯ୍ୟ ତାଙ୍କରି ଗର୍ଭରେ ଗଚ୍ଛିତ ହୋଇ ରହିଥାଏ । ପୃଥ୍ୱୀଙ୍କ ସହନଶୀଳତା, ସାହାଯ୍ୟ, ସହାନୁଭୂତି, ସମର୍ଥନ, ସହଯୋଗ ଓ ପୃଷ୍ଠପୋଷକତା ନିମିତ୍ତ ବୈଦିକ ଋଷିମାନଙ୍କ ଦ୍ୱାରା ସେ ବହୁ ପୂଜିତା । ଶ୍ରୀ, ଲକ୍ଷ୍ମୀ, ଧରଣୀ, ବସୁନ୍ଧରା, ଭୂଦେବୀ, ମହୀମାତା, ଇନ୍ଦ୍ରାଣୀ ଇତ୍ୟାଦି ନାମରେ ମଧ୍ୟ ସେ ପରିଚିତା । ସେ ଦ୍ୟୁଙ୍କ ସହାୟତାରେ ଯେଉଁ ପବିତ୍ର ଜଳ ସୃଷ୍ଟି କରିଥା'ନ୍ତି, ତାହା ଜୀବନଦାନ କରିବା ସହ ସକଳ ପାପ ଖଣ୍ଡନ କରିଥାଏ । ଶ୍ରୀବିଷ୍ଣୁ ତାଙ୍କ ବକ୍ଷରେ ପଦଚାଳନା କରିଥା'ନ୍ତି । ପର୍ଜନ୍ୟ, ପ୍ରଜାପତି ଓ ବିଶ୍ୱକର୍ମା ତାଙ୍କୁ ସୁରକ୍ଷା ପ୍ରଦାନ କରିଥା'ନ୍ତି ।

ବେଦୋକ୍ତ ଅନ୍ତ୍ୟେଷ୍ଟି କ୍ରିୟାସହ ସଂଶ୍ଲିଷ୍ଟ ଏକ ଶ୍ଳୋକରେ କୁହାଯାଇଛି : ''ହେ ମାତା ! ମୃତବ୍ୟକ୍ତିଙ୍କ ଉପରେ ଅତ୍ୟଧିକ ଚାପ ପ୍ରୟୋଗ କରନ୍ତୁ ନାହିଁ, ମା ଯେପରି ତା'ର ଶିଶୁ ସନ୍ତାନକୁ ପଣତକାନିରେ ଘୋଡ଼ାଇ ରଖନ୍ତି, ଠିକ୍ ସେହିପରି ଏ ମୃତବ୍ୟକ୍ତିଙ୍କୁ ଆପଣା ଗର୍ଭରେ ଆବରଣଯୁକ୍ତ କରି ରଖନ୍ତୁ ।''

(୪) **ସରସ୍ୱତୀ** : ଋଗ୍‌ବେଦରେ ଅନେକବାର ସରସ୍ୱତୀଙ୍କ ନାମ ଉଦ୍ଧାର କରାଯାଇଛି । ପାର୍ଥିବ ଜଗତ୍ ଓ ସ୍ୱର୍ଗୀୟ ଇଲାକାକୁ ଆଶୀର୍ବାଦଯୁକ୍ତ କରିବା ନିମିତ୍ତ ସ୍ୱର୍ଗ ଦ୍ୱାରା ପ୍ରେରିତ ସେ ଏକ ବିଶାଳ ନଦୀ । ସେ ଅକୃପଣ, ଦାନଶୀଳା ଓ ଉର୍ବରା । ସେ ପୃଥିବୀକୁ କରିଥା'ନ୍ତି ଫଳପ୍ରସୂ । ସେ ମାତୃକାମାନଙ୍କ ମଧ୍ୟରେ ଶ୍ରେଷ୍ଠ; ଯାବତୀୟ ଶକ୍ତି ଓ ସାମର୍ଥ୍ୟର ମୂଳଉତ୍ସ, ପବିତ୍ର, ଆରୋଗ୍ୟଦାୟିନୀ, ଜୀବନଦାୟିନୀ ଦିବ୍ୟଜନନୀ । ଋଗ୍‌ବେଦର ପ୍ରାରମ୍ଭ କାଳରେ ସରସ୍ୱତୀ ଏକ ନଦୀ ରୂପେ ଋଷିମାନଙ୍କର ଜୀବନ ଓ ଅସ୍ତିତ୍ୱର ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇ ରହିଥିଲେ । ଏହାର କୂଳରେ ଅନେକ ଆଶ୍ରମ ଓ ତପସ୍ୟାର ପୀଠସ୍ଥଳ ଗଢ଼ି ଉଠିଥିଲା । ସରସ୍ୱତୀଙ୍କୁ ''ନଦୀନାଂ ଶୁଚି'' ବୋଲି କୁହାଯାଉଥିଲା । ନଦୀମାନଙ୍କ ମଧ୍ୟରେ ସେ ଥିଲେ ପବିତ୍ରତମ । କୃଷ୍ଣ ଯଜୁର୍ବେଦରେ ସର୍ବପ୍ରଥମେ ସରସ୍ୱତୀଙ୍କୁ 'ବାକ୍' ରୂପେ ଅଭିହିତ କଲେ । ଆତ୍ରେୟ ଆରଣ୍ୟକରେ ତାଙ୍କୁ 'ବେଦମାତା' ରୂପେ ବର୍ଣ୍ଣନା କରା ଯାଇଛି । ବେଦ ଓ ଉପନିଷଦ୍‌ମାନଙ୍କରେ ଇଡା, ଭାରତୀ ଓ ସରସ୍ୱତୀ ତ୍ରି-ସରସ୍ୱତୀ ରୂପେ ପରିଚିତା । ଏ ତିନିହେଁ ଯଜ୍ଞାଗ୍ନି ସମ୍ଭୂତା । ବୃତ, ମନ୍ଯୁ ଓ ଅନ୍ୟାନ୍ୟ ଅନ୍ଧକାରସତ୍ତାମାନଙ୍କୁ ଦେବୀ ସରସ୍ୱତୀ ନିଧନ କରିଥା'ନ୍ତି ।

ସରସ୍ୱତୀ ନଦୀ କ୍ଷୀଣ ହୋଇ କାଳଗର୍ଭରେ ଶୁଷ୍କ ହୋଇଯିବା ଦ୍ୱାରା ଦେବୀ ସରସ୍ୱତୀଙ୍କୁ ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ''ବାକ୍''ରେ ସମାହିତ କରି ଦିଆଗଲା । ସେ ପବିତ୍ରତା, ଜ୍ଞାନ, ପ୍ରଜ୍ଞା, ବାକ୍‌ଶକ୍ତି, ବୋଧଗମ୍ୟତା ବା ଧୀ-ଶକ୍ତିର ଆଧାର ରୂପେ ପରିଚିତା ହେଲେ । ତେଣୁ ତାଙ୍କରି ନାମାବଳୀ ହେଲା ବାଗ୍‌ଦେବୀ, ବେଦମାତା, ବାଣୀ, ଶାରଦା, ପୁଷ୍ଟି, ବାଗେଶ୍ୱରୀ, ବୀଣାପାଣି, ଭାରତୀ, ସରସ୍ୱତୀ ଇତ୍ୟାଦି ।

(୫) **ବାଗ୍‌ଦେବୀ** : ବେଦରେ ସେ ମୁଖ୍ୟ ଓ ଅତି ଗୁରୁତ୍ୱପୂର୍ଣ୍ଣ ଦେବୀ ରୂପେ ଆରାଧିତା, ଉପାସିତା । ସେ ବାକ୍‌ଶକ୍ତି ବା ଭାଷା ସହ ସଂପୃକ୍ତ । ବାକ୍‌ଶକ୍ତି ସାହାଯ୍ୟରେ ଭାବ ଓ ଧାରଣାଗୁଡ଼ିକୁ ଶବ୍ଦ ମାଧ୍ୟମରେ ପ୍ରକାଶ କରାଯାଇଥାଏ । ଜ୍ଞାନର ବିନିମୟ ପାଇଁ ଏହା ଏକ ମୁଖ୍ୟ ମାଧ୍ୟମ । ତେଣୁ ଯିଏ ବାଗ୍‌ଦେବୀଙ୍କୁ ଆରାଧନା କରେ ସେ ବୋଧଶକ୍ତି ବା ଧୀ-ଶକ୍ତି ପ୍ରାପ୍ତ କରିଥାଏ ।

ସେ କମନୀୟା, ମାଧୁର୍ଯ୍ୟମୟୀ, ମାର୍ଜିତ ଓ ନାନା ଅଳଙ୍କାରରେ ବିଭୂଷିତା । ବସ୍ତୁଗୁଡ଼ିକର ନାମକରଣ କରି ସେ ସେସବୁର ଜନନୀ ହୋଇଥା'ନ୍ତି । ପ୍ରତ୍ୟକ୍ଷ ଜ୍ଞାନ, ଉପଲବ୍ଧି ଓ ଅନୁଭବଗୁଡ଼ିକୁ ବ୍ୟକ୍ତ କରିବା ନିମିତ୍ତ ସେ ବାହକ ବା ସ୍ମାରକର ଭୂମିକା ନିଭାଇଥା'ନ୍ତି ।

ଋଗ୍‌ବେଦରେ ଅନେକ ସ୍ତୋତ୍ରରେ ବାଗ୍‌ଦେବୀଙ୍କର ଉଚ୍ଛ୍ୱସିତ ପ୍ରଶଂସା କରାଯାଇଛି । କୁହାଯାଇଛି ଯେ ସ୍ୱର୍ଗ ଓ ମର୍ତ୍ତ୍ୟକୁ ଓତପ୍ରୋତ ଭାବେ ପ୍ଳାବିତ କରି ସମଗ୍ର ସୃଷ୍ଟିକୁ ସେ ଧାରଣ କରି ରଖିଛନ୍ତି । ସେ ସ୍ୱୟଂ ସର୍ବଶକ୍ତିଶାଳୀ ଓ ଦିବ୍ୟସତ୍ତାମାନଙ୍କ ଗହଣରେ ସର୍ବଦା ବିଚରଣ କରୁଥା'ନ୍ତି । ମୁଖ୍ୟ ଦେବତାଗଣ ଯଥା – ଇନ୍ଦ୍ର, ଅଗ୍ନି, ବରୁଣ, ମିତ୍ର ଇତ୍ୟାଦି ଦେବଗଣଙ୍କୁ ନିଜ ମଧ୍ୟରେ ସମାହିତ କରି ଧରି ରଖିଛନ୍ତି । ଯାବତୀୟ ଦେବତା, ଉପଦେବତା, ପଶୁ, ମଣିଷ ବାକ୍‌ରେହିଁ ଜୀବନଧାରଣ କରିଥା'ନ୍ତି । ବାକ୍ ଶାଶ୍ୱତ ସତ୍ତା, ଶାଶ୍ୱତ ବିଧାନର ଆଦ୍ୟଜନ୍ମା, ଦେବତାମାନଙ୍କ ଜନନୀ ଓ ଅମରତ୍ୱର ନାଭିକେନ୍ଦ୍ର । ବୈଦିକ ଋଷିଗଣ ବାଗ୍‌ଦେବୀଙ୍କର ଏପରି ପ୍ରଭୂତ ଓ ଜ୍ୱଳନ୍ତ ପ୍ରଶଂସା କରି ଥିବାର କାରଣ ହେଲା ଶୁଦ୍ଧ, ସ୍ପଷ୍ଟବାକ୍ୟ ବା ଶବ୍ଦାବଳୀ ମାଧ୍ୟମରେ ସେମାନେ ଜ୍ଞାନର ବିନିମୟକୁ ଗଭୀର ଗୁରୁତ୍ୱ ଆରୋପ କରୁଥିଲେ । ପରବର୍ତ୍ତୀ ସମୟରେ ଋଗ୍‌ବେଦରେ 'ଶବ୍ଦ'ସହ 'ବ୍ରହ୍ମ'ଙ୍କୁ ସଂପୃକ୍ତ କରାଯାଇଛି । ଏହି ସଂପୃକ୍ତି ନ ରହିଲେ ବାକ୍ ଦ୍ୱାରା ଜ୍ଞାନ ଓ ପ୍ରଜ୍ଞାର ବିନିମୟ ସୁଗମ ହୁଏ ନାହିଁ । ବାଗ୍‌ଦେବୀଙ୍କର ଅନୁଗତମାନଙ୍କର ଅଭୀପ୍ସା ଚରିତାର୍ଥ କରିବା ଲାଗି ତଥା ଜ୍ଞାନ ଓ ପ୍ରଜ୍ଞାର ପ୍ରସାର ଲାଗି 'ଶବ୍ଦ' ଓ ବ୍ରହ୍ମର ଅଂଶୀଦାରତ୍ୱ ବା ସହଯୋଗିତା (Partnership) ଅପରିହାର୍ଯ୍ୟ । ଯଦି ଶବ୍ଦ ପୁଷ୍ପ ହୁଏ, ବକ୍ତବ୍ୟ ହେବ ପୁଷ୍ପର ହାର । ବାକ୍ ଯଦି ଆୟୁଧ ହୁଏ ତେବେ ବ୍ରହ୍ମ ଅଟନ୍ତି ସେଗୁଡ଼ିକୁ ଶାଣିତ କରିବାର ଯନ୍ତ୍ର ବା ମାଧ୍ୟମ । ତେଣୁ କୁହାଯାଇପାରେ ଯେ ବାକ୍ ଓ ବ୍ରହ୍ମଙ୍କ ମଧ୍ୟରେ ସମ୍ପର୍କ ହେଲା ଏକ କ୍ରମବର୍ଦ୍ଧମାନ ଅଂଶୀଦାରତ୍ୱ (ever growing partnership) । ଏତତ୍ ବ୍ୟତୀତ ବେଦରେ ଅନ୍ୟ ଯେଉଁ ଦେବୀମାନଙ୍କ ନାମ ଉଦ୍ଧାର କରାଯାଇଛି ସେମାନେ ହେଲେ – ରାତ୍ରି, ବାରୁଣୀ, ଦକ୍ଷିଣା, ସରମା, ଅଭ୍ରିଣୀ, ତୁରଜା, ତ୍ୱରିତା, ଅମ୍ବା, ଜଗଦମ୍ବା, ବ୍ରାହ୍ମୀ, ସ୍ୱଧା, ସ୍ୱାହା ଇତ୍ୟାଦି । ଆଦିଶକ୍ତିଙ୍କର ବିଭିନ୍ନ ବିଭୂତିକୁ ପ୍ରତିନିଧିତ୍ୱ କରୁଥିବା ଏହି ଦେବୀଗଣ ଅମାପ ପ୍ରାଣଶକ୍ତି, ପରାକ୍ରମ, ବଳ, ବୀର୍ଯ୍ୟ, ଶୌର୍ଯ୍ୟ, କ୍ଷମତା, କ୍ଷିପ୍ରତା, ଗତିଶୀଳତା, ପ୍ରଗତି, ସର୍ଜନା, ଜ୍ଞାନ, ପ୍ରଜ୍ଞା, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ସଂଗତି, ପ୍ରେମ, ଶାନ୍ତି, କରୁଣା, ସୁରକ୍ଷା ଇତ୍ୟାଦି ବିଭିନ୍ନ ଗୁଣାବଳୀ ଓ ଐଶ୍ୱର୍ଯ୍ୟକୁ ଅଭିବ୍ୟକ୍ତ କରନ୍ତି । ଏହି ଦେବୀଗଣଙ୍କୁ ମଣିଷ ପ୍ରାଚୀନକାଳରୁ ପୂଜା ଓ ଉପାସନା କରି ଆସୁଛି ।

ହିନ୍ଦୁ ପରମ୍ପରାରେ ଯେଉଁ ଦେବୀଗଣ ଗୃହମାନଙ୍କରେ ବହୁପୂଜିତା ସେମାନେ ହେଲେ – ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ରାଧା, ସୀତା, ତୁଳସୀ, ଗୋମାତା (କାମଧେନୁ) କାଳୀ ଓ ଗଙ୍ଗାମାତା ।

ଦୁର୍ଗା, ଲକ୍ଷ୍ମୀ, କାଳୀ, ସରସ୍ୱତୀଙ୍କର ବିଶେଷ ଗୁଣ ଓ ଭୂମିକା ଅନୁଯାୟୀ ଭିନ୍ନ ଭିନ୍ନ ନାମରେ ସେମାନେ ପୂଜିତା ଓ ପରିଚିତା । ଉଦାହରଣ ସ୍ୱରୂପ ଲକ୍ଷ୍ମୀଙ୍କର ଅଷ୍ଟ ଭୂମିକାନୁଯାୟୀ ଅଷ୍ଟରୂପର ନାମ ହେଲା –

୧. ଆଦିଲକ୍ଷ୍ମୀ (ମହାଲକ୍ଷ୍ମୀ); ୨. ଧନଲକ୍ଷ୍ମୀ (ଐଶ୍ୱର୍ଯ୍ୟଲକ୍ଷ୍ମୀ); ୩. ଧାନ୍ୟଲକ୍ଷ୍ମୀ; ୪. ଗଜଲକ୍ଷ୍ମୀ (ରାଜ୍ୟଲକ୍ଷ୍ମୀ); ୫. ସନ୍ତାନ ଲକ୍ଷ୍ମୀ; ୬. ଧୈର୍ଯ୍ୟଲକ୍ଷ୍ମୀ (ବୀରଲକ୍ଷ୍ମୀ); ୭. ବିଜୟ ଲକ୍ଷ୍ମୀ (ବରଲକ୍ଷ୍ମୀ); ୮. ବିଦ୍ୟାଲକ୍ଷ୍ମୀ

ସେହିପରି ନବଦୁର୍ଗାଙ୍କ ନାମ ହେଲା : ୧. ସିଦ୍ଧିଦାତ୍ରୀ, ୨. କୁଷ୍ମାଣ୍ଡୀ, ୩. ବ୍ରହ୍ମଚାରିଣୀ, ୪. ଚନ୍ଦ୍ରଘଣ୍ଟା, ୫. ମହାଗୌରୀ, ୬. ଶୈଳପୁତ୍ରୀ, ୭. ସ୍କନ୍ଦମାତା, ୮. କାତ୍ୟାୟିନୀ, ୯. କାଳରାତ୍ରି ।

ପ୍ରତ୍ୟେକ ଦେବୀଙ୍କର ଆଭରଣ, ଆଭୂଷଣ, ଅସ୍ତ୍ରଶସ୍ତ୍ର, କିରୀଟ, ବାହନ, ହସ୍ତସଂଖ୍ୟା, ବୀଜମନ୍ତ୍ର ଭିନ୍ନ ଭିନ୍ନ ।

ମାତୃଉପନିଷଦ୍ (ମା ବହି)ରେ ମହାଯୋଗୀ ଶ୍ରୀଅରବିନ୍ଦ ବର୍ତ୍ତମାନ ପାର୍ଥିବ ଲୀଳାରେ କାର୍ଯ୍ୟରତ ଯେଉଁ ଚାରୋଟି ମୁଖ୍ୟଶକ୍ତି, ମହାରୂପ ବା ବିଗ୍ରହ – ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀଙ୍କ ସ୍ୱରୂପର କାର୍ଯ୍ୟଧାରା ସ୍ପଷ୍ଟ ରୂପେ ବର୍ଣ୍ଣନା କରିଛନ୍ତି ତାହା ଅତି ଗୁରୁତ୍ୱପୂର୍ଣ୍ଣ ଓ ତାତ୍ପର୍ଯ୍ୟପୂର୍ଣ୍ଣ । ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି –

"These Emanations are the many divine forms and personalities in which men have worshipped her under different names throughout the ages." (The Mother, p. 33)

''ଏହିସବୁ ସମ୍ଭୂତି ହେଲା ମା'ଙ୍କର ବିବିଧ ଦିବ୍ୟରୂପ ଓ ଦିବ୍ୟ ବିଗ୍ରହ, ଏବଂ ଏହା ଭିତର ଦେଇ ମାନବ ଯୁଗେ ଯୁଗେ ଭିନ୍ନ ଭିନ୍ନ ନାମରେ ତାଙ୍କରି ପୂଜା କରି ଆସିଛି ।''

('ମା' ବହି ପୃ. ୩୪ - ୩୫)

ତେବେ ମହାଯୋଗୀ ଶ୍ରୀଅରବିନ୍ଦ ସଚ୍ଚିଦାନନ୍ଦ ପରଂବ୍ରହ୍ମ ସ୍ୱରୂପିଣୀ ଆଦିଶକ୍ତି ମହାମାୟା ଦିବ୍ୟଜନନୀଙ୍କୁ ଆବାହନ କରିବା ଲାଗି ଯେଉଁ ସଂପୁଟିତ ବୀଜମନ୍ତ୍ରଟି ପ୍ରଦାନ କରିଛନ୍ତି ତାହା ତାନ୍ତ୍ରିକ ପରମ୍ପରାରେ ଅନନ୍ୟ, ଅପୂର୍ବ ଓ ଅପଟାନ୍ତର । ମନ୍ତ୍ରଟି ହେଲା : ''ଓଁ ଆନନ୍ଦମୟୀ, ଚୈତନ୍ୟମୟୀ, ସତ୍ୟମୟୀ ପରମେ !''

(କ୍ରମଶଃ)

❑❑❑

# ମାଆ ଡାକୁଛନ୍ତି

## ହୃଷୀକେଶ ପଣ୍ଡା

ଆଜି ଏକ ସୁବର୍ଣ୍ଣ ଦିବସ
ମାଆ ଡାକୁଛନ୍ତି
ଦୁଆର ଖୋଲା ଅଛି
ଭିତରକୁ ଆସ !
ଆସିଲା ବେଳେ ଦୁଆର ବନ୍ଧ
ଟପିଲା ପୂର୍ବରୁ
ଅହଂକୁ ଛାଡ଼ିଦେଇ ଆସ ।

ଫାଟକ ବାହାରେ
ମଧୁ ମାଳତୀ ଲଟାରେ
ଟଙ୍ଗେଇ ଦେଇ ଆସ
ନିଜ ଅଭିମାନ, ଅରାଜିସବୁକୁ
ତୁଳସୀ ଚଉରା 'ମୂଳରେ'
ଜାଳିଦେଇ ଆସ
ଭରସାର ଉଜ୍ଜ୍ୱଳ ଦୀପକୁ ।

ରାସ୍ତା କଡ଼ରେ ଝୁଲେଇ ଦିଅ
ନକାରାତ୍ମକ ଭାବନାର
ଯେତେ ସବୁ ଖିଅ,
ସେଇଠି ଓହ୍ଲେଇ ଦିଅ
ଆଶା ଆଉ ନିରାଶାର
ଦୁଃଖ ଆଉ ବେଦନାର
ଯେତେ ଅଛି ଭୟ ।



ଦାଣ୍ଡରେ ଖେଳୁଥିବା
ଶିଶୁଟି ଠଠରୁ ନେଇଆସ
ନିଷ୍କପଟ ହସ ଟିକେ
ସରଳ ବିଶ୍ୱାସ ଟିକେ,
ଘର ଅଗଣାରେ ଫୁଟିଥିବା
ଶ୍ୱେତ ଗୋଲାପକୁ ଦେଖ
ହସୁଛନ୍ତି କେଉଁ ପରି ତୁମ ଚାରିପାଖେ ।

କୌଣସି ଦ୍ୱିଧା ବା ଦ୍ୱନ୍ଦ୍ୱ ନରଖି
ଅଭୀପ୍‌ସାର ଆଭରଣରେ
ସଜେଇ ଦିଅ ନିଜକୁ,
ଏଥର ଅନ୍ତର୍ଲୀନ ହୋଇ ଚାହଁ
ଦେଖ, ହୃଦୟର ନିଭୃତ କୋଣରେ ବସି
ମାଆ ତୁମକୁ ଡାକୁଛନ୍ତି –
ଏବେ ଭିତରକୁ ଯାଅ !

ତାଙ୍କ ପାଦ ତଳେ
ଅଜାଡ଼ି ଦିଅ ଫୁଲ ପରି
ସବୁ ଚିନ୍ତା ସବୁ ଆବେଗକୁ,
ମାଆ ଘୋଡ଼େଇ ଦେବେ ତୁମକୁ
ତାଙ୍କ ପ୍ରେମର ପଣତ କାନିରେ ।
ଆଉ ତେବେ ଭୟ କାହିଁ...
ତାଙ୍କ ସହ ସାଥୀ ହୋଇ ବାଟ ଚାଲିବାରେ !! ❑

# ଜିଜ୍ଞାସୁର ପୃଷ୍ଠା

**ପ୍ରଶ୍ନ** : *'The Mother' ବହିରେ ଯେଉଁ ଭାଗବତୀ ଶକ୍ତିଙ୍କୁ ସମର୍ପଣ କରିବାକୁ କୁହାହୋଇଛି ସେହି ଭାଗବତୀ ଶକ୍ତିଙ୍କ ଅବତାର କ'ଣ ଆଶ୍ରମର ଏହି ମା ? – ଜନୈକ ସାଧକର ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ କହିଥିଲେ, 'ହଁ' । ଏତଦ୍‌ବ୍ୟତୀତ ଶ୍ରୀଅରବିନ୍ଦ ଏହି ଆଶ୍ରମର ମା'ଙ୍କୁ ଆଦ୍ୟା ଭାଗବତୀ ଶକ୍ତି ବୋଲି କହିଛନ୍ତି । ଶ୍ରୀଅରବିନ୍ଦଙ୍କ କହିବା ନିରାଟ ସତ୍ୟ । ତେବେ ମା ଭାଗବତୀ ଶକ୍ତିଙ୍କ ଅବତାର ହୋଇ ରୂପାନ୍ତର ସକାଶେ ନାମଜପ ଅନିବାର୍ଯ୍ୟ ବୋଲି ପୂର୍ବରୁ କିପରି ଜାଣିପାରିଲେ ନାହିଁ ? ଶରୀର-ରୂପାନ୍ତର ବହୁତ ଅଗ୍ରସର ହେବା ପରେ ଜାଣିପାରିଲେ । ଏହା ବୁଝିବାରେ ବହୁତ ଅସୁବିଧା ହେଉଛି ।*

**ଉତ୍ତର** : ଆମେ ତ ମନୁଷ୍ୟ, ଆମକୁ ବୁଝିବାରେ ତ ଅସୁବିଧା ହେବା ସ୍ୱାଭାବିକ । କିନ୍ତୁ ସ୍ୱୟଂ ପାର୍ବତୀଙ୍କୁ ବି ବୁଝିବାରେ ଅସୁବିଧା ହୋଇଥିଲା । ସୀତାଙ୍କ ବିୟୋଗରେ ଶ୍ରୀରାମ ଶୋକରେ ବିହ୍ୱଳ ହୋଇ ଯେତେବେଳେ ସୀତାଙ୍କ ସନ୍ଧାନ ଗଛଲତା, ପଶୁପକ୍ଷୀଙ୍କୁ ପଚାରି ବୁଲୁଥିଲେ, ସେହି ସମୟରେ ଶିବ ପାର୍ବତୀ ଶ୍ରୀରାମଙ୍କୁ ଦେଖିଲେ । ଶଙ୍କର ବୃଷଭରୁ ଓହ୍ଲାଇ 'ଜୟ ସଚ୍ଚିଦାନନ୍ଦ ଜଗଦୀଶ' କହି ପ୍ରଣାମ କଲେ । ଏଥିରେ ପାର୍ବତୀଙ୍କୁ ବହୁତ ସନ୍ଦେହ ହେଲା । ସେ ଭାବିଲେ, ''ଶଙ୍କରଙ୍କ କଥା ସର୍ବଦା ସତ୍ୟ ଓ ଯଥାର୍ଥ । କିନ୍ତୁ ରାମ ଯଦି ସଚ୍ଚିଦାନନ୍ଦଙ୍କ ଅବତାର ହୋଇଥା'ନ୍ତେ ତେବେ ସାଧାରଣ ବିଷୟୀ ବ୍ୟକ୍ତି ସଦୃଶ ଶୋକରେ ଜ୍ଞାନଶୂନ୍ୟ ହୋଇ ଗଛଲତା, ପଶୁପକ୍ଷୀଙ୍କୁ ସୀତାଙ୍କ ସନ୍ଧାନ ପଚାରନ୍ତେ କିପରି ?'' ଏହି ମୋହ ହେବାରୁ ଶଙ୍କରଙ୍କୁ ପାର୍ବତୀ ପ୍ରଶ୍ନ କଲେ । ଶଙ୍କର ଉତ୍ତରରେ କହିଲେ, ''ତୁମେ ଯାଇ ପରୀକ୍ଷା କର ।'' ପାର୍ବତୀ ସୀତାଙ୍କ ରୂପ ଧାରଣ କରି ଶ୍ରୀରାମଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ପାର୍ବତୀଙ୍କୁ ସୀତାଙ୍କ ରୂପରେ ଦେଖି ଶ୍ରୀରାମ ପ୍ରଣାମ କରି କହିଲେ, ''ଶଙ୍କର ତ ନାହାନ୍ତି, ଆପଣ ଏକା ଆସିଲେ କିପରି ?''

ଭଗବାନଙ୍କ ଅବତାରଙ୍କର ଭାଗବତ ଚେତନା ଏବଂ ଶକ୍ତି ତଥା ମାନୁଷୀ ଚେତନା ଉଭୟ ଥାଏ । ସେ ମନୁଷ୍ୟର ପ୍ରତିନିଧି ହୋଇଥିବାରୁ ମନୁଷ୍ୟ ଚେତନାରେ ରହି କାର୍ଯ୍ୟ କରନ୍ତି । ଚାହିଁବା ମାତ୍ରେ ଭଗବତ୍ ଚେତନାରେ କାର୍ଯ୍ୟ କରିପାରନ୍ତି । ଶ୍ରୀଅରବିନ୍ଦଙ୍କ ସକାଶେ ମଧ୍ୟ ଏହିପରି ଉଦାହରଣ ଦିଆହୋଇଛି । ବହୁତ ଅନିବାର୍ଯ୍ୟ ନ ହେଲେ ଅବତାରମାନେ ଐଶ୍ୱର୍ଯ୍ୟ ପ୍ରୟୋଗ କରନ୍ତି ନାହିଁ । ଠିକ୍ ମନୁଷ୍ୟ ସଦୃଶ ବ୍ୟବହାର କରନ୍ତି ଯେପରି ତାଙ୍କ ଭଗବତ୍ତାକୁ ମନୁଷ୍ୟ ବୁଝି ନ ପାରେ । କାରଣ ସେ ମନୁଷ୍ୟ-ଚେତନାରେ ରହି କର୍ମକଲେ ତାଙ୍କ ଆଦର୍ଶକୁ ମନୁଷ୍ୟ ଗ୍ରହଣ କରିପାରିବ । ସେହି ସକାଶେ ମନୁଷ୍ୟ ସଦୃଶ ଶ୍ରୀମାଶ୍ରୀଅରବିନ୍ଦ ସାଧନା କରିଛନ୍ତି, ବାଧାବିଘ୍ନର ସମ୍ମୁଖୀନ ହୋଇଛନ୍ତି । ପ୍ରଥମ ସାଧନାରେ ଜପର ବିଶେଷ ଆବଶ୍ୟକତା ନ ଥିଲା । ଶରୀର-ରୂପାନ୍ତର ସମୟରେ ଜପ ଆବଶ୍ୟକ ହେବାରୁ ଶ୍ରୀମା ନିଜେ ଉପଲବ୍ଧି କରିଥିବା କଥା ଲେଖିଛନ୍ତି ।

ମହାଭାରତ ଯୁଦ୍ଧ ସମୟରେ ଯେବେ ଯେବେ ଭବିଷ୍ୟ ଜାଣିବାକୁ କିଂବା କୌଣସି ଗୁପ୍ତ ବସ୍ତୁ ଜାଣିବାକୁ ଆବଶ୍ୟକ ହେଉଥିଲା ଶ୍ରୀକୃଷ୍ଣ ସହଦେବଙ୍କୁ ପଚାରୁଥିଲେ । ଅବତାରଙ୍କ ଚରିତ୍ର ବୁଦ୍ଧିରେ ବୁଝିବା ବହୁତ କଠିନ ।

**ପ୍ରଶ୍ନ :** *ତୁଳସୀ ଦାସ କହିଛନ୍ତି, ''ଓଲଟା 'ମରା' ନାମ ଜପି ବାଲ୍ମୀକି ମହାଋଷି ହୋଇ ପାରିଥିଲେ, ସିଧା ନାମ ଜପିଲେ, କ'ଣ ପଦ ନମିଳିବ ?'' କିନ୍ତୁ ତୁଳସୀ ଦାସ ତ ରାମ ନାମ ଜପ କରୁଥିଲେ, ସେ ବାଲ୍ମୀକିଙ୍କ ପରି ମହାଋଷି ହୋଇପାରିଲେ ନାହିଁ କାହିଁକି ? ଏଥିରୁ ଜଣାପଡ଼େ ସବୁ ହୁଏ ଈଶ୍ୱରଙ୍କ ଇଚ୍ଛାରେ । ଏଥିରେ କାହାର କିଛି କରିବା ବା କହିବାର ନାହିଁ । ''କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ (ଭାଗବତ) ।'' ଭଗବାନ୍ ଯେବେ ସବୁ କରାଉଛନ୍ତି ଓ କରୁଛନ୍ତି ତେବେ ଆମ୍ଭମାନଙ୍କର କିଛି କରିବା ଆବଶ୍ୟକ କ'ଣ ? ସେ ତ ସବୁ କରିଦେବେ ।*

**ଉତ୍ତର** : ...ତୁଳସୀ ଦାସ ବାଲ୍ମୀକିଙ୍କ ପରି ମହାପୁରୁଷ ହେବେ କାହିଁକି ? ପୂର୍ବେ କହିଛି – ଯାହାର ଯେତେ ଶ୍ରଦ୍ଧା ଓ ବିଶ୍ୱାସ ଅଧିକ ହେବ, ସେ ରାମନାମର ମହତ୍ତ୍ୱ ସେତେ ଜାଣିବ,

ତେତେ ଅଧିକ ଫଳ ପାଇବ । ପ୍ରତ୍ୟେକ ବ୍ୟକ୍ତିଙ୍କର ଆଧାର ଭିନ୍ନ ଭିନ୍ନ । ତେଣୁ ଭିନ୍ନ ଭିନ୍ନ ରୂପେ ଫଳ ପାଆନ୍ତି । ଗୋସ୍ୱାମୀ ତୁଳସୀ ଦାସଙ୍କର ସମ୍ବନ୍ଧେ ବୋଧହୁଏ ଆପଣ ବିଶେଷ କିଛି ଜାଣନ୍ତି ନାହିଁ, କିଂବା ତାଙ୍କ ରଚିତ ରାମାୟଣ ପଢ଼ି ନାହାନ୍ତି; ସେଥିପାଇଁ ଏପରି କହୁଛନ୍ତି । ଅଯୋଧ୍ୟା, କାଶୀ ଇତ୍ୟାଦି ସ୍ଥାନରେ ତୁଳସୀ ଦାସଙ୍କୁ ବାଲ୍ମୀକିଙ୍କ ଅବତାର ବୋଲି ସନ୍ଥମାନେ ସ୍ୱୀକାର କରନ୍ତି । ତାଙ୍କ ରାମାୟଣର ଆଦର ବାଲ୍ମୀକି ରାମାୟଣଠାରୁ କମ୍ ନୁହେଁ ।

''ସବୁ ହୁଏ ଭଗବାନଙ୍କ ଇଚ୍ଛାରେ'', ''କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ'', ''ଭଗବାନ୍ ସ୍ୱୟଂ କରନ୍ତି ଏବଂ କରାନ୍ତି''– ଏହାହିଁ ବିଚାର କରିବାର ବିଷୟ । ଭଗବାନଙ୍କ ବିଦ୍ୟା ଓ ଅବିଦ୍ୟା – ଏ ଦୁଇଟି ମାୟା । ବିଦ୍ୟା ମାୟା ଭଗବାନଙ୍କ ନିର୍ଦ୍ଦେଶ ଅନୁସାରେ ସେହିମାନଙ୍କୁ ପରିଚାଳନା କରନ୍ତି, ଯେଉଁମାନେ ଅବିଦ୍ୟା ମାୟାଠାରୁ ମୁକ୍ତ ହୋଇ ଯାଇଛନ୍ତି । ଯେଉଁମାନେ ଭଗବାନଙ୍କୁ ସମସ୍ତ କିଛି ସମର୍ପଣ କରି ଭଗବାନଙ୍କ ଚେତନା ସହିତ ନିଜ ଚେତନାକୁ ଏକ କରି ଦେଇଛନ୍ତି, ସେହିମାନେହିଁ ପ୍ରକୃତରେ ଭଗବାନଙ୍କ ଦ୍ୱାରା ଚାଳିତ ହୁଅନ୍ତି ଏବଂ ପ୍ରତ୍ୟକ୍ଷ ଅନୁଭବ କରନ୍ତି ଯେ ତାଙ୍କ ଦ୍ୱାରା ଯାହା କିଛି ହେଉଅଛି, ସବୁ କରାଉଛନ୍ତି ଭଗବାନ୍ । ତେଣୁ ଜଗନ୍ନାଥ ଦାସ ସ୍ୱ-ରଚିତ ଭାଗବତରେ କହିଛନ୍ତି, ''କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ ।'' ଅବିଦ୍ୟା-ମାୟା ମଧ୍ୟ ଭଗବାନଙ୍କ ଶକ୍ତି । ଏ ଶକ୍ତି ସ୍ୱତନ୍ତ୍ରରୂପେ ଶାସନ କରୁଥାଏ । ଏଥିରେ ଭଗବାନ୍ ସାଧାରଣ ତଥା ପ୍ରତ୍ୟକ୍ଷରୂପେ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ, କିନ୍ତୁ ଏହାକୁ ଧାରଣ କରିଥାଆନ୍ତି ଏବଂ ପଶ୍ଚାତରେ ରହି ଏହାର କାର୍ଯ୍ୟରେ ସମ୍ମତି ଦେଉଥା'ନ୍ତି । କିନ୍ତୁ ଏହି ଅବିଦ୍ୟା-ମାୟା କବଳରେ ପଡ଼ିଥିବା ଅଜ୍ଞାନୀ ଲୋକେ ''ଭଗବାନ୍ ସବୁ କରୁଛନ୍ତି'', ''କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ'', ଏହା ଭୁଲି ଯାଆନ୍ତି ଏବଂ ମନେ କରନ୍ତି, ''ସବୁକିଛି 'ମୁଁ' କରୁଛି '' । ସେହି କାରଣରୁ ସେମାନଙ୍କ ଦ୍ୱାରା ଯେଉଁସବୁ ଶୁଭ ଅଶୁଭ ହୁଏ ତା'ର ଫଳ – ଦୁଃଖ, ସୁଖ ସେମାନେ ଭୋଗ କରନ୍ତି । ଏହି ଅବିଦ୍ୟା-ମାୟା କବଳରୁ ମୁକ୍ତ ହେବା ସକାଶେ ଜ୍ଞାନ, ଭକ୍ତି ଇତ୍ୟାଦି ନାନାବିଧ ସାଧନାର ପ୍ରଣାଳୀ ମୁନି, ଋଷି ଓ ବେଦ, ଶାସ୍ତ୍ର ଦ୍ୱାରା ନିର୍ଦ୍ଧାରିତ ହୋଇଅଛି । ସାଧନା ଦ୍ୱାରା ମନ, ପ୍ରାଣ ଶୁଦ୍ଧ ହୋଇ ଜ୍ଞାନ, ଭକ୍ତି ପ୍ରାପ୍ତ ହେଲେ ମନୁଷ୍ୟ ଉପଲବ୍ଧି କରେ ଯେ ସବୁକିଛି ଭଗବାନ୍ କରାଉ ଅଛନ୍ତି । ସେହି ସମୟରେ ତାହାର ବ୍ୟକ୍ତିଗତ ଅହଂ ଅଥବା 'ମୁଁ' ସ୍ଥାନରେ ଆସନ୍ତି 'ଭଗବାନ୍' । ତାହାର ସମସ୍ତ କର୍ମ ହୁଏ ଭଗବାନଙ୍କ ପରିଚାଳନାରେ । ସେ ହୁଏ ଭଗବାନଙ୍କ ଯନ୍ତ୍ର । ତା'ର ଯଦି ଲକ୍ଷ୍ୟ ଥାଏ ଭଗବାନଙ୍କ ଚେତନା ସଙ୍ଗେ ନିଜ ମନ, ପ୍ରାଣ ଓ ଶରୀର ଚେତନା ପୂର୍ଣ୍ଣରୂପେ ଏକ କରିବାକୁ, ତେବେ ଦିବ୍ୟ-ଭଗବତ୍ ଶକ୍ତି ଦ୍ୱାରା,– ମନ, ପ୍ରାଣ, ଶରୀର ପୂର୍ଣ୍ଣରୂପେ ରୂପାନ୍ତରିତ ହୋଇ ଭଗବତ୍-ସାଧର୍ମ୍ୟ ଅର୍ଥାତ୍ ଦିବ୍ୟ ମାନବତ୍ୱକୁ ପ୍ରାପ୍ତ ହୁଏ । ''ଭଗବାନ୍ ସବୁ କରାଉ ଅଛନ୍ତି'' ଏ ଅନୁଭବ ଯେପର୍ଯ୍ୟନ୍ତ ନଆସିଛି, ସେପର୍ଯ୍ୟନ୍ତ ପ୍ରଯତ୍ନ ଦ୍ୱାରା ସାଧନା କରିବାକୁ ହେବ । ''ଭଗବାନ୍ ସବୁ କରାଉ ଅଛନ୍ତି,'' ଏହା କେବଳ କଥାରେ କହିଲେ ଚଳିବ ନାହିଁ । ଏହାକୁ ଚେତନାରେ ଉତାରି ଆଣିବାକୁ ହେବ । ଅର୍ଥାତ୍ ଉପଲବ୍ଧି କରିବାକୁ ହେବ ।

ସାଧନା ସମୟରେ ନିରନ୍ତର ସ୍ମରଣ ରଖିବାକୁ ହେବ, ଭଗବାନ୍ ସବୁକିଛି କରାଉ ଅଛନ୍ତି । ଏପରିକି ସାଧନାରେ ଯେଉଁ ପ୍ରୟାସ କରିବାକୁ ହେଉଛି, ତାହାର ପ୍ରେରକ ମଧ୍ୟ ଭଗବାନ୍ । ଏହି ଧାରଣା ରଖି ସମସ୍ତ କର୍ମ, ସାଧାରଣରୁ ସାଧାରଣ ସ୍ନାନ, ଭୋଜନ ଇତ୍ୟାଦି କର୍ମକୁ ଭଗବାନଙ୍କୁ ଅର୍ପଣ କରିବାକୁ ହେବ । ଏହା ଫଳରେ କ୍ରମଶଃ ଅନୁଭୂତ ହେବ ଯେ ଭଗବତ୍ ଶକ୍ତି ସର୍ବଦା ପରିଚାଳନା କରୁଅଛନ୍ତି । ଏହା ସଙ୍ଗେ ସଙ୍ଗେ ନିରନ୍ତର ଅଶୁଦ୍ଧ କାର୍ଯ୍ୟକୁ ତ୍ୟାଗ କରିବାକୁ ହେବ । ଏହି ତ୍ୟାଗରେ ସାହାଯ୍ୟ ସକାଶେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ହେବ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ପ୍ରଥମ ଖଣ୍ଡ, ପୃଷ୍ଠା ୫୬୨-୫୬୩
ଓ ବିଭିନ୍ନ ସମୟର ପ୍ରଶ୍ନୋତ୍ତରରୁ ।) ❑

''ନାମଜପରେ ଏକ ମହାନ୍ ଶକ୍ତି ରହିଛି ।''
– ଶ୍ରୀଅରବିନ୍ଦ

ଚେତନାର ଦିଗ୍‌ବଳୟ :

# ଉପଯୋଗ ଅପେକ୍ଷାରେ ସଙ୍ଗୀତର ଆଶୀର୍ବାଦ

ଚଳିତ ବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ କର୍ତ୍ତୃକ ପରିଚାଳିତ ଏକ ଦୀର୍ଘ ଗବେଷଣାର ଫଳ ପ୍ରକାଶ ପାଇଛି । ବିଷୟ ହେଲା ମଣିଷର ଆବେଗ ଉପରେ ସଂଗୀତର ପ୍ରଭାବ । ଅଢ଼େଇ ହଜାର ସଂଗୀତପ୍ରେମୀଙ୍କୁ ଏ ଗବେଷଣାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ସିଦ୍ଧାନ୍ତରେ କୁହାଯାଇଛି ଭିନ୍ନ ଭିନ୍ନ ଧରଣର ସଂଗୀତ ଶ୍ରୋତା ଭିତରେ ଆନନ୍ଦଠୁଁ ଆରମ୍ଭ କରି ଉତ୍କଣ୍ଠା ପର୍ଯ୍ୟନ୍ତ ତେର ପ୍ରକାର ଆବେଗ ଉଦ୍ରେକ କରିପାରେ ।

କିନ୍ତୁ ଆମକୁ ଏ ଗବେଷଣାଲବ୍ଧ ସିଦ୍ଧାନ୍ତରେ କୌଣସି ନୂତନତା ଥିବା ଭଳି ମନେ ହେବ ନାହିଁ । ଆଜି ବିଜ୍ଞାନ ସମ୍ମତ ଧାରାରେ ଅଗ୍ରସର ହୋଇ ଗବେଷକମାନେ ଯେଉଁ ମନସ୍ତାତ୍ତ୍ୱିକ ତଥ୍ୟ ପରିବେଷଣ କରୁଛନ୍ତି, ଭାରତରେ ସଂଗୀତ ଉପରେ ତାହା ତୁଳନାରେ ବହୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ସୁଦୂର ଅତୀତରେ ସମ୍ଭବପର ହୋଇଛି । ତେବେ ଆଜି ଯେଉଁ ପଦ୍ଧତିକୁ ଆମେ ବୈଜ୍ଞାନିକ ଧାରା ବୋଲି ବିଚାର କରୁଁ, ଭାରତୀୟ ଚେତନା ଯେ ସେଭଳି ଧାରା ଅନୁସରଣ କରି ନାହିଁ, ଏକଥା କହିବା ବାହୁଲ୍ୟ ।

ତେବେ କ'ଣ ଥିଲା ଭାରତୀୟ ଗବେଷଣାର ଧାରା ?

ଏକଦା ଏ ଲେଖକ ଆମେରିକା ଯାଇଥିବା ବେଳେ NASA ପ୍ରତିଷ୍ଠାନର ଜଣେ ବୈଜ୍ଞାନିକ ଏ ଲେଖକ ପାଖରେ ଗୋଟିଏ ବିଷୟରେ ବିସ୍ମୟ ଓ କୌତୂହଳ ପ୍ରକାଶ କରୁଥିଲେ । ନିମ୍ବ ପତ୍ର ବା ଛାଲିର ଯେଉଁସବୁ ହିତକାରୀ ଗୁଣ ଆଜି ବୈଜ୍ଞାନିକ ବୀକ୍ଷଣାଗାର (Laboratory)ରେ ନିରୂପିତ ହୋଇପାରୁଛି, ବହୁ ଶତାବ୍ଦୀ ତଳେ ଭାରତର ବୈଦ୍ୟମାନେ କିଭଳି ପଦ୍ଧତି ଅବଲମ୍ବନ କରି ସେସବୁ ଆବିଷ୍କାର କରି ପାରିଥିଲେ ? ଆୟୁର୍ବେଦ ଗ୍ରନ୍ଥମାନଙ୍କରେ ସେ ସମସ୍ତ ଗୁଣ ଲିପିବଦ୍ଧ, କିନ୍ତୁ ସେସବୁ କିପରି ନିରୂପିତ ହେଲେ, ସେ ସୂତ୍ରର ସୂଚନା ନାହିଁ ।

ଏ ଲେଖକର ମନେ ହୁଏ, ସେ ସୂତ୍ର ସ୍ଥୂଳ ଭାଷାରେ ଲିପିବଦ୍ଧ କରି ହୋଇ ନଥାନ୍ତା । ଋଷି-ପ୍ରତିମ ବୈଦ୍ୟମାନେ ଧ୍ୟାନଯୋଗ ମାଧ୍ୟମରେ ଗୁଳ୍ମଲତା ସହ ଏକାତ୍ମ ହୋଇ ସେସବୁର ଗୁଣ ହୃଦୟଙ୍ଗମ କରୁଥିଲେ । ଆଜି ମଧ୍ୟ ଏହା ସମ୍ଭବପର ବୋଲି ଶ୍ରୀମା'ଙ୍କ ''ଧ୍ୟାନ ଓ ପ୍ରାର୍ଥନା'' ନାମକ ଦୈନନ୍ଦିନ ବିବରଣୀରେ ଲିପିବଦ୍ଧ ଦିନକର ଅଭିଜ୍ଞତାରୁ ବୁଝିହୁଏ । ଅବଶ୍ୟ ମା'ଙ୍କ ଚେତନାକୁ ସେ ଅଭିଜ୍ଞତା ଆପଣାଛାଏଁ ଆସିଥିଲା । ମା ସେତେବେଳେ ଥିଲେ ଜାପାନରେ । ୧୯୧୭ ମସିହା ୭ ତାରିଖ ଏପ୍ରିଲରେ ସେ ତାଙ୍କ ଡାଏରିରେ ଲେଖିଛନ୍ତି କି ଏକାଗ୍ର ଧ୍ୟାନସ୍ଥ ଅବସ୍ଥାରେ ସେ ଗୋଟିଏ ଚେରି ଫୁଲ ସହ ଏକାତ୍ମ ହୋଇଗଲେ ଏବଂ ପରେ ପରେ ଯାବତୀୟ ଚେରିଫୁଲ ସହ ଏବଂ କ୍ରମେ ଚେରି ବୃକ୍ଷଟି ସହ ଏକାଗ୍ର ହୋଇ ତା'ର ପୁଷ୍ପଭରା ଊର୍ଦ୍ଧ୍ୱାୟିତ ଶାଖା ପ୍ରଶାଖା ମାଧ୍ୟମରେ ସ୍ୱୟଂ ବନିଗଲେ ଅସୀମଙ୍କ ଉଦ୍ଦେଶ୍ୟରେ ଏକ ଅର୍ଘ୍ୟ । ଚେରି ବୃକ୍ଷ ତାଙ୍କୁ କାନେ କାନେ କହିଦେଲା, ''ବସନ୍ତକାଳୀନ ଅସୁସ୍ଥତାସବୁର ପ୍ରତିକାର ଚେରି ପୁଷ୍ପରେହିଁ ଥାଏ ନିହିତ ।''

ଏହି ଧାରାରେ, ସଂଗୀତର ଉତ୍ସ ସହିତ ଏକାତ୍ମ ହୋଇ ଭାରତୀୟ ଶାସ୍ତ୍ରୀୟ ସଂଗୀତର ଆଦି ଉଦ୍‌ଗାତାବୃନ୍ଦ ରାଗ ରାଗିଣୀମାନ ଆହରଣ କରିଥିଲେ । ବୁଦ୍ଧି ବା ଜ୍ଞାନ ଦ୍ୱାରା ସଂଗୀତ ସୃଜନ ସମ୍ଭବପର ନୁହେଁ । ମୌଳିକ ଛଅଗୋଟି ରାଗ ଉପଯୁକ୍ତ ଆଧାର ଭିତରକୁ ଦିନେ ଅବତରଣ କରିଥିଲା । ପରେ ଧ୍ୟାନାବିଷ୍ଟ ବା ଭାବାବିଷ୍ଟ ସଂଗୀତସ୍ରଷ୍ଟାମାନେ ସେହି ଛଅଗୋଟିକୁ ଭିତ୍ତି କରି ଆହୁରି କେତେ ରାଗ ସୃଜନ କରିଛନ୍ତି । ବାସ୍ତବରେ ସେସବୁ ସୃଜନ ନୁହେଁ, ସୂକ୍ଷ୍ମ ଲୋକରୁ ଆହରଣ । ଗତ ଶତାବ୍ଦୀର ଷଷ୍ଠ ଦଶକରେ ଓଡ଼ିଶାର ଜଣେ ପ୍ରତିଭାବାନ୍ ସଂଗୀତ ବିଶାରଦ ଏବଂ ବେହେଲା ଶିଳ୍ପୀ ଶ୍ରୀ ଭୁବନେଶ୍ୱର ମିଶ୍ର ଆଶ୍ରମ ଆସୁଥା'ନ୍ତି । ଏ ଲେଖକ ତା' ଛାତ୍ର ଜୀବନରୁ ତାଙ୍କ ସହ ସୁପରିଚିତ ଥିଲା । ଆଶ୍ରମରେ ଥରେ ମିଶ୍ର ଏକାକୀ ଭାବାବିଷ୍ଟ ଅବସ୍ଥାରେ ଥିବା ବେଳେ ଅନୁଭବ କଲେ ଯେ ତାଙ୍କ ଭିତରକୁ ଏକ ଅଭିନବ ରାଗର ପ୍ରେରଣା ଆସୁଛି । ବେହେଲାରେ ଭୁବନେଶ୍ୱର ବାବୁ ସେ ପ୍ରେରଣାରେ ଅଭିବ୍ୟକ୍ତି ରଚନା କଲେ । ତାହା ରେକର୍ଡ଼ କରାଗଲା ଏବଂ ଶ୍ରୀମା ତାହା ଶ୍ରବଣ କଲେ ଏବଂ କହିଲେ, ନବରଚିତ ସୁରଲହରୀରେ ସେ ଅନୁଭବ କରିପାରୁଛନ୍ତି ଅଭୀପ୍ସାର ସ୍ପନ୍ଦନ । ଅତଏବ ସେ ରାଗର ନାମ ହେଲା ''ରାଗ ଅଭୀପ୍ସା'' ।

ଭୁବନେଶ୍ୱର ବାବୁଙ୍କ ଦ୍ୱାରା ନବାବିଷ୍କୃତ ସେ ଐଶ୍ୱର୍ଯ୍ୟର ସ୍ଥାୟିତ୍ୱ ଦିଗରେ ବୋଧହୁଏ କୌଣସି ବ୍ୟବସ୍ଥା ହୋଇପାରି ନାହିଁ । ତେବେ ଏଥିରୁ ଏତିକି ଜଣାଯାଏ, ଶାସ୍ତ୍ରୀୟ ସଂଗୀତର ଉତ୍ସ ଅକ୍ଷୟ ।

କୈଳାସ ଶିଖରବାସୀ ସ୍ୱୟଂ ଶିବହିଁ ସଂଗୀତ ତଥା ନୃତ୍ୟର ଉତ୍ସ ଓ ପ୍ରବର୍ତ୍ତକ, ଏହି ପ୍ରାଚୀନ ବିଶ୍ୱାସର ଅର୍ଥ ହେଲା, ମୌଳିକ ସଂଗୀତର ସୃଜନ କ୍ଷେତ୍ର ଏ ସ୍ଥୂଳ ପୃଥିବୀ ନୁହେଁ – ଏକ ସ୍ୱର୍ଗୀୟ ଅତିଭୌତିକ ସ୍ତରରୁ ଏହାର ପ୍ରେରଣା ଅବତରଣ କରିଆସେ । ଶିବଙ୍କ ହସ୍ତେ ଡମ୍ବରୁ, ଦେବୀ ସରସ୍ୱତୀଙ୍କ ହସ୍ତେ ବୀଣା, ପୁଣି ସ୍ୱର୍ଗ ଏବଂ ମର୍ତ୍ତ୍ୟ ମଧ୍ୟରେ ଯାତାୟତରତ ନାରଦଙ୍କ ହସ୍ତେ ବୀଣା, ତତ୍ପରେ ମାନବରୂପୀ ବିଷ୍ଣୁ କୃଷ୍ଣଙ୍କ ବଂଶୀବାଦନ – ଏସବୁ କିମ୍ବଦନ୍ତି ଭିତରେ ସଂଗୀତର ଐଶୀ ମହନୀୟତାହିଁ ପ୍ରକଟିତ ।

ସଂଗୀତ ପ୍ରତି ଭଗବାନଙ୍କର ଆକର୍ଷଣ ବିପୁଳ । ଦିନକର ପ୍ରଭାତରେ ପୂଜକମାନେ ଦେଖିଲେ, ଶ୍ରୀଜଗନ୍ନାଥଙ୍କ ତନୁରେ ଏକଜାତୀୟ ଫୁଲଗଛରେ ଥିବା ଗୁଡ଼ାଏ ସୂକ୍ଷ୍ମ କଣ୍ଟା ଲାଗି ରହିଛି । ଅନୁସନ୍ଧାନରୁ ଜଣାଗଲା, ପୂର୍ବଦିନ ସନ୍ଧ୍ୟାରେ ଜଣେ ଭକ୍ତ 'ଗୀତ ଗୋବିନ୍ଦ' ବୋଲି ଶ୍ରୀମନ୍ଦିର ସଂଲଗ୍ନ ଉଦ୍ୟାନରେ ବିଚରଣ କରୁଥିଲେ । ତାଙ୍କୁ ଅଦୃଶ୍ୟ ଭାବରେ ଅନୁସରଣ କରୁଥିଲେ ମୁଗ୍ଧ ଶ୍ରୋତା ଶ୍ରୀଜଗନ୍ନାଥ !

ପୁଣି ବସ୍ତୁ ଉପରେ ସଂଗୀତର ପ୍ରଭାବ ମଧ୍ୟ ସୂଚିତ କରେ ଏକାଧିକ ସୁପ୍ରାଚୀନ କିଂବଦନ୍ତି । ତାମିଲନାଡୁର ତାଞ୍ଜାଭୁର ଜିଲ୍ଲାରେ ଅବସ୍ଥିତ ବେଦାରଣ୍ୟମ୍ ମନ୍ଦିରର ଦ୍ୱାର କୌଣସି ବିଶେଷ କାରଣରୁ ଦୀର୍ଘ କାଳ ମୋଟେ ଖୋଲୁ ନଥିଲା । ଭକ୍ତମାନେ ହତାଶ । ଅବଶେଷରେ ସନ୍ଥ ଅପ୍ପାର୍ ଏଡ଼େ ବ୍ୟାକୁଳ ଆବେଗ ସହକାରେ ସଂଗୀତ ଯୋଗେ ତାଙ୍କ ପ୍ରାର୍ଥନା ଜଣାଇଲେ ଯେ ହଠାତ୍ ଉନ୍ମୁକ୍ତ ହେଲା ଦ୍ୱାର ଏବଂ ଦିଆଁ ହେଲେ ପ୍ରତିଭାତ ।

ଆକ୍ଷରିକ ଅର୍ଥରେ ଏମିତି ଘଟଣା ଘଟିଥାଉ ବା ନଥାଉ, ଏସବୁର ଅନ୍ତର୍ନିହିତ ତାତ୍ପର୍ଯ୍ୟହିଁ ଗୁରୁତ୍ୱପୂର୍ଣ୍ଣ । ପ୍ରକୃତି ସହ ସଂଗୀତର ସମ୍ପର୍କ ତ ସଭିଙ୍କୁ ବିଦିତ ବୋଲି ଆଶା କରାଯାଇପାରେ । ଦିବସର ବିଭିନ୍ନ ପ୍ରହର ସହିତ ବିଭିନ୍ନ ରାଗର ଅନ୍ତରଙ୍ଗତା ବିଦ୍ୟମାନ । ପୁଣି ପ୍ରକୃତିର ବିଭିନ୍ନ ଶକ୍ତି ସହ ସଂଗୀତର ରହସ୍ୟମୟ ଆଦାନପ୍ରଦାନ ଭାରତୀୟ ସଂଗୀତର ଅନନ୍ୟ ବିଶେଷତ୍ୱ । କିଂବଦନ୍ତି କହେ, ଜଣେ ମୃତ୍ୟୁ ପଥଗାମିନୀ ରାଜକୁମାରୀଙ୍କ ପ୍ରାଣରକ୍ଷା ନିମନ୍ତେ ମହାନ୍ ସଂଗୀତଜ୍ଞ ତାନ୍‌ସେନ୍ ଦୀପକ ରାଗ ବୋଲିଲେ । ରାଜକୁମାରୀଙ୍କ ଚେତା ଲେଉଟି ଆସିଲା, କିନ୍ତୁ ସେ ଆଗ୍ନେୟ ରାଗର ପ୍ରଭାବରେ ତାନ୍‌ସେନ୍ ଆପଣା ଭିତରେ ଅନୁଭବ କଲେ ପ୍ରବଳ ପ୍ରଦାହ । ତାନ୍‌ସେନ୍‌ଙ୍କର ପଟଶିଷ୍ୟା ତାନୀ ମେଘମହ୍ଲାର ବୋଲନ୍ତେ ଆକାଶବ୍ୟାପୀ ମେଘ ଘୋଟି ଆସିବା ସଙ୍ଗେ ସଙ୍ଗେ ତାନ୍‌ସେନ୍‌ଙ୍କ ହୃଦୟ ହେଲା ଶୀତଳ ।

ଇତିହାସରେ ଅବିକଳ ଏଭଳି ଘଟିଥାଉ ବା ନଥାଉ, ଏସବୁ ରାଗର ଏମନ୍ତ ସୂକ୍ଷ୍ମ ପ୍ରଭାବ କିନ୍ତୁ ଯେ କୌଣସି ଦରଦୀ ଶ୍ରୋତା ଅନୁଭବ କରିପାରିବ ।

ଗତ ଅର୍ଦ୍ଧଶତାବ୍ଦୀ ଭିତରେ ଚିକିତ୍ସା କ୍ଷେତ୍ରରେ ସଂଗୀତର ଶୁଭଙ୍କର ଭୂମିକା ସମ୍ପର୍କରେ ବହୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶେଷଜ୍ଞ ଏବଂ ଗବେଷକମାନେ ସ୍ୱୀକାର କରୁଛନ୍ତି ଯେ ଶରୀରର ନିରାମୟତାରେ ସଂଗୀତ ଅଭାବନୀୟ ଅବଦାନ ଦେଇପାରେ, ଯଦି ଅସୁସ୍ଥର ମାନସିକ ଅବସ୍ଥା ପାଇଁ ଠିକ୍ କେଉଁ ରାଗ ବା ରାଗିଣୀ ଉପଯୁକ୍ତ, ସେକଥା ନିରୂପଣ କରା ଯାଇପାରେ । ନିରୂପଣ କରିବା ଦିଗରେ ମଧ୍ୟ ପ୍ରୟାସ ହେଉଛି । କିନ୍ତୁ ସାଧାରଣ ଭାବରେ ମଧ୍ୟ ଏହା ନିଶ୍ଚିତ ଯେ ଶାସ୍ତ୍ରୀୟ ସଂଗୀତ ତଥା ଉଚ୍ଚ ସ୍ୱରର ସୁଗମ ସଂଗୀତ ଏବଂ ନିଷ୍ଠା ଯୋଗେ ପରିବେଷିତ ଭକ୍ତି ସଂଗୀତ ଯେ କୌଣସି ପରିବେଶର ଗୁଣଗତ ଉତ୍କର୍ଷ ସାଧନ କରିପାରେ । ସେତିକି ନୁହେଁ, ବଦଳାଇ ଦେଇପାରେ ମଣିଷର ସ୍ୱଭାବ, ଚରିତ୍ର । ଡାଗର୍ ଭ୍ରାତୃଦ୍ୱୟ ଭାବରେ ପ୍ରଖ୍ୟାତ, ଶାସ୍ତ୍ରୀୟ ସଂଗୀତ ବିଶାରଦ ଓସ୍ତାଦ ନାସିର୍ ଜାହିରୁଦ୍ଦିନ୍ ଡାଗର୍ ଏବଂ ଓସ୍ତାଦ ନାସିର୍ ଫୈୟାଜୁଦ୍ଦିନ୍ ଡାଗର୍‌ଙ୍କ ସହ ଘଟଣାଚକ୍ରରେ ଏ ଲେଖକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପିତ ହୋଇଥିଲା । ସେମାନେ ଏ ଲେଖକ ଆଗରେ ବର୍ଣ୍ଣନା କରିଥିଲେ ଏ ଘଟଣା : ଏକଦା ପ୍ୟାରିସର ପିଟର୍ ବ୍ରୁକ୍ ଥିଏଟର୍ ଗ୍ରୁପ୍ ଡାଗର ଭ୍ରାତୃଦ୍ୱୟଙ୍କ ନିମନ୍ତେ କେତୋଟି ଧାରାବାହିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରିଥା'ନ୍ତି । ପ୍ରଥମ ସନ୍ଧ୍ୟାରେ ସେମାନଙ୍କ ପରିଚୟ ପ୍ରଦାନ କଲେ ସେ ପ୍ରତିଷ୍ଠାନର ଜଣେ ସଙ୍ଗଠିକା ମିସେଲ୍ କୋଲିସନ୍ । ପ୍ରଥମ ଅଧିବେଶନ ପରେହିଁ ତା'ଙ୍କୁ ସଂଗୀତ ଶିକ୍ଷା ଦେବା ନିମନ୍ତେ ସେ ମହିଳା ଦୁଇ ଓସ୍ତାଦଙ୍କୁ ଅନୁରୋଧ କଲେ । ଭ୍ରାତୃଦ୍ୱୟ ବୁଝାଇଲେ, ସେମାନଙ୍କର ଦିନ କେତୋଟି ରହଣି ଭିତରେ ସେ ବିଦ୍ୟା ପ୍ରଦାନ କରିବା ଅସମ୍ଭବ । କିନ୍ତୁ ମହିଳା ତା'ଙ୍କ ଜିଗରରେ ଅଟଳ । ଦୈନିକ ଏକାଧିକ ଥର ତା'ଙ୍କୁ

ଶିକ୍ଷାଦାନ କଲେ ଭ୍ରାତୃଦ୍ୱୟ । ଦିନ କେତୋଟି ଭିତରେ ଶିକ୍ଷାର୍ଥିନୀ ରାଗ ଭୈରବର ପ୍ରାଥମିକ ପର୍ଯ୍ୟାୟ ମାତ୍ର ଆୟତ୍ତ କଲେ । କିନ୍ତୁ ସେତିକିରେ, ଗୁରୁ-ବିଦାୟ ବେଳକୁ ସେ ଜଣାଇଲେ ବହୁ ଦିନରୁ ଥିବା ତାଙ୍କ ନିଦ୍ରାହୀନତା ଦୂର ହୋଇଛି; ସେ ମଦ୍ୟପାନ ତଥା ଧୂମପାନରୁ ନିବୃତ୍ତ ହୋଇ ପାରିଛନ୍ତି ! (ପ୍ରଶ୍ନ ଉଠିପାରେ, ଅନେକ ବିଖ୍ୟାତ ଗାୟକ ମଦ୍ୟାସକ୍ତ ହେବାର ଦେଖାଯାଏ କେମିତି ? ତାହା ସେମାନଙ୍କର ନିଜସ୍ୱ ଦୁର୍ଭାଗ୍ୟଜନକ ପସନ୍ଦ । ଶାସ୍ତ୍ରୀୟ ସଙ୍ଗୀତର ପ୍ରଭାବକୁ ତାହା ବେପ୍ରମାଣ କରୁ ନାହିଁ ।)

ଆଜି ପୃଥିବୀର ଜଳବାୟୁ ଓ ପରିବେଶରେ ବିପୁଳ ପରିବର୍ତ୍ତନ ହେଲାଣି; ଋତୁଚକ୍ରରେ ଆଉ ସଂହତି ନାହିଁ । ପୁଣି ବାତାବରଣରେ ଅତ୍ୟଧିକ ହାଲୁକା ସଙ୍ଗୀତର ପ୍ରାଦୁର୍ଭାବ । ଏପରିକି ବହୁ ଭକ୍ତି ସଙ୍ଗୀତରେ ଭକ୍ତିର ଆଭାସ ମିଳେ ନାହିଁ, ସୁର, ସ୍ୱର ଏବଂ ଶୈଳୀର ନୈପୁଣ୍ୟ ସତ୍ତ୍ୱେ । କିନ୍ତୁ ଏଭଳି ଯାବତୀୟ ପରିବର୍ତ୍ତନ ସତ୍ତ୍ୱେ ରାଗ ରାଗିଣୀ ସମୂହର ପ୍ରଭାବ ବିଲୁପ୍ତ ହୋଇ ନାହିଁ । ପ୍ରଭାତରେ ନିଜ ନିଜ ଘରେ ଅଥବା ଛାତ୍ରାବାସମାନଙ୍କରେ କୋଡ଼ିଏ ମିନିଟ ବା ଅଧଘଣ୍ଟାଏ ପାଇଁ ଯଦି ରେକର୍ଡ଼ ଯୋଗେ ପ୍ରାତଃକାଳ ନିମନ୍ତେ ଉଦ୍ଦିଷ୍ଟ ରାଗ ଭୈରବ (କଣ୍ଠ ସଙ୍ଗୀତ ହେଉ ବା ଯନ୍ତ୍ର ସଙ୍ଗୀତ ହେଉ) ବାଦିତ ହୁଅନ୍ତା, ତେବେ ବାତାବରଣରେ ନିଶ୍ଚିତ ଭାବେ ପ୍ରଶାନ୍ତିର ସ୍ପନ୍ଦନ ଅନୁଭୂତ ହୁଅନ୍ତା । ଚେତନା ଓ ଚିନ୍ତା ଉପରେ ଯେତେ କ୍ଷୀଣ ମାତ୍ରାରେ ହେଲେ ମଧ୍ୟ ତା'ର ମଙ୍ଗଳମୟ ପ୍ରଭାବ ଅବଶ୍ୟ ଅନୁଭୂତ ହୁଅନ୍ତା – ହୁଏତ ଅବଚେତନରେ ତାହା ଅନୁରଣିତ ହୁଅନ୍ତା ଦିବସବ୍ୟାପୀ ।

**– ମନୋଜ ଦାସ ❑**


*Give yourself, all that you are and what you do, to the Divine, and you will have peace.*

*(MCW, Vol. 14, p. 101)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com